ମିଉନିସିପାଲିଟୀର ଏକ ବୈଠକ ହୋଇଥିଲା ସେଠାରେ ଏ ବିଷୟର ଆନ୍ଦୋଳନ ହୋଇ ନିମ୍ନଲିଖିତ ପ୍ରକାରରେ ଗୋଟିଏ ନିୟମ ପ୍ରସ୍ତୁତ ହୋଇଅଛି ଓ ଗବର୍ଣ୍ଣମେଣ୍ଟଙ୍କ ମଞ୍ଜୁରି ନିମନ୍ତେ ପ୍ରେରିତ ହୋଇଅଛି । ନିୟମ ଏହି ଯେ ଯେବେ କମିଶନର ଇଚ୍ଛା କଲେ କୌଣସି ଏକ ସଭାର ବୈଠକର ପୂର୍ଣ୍ଣ ତିନି ଦିବସ ପୂର୍ବରୁ ସ୍ୱଇଚ୍ଛା ଭାଇସଚେୟାର ମାନଙ୍କୁ ଜଣାଇଲେ ସଭାର ବୈଠକ ଦିବସ ଉକ୍ତ କମିଶନର ସଭାର କାର୍ଯ୍ୟାରମ୍ଭ ପୂର୍ବରେ ମିଉନିସିପାଲିଟୀର କାର୍ଯ୍ୟ ସମ୍ବନ୍ଧରେ ଚେୟାର-ମ୍ୟାନ ପ୍ରତି ପ୍ରଶ୍ନ କରିପାରିବେ ଓ ଉକ୍ତ ପ୍ରଶ୍ନର ବ୍ୟାଖ୍ୟା ସଂକ୍ଷେପରେ ବୁଝାଇ ଦେଇପାରିବେ ମାତ୍ର ଚେୟାରମାନ ଇଚ୍ଛାକଲେ, ଉକ୍ତ ପ୍ରଶ୍ନର ଉତ୍ତର ଦେବେ ବା ନ ଦେବେ ଓ ପ୍ରଶ୍ନ ସମ୍ବନ୍ଧରେ କୌଣସି ତର୍କ ମଧ୍ୟ ଉପସ୍ଥିତ ହୋଇ ପାରିବ ନାହିଁ । ଆମ୍ଭେମାନେ ଆଶା କରୁଁ ନିୟମଟି ଗବର୍ଣ୍ଣମେଣ୍ଟଙ୍କ ମଞ୍ଜୁରି ହେଲେ ଉତ୍ତମ କାର୍ଯ୍ୟ କାରୀ ହେବ । ଏଥିରେ ମିଉନିସିପାଲିଟୀର କାର୍ଯ୍ୟପ୍ରତି କମିଶନରମାନଙ୍କର ଆସ୍ଥା ବଢ଼ିବ ଏବଂ ଅନେକ ବିଶୃଙ୍ଖଳା ବା ଭ୍ରମ ନିବାରଣ ହେବ ।

---

କଲିକତା ମିଉନିସିପାଲିଟିରେ କାର୍ଯ୍ୟ କରୁଥିବା କର୍ମଚାରୀଙ୍କର ଗୋଟିଏ ତାଲିକା ବାହାରି ଅଛି । ତହିଁରୁ ପ୍ରକାଶ ଯେ ମାସକୁ ଟ ୧୦୦୦ ଙ୍କାରୁ ଟ ୩୫୦୦୲ ଙ୍କା ପର୍ଯ୍ୟନ୍ତ ବେତନ ପାଉଥିବା ନ ୭ ଜଣଙ୍କ ମଧ୍ୟରେ କେବଳ ଏକ ଜଣ ଦେଶୀୟ ଲୋକ ଅଛନ୍ତି । ତାହାଙ୍କର ନାମ ବାବୁ ମାଲାମ୍ବର ମୁଖୁର୍ଯ୍ୟା ଭାଇସଚେୟର-ମାନ ବେତନ ଟ ୧୪୦୦୲ ଙ୍କା । ସକ୍ରେଟରି ପଦ ଚେୟରମାନଙ୍କର ବେତନ ଟ ୩୫୦୦୲ ଙ୍କା ଅଟେ । ଏପରି ଟ ୫୦୦୲ ଙ୍କାରୁ ଟ ୯୦୦୲ ଙ୍କା ପର୍ଯ୍ୟନ୍ତ ବେତନ ଶ୍ରେଣୀ ନ ୧୬ ଜଣ କର୍ମଚାରୀଙ୍କ ମଧ୍ୟରେ ନ ୩ ଜଣ ଦେଶୀୟ ଏବଂ ନ ୧୩ ଜଣ ଇଉରୋପୀୟ ଓ ଇଉରେସୀୟ ଅଛନ୍ତି । ଅର୍ଥାତ୍ ମାସକୁ ପାଞ୍ଚଶତ ଟଙ୍କା ଓ ତଦୂର୍ଦ୍ଧ୍ୱ ବେତନଶ୍ରେଣୀ ନ ୨୩ ଜଣ କର୍ମଚାରୀଙ୍କ ମଧ୍ୟରେ ନ ୧୯ ଜଣ ବିଲାତି ବା ଅର୍ଦ୍ଧବିଲାତି ଏବଂ କେବଳ ନ ୪ ଜଣ ଦେଶୀୟ ଲୋକ ଅଛନ୍ତି ଏବଂ ତହିଁ ମଧ୍ୟରୁ ନ ୨ ଜଣ ଦେଶୀୟ ଲୋକର ବେତନ ମାସକୁ ଟ ୫୦୦୲ ଙ୍କାରୁ ଉର୍ଦ୍ଧ୍ୱ ନୁହେ ଏହି ନ ୨୩ ଜଣ କର୍ମଚାରୀଙ୍କର ବାର୍ଷିକ ବେତନ ପ୍ରାୟ ୩ ଲକ୍ଷ ୪ ହଜାର ଟଙ୍କା ମଧ୍ୟରୁ ବିଲାତି ଓ ଅର୍ଦ୍ଧ ବିଲାତିଙ୍କର ଭାଗ ୩ ଲକ୍ଷରୁ ଅଧିକ ଏବଂ ଦେଶୀୟଙ୍କର ଭାଗ ୪୦ ହଜାରରୁ ଊଣା ଅଟେ । ଦେଶୀୟ ଲୋକଙ୍କୁ ଅନୁଶାସନ ପ୍ରଣାଳୀ ପ୍ରଦାନ କରି ସେମାନଙ୍କଠାରୁ ଆଦାୟ ହେଉଥିବା ଟିକସରେ ବିଦେଶୀୟଙ୍କୁ ଏପରି ବଦାନ୍ୟତା ସହିତ ପୋଷିବା କେତେ ଅନ୍ୟାୟ ତାହା କହି ହେବାର ନୁହେ । କେହି୨ କହିବେ ଯେ ମିଉନିସିପାଲ କମିଶନରମାନେ କର୍ମଚାରୀ ନିଯୋଗ କରୁଥିବା ସ୍ଥଳେ ଏଥିପାଇଁ ସେମାନେ ଦାୟୀ ଅଟନ୍ତି । ମାତ୍ର ପ୍ରକୃତରେ ତାହା ନୁହେ । କଲିକତା ମିଉନିସିପାଲିଟୀର ପୂର୍ବ ଆଇନ ସଂଶୋଧନ ପୂର୍ବକ ଯେଉଁ ନୂତନ ଆଇନ ଲର୍ଡକର୍ଜନ ବାହାଦୁରଙ୍କର ଅମଳରେ ପ୍ରଚଳିତ ହୋଇ ଅଛି ତହିଁରେ ଦେଶୀୟ କମିଶନରମାନଙ୍କର କ୍ଷମତା ଅନେକ ଖର୍ବ ହୋଇଥିବାରୁ ଅନ୍ୟାନ୍ୟ ଅନେକ କଥା ପରି ଏହି ଅନ୍ୟାୟ ବିଷୟର ସୁବିଧା ହୋଇଅଛି । ଏପରି ଆତ୍ମଶାସନ ଅଧିକାର ପ୍ରଦାନ କରିବା ବିଡ଼ମ୍ବନା ନୁହେ କି ? ଯେବେ ବିଦେଶୀ କର୍ମଚାରୀ ନ ହେଲେ ଅଧିକାଂଶ କାର୍ଯ୍ୟ ଚଳିବ ନାହିଁ ତେବେ ଦେଶୀୟ ଲୋକଙ୍କୁ ଅନୁଶାସନ ଅଧିକାର ଦେବା ବିଫଳ ଏବଂ ଏପରି ଅବସ୍ଥାରେ ଦେଶୀୟ ଲୋକମାନେ କେବେ ଆପଣା ଯୋଗ୍ୟତା ଦେଖାଇ ପାରିବେ ନାହିଁ ।

---

## ତିବ୍ବତ ଯୁଦ୍ଧ ।

ଯୁଦ୍ଧର ଭୟ ନାହିଁ କେବଳ ସନ୍ଧିର ଅପେକ୍ଷାରେ ବ୍ରିଟିଶବାହିନୀ ଅବସ୍ଥାନ କରୁଅଛନ୍ତି । ରସଦ ଯଥେଷ୍ଟରୂପେ ମିଳୁଅଛି । ସୈନ୍ୟମାନେ ଶିକାର କରି ଭିନ୍ନ୨ ସ୍ଥାନ ଦେଖି ବୁଲୁଅଛନ୍ତି । ମାତ୍ର ସଶସ୍ତ୍ରରେ ବାହାରୁଅଛନ୍ତି । ବର୍ତ୍ତମାନ କେହି୨ କହନ୍ତି ଯେ ତିବ୍ବତରେ ସନ୍ଧି ସ୍ଥାପନ ହେଲାଉତ୍ତାରେ ବ୍ରିଟିଶସେନା ବାହାରିଆସିବେ କିନ୍ତୁ ସେଠାରେ ବ୍ରିଟିଶ ପକ୍ଷରୁ ରେସିଡେଣ୍ଟ ରହିବେ ମାତ୍ର ଏହା ନିରାପଦ କି ? ଏପରିସ୍ଥଳରେ ତିବ୍ବତକୁ ଅଧିକାର କରିବା ଶ୍ରେୟସ୍କର ଓ ନିରାପଦ । ଏହି କଥାର ସ୍ଥାନେ୨ ଲାଗିଅଛି । ସନ୍ଧିର ଖସଡ଼ା ତିଆରି ହେଉଅଛି ମାତ୍ର ସନ୍ଧି କେବେ ଶେଷ ହେବ ବୁଝାଯାଉ ନାହିଁ । ସନ୍ଧି ନ ହେବା ପର୍ଯ୍ୟନ୍ତ ଶାନ୍ତିର ଆଶା ନାହିଁ ବୋଲି କେହି୨ ଅନୁମାନ କରୁଅଛନ୍ତି ଓ ଆକସ୍ମିକ ଘଟଣାରୁ ମଧ୍ୟ ତଦ୍ରୂପ ଆଶଙ୍କା ଉପୁଜାଉ ହେଉଅଛି । ଗତ ତା ୨୬ ରିଖରେ ଜେନେରଲ ମାକଡୋନାଲ୍ଡ ଖବର ଦେଇଅଛନ୍ତି ଯେ ତା ୧୮ ରିଖ ଦିବସ ଗୋଟିଏ ଲାମା ଉନ୍ମତ୍ତର ରୂପେ ଦୁଇଜଣ ଶସ୍ତ୍ରହୀନ ଡାକ୍ତର କର୍ମଚାରୀଙ୍କୁ ଆକ୍ରମଣ କରିଥିଲା । ସେ ଗୋଟିଏ ତରବାରି ଦ୍ୱାରା ଜଣଙ୍କ ମସ୍ତକରେ ଆଘାତ କରିଥିଲା ଆଘାତକୁ ସାମାନ୍ୟ କହୁଛନ୍ତି । ଲାମା ଅବଶେଷରେ ଧୃତହୋଇ ବିଚାରରେ ପ୍ରାଣଦଣ୍ଡ ପାଇଅଛି । ମାତ୍ର ଏହି ଲାମା ପଶ୍ଚିମ ତିବ୍ବତର ଆମଡୁଙ୍ଗର ଅଟେ ଏହାଙ୍କ ସହିତ ଲାସାର ଲାମାର କୌଣସି ସମ୍ପର୍କ ନାହିଁ ସୁତରାଂ ଲାସାର ବର୍ତ୍ତମାନ ପ୍ରଧାନ ନେତା ଟୀଉଗେପୋନ ଏହି ଘଟଣାରେ ବଡ଼ ଦୁଃଖ ପ୍ରକାଶ କରିଥିଲେ । ଅନ୍ୟଥରେ କୌଣସି ଗୋଲମାଲ ନାହିଁ ।

---

## ରୁଷ ଜାପାନ ଯୁଦ୍ଧ ।

ବିଗତ ମାସ ତା ୨୫ ରିଖରେ ଲିଓୟାଙ୍ଗଠାରୁ ସେଣ୍ଟପିଟର୍ସବର୍ଗରେ ଟେଲିଗ୍ରାମ ପହୁଞ୍ଚିଥିଲା ଯେ ତିରିଶ ସହସ୍ର ଜାପାନୀ ଦୁଇଶତ ତୋପ ଯୋଗ ଇଙ୍ଗକୋଠାରୁ ହାଇଚେଙ୍ଗ ଆଡ଼କୁ ଦୁଇ ଶ୍ରେଣୀରେ ଓ ଅନ୍ୟ ଏକଦଳ ଅନାଅଛ ରେଲଓ୍ୱେର ସେହି ଦିଗକୁ ଅଗ୍ରସର ହେଉଥିଲେ ।

ଟୋକିଓରୁ ରଏଟର ସମ୍ବାଦ ଦେଇଥିଲେ ଯେ ରୁଷିୟାର ଅନୁର ଦୁଇଗୋଟି ଜାହାଜ ଖଣିରେ ଲାଗି ନଷ୍ଟ ହୋଇଅଛି । ସେମାନଙ୍କ ନାମ ଅଥବା ନଷ୍ଟର ପରିମାଣ ଜଣାଯାଇ ନାହିଁ ।

ଜାପାନ ସେନାପତି କୁରୋକିଙ୍କଠାରୁ ସମ୍ବାଦଦାତା ଲେଖିଅଛନ୍ତି ଯେ ଆକାଶମଣ୍ଡଳ ପରିଷ୍କାର ହୋଇଅଛି, ମାଟି ଶୁଷ୍କ ହେବାକୁ ଆରମ୍ଭ ହୋଇଅଛି ଓ ରୁଷମାନେ ଲିଓୟାଙ୍ଗକୁ ଦୃଢ଼ୀଭୂତ କରୁଅଛନ୍ତି । ତା ୨୫ ରିଖରେ ଜାପାନୀ ଦକ୍ଷିଣ-ପୂର୍ବର ମା ୨୩ ଇଲ ଦୂରରେ ଲିଓୟାଙ୍ଗକୁ ଆକ୍ରମଣ କରିଥିଲେ, ଯୁଦ୍ଧ ଚାଲିଅଛି । କୋଷାକ ଓ ଜାପାନର ଅଶ୍ୱାରୋହୀ ସୈନ୍ୟମାନଙ୍କ ମଧ୍ୟରେ ଘୋର ଭୂମଲଯୁଦ୍ଧ ଲାଗିଅଛି । ରୁଷ ଜେନେରଲ କୁରୁପାଟକିନ ତାର ସମ୍ବାଦ ପଠାଇଥିଲେ ଯେ ଲିଓୟାଙ୍ଗର ଯୁଦ୍ଧରେ ଉଭୟପକ୍ଷରେ ବିଶେଷ କ୍ଷତି ହୋଇଅଛି, ରୁଷ ପକ୍ଷର ୧୪୫୦ ସେନା ହତ ହୋଇଅଛନ୍ତି ଓ ଜାପାନର ୨୪ ଗୋଟି ତୋପ ଅକର୍ମଣ୍ୟ ହୋଇଅଛି ।

ଚିଫୁରୁ ରୟଟର ସମ୍ବାଦ ପଠାଇଅଛନ୍ତି ଯେ ଜାପାନୀ ପୋର୍ଟଆର୍ଥରର ଅନ୍ୟର ଦୁଇଗୋଟି ଦୁର୍ଗ ଅଧିକାର କରିଅଛନ୍ତି ଓ ଉତ୍ତରଦିଗରୁ ନଗର ମଧ୍ୟରେ ପ୍ରବେଶ କରିବାର ଆଶା ରଖନ୍ତି ।

ଜାପାନମାନେ ଟୋଲଖା ଉପସାଗରର କୂଳରେ ଓହ୍ଲାଇଅଛନ୍ତି । ରୁଷ ସମ୍ରାଟ ପୋର୍ଟଆର୍ଥର ମଧ୍ୟସ୍ଥିତ ସୈନ୍ୟଦଳକୁ "ପତାକା ଉଡ଼ାଇ ରଖିବା ନିମନ୍ତେ" ଅନୁନୟ କରିଅଛନ୍ତି ।

କୁରୁପାଟକିନ ସମ୍ବାଦ ପଠାଇଅଛନ୍ତି ଯେ ଅତ୍ୟଧିକ ଗରମ ପଡ଼ିବାରୁ ସୈନ୍ୟଙ୍କ ମଧ୍ୟରେ ନାଲିରକ୍ତଝାଡ଼ା ରୋଗ ପ୍ରବେଶ କରିଅଛି ।

Split by PDF Splitter
Digitized by srujanika@gmail.com

ତା ୨୯ ରଖରେ ଲିଓୟାଙ୍ଗଠାରୁ ରଏଟର ସମ୍ବାଦ ଦେଉଅଛନ୍ତି ଯେ ରୁଷମାନେ ପ୍ରାୟ ଏକଦିବସ ପର୍ଯ୍ୟନ୍ତ ଯୁଦ୍ଧ କରି ଅବଶେଷରେ ଆତ୍ମସ୍ଥାନକୁ ପଶ୍ଚାଦ୍ଗମନ କରିଥିଲେ । ଏ ଯୁଦ୍ଧରେ ରୁଷର ଅନେକ ସେନା ନଷ୍ଟ ହୋଇଥିଲେ ।

"ଇଂଲିଶମ୍ୟାନ" ସମ୍ବାଦ ପତ୍ରିକାରେ ପ୍ରକାଶ ଯେ ଜାପାନିମାନେ ପୋର୍ଟଆର୍ଥରକୁ ଯଥାର୍ଥରେ ଅଧିକାର କରିଅଛନ୍ତି । କିନ୍ତୁ କୌଣସି ସଠିକ ସମ୍ବାଦ ଆସି ନାହିଁ ।

ଟୋକିଓସ୍ଥ ରଏଟର ଗତ ତା ୩୦ ରଖରେ ସମ୍ବାଦ ପଠାଇଅଛନ୍ତି ଯେ ଜାପାନମାନେ ଆକଶିଙ୍କ ସଙ୍ଗରେ ଦୁଇସହସ୍ର ସେନା ହରାଇ ଛନ୍ତି ମାତ୍ର ଆକଶିଙ୍କରେ ୮ ଗୋଟି ତୋପ ଓ ଅଂଶାଂଶିଙ୍କରେ ୮ ଗୋଟି ତୋପ ଅଧିକାର କରିଅଛନ୍ତି । ରୁଷ ଜେନେରଲ ସାଖାରୋଫ ରିପୋର୍ଟ ପଠାଇଅଛନ୍ତି ଯେ ଜାପାନମାନଙ୍କ ସମସ୍ତ ବଳ ଲିଓୟାଙ୍ଗ ଦିଗକୁ ଧାବିତ ହେଉଅଛନ୍ତି ଓ ରୁଷକେନ୍ଦ୍ର ବିରୁଦ୍ଧରେ ସେମାନଙ୍କର ପ୍ରଧାନ ଆକ୍ରମଣ ଚାଲିଅଛି । ଏହି ଆକ୍ରମଣରେ ରୁଷର କ୍ଷତି ଅତ୍ୟଧିକ । ମାତ୍ର କଥିତ ହୁଏ ଜାପାନମାନେ ଏଥର ପୋର୍ଟଆର୍ଥରଠାରୁ ହଟି ଯାଇଅଛନ୍ତି ।

---

ତିରକାପଲ୍ଲିର ପ୍ରସିଦ୍ଧ ମାମଲା ।

ଶାସନପ୍ରଣାଳୀ ଦୋଷରୁ ଗୋଟିଏ କ୍ଷୁଦ୍ର ମୋକଦ୍ଦମା କେଡ଼େ ଗୁରୁତର ହୋଇଅଛି ପାଠକମାନେ ଏଥିରେ ଦେଖିବେ । ତିରକାପଲ୍ଲିର କର୍ମ୍ମଚାରୀର ଗୋଟାଏ ଅସ୍ତାବଲରୁ ମାଲିକର ଅନୁମତିରେ ଦୁଇଜଣ ଗାଡ଼ିବାଲା ଘୋଡ଼ା ନେଇ ନେବା ହେତୁ ସେଠାର ଷ୍ଟେସନ ହାଉସ (ଥାନା) ର ପୁଲିସକର୍ମଚାରୀ ଅନ୍ୟାୟପ୍ରବେଶର ଅଭିଯୋଗରେ ସେହି ଦୁଇଜଣଙ୍କୁ ସବମାଜିଷ୍ଟ୍ରେଟଙ୍କ ହଜୁରରୁ ବାହାର ନିମନ୍ତେ ଧରିନେବାରେ ସବମାଜିଷ୍ଟ୍ରେଟ ଚାଲିଗଲାପରେ କହିଲେ ଯେ ପୁଲିସକୁ କର୍ମ ଏଲକାରେ ମୋକଦ୍ଦମା ମିଳୁ ନାହିଁ ଯେ ଏମନ୍ତ ଗୋଟାଏ ପାଜିଲ ମୋକଦ୍ଦମା ଆଣିଅଛି । ଏ କଥା ପୁଲିସଅଫିସରଙ୍କୁ ବାଧିଲା ପରି ଜଣାଯାଏ । କାରଣ ସେ ତାହା ପୁଲିସ ସୁପରିଣ୍ଟେଣ୍ଡେଣ୍ଟ କ୍ଲାର୍କଷ୍ଟୋନ ସାହେବଙ୍କୁ ଜଣାଇଲେ । ସାହେବ ମହୋଦୟଙ୍କର ତହିଁରେ ରାଗ ହେଲା । ବିଶେଷତଃ ତାହାଙ୍କ ଅସ୍ତାବଲରେ କଥିତ ଅପରାଧ ଘଟିଥିଲା ଏବଂ ସମ୍ଭବତଃ ସେ ଆସାମିମାନଙ୍କୁ ଗିରଫ କରିବାର ଆଦେଶ ଦେଇଥିଲେ । ପୁଲିସସାହେବ ଜଏଣ୍ଟମାଜିଷ୍ଟ୍ରେଟ ମିଷ୍ଟର ସ୍ପେନ୍ସର ସାହେବଙ୍କୁ ଜଣାଇଲେ ଓ ତାହାଙ୍କ ହୁକୁମରେ ସବ୍ ମାଜିଷ୍ଟ୍ରେଟ ସେପରି କହିଥିବାର ସ୍ୱୀକାର କଲେ । ତହୁଁ ଜଏଣ୍ଟମାଜିଷ୍ଟ୍ରେଟ ସାହେବ ତାହାଙ୍କୁ କୋର୍ଟରେ କ୍ଷମା ପ୍ରାର୍ଥନା କରିବାର ଆଦେଶ ଦେଲେ । ମାତ୍ର ପୁଲିସ ସାହେବ ତାହା କଲେ ନ ଓ ସବମାଜିଷ୍ଟ୍ରେଟ ଭରା ମିସଲରେ ଯେ କଥା କହିଥିବାରୁ କ୍ଷମା ପ୍ରାର୍ଥନା ମଧ୍ୟ ମିସଲରେ କରିବେ । ଜଏଣ୍ଟମାଜିଷ୍ଟ୍ରେଟ ସେହିପରି ଆଦେଶ ଦେଲେ ଏବଂ ପୁଲିସ ସାହେବ ଯଥା ସମୟରେ ଆପଣାର ଅଧୀନସ୍ଥ ପୁଲିସ ଦଳବଳ ଯେତେ ଥିଲେ ସମସ୍ତଙ୍କୁ ନେଇ ମହାସମାରୋହରେ ମିସଲରେ ପହଞ୍ଚିଲେ । ସବ୍‌ମାଜିଷ୍ଟ୍ରେଟ କ୍ଷମାପତ୍ର ଇଂରାଜୀରେ ପଢ଼ିଲେ ଏବଂ ଜଣେ ଇନସ୍ପେକ୍ଟର ତାମିଲ ଭାଷାରେ ତହିଁର ଅନୁବାଦ କରି ଉଚ୍ଚୈଃସ୍ୱରରେ ମିସଲରେ ପାଠ କଲେ । ଏହିପ୍ରକାରେ ପୁଲିସ ସାହେବ ତାହା ପୂରଣ କରି ଆନନ୍ଦରେ ଦଳବଳ ସହ ମିସଲରୁ ବାହାରି ଆସିଲେ । ସମ୍ବାଦପତ୍ରମାନଙ୍କରେ ଏଥିର ଘୋର ଆନ୍ଦୋଳନ ଚାଲିଲା ଏବଂ ମାନ୍ଦ୍ରାଜର ମହାମାନ୍ୟ ଏକ୍ଟିଂ ଗବର୍ଣ୍ଣର ସେ ପ୍ରସଙ୍ଗ ଶୁଣି କାଗଜପତ୍ର ଦେଖି ଓ ବହୁତ ତଦନ୍ତ କରି ପ୍ରଶଂସନୀୟ ନ୍ୟାୟପରତା ସହିତ ଯାହା ନିଷ୍ପତ୍ତି ପ୍ରକାଶ କରି ଜନସାଧାରଣଙ୍କର ଧନ୍ୟବାଦର ପାତ୍ର ହୋଇଅଛନ୍ତି । ମହାମାନ୍ୟ ମହୋଦୟଙ୍କର ନିଷ୍ପତ୍ତିର ମର୍ମ ଏହି ଯେ ଜଏଣ୍ଟମାଜିଷ୍ଟ୍ରେଟ ପୁଲିସ ସାହେବଙ୍କ ଉପରେ ଯେଉଁ ହୁକୁମ ଜାରି କରିଅଛନ୍ତି ତହିଁରେ ସେ ଆପଣାର ଦାୟିତ୍ୱକୁ ରକ୍ଷା କରି ନ ପାରନ୍ତି । ତାହାଙ୍କ ବୁଝିବାର ଥିଲା ଯେ ଯେବେ ତାହାଙ୍କର ଅନୁମତିରେ ପୁଲିସ ବିଚାର ଅଦାଲତର ଅପମାନ କରେ ତେବେ ନଗରର ଫଉଜଦାରୀ ମୋକଦ୍ଦମାର ବିଚାର କାର୍ଯ୍ୟ ଉତ୍ତମରୂପେ ନିର୍ବାହ ହେବା ଅସମ୍ଭବ । ପୁଲିସ ସୁପରିଣ୍ଟେଣ୍ଡେଣ୍ଟ ସମ୍ବନ୍ଧରେ ମହାମାନ୍ୟ ମହୋଦୟ କହିଅଛନ୍ତି ଯେ ପୁଲିସ ସାହେବଙ୍କର କାର୍ଯ୍ୟ ନିତାନ୍ତ ନିନ୍ଦନୀୟ ଅଟେ । ସୁତରାଂ ନିମ୍ନ ପୁଲିସକର୍ମଚାରୀଙ୍କୁ ଅଦାଲତ ପ୍ରତି ଉଚିତ ସମ୍ମାନ ପ୍ରଦର୍ଶନ କରିବାର ଶିକ୍ଷା ନ ଦେଇ ସେ ସବମାଜିଷ୍ଟ୍ରେଟଙ୍କ ପରାଜୟ ଦେଖାଇବା କାରଣ ସ୍ୱୟଂ ସମାରୋହ କରିଥିଲେ ଏବଂ ଉଦ୍ଧତ ତାହାଙ୍କର ଅଧୀନସ୍ଥ ପୁଲିସ କର୍ମଚାରୀଙ୍କର ଏବଂ ଜନସାଧାରଣଙ୍କର ସାକ୍ଷାତରେ ବିଚାରଅଦାଲତକୁ ଅପଦସ୍ଥ କରିଥିଲେ । ଅତଏବ ମହାମାନ୍ୟ ମହୋଦୟ ଜଏଣ୍ଟ ମାଜିଷ୍ଟ୍ରେଟ ସ୍ପେନ୍ସର ସାହେବଙ୍କୁ ତିନମାସ ନିମନ୍ତେ ଜଏଣ୍ଟ ମାଜିଷ୍ଟ୍ରେଟ ପଦରୁ ଅବନତ କରିଅଛନ୍ତି ଏବଂ ପୁଲିସ ସୁପରିଣ୍ଟେଣ୍ଡେଣ୍ଟ କ୍ଲାର୍କଷ୍ଟୋନ ସାହେବଙ୍କୁ ମା ୬ ସ ନିମନ୍ତେ ୫ମ ଶ୍ରେଣୀକୁ ଖସାଇ ଦେଇଅଛନ୍ତି । ସବ୍‌ମାଜିଷ୍ଟ୍ରେଟଙ୍କୁ ବିଚାର କାର୍ଯ୍ୟର ଅଯୋଗ୍ୟ ବିବେଚନା କରି ମହାମାନ୍ୟ ମହୋଦୟ ତାହାଙ୍କର ସେ କ୍ଷମତା କାଢ଼ିନେଇ ଅନ୍ୟଶ୍ରେଣୀରେ ତାହାଙ୍କୁ ଉପଯୁକ୍ତ କାର୍ଯ୍ୟ ଦେବାପାଇଁ ଜଜ କଲେକ୍ଟରଙ୍କୁ ଆଦେଶ ଦେଇଅଛନ୍ତି । ଏଥିରୁ ଦେଖାଯାଏ ଯେ ସବ୍ ମାଜିଷ୍ଟ୍ରେଟଙ୍କ ଦଣ୍ଡ ସର୍ବାପେକ୍ଷା ଅଧିକ ହୋଇଅଛି । ଅଥଚ ତାହାଙ୍କର ଦୋଷ ଏତିକି ଯେ ଲୁଚ ମୋକଦ୍ଦମା ଗୋଟାଏ ଆଣିଥିବାରୁ ସେ ସେପରି କହିଥିଲେ । ମହାମାନ୍ୟଙ୍କର ଆଦେଶ ଏହି ଅଂଶରେ ସର୍ବସାଧାରଣର ସନ୍ତୋଷଜନକ ହୋଇ ନାହିଁ । ପ୍ରକୃତରେ ଜଏଣ୍ଟମାଜିଷ୍ଟ୍ରେଟ ଯେପରି ଦୁର୍ବଳତା ପ୍ରକାଶ କରିଅଛନ୍ତି ଏବଂ ପୁଲିସ ସାହେବ ଯେମନ୍ତ ଅହଙ୍କାର ଓ କ୍ରୋଧର ପରିଚୟ ଦେଇଅଛନ୍ତି ସେମାନଙ୍କର ସେମନ୍ତ ଦଣ୍ଡ ହୋଇ ନାହିଁ । ଅଥବା ସବୁ ଦୋଷ ଗରିବର; ଭାଗ୍ୟବାନର କେତେବେଳେ ବିପଦ ନାହିଁ ।

---

ରଥ କର ।

ପଥକର ଓ ପ୍ରଦେଶୀୟକର ୧୮୭୦ ସାଲରୁ ଉଠିବୁ ହେଲା ଏ ପ୍ରଦେଶର ଲୋକମାନେ ଦେଇ ଆସୁଅଛନ୍ତି । ସଡ଼କ ପୋଲ ଇତ୍ୟାଦି ନିର୍ମାଣଦ୍ୱାରା ସାଧାରଣ ଗମନାଗମନର ସୁବ୍ୟବସ୍ଥା ନିର୍ବାହ କରିବା ସେହି ସବୁ କରର ମୂଳ ଉଦ୍ଦେଶ୍ୟ ଅଟେ ଏବଂ ସେହି କାର୍ଯ୍ୟର ଭାର ଜିଲ୍ଲା ବୋର୍ଡ଼ମାନଙ୍କ ଉପରେ ନ୍ୟସ୍ତ ଅଛି । ବଙ୍ଗୀୟ ଆତ୍ମଶାସନ ସମ୍ବନ୍ଧୀୟ ଆଇନରେ ଜିଲ୍ଲା ବୋର୍ଡମାନଙ୍କୁ ଗ୍ରାମ୍ୟ ଓ ଜିଲ୍ଲା ସଡ଼କମାନ ଯୋଗାଇବାର କ୍ଷମତା ଦିଆ ଯାଇଅଛି ଏବଂ ସେ ସମସ୍ତର ବ୍ୟୟ ନିର୍ବାହାର୍ଥେ ରୋଡ଼ସେସ ବା ପଥକରର ପ୍ରଯୋଜନ ଜିଲ୍ଲାର ନିଜ ଆୟ ସେହି ଜିଲ୍ଲା ବୋର୍ଡକୁ ଅର୍ପିତ ହୋଇଅଛି । ସେହି ବଙ୍ଗୀୟ ଆତ୍ମଶାସନ ଆଇନ (ସନ ୧୮୮୫ ସାଲର ଆଇନ)ର ୮୨ ଧାରାରେ ଜିଲ୍ଲା ବୋର୍ଡକୁ କ୍ଷମତା ଦିଆ ଯାଇଅଛି ଯେ ଗବର୍ଣ୍ଣମେଣ୍ଟଙ୍କର ଅନୁମତି ଗ୍ରହଣ କରି କୌଣସି ଜିଲ୍ଲା ବୋର୍ଡ ନିଜ ଜିଲ୍ଲାର ଗମନାଗମନ ଓ ବାଣିଜ୍ୟର ସୁବିଧାର୍ଥେ କୌଣସି ରେଲୱେ ବା ଟ୍ରାମୱାଏ ନିର୍ମାଣ କରିବାର ଯେତେବେ ଟଙ୍କା ମୂଳଧନ ବ୍ୟୟ ହେବ ତହିଁର ସୁଧ ଗଣନାକୁ ଯେତେ ଟଙ୍କା ଦେବା ଉଚିତ ବୋଧ କରିବେ ସେତେ ଟଙ୍କା ଜଣ ପାଣି ଅର୍ଥାତ ସେମାନଙ୍କୁ ଅର୍ପିତ ହୋଇଥିବା ତହବିଲରୁ ଗ୍ୟାରେଣ୍ଟି ଦେବେ । ଏଥିରୁ ଜିଲ୍ଲା ବୋର୍ଡ଼କୁ ଅନେକ କାର୍ଯ୍ୟର ଭାର ଦିଆଯାଇଥିବାରୁ ସେ ସମସ୍ତର ବ୍ୟୟ ନିର୍ବାହ କରିବାକୁ ସେମାନଙ୍କର ତହବିଲ ଅନଟନ । ତେଣୁ ସୁଧ ଯୋଗାଇବାର ସୁବିଧା ନ ଦେଖି ରେଲ ବା ଟ୍ରାମୱାଏର ସୁବିଧା ଦେଇ ପାରୁ ନାହାନ୍ତି । ମାତ୍ର ଲେଫ୍ଟେନାଣ୍ଟଗବର୍ଣ୍ଣର ବିବେଚନା କରନ୍ତି ଯେ ଜିଲ୍ଲା ବୋର୍ଡର ଏହା କର୍ତ୍ତବ୍ୟକର୍ମ

Split by PDF Splitter

Digitized by srujanika@gmail.com

Split by PDF Splitter



ଅଟେ ଏବଂ ତହିଁର ଉପାୟ ହେବା ଆବଶ୍ୟକ । ଅତଏବ ବଙ୍ଗୀୟଗବର୍ଣ୍ଣମେଣ୍ଟ ପ୍ରସ୍ତାବ କରୁଅଛନ୍ତି କି ପଥକର ପର ଜମିର ଦର ଉପରେ ଟଙ୍କା ପ୍ରତି ଏକ ପଇସାରୁ ଅଧିକ ନ ହେବା କୌଣସି ଦରରେ କର ବସିବ ଯେ ତହିଁରେ ଯାହା ଉତ୍ପନ୍ନ ହେବ ତାହା କେବଳ ରେଲବାଟ ଓ ଟ୍ରାମବାଟ ନିର୍ମାଣରେ ବ୍ୟୟ ହେବା ମୂଳଧନର ସୁଧରେ ବ୍ୟୟ ହେବ । ରେଲଗାଡି ବା ଟ୍ରାମ ଗାଡି ବସିବାର ସୁଯୋଗ ନିମନ୍ତେ ଏହି କରର କଳ୍ପନା ହୋଇଥିବାରୁ ଆମ୍ଭେମାନେ ଏହାର ନାମ ରଥକର ଦେଉଅଛୁଁ । ଟଙ୍କା ପ୍ରତି ଦୁଇପଇସାରୁ ଊର୍ଦ୍ଧ୍ୱ ନ ହେବା ଦରରେ ପଥକର ଧାର୍ଯ୍ୟ କରିବାର କ୍ଷମତା ଯେମନ୍ତ ଏହି ରଥକର ସମ୍ବନ୍ଧରେ ମଧ୍ୟ ତେମନ୍ତ କ୍ଷମତା ଜିଲ୍ଲା ବୋର୍ଡଙ୍କୁ ଦିଆଯାଉଅଛି ଏବଂ ଆବଶ୍ୟକ ନ ହେଲେ କର ନିଆ ନ ଯିବାର ମଧ୍ୟ ବ୍ୟବସ୍ଥା ଅଛି ଫଳେ କାର୍ଯ୍ୟତଃ ଯେମନ୍ତ ଦେଖା ଯାଉଅଛି ଯେ ବଙ୍ଗପ୍ରଦେଶର ସର୍ବତ୍ର ଟଙ୍କାପ୍ରତି ଦୁଇପଇସା ଦରରେ ପଥକର ଆଦାୟ ହେଉଅଛି ସେହିପରି ରଥକର ଏକପଇସା ଆଦାୟ ହେବ । ସର୍ବୋପରେ ଦୁଇପଇସା ପଥକର ଓ ଦୁଇପଇସା ପ୍ରଦେଶୀୟ କର ଉପରେ ଜମିଦାର ଓ ପ୍ରଜାମାନେ ଆଉ ଏକପଇସା ରଥକର ଦେବେ । ରଥ ଚଢ଼ିବେ ସକଳ ଶ୍ରେଣୀର ଲୋକ, ବାଣିଜ୍ୟ ଦ୍ରବ୍ୟର ଗମନାଗମନରେ ବଣିକ ଓ ବ୍ୟବସାୟୀମାନଙ୍କର ଉପକାର ହେବ । ମାତ୍ର କର ଦେବେ ଜମିଦାର ଓ କୃଷିଜୀବୀ । ଗରିବ କୃଷକଙ୍କ ଦୁରବସ୍ଥାର ଚିନ୍ତାରେ ଗବର୍ଣ୍ଣମେଣ୍ଟ ସର୍ବଦା ବ୍ୟସ୍ତ ହେବାର ପ୍ରକାଶ କରନ୍ତି ଏବଂ ଏମାନଙ୍କ ଦଶା ଉନ୍ନତ କରିବାର କେତେ ଉପାୟ ଚିନ୍ତା କରୁଅଛନ୍ତି । କରଭାର ମଧ୍ୟ ବଳ ପଡିବାର ଗବର୍ଣ୍ଣମେଣ୍ଟଙ୍କର ମୁହଁରୁ ପୁନଃ ପୁନଃ ଶୁଣାଯାଏ । ଅଥଚ କରବୃଦ୍ଧିର ବିରାମ ନାହିଁ । ଏଥିରୁ ଅଧିକ ଦୁର୍ଭାଗ୍ୟର ବିଷୟ ଆଉ କ'ଣ ହୋଇପାରେ ? ସରକାର ବଳବାନ୍ ଓ ପ୍ରଜାମାନେ ଗରିବ ଓ ମୂକ ! ଏହା ବୋଲି କ୍ରମାଗତ କର ବଢ଼ାଇବା ନ୍ୟାୟବାନ୍ ବ୍ରିଟିଶ ଗବର୍ଣ୍ଣମେଣ୍ଟଙ୍କର ପ୍ରଦେବଲେ ଉଚିତ ନୁହେ । ପୁଣି ସର୍ବାପେକ୍ଷା ଗରିବ ଏହା ଚାଷିମାନଙ୍କ ଉପରେ ଏ ବୋଝ ଚାହିଁବ ? ନାନା ପ୍ରକାର ଛଳରେ କର ଜମି ଉପରେ ଯେତେ ବଢ଼ାଣ ଭଡ ପାରିଲ ତାହା ଚପି ନେଇ ଆଶ୍ୱାସ ଦେଲ ଯେ ଏବେ ବର୍ଦ୍ଧିଯାଏ ଅଧିକ କଷ୍ଟ ହେବ ନାହିଁ । ତହିଁ ଭିତରୁ ଅନ ଦୁଇପଇସା ନାଳି ପଇସାଏ ଏ ଦାବତ ଯେ ବାବତରେ ନେବା ନ୍ୟାୟସଙ୍ଗତ ହେଲା ? ସକଳ ଜମିଦାର ଓ ପ୍ରଜା ପ୍ରତି ଏହା ଅନ୍ୟାୟ ଏଥିରେ ଚିରସ୍ଥାୟୀ ଓ ଅଚିରସ୍ଥାୟୀ ବନ୍ଦୋବସ୍ତି ମହାଲ ମଧ୍ୟରେ କିଛି ପ୍ରଭେଦ ନାହିଁ । ବାସ୍ତବରେ ବଙ୍ଗଳାର ଦେଶୀୟ ସମ୍ପାଦମାନଙ୍କ ସହିତ ଇଂରାଜ ସମ୍ପାଦକ ଇଂଲିସମ୍ୟାନ ଏବଂ ଷ୍ଟେଟ୍‌ସମ୍ୟାନ ଏକବାକ୍ୟରେ ଏହି ଅନ୍ୟାୟ କରର ପ୍ରତିବାଦ କରୁଅଛନ୍ତି ଏବଂ ଗବର୍ଣ୍ଣମେଣ୍ଟଙ୍କୁ ଏଥିରୁ କ୍ଷାନ୍ତ ହେବା-କାରଣ ଅନୁରୋଧ କରୁଅଛନ୍ତି । ସରକାର ଟିକସ ନେବାର ପ୍ରସ୍ତାବ କରୁ ଯେ ସହଜରେ ଗୃହୀତ ହେବେ ବିଶ୍ୱାସ ହେଉ ନାହିଁ ଏବଂ ସେ ହେତୁ କୃଷିଜୀବିଙ୍କର ବ୍ୟାକୁଳତା ବଢ଼ିଅଛି । ଏ ସମ୍ପର୍କରେ ବାବୁ ଗୋପାଳବଲ୍ଲଭ ଦାସଙ୍କର ଇଂରାଜୀ ପତ୍ର ଯାହା ଗତ ସପ୍ତାହର ପ୍ରେରିତପତ୍ର ସ୍ତମ୍ଭରେ ଆମ୍ଭେମାନେ ପ୍ରକାଶ କରିଅଛୁଁ ତାହା ଭୂମିକରେ ହୃଷିବା କଥା ପର ହୋଇଅଛି । ବାବୁ ମହାଶୟ ଓଡିଶାର ଜଣେ ଶ୍ରେଷ୍ଠ ଶିକ୍ଷିତ ସନ୍ତାନ । ସେ ଏହି କରକୁ ଲକ୍ଷ କରି କହୁଅଛନ୍ତି କି ବଙ୍ଗଳାରେ ଚିରସ୍ଥାୟୀ ବନ୍ଦୋବସ୍ତ ପ୍ରଚଳିତ ଥିବାରୁ ଖଜଣାର ଦର ଅତ୍ୟନ୍ତ ଊଣା ସୁତରାଂ ଶାସନ କାର୍ଯ୍ୟର ପ୍ରୟୋଜନ ସକାଶେ ସେଠା ଜମିଦାର ଓ ପ୍ରଜାଙ୍କ ଟିକସ ସ୍ୱରୂପ ସେମାନଙ୍କଠାରୁ ଅଧିକ କିଛି ନେବା ଅନ୍ୟାୟ ନୁହେ ମାତ୍ର ଓଡିଶା ମିଆଦି ବନ୍ଦୋବସ୍ତି ମହାଲର ଖଜଣା ଅଧିକା ହେଲୁ ଟିକସ ହେବା ଉଚିତ ନୁହେ । ବଙ୍ଗଳା ସଙ୍ଗେ ମିଶିଅଛୁ ବୋଲି କିନା ଏ ଟିକସ ଦେବ ଓ କହିଁ ପାଇଁ ଦଣ୍ଡ ଭୋଗ କରବ । ଅତଏବ ବଙ୍ଗଳା ସଙ୍ଗେ ମିଶି ରହିବାର ଫଳ ଏଥିର କ୍ଷମତେସ୍ତ ବୁଝିଲୁ । କ ଚମତ୍କାର ଯୁକ୍ତି ! ନାଥଣ୍ଡ ହେଲ ବୋଲି ପ୍ରତିଜ୍ଞା ଲଙ୍ଘନ କ ଅନ୍ୟାୟ ନୁହଇ ? ଆଜ ଏକସ୍ଥାନରେ ଯେବେ ତାହା ଘଟିଲା କାଲି ଅନ୍ୟ ସ୍ଥାନରେ ଘଟିବା ବିଚିତ୍ର ନୁହେ । ପୁଣି ପ୍ରତିବାସୀ ପ୍ରତି ଅନ୍ୟାୟର ଆଶଙ୍କା ଦେଖି ତହିଁର ପ୍ରତିବାଦ କରିବା ଟେଉଁଚ ଥାଉ ବରଂ ନିଜେ ପଳାଇବାର ଚେଷ୍ଟା କରିବା ଆଶ୍ଚର୍ଯ୍ୟ ଉଦାରତା ନୁହେ କି ? ଆଉ ପଳାଇବ ଅବା କେଉଁଆଡେ ? ବଙ୍ଗ ଗବର୍ଣ୍ଣମେଣ୍ଟ ଇଣ୍ଡିଆ ଗବର୍ଣ୍ଣମେଣ୍ଟର ଆଦେଶ ଏବଂ ମାନ୍ଦ୍ରାଜ ଗବର୍ଣ୍ଣମେଣ୍ଟର ଉଦାହରଣ ଦେଖାଇ ଏହି ଅନୁଷ୍ଠାନର ପ୍ରସ୍ତାବ କରିବାର କହୁଅଛନ୍ତି । ଅନ୍ୟ କୌଣସି ଗବର୍ଣ୍ଣମେଣ୍ଟ ଇଣ୍ଡିଆ ଗବର୍ଣ୍ଣମେଣ୍ଟଙ୍କର ଆଦେଶର ବହିର୍ଭୂତ କି ?

# ସାପ୍ତାହିକସଂବାଦ ।

## କଲିକତା-ଗେଜେଟ ।

ଉତ୍କଳ ଦ୍ୱିତୀୟ ଡେପୁଟି ମାଜିଷ୍ଟ୍ରେଟମାନେ ସାକ୍ଷୀର ପ୍ରଥମ ଶ୍ରେଣୀର ଅଧିକାର ମାଜିଷ୍ଟ୍ରେଟ ପଦରେ ନିଯୁକ୍ତ ହେଲେ ଓ ଦ୍ୱିତୀୟ ଶ୍ରେଣୀର ମାଜିଷ୍ଟ୍ରେଟ କ୍ଷମତା ପ୍ରାପ୍ତ ହେଲେ ।

ବାବୁ ଜଗମୋହନ ଚୌଧୁରୀ
କୃତ୍ତିବାସ ଦାସ

ଏ ସପ୍ତାହରେ ଅଙ୍ଗଅଗ ମେସାହେବଙ୍କ ସମସ୍ତ ୨ ରେ ଜନ୍ମ ହୋଇଅଛି । ସାଧାରଣ ସ୍ୱାସ୍ଥ୍ୟ ଉତ୍ତମ ।

କାଠଯୋଡି ନଦୀ ଯେପରିଭାବରେ ବୃଦ୍ଧି ହୋଇଅଛି ପ୍ରବଳ ବୃଦ୍ଧି ହେବାର ସମ୍ଭାବନା ମାତ୍ର ପାଣି ୧୭ ଫୁଟ ପର୍ଯ୍ୟନ୍ତ ଉଠିଅଛି ।

ରେଭେନ୍ୟୁ କମିଶନର ସାହେବ ... [illegible] ... ହୋଇଅଛି ।

ଗତ ବୁଧବାରଠାରୁ ... [illegible] ... ଅଛନ୍ତି ।

ଆଗାମୀ ତା ୧୦ ରଖ ଶନିବାର ... [illegible] ... କାର୍ଯ୍ୟ ନିର୍ବାହ କରିବେ ।

... [illegible] ... ହୋଇଅଛି ।

... [illegible] ... ହୋଇଅଛି ।

... [illegible] ... ଅଛି ।

... [illegible] ... ତା ୧୩ ରଖରେ ... ତା ୧୯ ରଖରେ ସିମଲାଠାରେ ... ହେବେ ।

... [illegible] ... ଗଲା ।

... [illegible]

Digitized by srujanika@gmail.com

## ପତ୍ରପ୍ରେରକଙ୍କ ମତ ।

ଛାପାଇବା ପଟ୍ଟନାୟକ—ବଡ଼ମ୍ବାର ମାନେଜର ବାବୁ ମଦନ ମୋହନ ପଟ୍ଟନାୟକ ବର୍ଷଂର ବନ୍ଧୁବର୍ଗ ମଣ୍ଡଳିବାରୁ ଦୁଃଖ ପ୍ରକାଶ କରି ଲେଖିଅଛନ୍ତି କି ସେ ବ ୨୦ ବର୍ଷ ବଡ଼ମ୍ବାର ମାନେଜର କରିଥିଲେହେଁ ୯୫ ଙ୍କ ଲୁଣ୍ଠିତ ଏବଂ ଏକ ଜମ୍ୟାର ହବାନ୍, ପିତା ମାତାର କ୍ରିୟା ଏବଂ ବନ୍ଧୁବାନ୍ଧବମାନଙ୍କର ସାହାଯ୍ୟରେ ସ୍ୱୋପାର୍ଜିତ ପ୍ରାନ୍ତ ସମସ୍ତ ବ୍ୟୟ କରି ପତ୍ନୀ ସହିତ ଏକଣେ ୫ ଜଣ ସନ୍ତାନ ଏବଂ ଗୋଟିଏ ବିଧବା ହୋଇଯାଇଥିବା କନ୍ୟା ରଖି ଯାଇଅଛନ୍ତି ଯେ ସେମାନଙ୍କର ଭରଣପୋଷଣ ଚଳିବା ଭଳି କିଛି ଅସ୍ଥା ନାହିଁ । ଏଥିପାଇଁ ସେ ବଡ଼ମ୍ବାର ରାଜାଙ୍କର ଆନୁକୂଲ୍ୟ ପ୍ରାର୍ଥନା କରି କିଛି ମାସିକ ବୃତ୍ତି ଶିକ୍ଷା କରି ଦେବାର ଅନୁରୋଧ କରିଅଛନ୍ତି । ଆଶା କରୁଁ ରାଜା ମହୋଦୟ ଏଥିର ସୁବିଚାର କରିବେ ।

ଜଣେ ସୂକ୍ଷ୍ମଦର୍ଶୀ ସଭ୍ୟ—ଉତ୍କଳ ସାହିତ୍ୟ ସମାଜର ୬ଷ୍ଠ ବାର୍ଷିକ ଅଧିବେଶନରେ ବାବୁ ମଧୁସୂଦନ ରାଓ ପଠିତ 'ଭାଷାତତ୍ତ୍ୱ' ପ୍ରବନ୍ଧ ଶ୍ରବଣ କରି ପ୍ରୀତ ହୋଇ ଲେଖିଅଛନ୍ତି ସେ ପ୍ରବନ୍ଧ ଉତ୍କଳସାହିତ୍ୟରେ ପ୍ରକାଶ ହେଲେ ଭଲ ହେବ । କେତେକ ସଭ୍ୟ ସେ ପ୍ରବନ୍ଧର ଆଲୋଚନା କରିଥିଲେ ମାତ୍ର ଲେଖକଙ୍କ ମତରେ ତାହା ସନ୍ତୋଷଜନକ ହୋଇ ନ ଥିଲା ।

---

## ପ୍ରେରିତପତ୍ର ।

ପତ୍ରପ୍ରେରକଙ୍କ ମତାମତ ନିମନ୍ତେ ଅମ୍ଭେମାନେ ଦାୟୀ ନୋହୁଁ ।

---

ଶ୍ରୀଯୁକ୍ତ ଉତ୍କଳ ଦୀପିକା ସମ୍ପାଦକ ମହୋଦୟ
ସମୀପେଷୁ :—

ମହାଶୟ,

କଟକସହରର ମା ୮ ମାଇଲ ଦୂରବର୍ତ୍ତୀ ଗଉଡ଼ଗପୁର ଗ୍ରାମର ଅନତିଦୂରରେ ହାଟଯୋଡ଼ୀ ନଦୀରେ "ଶିମଳୀଘାଇ" ନାମକ ଯେଉଁ "ଘାଇ" ହୋଇଅଛି ତାହା ପୂର୍ବରେ ଏକ ପତ୍ର ଆପଣଙ୍କ ଉଦାର ହୃଦୟ ପତ୍ରିକାରେ ପ୍ରକାଶିତ ହୋଇଥିଲା ।

ଏହି "ଘାଇ" ଦ୍ୱାରା ଗଉଡ଼ଗପୁର, ଗୋବନ୍ଦପୁର, ପୁରୁଷୋତ୍ତମ ପୁର, ବଲପଡ଼ା, ଦହିଗାଁ, ଟାଙ୍ଗଣା, କେଶବାର, ଶିଶୁଆ ଏବଂ ଖଟକା ପ୍ରଭୃତି ଗ୍ରାମସମୂହ ଅତ୍ୟନ୍ତ କଷ୍ଟଗ୍ରସ୍ତ ହେଉଅଛି । କେବଳ ପ୍ରଜାମାନେ ପରିଶ୍ରମ ସ୍ୱୀକାର ଚଳନ୍ତି ବର୍ଷ ଦୁଇଶତାଧିକ ଟଙ୍କା ବ୍ୟୟ କରିଲେଣି ମାତ୍ର ତଥାପି ବନ୍ଧର କିଛି ଅସ୍ଥିର ନାହିଁ । ବନ୍ଧର ନିମ୍ନପତିତ ପଙ୍କସଙ୍କେ ହେତୁ ବର୍ଷ୍ୟାସବୁ ତାହାର ମୂଳେ ସ୍ରୋତ କରିଦେଉଅଛି । ବର୍ତ୍ତମାନ ପ୍ରଜାମାନେ "ଘାଇ"ର ବନ୍ଦୋବସ୍ତରୁ ଚଳିବାପାଇଁ ଉଦ୍ଧାର କରି କେବଳ ଦୟାମୟ ସରକାର ବାହାଦୁରଙ୍କ ଉପରେ ସମ୍ପୂର୍ଣ୍ଣ ନିର୍ଭର କରି ବସିଅଛନ୍ତି । ଏହିପତ୍ର ଦ୍ୱାରା ସରକାରି ବାହାଦୁରଙ୍କ ଶ୍ରୀଚରଣରେ ବିନୀତଭାବରେ ପ୍ରାର୍ଥନା କରୁଅଛୁଁ ଯେ ସେ ଗରିବ ପ୍ରଜାମାନଙ୍କ ପ୍ରତି କୃପାଦୃଷ୍ଟି ନିକ୍ଷେପ କରି ଏହି "ଶିମଳୀଘାଇ"ର ବନ୍ଧର ଅତିବ ଶୀଘ୍ର ମେରାମତ କରିବେ । ପ୍ରଜାମାନେ ସୁଖରେ ଚାଷାବଦାନ କରି ସରକାରଙ୍କଠାରେ ଚିରକୃତଜ୍ଞତା ସୂତ୍ରରେ ଆବଦ୍ଧ ରହିବେ ।

ଗଉଡ଼ଗପୁର ।
କଇବାଟୀ ପୋ ଃ ଅ ଃ
। ଜି । କଟକ ।

। ଜି ।
କତିପୟ ଭଦ୍ରଲୋକ

---

ମହାଶୟ ।

ଶ୍ରୀଯୁକ୍ତ ବାବୁ ରାମଶଙ୍କର ରାୟଙ୍କର ନବ ରଚିତ କାଞ୍ଚନମାଳୀ ନାଟକର ଏକଖଣ୍ଡ ଉପହାର ପାଇ ଅମ୍ଭେମାନେ ଆନନ୍ଦସହକାରେ ପୁସ୍ତକଖଣ୍ଡି ଆଦ୍ୟୋପାନ୍ତ ପାଠ କରିଅଛୁଁ । ନାନାଦ ଗୁରୁତର କାର୍ଯ୍ୟରେ ବ୍ୟାପୃତ ଥାଇଁ ସୁଦ୍ଧା ବାବୁ ମହୋଦୟ ଯେ ସାହିତ୍ୟ ଚର୍ଚ୍ଚାରୁ ବିରତ ନୁହନ୍ତି ଏହା କେବଳ ତାହାଙ୍କର ସମସ୍ତ ଓ କାର୍ଯ୍ୟନିଷ୍ଠାର ବିଶେଷ ପରିଚୟ ଦେଉଅଛି । ଆଶା କରୁଁ ତାହାଙ୍କର ଏହି ସଦନୁଷ୍ଠାନ ନବ ଉତ୍କଳର ଅଶେଷ ଯୁବକଙ୍କ ହୃଦୟରେ ଅଙ୍କିତ ରହିବ ।

ସମୟର ଗତି ଅନୁସାରେ ସମାଜ ଓ ଧର୍ମର ନାନାବିଧ ପରିବର୍ତ୍ତନ ଘଟୁଅଛି । ଆର୍ଯ୍ୟସମାଜ ଓ ଆର୍ଯ୍ୟଧର୍ମ ଏ ଦୁହେଁ ପରିଷ୍କାର ସଙ୍ଗ ସ୍ଥି ହେଲେହେଁ ଧର୍ମପ୍ରାଣନାହିଁ ଯେବେ ଆର୍ଯ୍ୟଜାତିର ବିଶେଷତ୍ୱ । ଏଣୁ ତାର ସେମାନଙ୍କର ଶାସ୍ତ୍ର ଉତ୍ଥାନ ଲୋକନୀତି ଦେଖନ୍ତି ନାର୍ଯ୍ୟରୁ ଆରମ୍ଭ କରି ବ୍ୟବହାର ଶାସ୍ତ୍ର ବ୍ୟବସାୟ ଓ ବାଣିଜ୍ୟ ଯାଏ ସବୁଥିରେ ସେହି ଧର୍ମର ପ୍ରାଧାନ୍ୟ ରହିଅଛି । ଏହି ଧର୍ମର ଯେ କେବଳ ସେମାନଙ୍କର ଐହିକ ଓ ପାରତ୍ରିକ ସୁଖର ମୂଳ କାରଣ ଅଟେ ତାହା ନୁହେ ଏହା ସେମାନଙ୍କର ସମାଜ ଶାସନ ଓ ଧର୍ମ ଏକାଜରଣର ମୂଳ ଭିତ୍ତି ଓ ପ୍ରଧାନ ବନ୍ଧନ ଅଟେ । ଧର୍ମଦ୍ୱାରେ ଜାତି ନିର୍ବିଶେଷରେ ସମସ୍ତେହିଁ ଯେ ସମାଜ, ଭାରତରେ ଏହା ସେପରି ବୈଶିଷ୍ଟ୍ୟ ଧର୍ମଦ୍ୱାରା ବିଶେଷତଃ ଶ୍ରୀ ଶ୍ରୀ ଚୈତନ୍ୟଦେବଙ୍କର ହରିନାମ ପ୍ରେମମନ୍ତ୍ରଦ୍ୱାରା ସାଧିତ ହୋଇଅଛି ତାହା ଆଉ କୌଣସି ଧର୍ମଦ୍ୱାରା ହୋଇ ନାହିଁ । ମନୁଷ୍ୟ ଜାତିର ଆଳସ୍ୟ ଓ ଅଜ୍ଞତା ଯୋଗୁଁ କାଳକ୍ରମେ ଏଥିର ବାହାର ପ୍ରସ୍ଥରେ କେତେକ ଆବର୍ଜନା ଲକ୍ଷିତ ହେବାରୁ ଲୋକେ ଆଉ ଏଥିପ୍ରତି ତେତେ ଅନୁରାଗ ନାହାନ୍ତି, କିନ୍ତୁ ପ୍ରକୃତପକ୍ଷରେ ଏଥିର ମୂଳ ଭିତ୍ତିରେ କୌଣସି ଦୋଷ କେହି ଅଦ୍ୟାପି ଲକ୍ଷ୍ୟ କରିବାକୁ ସକ୍ଷମ ହୋଇ ନାହାନ୍ତି । ଏହି ତତ୍ତ୍ୱକୁ ଯଦି ଆଧୁନିକ ବୈଷ୍ଣବ ସମ୍ପ୍ରଦାୟର ଲୋକେ ଅନୁସରଣ କରିବେ ଏଥିଦ୍ୱାରା ସମାଜର ପ୍ରଭୂତ ମଙ୍ଗଳ ସାଧିତ ହେବ । ଏହି ଭାବଟିକୁ ଆମ୍ଭମାନଙ୍କ ହୃଦୟରେ ଜାଗରୂକ କରାଇବା ସକାଶେ ବାବୁ ମହୋଦୟ ଯେ ଠିକ କାଳ ଜାଣି ଏହି ନାଟକ ଖଣ୍ଡି ଲେଖିଅଛନ୍ତି ଏଥିରେ ଲେଶମାତ୍ର ସନ୍ଦେହ ନାହିଁ ।

ନାଟକ ଖଣ୍ଡିରେ ସାମୟିକ ପ୍ରସଙ୍ଗର ହେତେ ଅବତାରଣା ଥିବା ଯୋଗୁଁ ଏଥିର ନାଟକତ୍ୱ ସମ୍ବନ୍ଧେ କେହି କେହି ସନ୍ଦିହାନ ହୋଇଅଛନ୍ତି ଓ ହୋଇ ପାରନ୍ତି, କିନ୍ତୁ ଅମ୍ଭେମାନେ ସେମାନଙ୍କୁ ବିଶେଷ ଅନୁରୋଧ କରୁଁ ଯେ ପୁସ୍ତକ ଖଣ୍ଡିକୁ ଥରେ ମନୋଯୋଗପୂର୍ବକ ପଞ୍ଚାଙ୍କ ଭିତରେ ପାଠ କଲେ ସେମାନେ ବୁଝି ପାରିବେ ଯେ ଏପରି ସନ୍ଦେହର କୌଣସି କାରଣ ନାହିଁ । ସହଜ ପ୍ରକୃତି ଶିକ୍ଷା ସଙ୍ଗେ ଗୁଣେ ଉନ୍ନତିସୋପାନରେ କେତେଦୂର ଉଠି ପାରେ ଏହା କଣ ନାଟ୍ୟକାର ତାହାଙ୍କର କାଞ୍ଚନମାଳୀ ଚରିତ୍ରରେ ବିଶଦରୂପେ ଦେଖାଇ ନାହାନ୍ତି ? ଅମ୍ଭେମାନେ କହୁଁ ଏହାହିଁ ତାହାଙ୍କର ନାଟକର ନାଟକତ୍ୱ । ଅନ୍ୟାନ୍ୟ ଚରିତ୍ର ସବୁ ସେତେପରି ମନ୍ଦ ହୋଇ ନାହିଁ ।

ପୁସ୍ତକର ସ୍ଥାନେ ସ୍ଥାନେ ଭାଷା ଓ ଛନ୍ଦର ସାମାନ୍ୟ ଦୋଷ ଅଛି, କିନ୍ତୁ ସେଥିରୁ ତେତେ ଧର୍ତ୍ତବ୍ୟ ନୁହେ । ଚଳନ୍ତି ଗାଇବାର ପଥ, ଛନ୍ଦ ଗଣିବାର କଥା ନୁହେ । ଭଗବାନ ଅନ୍ତର ଚତୁର୍ଥ ଦୃଶ୍ୟର ସଙ୍ଗୀତ ଦୁଇଟି ଆମ୍ଭମାନଙ୍କ ଅତି ଉତ୍ତମ ଲାଗିଅଛି । ଇତି

ଆପଣଙ୍କର ନୈତ୍ୟିକ ପାଠକ ।

Split by PDF Splitter

Digitized by srujanika@gmail.com

Split by PDF Splitter



## ମୂଲ୍ୟପ୍ରାପ୍ତି ।

| | |
|---|---|
| ବାବୁ ଶ୍ୟାମସୁନ୍ଦର ଦାସ ମାଲ୍ଲିଆ ବଜାର କଟକ | ୧ ୬ |
| ବାବୁ ମଦନମୋହନ ପାଣିଗ୍ରାହୀ ହେଡମାଷ୍ଟର ଦେଓଗଡ଼ ସ୍କୁଲ | ୬ ୩ |
| ବାବୁ ବୈକୁଣ୍ଠନାଥ ଶ୍ୟାମ୍‌ପୁର ପୋଷ୍ଟ ଭୋଗରାଇ ଡାକଘର | ୬ ୩ |
| ବାବୁ ଶଙ୍କର ସିଂହ ଚଣ୍ଡୀ କଟକ | ୬ ୩ |
| ବାବୁ ବିପିନ ବିହାରୀ ଦାସ ବୈଦ୍ୟନାଥ ଦେଓ | ୬ ୩ |
| ବାବୁ ଦେବେନ୍ଦ୍ର ନାଥ ମହାନ୍ତି ପୋଷ୍ଟ ମାଷ୍ଟର | ୬ ୩ |
| ବାବୁ କୃଷ୍ଣଚନ୍ଦ୍ର ଦାସ ଚନ୍ଦ୍ରପୁର | ୬ ୩ |
| ବାବୁ ଜଗନ୍ନାଥ ପଣ୍ଡା ଜମିଦାର ଖେଲଣସ୍ତର | ୬ ୬ |
| ବାବୁ ଦୁର୍ଯ୍ୟୋଧନ ହେଡ଼ମାଷ୍ଟର ପୋଷ୍ଟ ଭଦ୍ରକ | ୬ ୨ |

# ବିଜ୍ଞାପନ ।

## ନୂତନ ନାଟକ ।

ରାମଶଙ୍କର ରାୟ କୃତ

# କାଞ୍ଚନମାଳୀ ନାଟକ ।

ମୂଲ୍ୟ ୩୧ ଟ ୦ ୯

ଡାକମାସୁଲ ଟ୦୧୬

ଶ୍ରୀ ରାମଚନ୍ଦ୍ରଙ୍କର ବାବୁ କର୍ତ୍ତୃକ ପ୍ରକାଶିତ

ସରଳ ଭାଷାନୁବାଦ ସହିତ

ଶ୍ରୀମଦ୍‌ଭଗବଦ୍‌ଗୀତା ।

( ଚତୁର୍ଥ ସଂସ୍କରଣ )

କଟକ ପ୍ରିଣ୍ଟିଂକମ୍ପାନୀଙ୍କ ପୁସ୍ତକାଳୟରେ ବିକ୍ରୀତ ହେଉଅଛି । ମୂଲ୍ୟ ଅତି ସୁଲଭ— ଟ ୦ ।୵ ମାତ୍ର । ମୋଫସଲରୁ ଡାକମାସୁଲ ପ୍ରତିଖଣ୍ଡରୁ ଦୁଇପଇସା ।

ଶ୍ରୀ ଭିକାରୀ ମହାପାତ୍ରଙ୍କ

# ଗୈରିକବାରୀ ମାନ୍‌ୟୁଆଲ

୨ୟ ସଂସ୍କରଣ

ମୂଲ୍ୟ ଟ ୦ ୫

ଏହି ପୁସ୍ତକ ସଂଶୋଧିତ ହୋଇ ପୁନର୍ମୁଦ୍ରିତ ହୋଇଅଛି । ଏଥିରେ "ପଞ୍ଚାୟତମାନଙ୍କ ପ୍ରତି ଉପଦେଶ" ଓ "ଦଫାଦାରମାନଙ୍କ କର୍ତ୍ତବ୍ୟ" ଓ "ପୋଲିସର ଧର୍ତ୍ତବ୍ୟ ଅପରାଧର ତାଲିକା" ପ୍ରଭୃତି ବେଶ୍ ଭଲରୂପେ ନୂତନ ଭାବରେ ଦିଆ ଯାଇଅଛି ।

ଯେଉଁ ଆଇନମାନ ନୂତନ ହୋଇଅଛି ଓ ଯେଉଁ ସବୁର ନିୟମ ବଦଳିଯାଇଅଛି ତାହା ଏହି ପୁସ୍ତକରେ ସନ୍ନିବେଶିତ ହୋଇଅଛି ।

କଟକ ପ୍ରିଣ୍ଟିଂକମ୍ପାନୀଙ୍କ ପୁସ୍ତକାଳୟରେ ପ୍ରାପ୍ତବ୍ୟ ।


## ଘଡ଼ି ଶସ୍ତା ! ଘଡ଼ି ଶସ୍ତା !!

ଧଡେଲେନ୍ସ ଓ୍ୟାଚ ।



ଏହା ଲକେଟ ପେଣ୍ଡ ମୂର୍ତ୍ତି, ନିକେଲପୁଟ ଓ୍ୟାଚ ଶକ୍ତ ନିକେଲ ରୂପାର କେସ । ଏଥିରେ ଘଣ୍ଟା ମିନିଟ ଦେଖାଯାଏ ଏହା ପ୍ରଥମଥର ଅସ ମାନଙ୍କପାଇଁ ଏହେନ ଶନଦାର ହୋଇଅଛି ।

ଏଥିରେ ଠିକ ସମୟ ମିଳେ । ଖରାପ ହୋଇ ଯିବାର ଭୟ ନାହିଁ । ଏହାର କଳକବ୍‌ଜା ଷ୍ଟିଲ୍‌ର ଉତ୍ତମ ରୂପରେ ତିଆରି ଅନ୍ୟାନ୍ୟ ଘଡ଼ି ଅପେକ୍ଷା ଏହା ଅନେକକାଳ ପର୍ଯ୍ୟନ୍ତ ଠିକ ସମୟରେ ଚଳେ ।

ସୁନାର ଚିଲ୍ଲି ଜଞ୍ଜିର ଗୋଟିଏ ରେଶମର ସହିତ ଏହାର ମୂଲ୍ୟ ଟ ୬।୶୵ ମାତ୍ର ।

S. FRANK & Co.,

Practical Watch-makers, Manufacturing Jwellers and Agents.

Bowbazar U. D. Calcutta.

## ADVERTISEMENT.

WORTH THE ATTENTION OF RICH !

ELECTRIC ANE ACETYLENE LIGHTS AND NOVELTIES.

| | | |
|---|---|---|
| Special Electric Bed Fan the best suited for the season | Rs 80 to | Rs 250 |
| Electria fancy Table, Wall or Hanging lamp complete | Rs. 35 to | Rs. 75 |
| Electric Rose Button | „ 12 | 15 |
| Acetylene Table Wall or Hanging lamp complete | Rs. 15 | 55 |
| Acetylene Revolving lamp | „ 40 | 85 |
| Acetylene ordinary lamp | „ 5 | 15 |
| Harmonium | „ 35 | 100 |
| Phonographs and Graphophohes | 50 | 150 |

Terms cash or V. P. P Catalogue free on application.

Edward Electric and Acetylene Works Co General order supplier Electrical contractor 64 College Street Calcutta.

## NEW YORK LIFE INSURANCE COMPANY

Is the property of the Policy Holders and all profits made are allotted to them. A safe and profitable investment.—For full particulars apply to

H. J. BELL

Agent Cuttack

## I'TS SO EASY TO NEGLECT THAT COLD!

IT'S so fatally easy to let that cold turn into Ague and fever.

But it's easy also, to find a good remedy in Batliwalla's Ague Mixture or Pills for it which are equally useful in Malarious, ntermittent, and Bilious Fever, and mild orm of Plague, Surgeon- Major Jayaka says: That it is a safe and reliable remedy.

Batliwalla & Co.'s Cholerol, specific for cholera and Batliwalla's Ague Mixture or Pills, may be had of DR. H. L. BATLIWALLA'S, Worli—Dadar Bombay and everywhere.

At Re. per bottle. Discount to the Trade


# ବିଜ୍ଞାପନ ।

ସ୍ୱର୍ଗୀୟ ମହାସ୍ମାରକର ଅବଲୋକ ଯଦ୍ୟାପିଚ ପ୍ରଣୀତ ଭଗବତ୍ କୃତ ମହାଭାରତ ଉଦ୍ୟମପର୍ବ ସଂଶୋଧିତ ଓ ମୁଦ୍ରିତ ହୋଇ, ନିମ୍ନଲିଖିତ ପର୍ବମାନ ଏ ପ୍ରେସରେ ବିକ୍ରୟାର୍ଥ ପ୍ରସ୍ତୁତ ଅଛି ଅନ୍ୟାନ୍ୟ ପର୍ବମାନ ଯନ୍ତ୍ରସ୍ଥ । ଶୀଘ୍ର ପ୍ରକାଶିତ ହେବ ।

| | |
|---|---|
| ସଭାପର୍ବ | ଟ ୦ ୭୶ |
| ବିରାଟପର୍ବ | ଟ ୦ ୫ |
| ଉଦ୍ୟୋଗପର୍ବ | ଟ ୧ ୮ |
| କର୍ଣ୍ଣପର୍ବ | ଟ ୦ ୯ |
| ଶଲ୍ୟାଦି ପର୍ବତ୍ରୟ | |
| ଏକତ୍ରେ | ଟ ୦ ୯ |

ଜଗନ୍ନାଥ ପ୍ରେସ } ଶ୍ରୀ ଅଭିରାମ ଦାସ

କଟକ } ପ୍ରେସ ମ୍ୟାନେଜର


ବିଜ୍ଞାପନ ।



ଏହା ସର୍ବପ୍ରକାର ଗାତ୍ରବେଦନାର ଅବ୍ୟର୍ଥ ମହୌଷଧ । କ୍ଷୀଣ ଲୋକଙ୍କ ଭଳି ଅନେକ ଲୋକ ଆରୋଗ୍ୟ ଲାଭ ପ୍ରଶଂସା କରୁଅଛନ୍ତି ।

ମୂଲ୍ୟ ଏକଡବା ଟ ୦ ।୶ ତିନଡବା ଟ ୧୧

ଛଅଡବା ଟ ୧୯ ବାରଡବା ଟ ୩୧

ବାତ୍ତ, ଶୁଳି ଆ, ଦାଦାପ୍ରଭୃତି ଚର୍ମ୍ମରୋଗର ଔଷଧ । କୌଣସିରୂପେ ଯନ୍ତ୍ରଣା ହୁଏ ନାହିଁ ଲଗାଇବାର ନୂତନ ଉପାୟ ବ୍ୟବସ୍ଥାପତ୍ରରେ ବର୍ଣ୍ଣିତ ହୋଇଅଛି । ଉପରୋକ୍ତ ରୋଗସବୁରେ ଏ ଔଷଧ ଲଗାଇଲେ ତିନିଦିନ ମଧ୍ୟରେ ସମ୍ପୂର୍ଣ୍ଣ ଆରୋଗ୍ୟ ଲାଭ କରିଯାଏ ।

ମୂଲ୍ୟ ଏକଡବା ଟ ୦ ୫ ତିନିଡବା ଟ ୧୶

ଛଅଡବା ଟ ୨ ୫ ବାରଡବା ଟ ୪୯

ସମସ୍ତେ ଡାକ, ଗ୍ରାମ, ଡାକଘର, ଜିଲ୍ଲା ଓ କେଉଁ ଔଷଧ କେତେଡବା ଦେବେ ତାହା ସ୍ପଷ୍ଟ ଅକ୍ଷରରେ ତାହା ଉଲ୍ଲେଖ କରି ଲେଖିବେ ।

ଏକମାତ୍ର ପ୍ରାପ୍ତିସ୍ଥାନ ।

ଶ୍ରୀ ରାମଚନ୍ଦ୍ର ସେଠ

କେଦାର ଉତ୍କଳ ପ୍ରେସ, ବାଲେଶ୍ୱର


Digitized by srujanika@gmail.com

# ବିଜ୍ଞାପନ ।



ସନ୍ନ୍ୟାସୀ ପ୍ରଦତ୍ତ ।

ଜନ୍ତୁମୁଖ ଓ ଦୃଢଲିଙ୍ଗ ଫେରଗର ମହୌଷଧ ଏହି ସ୍ତ୍ରୀଦିଗରେ ସମସ୍ତ ଅବଗତ ହୋଇ ପାରୁ-... ୭ ଭ ଟ ୧୯ ।

ଏହି ଔଷଧାଳୟରେ ଅମୂଲ୍ୟ ଶାସ୍ତ୍ରୋକ୍ତ ସର୍ବପ୍ରକାର ... ମୂଲ୍ୟ ମୂଲ୍ୟରେ ପ୍ରାପ୍ତବ୍ୟ । ମୋଫ- ... ଲୋକମାନଙ୍କୁ ... ପତ୍ର ଲେଖିଲେ ସ୍ୱଦ୍ୟଙ୍କ ଶୀଘ୍ର ପ୍ରେରଣ ହୁଏ ।

ଷଡ଼ଗୁଣବଳୀଜାରିତ ସ୍ୱର୍ଣ୍ଣଘଟିତ

ମକରଧ୍ୱଜ ।

ଏହା ସବ ... ଓ ... ଔଷଧ ... ଅତିଶୟରେ ... ହେଲେ ଏହାଦ୍ୱାରା ... ଅମ୍ଳପିତ୍ତ, ଶ୍ଳେଷ୍ମା, ମୂତ୍ରଦୋଷ, ... ଶ୍ୱାସ, କୃମି, ପାଣ୍ଡୁ ଏବଂ ... ପୀଡ଼ା, ... ଅଗ୍ନି ଓ ... ପ୍ରଭୃତି ... ଶୀଘ୍ର ... ହୁଏ । ... ଅତ୍ୟନ୍ତ ... ଅଗ୍ନି ... ପ୍ରଭୃତି ଏବଂ ... ମହୌଷଧ । ... ମାତ୍ରାର ମୂଲ୍ୟ ... ୧ ... ୪୦

ଶୁକ୍ରବର୍ଦ୍ଧକ ବଟିକା ।

ଏହି ଔଷଧ ... ଏକମାତ୍ର ମହୌଷଧ, ... ପ୍ରକାରେ ... ଏହି ଔଷଧ ବ୍ୟବହାର କଲେ ଅଳ୍ପ ସମୟ ... ବିଶେଷ ଫଳପ୍ରଦ ... ଏବଂ ... ଉତ୍ପନ୍ନ ହେବ । ... ଅଚିରେ ... ଗରିବେ ।

ଏହି ଔଷଧର ମୂଲ୍ୟ ୫ ୧୯ ଗାର ।

ବଳିବର୍ଦ୍ଧକ ରସାୟନ ।

( ଦେଶୀୟ ସାଲସା )

... ( ... ) ... ଓ ... ଅତ୍ୟନ୍ତ ... ହୁଏ । ... ବ୍ୟବହାର ... ହୁଏ ।

ଏକ ... ମୂଲ୍ୟ ୫ ୧୯ ଗାର ।

... ଟ ୪ ଙ୍କା ... ।

... ବଜାର । ଶ୍ରୀ ... ଅନ୍ନପୂର୍ଣ୍ଣା

କଟକ   ଆୟୁର୍ବେଦୀୟ ଔଷଧାଳୟ




ଡାକ୍ତର ମେଜର ସାହେବଙ୍କ ଅଦ୍ଭୁତ, ବହୁବର୍ଷର ଶ୍ରେଷ୍ଠ **ଇଲେକ୍‌ଟ୍ରୋ ସାଲସା** ଅତି ଓ ଅଦ୍ଭୁତ ଅଲୌକିକଗୁଣ । ସୁଗନ୍ଧଯୁକ୍ତ ଉଦସ୍ତାନଗରରେ ଜନସ୍ତୁତ ବର୍ଣ୍ଣାଇଅଛୁ । ଏହା ରକ୍ତଦୁଷ୍ଟର ବିନାଶ, ପାରଦଦୋଷ ନାଶ କରିବାକୁ ଅମୋଘ, ବାତରକ୍ତ ଦେହର ରସ, ଧାତୁଦୌର୍ବଲ୍ୟ ଓ ପ୍ରମେହ ପୀଡ଼ାରେ ଅଦ୍ୱିତୀୟ ଓ ଅବ୍ୟର୍ଥ ।

ଅବଶ୍ୟ, ଅସାଧାରଣ ... ଅବ୍ୟର୍ଥତା, ଅଲୌକିକତା ଅକୃତ୍ରିମତାର ଜ୍ୱଳନ୍ତ ପ୍ରମାଣ, ଜ୍ୱଳନ୍ତ ସାକ୍ଷୀ ଦେଉଅଛୁ ।

୧ । ମହାମାନ୍ୟ ମହାରାଜା ସାର ... ବାମଣ୍ଡାକୁ ଲେଖିଅଛନ୍ତି:—"※※※ ... "ଇଲେକଟ୍ରୋ ସାଲସା" ... ଓ ... ପକ୍ଷରେ ସନ୍ତୋଷଜନକ" ।

୨ । ମହାମାନ୍ୟ ମହାରାଜା ... ଦେଓ ... ଲେଖିଅଛନ୍ତି—"※※※ ... ※※※ ଔଷଧ ମଗାଇଲି, ଉପକାର ଦେବା ... ଉପକାର ଦେଲା ... । ... ସାଲସାର ଗୁଣ ମୁଁ ... ପାରିବ ନାହିଁ । ମୋତେ ଆହୁରି ... ପଠାଇଦେବେ" ।

୩ । ମହାମାନ୍ୟ ମହାରାଜା ... ଦେଓ ... ଲେଖିଅଛନ୍ତି—"ରକ୍ତ ପରିଷ୍କାର କରି ବଳ ବୀର୍ଯ୍ୟ ବୃଦ୍ଧି କରିବାକୁ ଇଲେକ୍‌ଟ୍ରୋ ସାଲସାର କ୍ଷମତା ଅସୀମ ଅଟେ" ।

ମୂଲ୍ୟ ... ଟ ୨ ୧ ... ଟ ... ୧୯ ଟ ୨୦ ୧ ଡାକମାସୁଲ


Digitized by srujanika@gmail.com

ଡାକ୍ତର ମେଜର ସାହେବଙ୍କର ଆବିଷ୍କୃତ

ମହିଳାମାନଙ୍କର **ହେୟାର-ଲାଇନ୍** ସୋହାଗର ସାମଗ୍ରୀ

କେଶର ସଦ୍‌ଗୋପନ, ସଂରକ୍ଷଣ ଓ ଶ୍ରୀ-ଶୋଭା ବଢାଇବାକୁ ମନୋହର କେଶ ତୈଳ । କେବଳୋଟି କେଶଳକ୍ଷଣାନ୍ବିତ




ସବ୍ଦା ପ୍ରଚ୍ଛିତ ସୁଗନ୍ଧିକ, ଶନଂପ୍ରାଣ ପୁଷ୍ପର ସାର, ବୈଜ୍ଞାନିକ ପ୍ରଣାଳୀରେ ବର୍ଜିତ ହଇ ବିସ୍ତୃତ କେଶ ପୋଷକ ତୈଳ ସଂଯୋଗରେ ଏହି ହେୟାର-ଲାଇନ ପ୍ରସ୍ତୁତ ହୋଇଅଛି । ଅପଣ ଏହା ବ୍ୟବହାର କରନ୍ତୁ, ଅପୂର୍ବ ସୌରଭରେ ଗନ୍ଧ ମତ୍ତ ହେବ । ନିଶ୍ଚିନ୍ତ ପ୍ରୀତ ହେବ । ... ସେବେ ମନେ ପ୍ରଫୁଲ୍ଲିତରେ ମଗ୍ନ ହେବେ । ଅପଣଙ୍କର ମସ୍ତକ ହେବ ସେଥିରୁ ପ୍ରସ୍ଫୁଟିତ ସୁଖ ... ଅଛି ।

"ହେୟାର-ଲାଇନ" ଲଗାଇ କେଶ ବିନ୍ୟାସ କଲେ ... ସୁବାସ ସବୁଦିନ ରହିଥାଏ । ... ଦେହରେ ସେତେ ... ହେୟାର-ଲାଇନ ... ହୋଇଥାଏ, ସେଥିରୁ ସୌରଭର ... । ଏହା ... ଓ ... ଶୀତଳ ଓ ମୃଦୁ ... ।

"ହେୟାର-ଲାଇନ" ଯେ ଅତି ମନୋହର, ... ଓ ସୁନ୍ଦର । ... କେଶରେ ... ନାହିଁ, ... ନାହିଁ, ଦୁର୍ଗନ୍ଧ ହୁଏ ନାହିଁ ।

"ହେୟାର-ଲାଇନ" କେଶର ... ମୁଣ୍ଡ କଷ୍ଟ, ମୁଣ୍ଡ ଘୂରା, ... ପ୍ରଭୃତି ... ମହୌଷଧ । ... ପକ୍ଷ କେଶ, ... ଦୌର୍ବଲ୍ୟ, ... ପ୍ରଭୃତି ଉପସର୍ଗ ... ଏହା ଭଳି ... ଔଷଧ ଆଉ ନାହିଁ । ଏହା ... ।

"ହେୟାର-ଲାଇନ" ବ୍ୟବହାର କରିବା କେଶ ... ହୁଏ, କେଶର ମୂଳ ଶକ୍ତ ହୁଏ, କେଶ ... ଓ ... ହୁଏ, ... । ... ବ୍ୟବହାର କଲେ ... ହୁଏ, ମୁଣ୍ଡର ... ପ୍ରଭୃତି ... ହୁଏ; ... କୋମଳ ଓ ... ହୁଏ, ... । ହେୟାର-ଲାଇନ ... । ଏହା ... ଅବଶ୍ୟ ସାମଗ୍ରୀ ।

ମୂଲ୍ୟ ... ( ... ) ... ।

ପ୍ରାପ୍ତିସ୍ଥାନ ଡାକ୍ତର ମେଜର ଏଣ୍ଡ କୋମ୍ପାନୀ—କଲିକତା





ଡାକ୍ତର ମେଜର ସାହେବଙ୍କର,

ନୂତନ ଆବିଷ୍କାର !

ଶତଶତ ଲୋକଙ୍କର—ପ୍ରଶଂସିତ !!

ଅବ୍ୟର୍ଥ ରୋଗଘ୍ନ—ସାର ଔଷଧ !!!

ହାଇପୋଫସ୍‌ଫାଇଟ୍ ସାର

ବା

କୋଷ ବୃଦ୍ଧିର ଅମୋଘ ଔଷଧ ।

... ବର୍ଷ ... ଅଧିକ ... ଅଦ୍ଭୁତ ... । ଆମ୍ଭେମାନେ ... ସହର ... ପ୍ରଦେଶ ... ବ୍ୟବହାର କଲେ ... ହେବ, ... ଅବଶ୍ୟ ହେବ । ... ଓ ... ଉପସର୍ଗ ... । ... ପ୍ରଥମ ... ବ୍ୟବହାର ... ଔଷଧ ... । ... ।

ମୂଲ୍ୟ ... ।

ପ୍ରାପ୍ତିସ୍ଥାନ—ଡାକ୍ତର ମେଜର ଏଣ୍ଡ କୋମ୍ପାନୀ

କଲିକତା


# ବିଜ୍ଞାପନ ।

## ନୂତନ ଲେଖିବାର କାଳୀ ।

ଲେଖିବା ସମୟରେ କାଳି ଶୁଖିଗଲେ କଳା ହୁଏ ଶୀଳରେ ଦେଲକ୍ଷଣି ଏଥିବେଲେ ମିଶିଯାଏ; ଦୁଆତରେ ଶିଟକ୍ଷ ବସେ ନାହିଁ ବା ଖସିବାରୁ ହୁଏ ନାହିଁ ନମୁନା ... ପଠାଇ ଦିଆଯାଏ

ପ୍ରାପ୍ତିସ୍ଥାନ ।
ଏଇଚ, ଦେ, ବାଲେଶ୍ଵର

## କୁଷ୍ଠ ରୋଗୀ ।

### ହତାଶ ହୁଅନାହିଁ

ଆମ୍ଭେ ବହୁ ପରୀକ୍ଷାର ପ୍ରତିଜ୍ଞା ପୂର୍ବକ କହୁଅଛୁଁ ଯେ ଯେବେ ଏହି ଦୁରାରୋଗ୍ୟ ଭୁଗୁଥିବାଲୋକ ମୁକ୍ତ ପାଇ ସୁସ୍ଥ ଶରୀରରେ ଦୀର୍ଘକାଳ ବଞ୍ଚିବାର ଆଶା ଥାଏ ଯେବେ ବହୁ ତପସ୍ୟା କରଇ ଓ ବହୁ ଔଷଧ ସେବନ କରି ମଧ୍ୟ ନିରାଶ ହୋଇଥାଅ, ଯେବେ ଡାକ୍ତର ଓ କବିରାଜଙ୍କର ଚିକିତ୍ସାର ପରାଭବ ହୋଇଥାଅ, ଯେବେ ସମ୍ପୂର୍ଣ୍ଣ ରୂପେ ଆରୋଗ୍ୟ ହେବାର ଏକାନ୍ତ ବ୍ୟଗ୍ର ଥାଏ ଯେବେ ଆମ୍ଭର ଏହି ବିଜ୍ଞାପନକୁ ଅଳୀକ ବା ଅମୂଳକ ବୋଧ ନ କର ତେବେ ଶୀଘ୍ର ଆମ୍ଭର ଔଷଧ ସେବନ କର । ହସ୍ତପଦର ଅଙ୍ଗୁଳି ଗଳି, ନାସିକାବସି, ... ଓ ସର୍ବାଙ୍ଗ ବ୍ୟାପୀ ... ଥିଲେ ମଧ୍ୟ ସମ୍ପୂର୍ଣ୍ଣରୂପେ ଆରୋଗ୍ୟ ହେବ ସନ୍ଦେହ ନାହିଁ ଆମ୍ଭର ଔଷଧର ଫଳାଫଳ ପରୀକ୍ଷାକର ଦେଖିଲେ ଜାଣିପାରିବ । ନମୁ ଟିକଣାକୁ ... ଟିକଲିସହ ପତ୍ର ଲେଖିଲେ ପ୍ରତ୍ୟୋ... ବିସ୍ତୃତ ବିଷୟମାନ ବୁଝିପାରିବ ।

କୃଷ୍ଣପୁର } ଶ୍ରୀ ବାଲକୃଷ୍ଣ ଦାସ
କଟକ } କବିରାଜ

ଉତ୍କଳଦୀପିକାରେ ବିଜ୍ଞାପନ ଛପାଇବାର ଶର୍ତ୍ତ ନିମ୍ନଲିଖିତରୂପେ ଧାର୍ଯ୍ୟ ହୋଇଅଛି, ଯଥା;—

ପ୍ରଥମଥର ଛପାଇବା
ଧାଡ଼ିପ୍ରତି ଟ ୦ /
ଅର୍ଦ୍ଧସ୍ତମ୍ଭକୁ ଟ ୨ ୧
ପୂର୍ଣ୍ଣ ଏକ ସ୍ତମ୍ଭକୁ ଟ ୩ ୧

ମାତ୍ର ବେଶି ବିଜ୍ଞାପନ ଯେତେ କ୍ଷୁଦ୍ର ହେଲେ ଚାର୍ଜିର ଶର୍ତ୍ତ ଟ ୦ ୫ ଠାରୁ କମ ହେବ ନାହିଁ ।

ଦ୍ୱିତୀୟ ଓ ତୃତୀୟଥର ଛପାଇବା ଶର୍ତ୍ତ ପ୍ରଥମ ଥରର ଅର୍ଦ୍ଧ ଓ ଚତୁର୍ଥ ଯଥାକ୍ରମେ ହେବ

ଅଧିକ ଦିନ ଛପାଇବା ମୂଲ୍ୟ ବନ୍ଦୋବସ୍ତ ହୋଇପାରିବ ।

ବିଜ୍ଞାପନର ମୂଲ୍ୟ ବିଜ୍ଞାପନ ସଙ୍ଗେ ପଠାଇବାକୁ ହେବ ।

ଏହି ଉତ୍କଳଦୀପିକା କଟକ ... ଦ୍ୱାରା ... ମୁଦ୍ରିତ ଓ ପ୍ରକାଶିତ ହେଲା ।

Split by PDF Splitter
Digitized by srujanika@gmail.com

# ଉତ୍କଳ ଦୀପିକା

ସାପ୍ତାହିକ ସମାଦପତ୍ରିକା ।

# THE UTKAL DIPIKA.

| | | |
|---|---|---|
| ଖ ୩୯ ଶ<br>ସ ୩୭ ସଂ | CUTTACK, SATURDAY THE 10th September 1904.<br>ତା ୨୭ ଭାଦ୍ର ସନ ୧୩୧୧ ସାଲ ଶନିବାର | ଅଗ୍ରିମ ୨ ୲<br>ପଶ୍ଚାଦେୟ ୨ ୫୲ |


## NOTICE.

The **SHOW ROOM** of Orissa Art Wares will be open to Zenana ladies every Saturday from 6—30 to 9 P. M. Arrangements have been made for female attendance, no men servants will be in or about the room. A lady will be in charge of the things. She will show the things and receive orders.

*Manager*
Orissa Art Wares.

ବିଜ୍ଞାପନ ।

ଓଡ଼ିଶା ଆର୍ଟ ଓ୍ୱେୟର ଅର୍ଥାତ୍ ଉତ୍କଳ ଶିଳ୍ପାଗାରର ପ୍ରଦର୍ଶନୀ ଗୃହ ବା ଯେଉଁ ଘରେ ସର୍ବସାଧାରଣଙ୍କ ଦେଖିବା କାରଣ ଅଲଙ୍କାରାଦି ସଜା ହୋଇ ରହିଅଛି ତାହା ପରଦାନସିନ ସ୍ତ୍ରୀମାନଙ୍କ ଦେଖିବା ନିମନ୍ତେ ପ୍ରତି ଶନିବାର ସନ୍ଧ୍ୟା ସା ୬॥ ଠାରୁ ସା ୯ ଘା ପର୍ଯ୍ୟନ୍ତ ଖୋଲା ରହିବ । ସେ ସମୟରେ ସେଠାରେ ଦାସିମାନେ ଉପସ୍ଥିତ ଥିବେ ଓ କୌଣସି ପୁରୁଷ ଚାକର ସେ ଘରେ ବା ତହିଁ ନିକଟରେ ରହିବେ ନାହିଁ । ପଦାର୍ଥମାନଙ୍କର ଭାର ଜଣେ ଭଦ୍ର ମହିଳାଙ୍କଠାରେ ରହିବ ଓ ସେମାନ ସେ ସମସ୍ତଙ୍କୁ ଦେଖାଇବେ ଓ ଯେ ଯାହା ଫରମାସ କରିବେ ତାହା ଲେଖି ନେବେ ।

କଟକ — ମାନେଜର
ଉତ୍କଳ ଶିଳ୍ପାଗାର

## NOTICE.

It having been brought to our notice that the public find it difficult and expensive to procure the head dress adopted as the Utkal head dress, we have made arrangements for the supply of head dresses. They can be supplied in silk or cotton or in gold embroidered silk or velvet. Orders specifying the quality of the cloth and the measure of the head in inches should be addressed to the undersigned. Unless otherwise mentioned the color of the cloth will be light pink-the color adopted at the last Utkl Union Conference. Price of the ordinary Pugree as supplied at the time of Conference is Re. 1—4 only.

*Manager*
Orissa Art Wares
Cuttack,

ଏତଦ୍ଦ୍ୱାରା ସର୍ବସାଧାରଣଙ୍କୁ ଜଣାଇ ଦିଆ ଯାଉଅଛି ଯେ କଟକ ଡିଷ୍ଟ୍ରିକ୍ଟବୋର୍ଡ଼ ଅଧୀନସ୍ଥ କଳୁପା ଭୁଆଁପାଳ, କଳୁପା ଭୁଇଁପାଟ ଓ ଭୁଁଅିସୁଲ ଘାଟମାନ ଅତ୍ର ଡିଷ୍ଟ୍ରିକ୍ଟ ବୋର୍ଡ଼ ଅଫିସରେ ଚଳିତ ସେପ୍ଟେମ୍ବର ମାସ ତା ୧୯ ରଖ ମୁତାବକ ଆଶ୍ୱିନ ମାସ ୫ ତା ସେଦିନ ସୋମବାର ଦିବା ସା ୧୨ ଘା ସମୟରେ ପ୍ରକାଶ୍ୟ ଭାବ ନିଲମ କରାଯିବ । ନିଲମ ଡାକିବା ଇଚ୍ଛୁକ ଲୋକମାନେ ଅତ୍ର ଡିଷ୍ଟ୍ରିକ୍ଟବୋର୍ଡ଼ ଅଫିସରେ ଉପରଲିଖିତ ସମୟରେ ହାଜର ହୋଇ ନିଲମ ଡାକ ପାରିବେ । ଏ ସମ୍ବନ୍ଧେ ଯାହା କିଛି ଜାଣିବା ଆବଶ୍ୟକ ହେବ ଅତ୍ର ଡିଃ ବୋର୍ଡ଼ ଅଫିସରେ ତଦନ୍ତ କଲେ ଜାଣି ପାରିବ ।

Cuttack D. B. office
The 6th Sept. 1904 — J. C. Chandra, *Vice-Chairman.*

## NOTICE

"WANTED a graduate strong in English and Mathematics and having some experience of High School teaching, for the post of Second Master of the Khorda H. E. School on a salary of Rs. 40 per mensem for a period of 11 months with hopes of being permanent. Applications with copies of testimonials must reach the undersigned on or before 15th September next.

Khorda
27-8-04. — J. E. F. Periera, *Secretary.*

ଏତଦ୍ଦ୍ୱାରା ସର୍ବସାଧାରଣଙ୍କୁ ଜଣାଉଅଛୁଁ ଯେ ଆମ୍ଭ ନିକଟରେ ନିମ୍ନଲିଖିତ ସବାର ଓ ଯାନ-ଯାନମାନ ବିକ୍ରୀ ନିମନ୍ତେ ପ୍ରସ୍ତୁତ ଅଛି । ଯଥା:—

ବଡ଼ ସବାର ଫୁ ୬॥ × ୩, ହୋଦର କବାଟ ମଗର ଓ ଚନ୍ଦ୍ରାଗୋଲାଷ୍ଟ ଲଣ୍ଠନ, ଗଦି ଓ ଝାଲର ସହିତ ଏହା ଭିତର ଓ ଛାତରେ

| | | |
|---|---|---|
| | ସାଟିନ ଲୁଗା ମଡ଼ା | ଟ ୨୦୦୲ |
| ଏଜନ | ଛିଟ ଲୁଗା ମଡ଼ା | ଟ ୧୦୦ |

ସାଧାରଣ ସବାର ଗମ୍ଭାର କାଠର ସବାର

| | |
|---|---|
| ଲମ୍ବ ଫୁ ୫-୧୦ଇ × ଫୁ ୨-୯ଇ | ଟ ୨୫୲ |
| " ୫-୬ × ୨-୬ | ଟ ୨୦୲ |
| " ୫ × ୨-୬ | ଟ ୧୬୲ |

ଏହା ଛଡ଼ା ଅନ୍ୟ ଜାତିର କାଠର ତିଆର ଏହି ମାପର ହେଲେ ଟ ୨୫୲ ସ୍ଥଳେ ଟ ୨୦୲, ଟ ୨୦୲ ସ୍ଥଳେ ଟ ୧୬୲ ଏବଂ ଟ ୧୬୲ ସ୍ଥଳେ ଟ ୧୩୲ ରେ ମିଳିବ । ଅଞ୍ଚଳ ମଧ୍ୟ ଯାହା-

Digitized by srujanika@gmail.com

Split by PDF Splitter


ଙ୍କର ଯେଉଁ ପ୍ରକାର ସବାର ଓ୍ମ୍ନି ବାଳକାଳ ଫରମାସ ହେବ ସେପରି ଶୀଘ୍ର ଉସ୍ଥିତ କର ଦେବୁଁ । ନିମ୍ନଲିଖିତ ଠିକଣାରେ ଲେଖିବାକୁ ହେବ ।

୨୧।୮।୦୪ } ଶ୍ରୀ ମାଗୁଣି ମହାରଣା
କଟକ ପ୍ରିଣ୍ଟିଂକମ୍ପାନୀଙ୍କ ଅଫିସ
ନିକଟ, ଦରଘାବଜାର
କଟକ ।

---

# ବିଜ୍ଞାପନ ।

ହା ! ହା !! ହା !!! ହୋ ! ହୋ !! ହୋ

ଅବଶେଷରେ ଅମ୍ଭେମାନେ ଔଷଧ ପାଇଅଛୁଁ ।

"ଇଲେକ୍ଟ୍ରୋଗନୋରସ୍ପା ଚୁପ୍ସ"

ଏହା ସର୍ବପ୍ରକାର ପୀଡ଼ାଦାୟକ, ପୁରାତନ ପ୍ରମେହ ମୂତ୍ରନାଳୀ ପଥେ ଏକପ୍ରକାର ସ୍ୱଚ୍ଛ ତରଳ ପଦାର୍ଥ ନିର୍ଗମନ, ଅଥବା ଉତ୍ତେଜନାରେ ଶୁକ୍ର ନିର୍ଗମନ, ପ୍ରସାବ କରିବା ସମୟରେ କଷ୍ଟ ଅନୁଭବ ପ୍ରଭୃତିର ସର୍ବୋତ୍କୃଷ୍ଟ ଓ ବିଶ୍ୱାସ ଯୋଗ୍ୟ ମହୌଷଧ ଅଟେ ।

ଦି, ଭିକ୍ଟୋରିଆ ଏଜେନ୍ସି

୨୧୭, ଅପରଚିତପୁରରୋଡ଼, ଶୋଭାବଜାର
କଲିକତା ।

---



## ନୂତନ ଆମଦାନୀ !!

### ସୁନ୍ଦର ସ୍ୱର୍ଣ୍ଣବାଳାରେ ନୂତନତ୍ୱ ।

ଏହା ଏକଖୋଡ଼ା ଖାଣ୍ଟିସୁନାର ବାଲା । ମୋଟା ଷ୍ଟିଲ ଉପରେ ନିର୍ମିତ ଏବଂ ଏହା ଉପରେ ସୁନାର ପାତ ଚଢ଼ା ହୋଇଅଛି ଏବଂ ଏହାର ମଝିରେ ସାତଗୋଟି ନକଲିହୀରା ବସିଅଛି । ଏହାର ରଙ୍ଗ ଏବଂ ଉଜ୍ଜ୍ୱଳତା କେବେ ନଷ୍ଟ ହୁଏ ନାହିଁ ଏହି ନୂତନ ବାଲାରେ ଜିନିଷକୁ ଦେଖି ଏହାକୁ ଅସଲ ହୀରାବସା ୫୦୦୦ ଟଙ୍କାର ଜିନିଷ ବୋଲି ମନେକରିବେ ।

ବିକ୍ରୟ ମୂଲ୍ୟ ଯୋଡ଼ାକୁ ଟ ୨॥ ମାତ୍ର ।

## "ନବରତ୍ନ ମୁଦୀ ।"



ଏହା ଖାଣ୍ଟି ଇଂଲଣ୍ଡ ସୁନାପାଣିରେ ଉପରେ ସୁଦକ୍ଷ ଇଞ୍ଜିନିୟରମାନଙ୍କଦ୍ୱାରା ନିର୍ମିତ ହୋଇଅଛି । ଏହାର ରଙ୍ଗ ଏବଂ ଉଜ୍ଜ୍ୱଳତା ଏତେ ପ୍ରଖର ଯେ ନବ ରତ୍ନ ଅଛି ମଧ୍ୟ ଏଣିକି ପଣ୍ଡିତ ଓ କାରୁକାର୍ଯ୍ୟ ଏବଂ ପାଦଣରେ ଏହାକୁ କେହି ଜାଣିପାରିବ ନାହିଁ ଏବଂ ଏହା ଠିକ୍ ନକଲ ଭାବ ଧରିଅଛି । ଲୋକେ ଏହାକୁ ୫୦୦ ଟଙ୍କା ମୂଲ୍ୟର ମୁଦି ବୋଲି ମନେକରିବେ ।

ପ୍ରତ୍ୟେକ ମୁଦିର ମୂଲ୍ୟ ଟ ୧॥, ୧ ଡଜନ ଟ ୧୮

ଉପହାର—ଏକାବେଳକେ ଏକଡଜନ ମୁଦିର ନେଲେ, ଡମଡ଼ା ଭଲ ସହିତ ଗୋଟିଏ ମୁଦାର ମଜିବାଗରୁ ପାଇବେ । ଅର୍ଡରଜନର ନେଲେ ନେଲେଲ ଶୋଧ ନୁହ । ଘଡ଼ିବାଳ, ବୋଗେଷିବାସ ଇଲେକ୍ଟ୍ରୋପ୍ଲେଟ ଓ୍ୱାଚ୍ ବିନା ଖର୍ଚ୍ଚରେ ପାଇବେ ।

## "ଷ୍ଟେଶନାରୀକେସ"



ଏହି କେସଟା ଖାଲିସ ମୁକ୍ତିଯେ ପାଇବୁଁ ଖାଣ୍ଟି ସୁନ୍ଦର କାଠରେ ନିର୍ମିତ (୯×୭×୪) । ସ୍ତବ ଜନର ଅତ୍ୟାବଶ୍ୟକୀୟ ନିମ୍ନଲିଖିତ ଜିନିଷମାନ ଏଥିରେ ଅଛି ।

### ମୂଲ୍ୟ ଟ ୧ ଟଙ୍କା ମାତ୍ର ।

ଏଥିରେ କଣଅଛି ଦେଖ—୧୨ ଖଣ୍ଡ ନୋଟ୍ ପେପର ୧୨ ଖଣ୍ଡ ଲଫାପା, ୧ ଦସ୍ତା କାଗଜ, ୧ ପେନ୍ ହୋଲ୍‌ଡର, ରବରଯୁକ୍ତ ୧ ଗୋଟା ପେନସିଲ, ୧ ଉତ୍ତମ (ଛୁରି) ଟଙ୍କା ୧ ପାକେଟ୍ ପିନ, ୧ପାକେଟ୍ ବ୍ଲୁ ବ୍ଲାକ୍ କାଳୀରପାଉଡର ।

ଅଧିକ ଏକ ସୁବିଧା—୧ ଷ୍ଟେସନାର କ୍ରୟକର୍ତ୍ତା ନେବା ତାଙ୍କ ନାମର ଗୋଟିଏ ରବର ଷ୍ଟାମ୍ପ (ଯାହାର ମୂଲ୍ୟ ଟ ୧ ଟଙ୍କା) ଓ ୨୧୨ ବର୍ଷର ପଞ୍ଜିକା (୧୮୭୦ ମସିହା ଠାରୁ ୨୦୮୧ ମସିହା ପର୍ଯ୍ୟନ୍ତ)

ବିନାଖର୍ଚ୍ଚରେ ପାଇବେ ।

ଇଂରାଜୀରେ ପତ୍ର ଲେଖିବ ଓ ଆପଣାର ସ୍ୱର ନାମ ଓ ଠିକଣା ସ୍ପଷ୍ଟରୂପେ ଲେଖ । ଭିପିରେ ଜିନିଷ ପଠାଯାଏ, ଖର୍ଚ୍ଚ ଅଲଗା ପଡ଼େ । ମେନେଜର—

S. FRANK & Co.,
Bowbazar U. D. Calcutta.

---

ବିଜ୍ଞାପନ ।

## ନୂତନ ପୁସ୍ତକ ।

| | | |
|---|---|---|
| ଧର୍ମପୁରାଣ | ୱା ୧ | ଟ ୦।/ |
| ଜାମବ୍ରହ୍ମଗୀତା | ୱା ୧ | ଟ ୦ / |

ଶୁକବିଳାସ ଟ ୦।√ ଡାକମାସୁଲ ସ୍ୱତନ୍ତ୍ର କଟକ ପ୍ରିଣ୍ଟିଂକମ୍ପାନୀଙ୍କ ପୁସ୍ତକ ଦୋକାନରେ ବିକ୍ରୟ ହେଉଅଛି ।

---

### ନୂତନପୁସ୍ତକ ।

ଶ୍ରୀ ବାବୁ ଦାମୋଦର ପଟ୍ଟନାୟକଙ୍କର ପ୍ରକାଶିତ ସଙ୍ଗୀତସାଗର ୭ ମ ଖଣ୍ଡ ମୁଦ୍ରିତ ହୋଇ କଟକ ପ୍ରିଣ୍ଟିଂକମ୍ପାନୀଙ୍କ ଯନ୍ତ୍ରାଳୟର ପୁସ୍ତକଦୋକାନରେ ବିକ୍ରୟ ହେଉଅଛି ।

| | |
|---|---|
| ମୂଲ୍ୟ ପ୍ରତି ଖ ୧ ଖଣ୍ଡକୁ | ଟ ୦।√ |
| ଡାକମାସୁଲ | ଟ ୦ ୯ ୬ |

---

ବିଜ୍ଞାପନ

### ଅର୍ଦ୍ଧମୂଲ୍ୟ ! ଅର୍ଦ୍ଧମୂଲ୍ୟ !!

ନୂତନ ଜିନିଷ ପାଇଁ ସ୍ଥାନ କରିବାଲାଗି ଅମ୍ଭେମାନେ ଅମ୍ଭମାନଙ୍କର ସମସ୍ତ ଓ୍ୱାଚ, କ୍ଲକ ଓ ଇତ୍ୟାଦି ଅର୍ଦ୍ଧମୂଲ୍ୟରେ ବିକ୍ରୟ କରିବୁଁ । କ୍ରୟ କରିବା ପୂର୍ବରୁ ଗ୍ରାହକମାନେ ଅମ୍ଭମାନଙ୍କ ଜିନିଷର ମୂଲ୍ୟ ଅନ୍ୟମାନଙ୍କର ଜିନିଷ ସଙ୍ଗେ ମିଶାଇ ଦେଖନ୍ତୁ ।

### "ଦ ଜମ୍ପିଙ୍ଗ୍ ଭେଲଓ୍ଭେଟ୍ କେପ୍ଟେଲେଟର ଓ୍ୱାଚ୍"।

ପ୍ରକୃତ ମୂଲ୍ୟ ଟ ୬ ଟଙ୍କା ଅର୍ଦ୍ଧ ମୂଲ୍ୟ ଟ ୩ ଟଙ୍କା ମାତ୍ର, ଏହା ସହସ୍ର ଲୋକଙ୍କ ନିମନ୍ତେ ଉଦ୍ଦିଷ୍ଟ । ଅଶାଗାର ସ୍ୱଳ୍ପ ମୂଲ୍ୟରେ ତମଚ୍ଛାର ସମସ୍ତ ରଖେ । ଗୃହ ସ୍ଥାନ, ଖୋଲା ମୁହଁ, ନିକେଲ କିମ୍ବା ଗିଲ୍ଟି ଇଲେକ୍ଟ୍ରୋପ୍ଲେଟେଡ ଖୋଲ ବ ୩ ବର୍ଷ ଗେରେଣ୍ଟି । ଅନେକ ଗୃହଦେଲେ ଏହା ସ ୩୬ ସ ପର୍ଯ୍ୟନ୍ତ ଠିକ୍ ସମସ୍ତ ରଖେ.

### "ଦ, କରେଗେକେଷନ ଓ୍ୱାଚ"

ପ୍ରକୃତ ମୂଲ୍ୟ ଟ ୯ ଟଙ୍କା, ଅର୍ଦ୍ଧ ମୂଲ୍ୟ ଟ ୪॥ ଡାୟାଲରେ "କରେଗେକେଷନ" କଥା ଲେଖା ଥିବା ଓ୍ୱାଚ୍ ଖାଣ୍ଟି ନୁହେ । ଖାଣ୍ଟି ନିକେଲ କେସ, ବିଶ୍ୱାସ ଯୋଗ୍ୟ ଚଳନ, ଗୃହସ୍ଥାନ, ଖୋଲା ମୁହଁ, ମୋଟା କଣ୍ଟା ଓ ଅଙ୍କ, ଏହା ସମ୍ପୂର୍ଣ୍ଣ ନୂତନ, ବିଶେଷରୂପେ ମଜବୁତ, ଏବଂ ଏହାର ମୂଲ୍ୟ ଅପେକ୍ଷା ୧୦ ଗୁଣ ମୂଲ୍ୟର ଓ୍ୱାଚ ପରି ଦେଖାଯାଏ ବ ୫ ବର୍ଷ ଗେରେଣ୍ଟି ।

### "ଦ, ସେକ୍‌ଣ୍ଡର ସେକେଣ୍ଡ ଓ କ୍ରୋନୋଗ୍ରାଫ ଓ୍ୱାଚ୍"

ପ୍ରକୃତ ମୂଲ୍ୟ ଟ ୧୪୯ ଅର୍ଦ୍ଧ ମୂଲ୍ୟ ଟ ୭୯ ମାତ୍ର । ଘଣ୍ଟା ଏବଂ ସେକେଣ୍ଡ ପ୍ରକାଶକ, ନେଭେଲ କେସ, ଖୋଲା ମୁହଁ, ଗୃହ ସ୍ଥାନ ବ ସ୍ୱୟଂଯୁକ୍ତ । ଏହା ବୋଷରୁ ବୋଷ ପର୍ଯ୍ୟନ୍ତ ସମସ୍ତ ରଖେ । ବ ୫ ବର୍ଷ ଗେରେଣ୍ଟି ।

* ଗିଲ୍ଟି ଚଳନ, ଉତ୍କୃଷ୍ଟରୂପେ ସମ୍ପାଦିତ ।

### "ଲେଡମାନଙ୍କର ଖାଣ୍ଟି ରୁପାର ଓ୍ୱାଚ୍"

ଖୋଲାମୁହଁ, ହଣ୍ଟିଂ ବା ହାଫ ହଣ୍ଟିଂ, ପ୍ରକୃତ ମୂଲ୍ୟ ଟ ୧୪, ଟ ୧୮, ଟ ୨୨ ସ୍ଥଳେ ଅର୍ଦ୍ଧ ମୂଲ୍ୟ ଯଥାକ୍ରମେ ଟ ୭, ଟ ୯, ଟ ୧୧ ମାତ୍ର ଅଟେ । ଉତ୍କୃଷ୍ଟରୂପେ ବଲଉଯ୍ୟାଗ କିମ୍ବା କଳସା ଖୋଲ ରୁପାର ଖୋଲ । ସୁଇସ କାରିଗରର ସର୍ବୋତ୍କୃଷ୍ଟ କାର୍ଯ୍ୟ, ଉତ୍କୃଷ୍ଟରୂପେ ସମ୍ପାଦିତ, ଦେଖିବାକୁ ବଡ଼ ସୁନ୍ଦର । ଖୁବ ଠିକ ସମସ୍ତ ରଖେ ବ ୫ ବର୍ଷ ଗେରେଣ୍ଟି ।

### "ତମଡ଼ା ସହିତ ଋଷ୍ଟ ଓ୍ୱାଚ"

ନିକେଲ ରୁପା ଏବଂ ସୁନାର କେସ୍, ପ୍ରକୃତ ମୂଲ୍ୟ ଟ ୧୩, ଟ ୧୫, ଟ ୩୬ଟଙ୍କା, ଅର୍ଦ୍ଧ ମୂଲ୍ୟ ଟ ୬॥, ଟ ୭॥, ଟ ୧୮ ଟଙ୍କା । ଏ ଗୁଡ଼ିକ ବଡ଼ ସୁନ୍ଦର ଲିଭର ଓ୍ୱାଚ, ଖୋଦିତ କିମ୍ବା ଚକଚକ ସ୍ୱାର ଖୋଲ । ସର୍ବୋତ୍କୃଷ୍ଟ କାର୍ଯ୍ୟ । ବ ୫ ବର୍ଷ ଗେରେଣ୍ଟି ।

ଦି, ଭିକ୍ଟୋରିଆ ଏଜେନ୍ସି

୨୧୭, ଅପରଚିତପୁରରୋଡ଼, ଶୋଭାବଜାର
କଲିକତା ।

Digitized by srujanika@gmail.com

## ଉତ୍କଳଦୀପିକା ।

ଆସନ୍ତା ଅର୍ଥାତ୍ ସନ ୧୯୦୫ ସାଲ ମାଇଚ ମାସର ବି, ଏ, ପରୀକ୍ଷାରେ ବ୍ୟବହାରିକ ରସାୟନ ବିଦ୍ୟାର ପରୀକ୍ଷା କେବଳ କଲିକତାରେ ନିଆଯିବ । ଯେଉଁମାନେ ରସାୟନ ବିଦ୍ୟାରେ ଅନର ପରୀକ୍ଷା ଦେବେ ସେମାନେ କଲିକତାରେ ଉପସ୍ଥିତ ହେବେ ବୋଲି ବିଶ୍ୱବିଦ୍ୟାଳୟର ରେଜିଷ୍ଟ୍ରାର ବିଜ୍ଞାପନ ଦେଇଅଛନ୍ତି ।

---

ଡୁମରାଓନର ମହାରାଜା ପୁସାର କୃଷି କଲେଜରେ ଗୋଟିଏ ବୃତ୍ତି ସ୍ଥାପନ କରିଅଛନ୍ତି । ଆଶା କରାଯାଏ ଅନ୍ୟାନ୍ୟ ଧନାଢ୍ୟ ରାଜା ଜମିଦାରମାନେ ଏହି ସଦ୍ଦୃଷ୍ଟାନ୍ତର ଅନୁଗାମୀ ହେବେ । ମାନ୍ୟବର ଲେଫ୍ଟେନେଣ୍ଟ ଗବର୍ଣ୍ଣରଙ୍କ ଇଚ୍ଛା ଯେ ବଙ୍ଗଳାର ପ୍ରତ୍ୟେକ ଜିଲ୍ଲା ବୋର୍ଡ଼ ଏପରି ଗୋଟିଏ ଲେଖାଏ ବୃତ୍ତି ସ୍ଥାପନପୂର୍ବକ କୃଷି ଶିକ୍ଷାର ଉତ୍ସାହ ଦେବେ ।

---

ପଞ୍ଜାବ ପ୍ରଦେଶାନ୍ତର୍ଗତ ଚମ୍ବା ଗୋଟିଏ ଦେଶୀୟ ରାଜ୍ୟ । ସେଠାର ରାଜା ପିୟାନୋ ନାମକ ଇଂରାଜୀ ବାଜା ଶିକ୍ଷା କରିବାକୁ ଇଚ୍ଛା କରିଥିଲେ । ମାତ୍ର କମିଶନର ସାହେବଙ୍କର ଇଚ୍ଛା ତାହା ନୁହେଁ । ତାହାଙ୍କ ମତ ଏହି କି ରାଜାଙ୍କର ଯୋଗ୍ୟ ପାଇପ ନାମକ ଏକ ପ୍ରକାର ମସକ ବାଜା ଶିଖିବା ଉଚିତ । ପିୟାନୋ ସମ୍ଭ୍ରାନ୍ତ ଇଂରାଜମାନଙ୍କର ସୌଖିନ ବାଦ୍ୟ ଯନ୍ତ୍ର । ତେଣୁ ଦେଶୀୟ ରାଜାଙ୍କ ହାତରେ ତାହାର ମହତ୍ତ୍ୱ ଯିବାର ମତେ ଜଣନ୍ତି କି ? ପୁଣି ବାଜା ବଜାଇବାରେ ମଧ୍ୟ କି ଦେଶୀୟ ରାଜାଙ୍କର ସ୍ୱାଧୀନତା ନାହିଁ ?

---

ଅମ୍ଭେମାନେ ଆନନ୍ଦସହିତ ଅବଗତ ହେଲୁଁ ଯେ ବର୍ତ୍ତମାନ ସରକାର ବିବେଚନାରେ ଯେଉଁ ଗୁରୁତର ଅଭିଯୋଗର ଅନୁସନ୍ଧାନ ହୋଇଥିଲା କମିଶନର ସାହେବଙ୍କର ଇନ୍ସପେକ୍ସନରେ ହୋଇଥିଲା ତାହା ସାହେବ ମତେ ଦସ୍ୟୁଙ୍କର ବିବେଚନାରେ ପ୍ରମାଣ ହେଲା ନାହିଁ ଏବଂ ରାଜା ତହିଁରୁ ଅବ୍ୟାହତି ପାଇଅଛନ୍ତି । ଶିକ୍ଷକ ଏବଂ ସରକାର୍ଯ୍ୟ ଶିକ୍ଷା ନିମନ୍ତେ ରାଜା ବହୁକାଳ ସଂସ୍ଥରେ ରହିବାର ଅନୁମତି ପାଇଅଛନ୍ତି ଏବଂ ଆଶା କରୁଁ ତାହାଙ୍କର ସୁବିଧା ଲାଭ କରିବାର ଉପଯୁକ୍ତ ବନ୍ଦୋବସ୍ତ ହୋଇଅଛି ।

---

ଗତ ତା ୩ ରିଖରେ ଶେଷ ହେବା ସପ୍ତାହରେ ଭାରତରେ ପ୍ଲେଗ ରୋଗରେ ୮,୩୦୪ ମୃତ୍ୟୁ ହୋଇଥିଲା । ତହିଁ ପୂର୍ବ ସପ୍ତାହର ମୃତ୍ୟୁ ୭,୩୯୮ ଥିଲା । ସୁତରାଂ ୯୦୬ ବୃଦ୍ଧି ହୋଇଅଛି । ତହିଁମଧ୍ୟରେ ଏକା ବମ୍ବେର ମୃତ୍ୟୁ ୩,୮୧୦ ଠାରୁ ୪,୯୦୦କୁ ଅର୍ଥାତ୍ ୧,୦୯୦ ବଢ଼ିଅଛି ଏବଂ ମାନ୍ଦ୍ରାଜରେ ୧୨୧, ହାଇଦରାବାଦରେ ୧୮୪, ମଧ୍ୟଭାରତରେ ୧୫୮, ମଧ୍ୟପ୍ରଦେଶରେ ୧୦୧ ଏବଂ ମହୀଶୂରରେ ୭୮ ବୃଦ୍ଧି ହୋଇଅଛି । ବଙ୍ଗ ଓ ଯୁକ୍ତପ୍ରଦେଶର ମୃତ୍ୟୁ ମଧ୍ୟ ୩୩୮ ଓ ୩୭୧ରୁ ଯଥାକ୍ରମେ ୩୫୦ ଓ ୩୯୫ କୁ ବଢ଼ିଅଛି । ଅନ୍ୟାନ୍ୟ ପ୍ରଦେଶର ଅଙ୍କ ଏକଶତରୁ ଊଣା ଅଟେ ।

---

ସଞ୍ଜୀବନୀରୁ ଅବଗତ ହେଲୁଁ କି ଉତ୍ତର ପଶ୍ଚିମ ପ୍ରଦେଶର ବୈଶ୍ୟ ସମ୍ପ୍ରଦାୟ ଶୀଘ୍ର ବଡ଼ଲମ ନାମକ ଏକ ବ୍ୟକ୍ତିଙ୍କୁ ରେଶମର କାର୍ଯ୍ୟ ଶିକ୍ଷା କରିବା ନିମନ୍ତେ ଯାପାନକୁ ପଠାଇଥିଲେ । ସେ ଜାପାନରେ ବର୍ଷେ ରହି ରେଶମର କାର୍ଯ୍ୟ-ପ୍ରଣାଳୀ ଉତ୍ତମରୂପେ ଶିକ୍ଷା କରି ସ୍ୱଦେଶକୁ ଫେରି ଆସିଅଛନ୍ତି ଏବଂ ଏଥି ମଧ୍ୟରେ ୧୦ ଲକ୍ଷ ଟଙ୍କା ମୂଳଧନରେ କାଶୀଠାରେ ଗୋଟିଏ ରେଶମର କାରଖାନା ପିଟାଇବା କାରଣ ବୈଶ୍ୟମାନେ ସଙ୍କଳ୍ପ କରିଅଛନ୍ତି । ଶୀଘ୍ର କାଶୀରେ ବୈଶ୍ୟ ସମିତିର ଏକ ଅଧିବେଶନ ହେବ । ଏହାର ପଶ୍ଚିମର ବୈଶ୍ୟ ଜାତିର ସଜୀବତାର ଉଜ୍ଜ୍ୱଳ ପ୍ରମାଣ ଅଟେ ।

---

ଗତ ମାସ ତା ୨୭ ରିଖରେ ଶେଷ ହେବ ସାପ୍ତାହିକ ଫସଲ ରିପୋର୍ଟରୁ ପ୍ରକାଶ ଯେ ପଞ୍ଜାବ ପ୍ରଦେଶର ଅଧିକାଂଶ ଜିଲ୍ଲା ମଧ୍ୟ ପ୍ରଦେଶର କଟନି, ନିମାରଢା ଓ ସମସ୍ତ ବମ୍ବେର ଜିଲ୍ଲାମାନ ଏବଂ ବମ୍ବେଇ ପ୍ରଦେଶର ଗୁଜରାଟ, ଖାନ୍ଦେଶ, ଅହମଦନଗର, ପୁନା ପ୍ରଭୃତି ଜିଲ୍ଲାମାନଙ୍କରେ ଏ ପର୍ଯ୍ୟନ୍ତ ଯଥୋଚିତ ବୃଷ୍ଟି ନ ହେବାରୁ ଫସଲର ଅବସ୍ଥା ବଡ଼ ଶୋଚନୀୟ ହୋଇଅଛି ଏବଂ ଜଣାଯାଉଅଛି ଯେ ଆଉ ଦଶ ଦିନ ମଧ୍ୟରେ ପ୍ରଚୁର ଜଳ ନ ବର୍ଷିଲେ ଫସଲର ଆଶା ଏକାବେଳେ ଲୋପ ଏବଂ ଦୁର୍ଭିକ୍ଷ ଉପସ୍ଥିତ ହେବ । କୃଷକମାନେ ଅତି ଦୁଃଖରେ ଆକାଶକୁ ଚାହିଁ ବସିଅଛନ୍ତି ଏବଂ ଜଳର ଅଭାବରୁ ଶୁଖି ଯାଉଅଛି ।

---

ଇଣ୍ଡିଆ ଗବର୍ଣ୍ଣମେଣ୍ଟ ସିସ୍ତାନକୁ ସୀମା ନିର୍ଦ୍ଦିଷ୍ଟ ସମିତି ଏବଂ କାବୁଲକୁ ସନ୍ଧି ସ୍ଥାପନ ସମିତି ପଠାଇଲା ଉତ୍ତାରୁ ବର୍ତ୍ତମାନ ଦକ୍ଷିଣ ପାରସ୍ୟକୁ ଏକ ବାଣିଜ୍ୟ ସମିତି ପଠାଇବାର ସ୍ଥିର କରିଅଛନ୍ତି । ସେହି ସମିତି ଚଳିତ ମାସରେ ସେଠାକୁ ଯାତ୍ରା କରିବେ ଏବଂ ଭାରତର ଉତ୍ତର ପ୍ରଦେଶର ବଣିକ ସଙ୍ଘର ପ୍ରତିନିଧିମାନଙ୍କଦ୍ୱାରା ସେହି ସମିତି ଗଠିତ ହେବ । ବାଣିଜ୍ୟ ବିସ୍ତାର ଏହି ସମିତି ପଠାଇବାର ଅଭିପ୍ରାୟ ଅଟେ । ଗବର୍ଣ୍ଣମେଣ୍ଟଙ୍କ ସାହାଯ୍ୟରେ ଯେତେବେଳେ ଏହି ବଣିକଦଳ ପ୍ରେରିତ ହେଉଅଛି ସେତେବେଳେ ସେମାନଙ୍କର ସୁରକ୍ଷା ସମ୍ବନ୍ଧେ ସୈନିକ ସାହାଯ୍ୟ ସଙ୍ଗେ ଯିବା ଆଶ୍ଚର୍ଯ୍ୟ ନୁହେଁ । ଫଳରେ ଏହା ଗୋଟିଏ ଅଭିଯାନ ନ ହେଲେ ରକ୍ଷା ।

---

କେନ୍ଦ୍ରାପଡ଼ାର ପ୍ରସିଦ୍ଧ ଭୂମରବର ପ୍ରଭୃତିମାନଙ୍କର ସମ୍ପତ୍ତି ହିଫାଜତ୍‌ର ଭାର ଜଜ୍‌ସାହେବଙ୍କର ଆଦେଶମତେ ଭିଙ୍ଗାରପୁରର କମନମେନେଜରଙ୍କୁ ଅର୍ପିତ ହୋଇଥିଲା । ଏଥିରୁ ଭିଙ୍ଗାରପୁରର ଜମିଦାରମାନେ ଭୂମରବର ପ୍ରଭୃତିଙ୍କର ଜଣେ ପ୍ରଧାନ ମହାଜନ ଅଟନ୍ତି । ସାହୁ ଓ ଖାତକ ଉଭୟଙ୍କର ସମ୍ପତ୍ତି ରକ୍ଷଣାବେକ୍ଷଣର ଭାର ଏକ ମେନେଜରଠାରେ ରହିବା ଅସଙ୍ଗତ ବିବେଚିତ ହେବାରୁ ଜଜ୍‌ସାହେବ ସେହି ଭାର ଭିଙ୍ଗାରପୁରର ମେନେଜରଙ୍କଠାରୁ ଉଠାଇ ନେଇ ବାବୁ ଧନଞ୍ଜୟ ବାନାର୍ଜୀଙ୍କୁ କେନ୍ଦ୍ରାପଡ଼ାର କମନମ୍ୟାନେଜର ନିଯୁକ୍ତ କରି ତାହାଙ୍କୁ ଅର୍ପଣ କରିଅଛନ୍ତି । ଏ ବନ୍ଦୋବସ୍ତ ଭଲ ହୋଇଅଛି ।

---

କାବୁଲର ଅମୀର ଗୋଟିଏ ଉତ୍ତମ ସଂସ୍କାର ପ୍ରଚଳନ କରାଇଅଛନ୍ତି । ସେ ଆଦେଶ ପ୍ରଚାର କରିଅଛନ୍ତି କି ତାହାଙ୍କ ରାଜ୍ୟରେ ସରକାରୀ କାର୍ଯ୍ୟ ପାଇବା ବ୍ୟକ୍ତିମାନଙ୍କର ବିଦ୍ୟା ଶିକ୍ଷାର ଯୋଗ୍ୟତା ସର୍ବୋପରି ଦେଖିବାକୁ ହେବ । ସୁଶିକ୍ଷିତ ଯୋଗ୍ୟ ବ୍ୟକ୍ତିମାନେ ସରକାରୀ କାର୍ଯ୍ୟରେ ରହିବା କେମନ୍ତ ହିତକର ତାହା ସେ ସ୍ୱରାଜ୍ୟର ସମ୍ଭ୍ରାନ୍ତ ବ୍ୟକ୍ତି ଏବଂ ସରଦାରମାନଙ୍କୁ ବିଶେଷରୂପେ ବୁଝାଇ ଦେଇଅଛନ୍ତି । ଅବଶ୍ୟ ଏଥି ସଙ୍ଗେ ଅମୀର ଶିକ୍ଷା ଦାନର ବନ୍ଦୋବସ୍ତ କରୁଅଛନ୍ତି । ଏଣିକି କୌଣସି ରାଜ୍ୟରେ ସରକାରୀ ଚାକିରୀକୁ କେବଳ ପୈତୃକ ବୃତ୍ତି ଜ୍ଞାନ କଲେ ଚଳିବ ନାହିଁ । ପରୀକ୍ଷା ଦ୍ୱାରା ଯୋଗ୍ୟତା ଦେଖାଇବା ଆବଶ୍ୟକ । ଭାରତବର୍ଷର ଦେଶୀୟ ସକଳ ରାଜ୍ୟରେ ଏହି ନୀତି ପ୍ରଚଳିତ ହେଲେ ବଡ଼ ସୁଖର କଥା ହେବ ।

---

ଗତ ରବିବାର ସନ୍ଧ୍ୟା ସମୟରେ ଏ ନଗରର ବାବୁ ଗୋକୁଳାନନ୍ଦ ଚୌଧୁରୀ ଉକିଲଙ୍କ ଘରଠାରେ ଜିଲ୍ଲାର ଶରସ୍ଥାୟୀ ନିବାସୀ ପଣ୍ଡିତ ଦାଲପୁର ନମ୍ର ଓ ଉଚ୍ଚ ଉପାଧ୍ୟାୟଙ୍କର

ଗୋଟିଏ ସଭା ହୋଇଥିଲା । ଚୌଧୁରୀ ମହାଶୟ ସେହି ସଭାର ସଭାପତି ଅଟନ୍ତି । ସେ କାର୍ଯ୍ୟାରମ୍ଭ କରି ସରକାରୀ ଚାକିରୀ ପାଇବା ସମ୍ବନ୍ଧରେ ଉତ୍କଳୀୟମାନଙ୍କର ଦୁଃଖ ପ୍ରକାଶ କଲେ ଏବଂ କେତୋଟି ଉଦାହରଣ ଦେଖାଇଲେ ଯହିଁରେ କି ଉତ୍କଳବାସିଙ୍କର ଦାବୀ ଅସଙ୍ଗତରୂପେ ଉପେକ୍ଷିତ ହୋଇଅଛି । ଅନେକ ତର୍କ ବିତର୍କ ଉତ୍ତାରୁ [illegible] ଏଥିର ଆଲୋଚନା ହେବାର ସ୍ଥିର ହୋଇ ସଭା ଭଙ୍ଗ ହୋଇଥିଲା । ଏ ଅଭିଯୋଗର ଯଥେଷ୍ଟ କାରଣ ଅଛି ସନ୍ଦେହ ନାହିଁ ଏବଂ ତାହା ସଭ୍ୟମାନେ ଗବର୍ଣ୍ଣମେଣ୍ଟଙ୍କୁ ଜଣାଇବା କର୍ତ୍ତବ୍ୟ ଅଟେ ।

—•—

ଲଣ୍ଡନ ଟାଇମସ୍ ଲେଖିଅଛନ୍ତି ଯେ ସେ ରାଜ୍ୟରେ ଭିକ୍ଷାପ୍ରିୟ ଧର୍ମଶୀଳ ଲୋକେ ଶ୍ରେଷ୍ଠ-ଯାଇ ନବାବ ହୋଇପାରିବାର ଉପାୟ ଥିବା-ସ୍ଥଳେ ଭାରତରୁ ଅନେକ ଅନ୍ଧ ଓ ପଙ୍ଗୁ ପ୍ରଭୃତି ଯାଇ ସେଠାରେ ଭିକ୍ଷାବୃତ୍ତି ଅବଲମ୍ବନ କରୁଥିବାର ଦେଖାଯାଏ । ସେ ଦେଶରେ ଅନ୍ଧ ପଙ୍ଗୁ ପ୍ରଭୃତି ଭିକ୍ଷୁକଙ୍କର ଅଭାବ ନାହିଁ । ସୁତରାଂ ଏମାନେ ଯେପରି ସେଠାକୁ ଯାଇ ନ ପାରନ୍ତି ସେ ବିଷୟରେ ନଜର ଦେବା ଉଚିତ ବୋଲି ଉକ୍ତ ପତ୍ରିକା ଲେଖିଅଛନ୍ତି । ତହିଁରେ ଆହୁରି ମଧ୍ୟ ଲେଖାଅଛି ଯେ ବୃଟିଶ ରାଜ୍ୟର ଧନର କଥା ଶୁଣି ଭିକ୍ଷାପ୍ରିୟ ଭିକ୍ଷୁକମାନେ ଲୋଭରେ ସେଠାକୁ ଯାଉଅଛନ୍ତି ଯେ କିଛିକାଳ ଭିକ୍ଷାବୃତ୍ତିଦ୍ୱାରା ଧନାର୍ଜନ କରି ଫେରି ଆସିବେ, ଏଥିରେ ସତ୍ୟ କି ଅଛି ଆମ୍ଭେମାନେ ବୁଝିପାରୁ ନାହୁଁ ! ଯେତେବେଳେ ଭିକ୍ଷା ମିଳିବ ଭିକ୍ଷୁକଙ୍କର ଅଭାବ ହେବ ନାହିଁ ଏବଂ ଅନ୍ଧ ଓ ପଙ୍ଗୁମାନେ ଭିକ୍ଷା ପାଇବାର ଉପଯୁକ୍ତ ପାତ୍ର । ଭିକ୍ଷା ବନ୍ଦ ହେଲେ ସେମାନେ ଆପେ ବାହୁଡ଼ି ଆସିବେ ।

———

ସୁରଙ୍ଗୀରୁ ଯେଉଁ ସାପ୍ତାହିକ ସମ୍ବାଦପତ୍ର ବାହାରିବାର କଥା ଥିଲା ତାହା ଗତମାସର ତା ୭ ରିଖରୁ ବାହାରିବାର ଆରମ୍ଭ ହୋଇଅଛି ଏବଂ ସେହି ପ୍ରଥମ ସଂଖ୍ୟାର ଏକଖଣ୍ଡ ଆମ୍ଭେମାନେ ଉପହାର ପାଇବାର କୃତଜ୍ଞତା ସହିତ ସ୍ୱୀକାର କରୁଅଛୁଁ । ଏହାର ହେଲେବି ଠିକ 'ପ୍ରଜାବନ୍ଧୁ' ପରି ଅଟେ, ଉଦ୍ଦେଶ୍ୟ ଓ ବିଷୟରେ ବିଶେଷ ପ୍ରଭେଦ ନାହିଁ ଏବଂ ବାର୍ଷିକ ଅଗ୍ରୀମ ମୂଲ୍ୟ ମଧ୍ୟ ସେହିପରି ଟ ୧୷ ଙ୍କା ମାତ୍ର ଯେଉଁମାନେ ଚଳିତମାସ ତା ୩୦ ରିଖ ମଧ୍ୟରେ ଅଗ୍ରୀମ ଏକଟଙ୍କା ଦେବେ ସେମାନେ ସେହି-ଦରରେ ଏକବର୍ଷ ପାଇପାରିବେ । ସୁରଙ୍ଗୀ ରାଜାଙ୍କର ବ୍ୟୟରେ ଏହା ପ୍ରକାଶ ହେଉଥିବାରୁ ଗ୍ରାହକବର୍ଗଙ୍କ ଅନୁକୂଲ୍ୟ ଉପରେ ଏହାର ସ୍ଥାୟିତ୍ୱ ନିର୍ଭର କରୁ ନାହିଁ । ତଥାପି ଗ୍ରାହକ ଏହାର ପୁଷ୍ଟି ହୋଇପାରିବ । ଗଞ୍ଜାମଜିଲ୍ଲାରେ ଆଦୌ ଉତ୍କଳ ସମ୍ବାଦପତ୍ର ନ ଥିଲା । ଅଳ୍ପକାଳରେ ତିନିଖଣ୍ଡ ପତ୍ରିକା ବାହାରିବା ସୁଖର ବିଷୟ ଅଟେ । ଏ ସମସ୍ତଦ୍ୱାରା ସେ ଅଞ୍ଚଳରେ ଉତ୍କଳଭାଷା ଅନେକ ପରିମାଣରେ ପ୍ରସାର ଏବଂ ବିଶୁଦ୍ଧ ହେବାର ଆଶା କରାଯାଏ ।

— —

ଶ୍ରୀଯୁକ୍ତ ଶ୍ରୀବତ୍ସପଣ୍ଡା ବି, ଏ, ନିଜ ବ୍ୟୟରେ ସ୍ୱଜାତୀୟ ଏକ ବିଧବାର ବିବାହ ଦେବାକୁ ଯତ୍ନ କରୁଥିବାର ଅବଗତ ହୋଇ 'ସମ୍ବଲପୁର ହିତୈଷିଣୀ' ଲେଖିଅଛନ୍ତି କି ଶିକ୍ଷିତ ସମାଜ ବିଧବା ବିବାହର ଆବଶ୍ୟକତା ଅନୁଭବ କରୁ-ପାରନ୍ତି ମାତ୍ର ଅଶିକ୍ଷିତ ବା ଅର୍ଦ୍ଧଶିକ୍ଷିତ ବୃହତ୍ତର ବ୍ରାହ୍ମଣ ସମାଜ ଏଥିରେ ସମ୍ମତ ହେବାର ଆଶା କରାଯାଇ ନ ପାରେ । ସେମାନଙ୍କୁ ପ୍ରଥମେ ବୁଝାଇ ସମ୍ମତରେ ଆଣିବା ଆବଶ୍ୟକ । ଆମ୍ଭେମାନେ ମନେ କରୁଁ କି ଶିକ୍ଷିତଦଳ ସମାଜର ନେତା ଅଟନ୍ତି । ସେମାନେ ଯାହା ଏକମେଳରେ କରିବେ ସମାଜରେ କ୍ରମେ ତାହା ଚଳିଯିବ । ଅଶିକ୍ଷିତ ଲୋକଙ୍କୁ ପ୍ରସ୍ତୁତ କରିବା ପର୍ଯ୍ୟନ୍ତ ରହିଲେ ବହୁକାଳରେ ତାହା ସାଧନ ହେବା କଠିନ । ପରନ୍ତୁ ବାଲ୍ୟବିବାହ ନିବାରଣ ଏବଂ ସ୍ତ୍ରୀଶିକ୍ଷା ବିସ୍ତାର ସଙ୍ଗେ ବିସ୍ତୃତ ହେଲେ ବିଧବାବିବାହକୁ ସାମାଜ୍ୟ ସ୍ଥାର ବୋଲିବାକୁ ହେବ ଏବଂ ତାହା ଗଛର ମୂଳ ଗୁଡ଼ି ଅଗରେ ଜଳ ଦେଲା ପ୍ରାୟ ଅଟେ । ବିଧବାବିବାହ 'ଅବସ୍ଥା' ବିଶେଷରେ ଅନୁମୋଦିତ ଏବଂ ତାହା ସ୍ୱେଚ୍ଛାଧୀନ ହେବା ଉଚିତ । ମାତ୍ର ବାଲ୍ୟବିବାହ ନିବାରଣରେ ବିଧବାର ସଂଖ୍ୟା ବିଶେଷ ଊଣା ପଡ଼ିବ ଏବଂ ସ୍ତ୍ରୀଶିକ୍ଷାଦ୍ୱାରା ସ୍ତ୍ରୀମାନେ ସୁମାର୍ଜ୍ଜିତ ଓ ସ୍ୱାବଲମ୍ବନରେ ଅଭ୍ୟସ୍ତ ହୋଇଥିଲେ ଅସମୟରେ ବୈଧବ୍ୟଦଶା ଘଟିଲେ ଚତୁର୍ଦ୍ଦିଗ ଅନ୍ଧକାର ଦେଖି ଅନ୍ୟାୟପଥ ଲୋଭିବା ବା କୁପଥଗାମିନୀ ହେବାକୁ ବାଧ୍ୟ ହେବେ ନାହିଁ ।

———

ଶିଳ୍ପ ଓ ବାଣିଜ୍ୟ ଶିକ୍ଷା ସମ୍ବନ୍ଧରେ ଗତ ଫେବ୍ରୁଆରୀ ମାସରୁ କଲିକତାରେ ଯେଉଁ ଉଦ୍ୟମ ଲାଗିଅଛି ଏବଂ ଯହିଁ ନିମନ୍ତେ ବଙ୍ଗଳାର ନାନା ସ୍ଥାନରେ ସମିତିମାନ ଗଠିତ ହେଉଅଛି ତହିଁର ଗୋଟିଏ ପ୍ରଧାନ ବା କେନ୍ଦ୍ର ସଭା କଲିକ-ତାରେ ସ୍ଥାପନ ନିମନ୍ତେ ଗତ ଶନିବାର କଲି-କତାର ଟାଉନ ହଲ ଗୃହରେ ଏକ ସଭା ହୋଇଥିଲା ଏବଂ ମୋଫସଲର କେତେକ ଜିଲ୍ଲାରୁ ପ୍ରତିନିଧିମାନେ ତହିଁରେ ଯୋଗଦେବାକୁ ଆସିଥିଲେ । ବାବୁ ନରେନ୍ଦ୍ରନାଥ ସେନ ସଭା-ପତିର ଆସନ ଗ୍ରହଣ କରିଥିଲେ । ସଭାସ୍ଥାପନ ଏବଂ କାର୍ଯ୍ୟନିର୍ବାହ କମିଟି ଗଠନ ଓ ସଭ୍ୟପଦ ପ୍ରଭୃତି କର୍ମଗୁଡ଼ିକ ନିୟୋଗ ବିଷୟକ ପ୍ରସ୍ତାବମାନ ବିଧିମତେ ଧାର୍ଯ୍ୟ ହେଲା ଉତ୍ତାରୁ ସଭାପତି ମହା-ଶୟ ଯେଉଁ ବକ୍ତୃତା ପ୍ରଦାନ କରିଥିଲେ ତହିଁରୁ ଜଣାଗଲା ଯେ ଏଥିମଧ୍ୟରେ ବିଦେଶକୁ ଶିଳ୍ପ ବାଣିଜ୍ୟ ଶିକ୍ଷା ଲାଗି ନିମନ୍ତେ ଜଣ ବନ୍ଧୁ ଲୋକଙ୍କଠାରୁ ମାସିକ ଟ ୧୦୦୦ ଙ୍କା ଲେଖାଏଁ ଦଶଟି ବୃତ୍ତି ଏବଂ ମାସିକ ଟ ୫୦୦ ଙ୍କା ଲେଖାଏ ନଅଟି ବୃତ୍ତିର ଅଙ୍ଗୀକାର ସଭା ପାଇଅଛନ୍ତି । ଅଳ୍ପ ଦିନର ଉଦ୍ୟମ ଦୃଷ୍ଟିରେ ଏହା ଅତ୍ୟନ୍ତ ଆଶାପ୍ରଦ ଅଟେ ଏବଂ ଏଥିରୁ ସଭା ପ୍ରତି ଲୋକ-ଙ୍କର ବିଶେଷ ସହାନୁଭୂତି ଥିବାର ସ୍ପଷ୍ଟ ଜଣା ଯାଉଅଛି । କୁଚବିହାରର ମହାରାଜା ପ୍ରଭୃତିଙ୍କ ସହିତ ମୟୂରଭଞ୍ଜର ମହାରାଜା ଏହି ସଭାର ଟ୍ରଷ୍ଟି ପଦରେ ମନୋନୀତ ହେବାର ଦେଖି ଆନନ୍ଦିତ ହେଲୁଁ । ସଭାର କାର୍ଯ୍ୟ ଶେଷ ପରେ ସନ୍ଧ୍ୟାଠାରୁ ରାତ୍ର ଘ ୮ଟା ପର୍ଯ୍ୟନ୍ତ ମୋଫସ-ଲରୁ ଏ ସଭାରେ ଯୋଗ ଦେବାକୁ ଆସିଥିବା ପ୍ରତିନିଧିମାନଙ୍କର ଅଭ୍ୟର୍ଥନା ହୋଇଥିଲା ଏବଂ ସେମାନଙ୍କର ଆମୋଦପ୍ରମୋଦର ସୁନ୍ଦର ବନ୍ଦୋ-ବସ୍ତ ହୋଇଥିଲା । ଆମ୍ଭେମାନେ ଏ ସଭାର ମଙ୍ଗଳ କାମନା କରୁଅଛୁଁ ।

## ତିବ୍ବତଯୁଦ୍ଧ ।

ଦଲାଇଲାମାର ଅନୁପସ୍ଥିତରେ ସନ୍ଧିର ପ୍ରସ୍ତାବ ଚାଲିଅଛି । ବ୍ରିଟିଶ ପକ୍ଷରୁ ଯେଉଁ ସନ୍ଧି ସର୍ତ୍ତର ଖସଡ଼ା ହୋଇଅଛି ଦୁଇଗୋଟି ଦଫାରେ ତିବ୍ବ-ତୀୟମାନେ ସମ୍ମତ ହୋଇ ଖତ ପୂରଣ ଦେବାକୁ ରାଜି ନାହାନ୍ତି । ପ୍ରତିନିଧିମାନଙ୍କ ମଧ୍ୟରୁ ଟାଲି-ମାନଙ୍କୁ କଏଦ କରା ହୋଇଅଛି, ମାତ୍ର ତହିଁର କାରଣ ପ୍ରକାଶ ପାଇ ନାହିଁ । ପ୍ରତି ସପ୍ତାହରେ ଗୋଟିଏ ଅଦ୍ଭୁତ ଅଥଚ ଅପ୍ରୀତିକର କଥା ଶୁଣା ଯାଉଅଛି ବଡ଼ ଦୁଃଖର କଥା । ଜନରବ ଉଠିଅଛି ଯେ ବ୍ରିଟିଶ ସୈନ୍ୟମାନେ ଲାସାରେ ବୌଦ୍ଧମଠରେ ପଶି ଲୁଟ ଆରମ୍ଭ କରିଅଛନ୍ତି । କଥାଟି ସତ୍ୟ ହେଲେ ଏହା ଇଂରେଜଙ୍କ ପକ୍ଷ କଳଙ୍କର କଥା ! ବର୍ତ୍ତମାନ ଲାସା ନଗରରେ ଖୁବ ବୃଷ୍ଟି ହେଉଅଛି ଓ ଭାରି ବରଫ ପଡ଼ୁ-ଅଛି ଓ ବାଟ ଘାଟ ଅଗମ୍ୟ ହେଉଅଛି । ଅତ-ଏବ ଶୀଘ୍ର ପ୍ରତ୍ୟାଗମନ ନ କଲେ ବଡ଼ କଷ୍ଟ ହେବାର ଆଶଙ୍କା ଅଛି ।

———

## ରୁଷ ଜାପାନ ଯୁଦ୍ଧ ।

ଜାପାନମାନେ ପୋର୍ଟଆର୍ଥର ପ୍ରତି ଆଉ ଅଧିକ ତଡ଼ାକୁ କରିବାରୁ ରୁଷସେନାପତି ଷ୍ଟୋ-

Split by PDF Splitter
Digitized by srujanika@gmail.com

Split by PDF Splitter



ପର୍ବତଦ୍ୱାରା ସଂରକ୍ଷିତ ଲିୟାୟୁଙ୍ଗ ବନ୍ଦରକୁ ଆକ୍ରମଣ ଆରମ୍ଭ କରିଥିଲେ । ଗତ ତା ୧ ରିଖରେ ସମ୍ବାଦ ଆସିଲା ଯେ ଲିୟାୟୁଙ୍ଗର ଦକ୍ଷିଣ ତରଫର ରକ୍ଷକ ରୁଷମାନେ ପଛଘୁଞ୍ଚା ଦେଇଥିଲେ ଓ ଜାପାନମାନେ ପଛରେ ଗୋଡାଇଥିଲେ । ଜାପାନ ସେନାପତି କୁରୋକି ନୌକା ଯୋଗଦ୍ୱାରା ସସୈନ୍ୟ ତାଇସିକଣାକୁ ପାରହୋଇଥିଲେ ।

ଗତ ତା ୩୦ ରିଖରେ ମୁକଡେନଠାରୁ ତାରସମ୍ବାଦ ଆସିଥିଲା ଯେ ଜାପାନମାନେ ଦଶ ସହସ୍ର ସେନାସହ ଉତ୍ତର ପୂର୍ବଦିଗକୁ ଅଗ୍ରସର ହେଉଥିଲେ ।

ଚଳିତମାସ ତା ୨ ରିଖରେ ଟୋକିଓଠାରୁ ରଏଟର ସମ୍ବାଦ ପଠାଇଥିଲେ ଯେ ଜାପାନ ସେନାପତି ଓକୁରସୈନ୍ୟମାନେ ରୁଷମାନଙ୍କୁ ତଡିଦେଇଥିଲେ, ରୁଷପକ୍ଷର ଓୟାମା ରିପୋର୍ଟ ପଠାଇଥିଲେ ଯେ ସେମାନଙ୍କର କ୍ଷତି ବିଶେଷ ହୋଇଅଛି । ମୁକଡେନଠାରୁ ସମ୍ବାଦ ଆସିଲା ଯେ ଲିୟାୟୁଙ୍ଗକୁ ଗତାୟାତର ରେଲ ବନ୍ଦ ହୋଇଅଛି ଓ ସମ୍ବାଦ ଅଗମ୍ୟ ହୋଇଅଛି । ଲିୟାୟୁଙ୍ଗ ଅଗ୍ନିମୟ ହେବାର କଥିତହୁଏ । ରୁଷମାନେ ମଧ୍ୟସ୍ଥଳରୁ ତାଡିତ ହେବାରୁ ଉତ୍ତରଦିଗରେ ତାଇସିକଣା ପାରହେବାକୁ ବାଧ୍ୟ ହୋଇଥିଲେ । ଏଥିରେ ରୁଷମାନେ ଲଣ୍ଡଭଣ୍ଡ ହୋଇଥିଲେ । ଜାପାନମାନେ ରୁଷଙ୍କ କେତେକ ତୋପ ଅଧିକାର କରି ସେହିମାନଙ୍କ ବିରୁଦ୍ଧରେ ତୋପ ବସାଇଥିଲେ । ତାଇସିକଣା ବୃଦ୍ଧି ହୋଇଥିବା ଦେଖି ରୁଷମାନଙ୍କୁ ବିଷମ ପଡିଅଛି ମଧ୍ୟ ଜାପାନ ସେନାପତି ଓକୁ ସମସ୍ତ ଉଣ୍ଡି ରୁଷମାନଙ୍କୁ ନଦୀମଧ୍ୟକୁ ତଡୁଅଛନ୍ତି ଓ ଅନେକେ ଜଳମଗ୍ନ ହେଉଅଛନ୍ତି ।

ତା ୩ ରିଖ ପ୍ରାତଃକାଳରେ ସରକାରି ସମ୍ବାଦ ଆସିଲା ଯେ ପ୍ରାତଃ ୬ଅଘଣ୍ଟା ସମୟରେ କେତେକ ଅବଶିଷ୍ଟ ରୁଷସୈନ୍ୟ ଲିୟାୟୁଙ୍ଗର ପଶ୍ଚାଦ୍ଦେଶରେ ବାଧା ପ୍ରଦାନ କରୁଥିଲେ, ଜେନେରଲ କୁରୁପାଟକିନର ଅଧିକାଂଶ ସୈନ୍ୟ ପାରହୋଇ ଯାଇଥିଲେ । ଜେନେରଲ କୁରୋକି ୟେନ୍ତାଇ ରେଲଓଏ ପର୍ଯ୍ୟନ୍ତ ଅନେକ ସ୍ଥାନ ଅଧିକାର କରିଥିଲେ ।

ସେଣ୍ଟପିଟର୍ସବର୍ଗଠାରୁ ରଏଟର ତାରସମ୍ବାଦ ଦେଇଥିଲେ ଯେ ରୁଷମାନେ ଲିୟାୟୁଙ୍ଗ ପରିତ୍ୟାଗ କରିଅଛନ୍ତି ବର୍ତ୍ତମାନ ଜାପାନମାନେ ଉକ୍ତସ୍ଥାନ ଦଖଲ କରିଅଛନ୍ତି । ରୁଷମାନେ ବର୍ତ୍ତମାନ ମୁକଡେନଠାରେ ଏକତ୍ରିତ ହେଉଅଛନ୍ତି । ଟୋକିଓଠାରୁ ରଏଟର ତାରସମ୍ବାଦ ପଠାଇଥିଲେ ଯେ ଜାପାନମାନେ ଗତ ତା ୪ ରିଖ ପ୍ରାତଃ ଘ ୫ ଟା ସମୟରେ ଲିୟାୟୁଙ୍ଗ ଅଧିକାର କଲେ ।

ରୁଷପକ୍ଷର ଜେନେରଲ ଓର୍ଲଫ ୟାଣ୍ଟାଇ କଇଲାଖଣି ରକ୍ଷା କରୁଥିଲେ ସେ ଜାପାନ ସେନା ବନ୍ଧୁକରେ ଅଗ୍ରସର ହୋଇ ଅବଶେଷରେ ପଶ୍ଚାତ୍ପଦ ହୋଇଥିଲେ ଓ ଆହତ ହୋଇଥିଲେ । ଅନ୍ୟ ଏକ ଜେନେରଲ ଷ୍ଟାକେଲବର୍ଗ ଯେ ୬ ସାଇବେରିୟାର ସେନା ନେଇ ପାଞ୍ଚଦିନ କାଳପର୍ଯ୍ୟନ୍ତ ଯୁଦ୍ଧ କରୁଥିଲେ ଜେନେରଲ ଓର୍ଲଫକୁ ରକ୍ଷାକରିବାନିମନ୍ତେ, ଅଗ୍ରସର ହୋଇଥିଲେ । ଜେନେରଲ ସାଖାରୋଫ ଅନୁମାନ କରିଅଛନ୍ତି ଗତ ତା ୩୧ ରିଖ ଓ ତା ୧ ରିଖ ମଧ୍ୟରେ ପ୍ରାୟ ସାତସହସ୍ର ରୁଷ ସୈନ୍ୟର ଓ ତା ୨ରିଖରେ ତିନସହସ୍ର ରୁଷସୈନ୍ୟର କ୍ଷତି ହୋଇଅଛି ।

ରୁଷ ପ୍ରଧାନ ସେନାପତି ଏହି ମହାପରାଜୟର କାରଣ ଦେଖାଇଅଛନ୍ତି ଯେ ଜେନେରଲ ଷ୍ଟାକେଲବର୍ଗ ଲିୟାୟୁଙ୍ଗର ପଶ୍ଚିମଦିଗକୁ ପରିତ୍ୟାଗ କରିବାରୁ ରୁଷ ଲିୟାୟୁଙ୍ଗକୁ ପରିତ୍ୟାଗ କରିବାକୁ ବାଧ୍ୟହେଲେ ।

ରୁଷମାନେ ଲିୟାୟୁଙ୍ଗ ନିକଟସ୍ଥ ଭଣ୍ଡାରଘରକୁ ପୋଡି ଦେଇଅଛନ୍ତି ।

ଲିୟାୟୁଙ୍ଗର ପଶ୍ଚିମରେ ରୁଷ ଜେନେରଲ ଷ୍ଟାକେଲବର୍ଗଙ୍କ ପଚିଶସହସ୍ର ସେନା ବନ୍ଦୀ ହୋଇଅଛି ଓ ଦୁଇଶତ ତୋପ ଜାପାନର ହସ୍ତଗତ ହୋଇଅଛି ।

ଜନରବ ଉଠିଅଛି ଯେ କୁରୁପାଟକିନଙ୍କ ସମ୍ମୁଖସ୍ଥ ପ୍ରବଳ ସୈନ୍ୟମାନେ ସମୂଳେ ନଷ୍ଟ ହୋଇଅଛନ୍ତି ଓ ତାଙ୍କର ପ୍ରଧାନ ସେନାଦଳ ବିଷମ ବିପଦରେ ପତିତ ହୋଇଅଛନ୍ତି ।

ରୁଷର ପୁନଃ ପୁନଃ ପରାଜୟ ଓ ଲିୟାୟୁଙ୍ଗର ହରାଇବା ସମ୍ବାଦ ସେଣ୍ଟପିଟର୍ସବର୍ଗରେ ପହଞ୍ଚନ୍ତେ ସେଠା ଲୋକଙ୍କର କୁରୁପାଟକିନଙ୍କ ପ୍ରତି ନିର୍ଭର କରି ରହିବାରେ ସନ୍ଦେହ ଉପସ୍ଥିତ ହୋଇଅଛି ।

---

## ଲର୍ଡକର୍ଜନଙ୍କର ବକ୍ତୃତା ।

ଲର୍ଡକର୍ଜନ ଭାରତର ଗବର୍ଣ୍ଣର ଜେନରଲ ପଦରୁ ଅବସର ନେଇ ବିଲାତରେ ପ୍ରାୟ ପାଞ୍ଚ ମାସ ରହି ଯେ ବକ୍ତୃତାମାନ ପ୍ରଦାନ କରିଅଛନ୍ତି ସେ ସମସ୍ତର ଗୋଟିଏ ସୁନ୍ଦର ସମାଲୋଚନା ଗତ ତା ୨୯ ରିଖର 'ଇଣ୍ଡିୟାନ ନେସନ'ରେ ବାହାରିଅଛି । ତହିଁର ଲେଖକ କହିଅଛନ୍ତି କି ଶ୍ରୀମନ୍ମହୋଦୟ ସେ ସମସ୍ତ ବକ୍ତୃତାରେ ଯେ କଥାମାନ କହିଅଛନ୍ତି ତହିଁମଧ୍ୟରୁ ଅନେକ କଥାରେ ସେ ଐକ୍ୟ ଥିଲେହେଁ କେତେକ କଥାରେ ଅନୈକ୍ୟ ଅଛନ୍ତି । ମାତ୍ର ଭାରତୀୟ ବିଦ୍ୱାନ୍ ଏବଂ ବୁଦ୍ଧିମାନ୍ ସମାଜ ପ୍ରତି ଶ୍ରୀମନ୍ମହୋଦୟଙ୍କର ସହାନୁଭୂତିର ଅଭାବ ଦେଖି ସେ ବଡ଼ ଦୁଃଖିତ ହୋଇଅଛନ୍ତି । ଇଂରାଜମାନେ ବଣିକବେଶରେ ଭାରତକୁ ଶୁଭାଗମନ କରିବାର ମୂଳ ଅଭିପ୍ରାୟ କ ? ଇଂରାଜମାନେ କି କେବଳ ରାଜସ୍ୱ ନେବାକୁ, ବଡ଼ ୨ ବେତନ ପାଇବାକୁ, [illegible] କରିବକୁ ଏବଂ ଉଚ୍ଚଶାସନ ନୀତି ଓ ସୈନିକ ପରାକ୍ରମତା ଦେଖାଇବାକୁ ଆସିଥିଲେ? ଏଥିର କିଛି ଉତ୍ତର ଶ୍ରୀମନ୍ମହୋଦୟଙ୍କର ବକ୍ତୃତାରୁ ପ୍ରକାଶ ପାଉ ନାହିଁ । ଯେବେ ଈଶ୍ୱରଙ୍କର ଅଭିପ୍ରାୟ ଏହା ହୁଅଇ ଯେ ଇଂଲଣ୍ଡ ଭାରତ ଶାସନ କରିବ ତେବେ ତାହା ଏକଥା ନୁହେଁ ଯେ ଭାରତର ଧନରେ ଇଂରାଜମାନେ ପୁଷ୍ଟ ହେବେ ଆଉ ଭାରତବାସିମାନେ କେବଳ ନିମ୍ନପଦରେ ରହିବେ । ଇଂଲଣ୍ଡର ଭାରତ ପ୍ରତି ଗୁରୁତର କର୍ତ୍ତବ୍ୟ ଅଛିବୋଲି ବହୁ ପୂର୍ବକାଳର ଇଂଲଣ୍ଡର ବିଖ୍ୟାତ ରାଜନୈତିକମାନେ ସ୍ପଷ୍ଟାକ୍ଷରରେ କହିଯାଇଅଛନ୍ତି ଏବଂ ତଦନୁସାରେ ଭାରତଶାସନନୀତି ବ୍ୟବସ୍ଥିତ ହୋଇଅଛି । ବିଲାତର ରାଜସଭାରେ ଭାରତଶାସନନୀତିର ବିଚାର ସମୟରେ ସ୍ୱର୍ଗୀୟ ମେକଲେ ସାହେବ କହିଥିଲେ କି "ଭାରତବାସିଙ୍କୁ ବଶରେ ରଖିବା କାରଣ ମୂର୍ଖ କରି ରଖିବା ଅଥବା ଉଚ୍ଚ ଆକାଂକ୍ଷା ନ ଜଗାଇ ବିଦ୍ୟା ଶିକ୍ଷା ଦେବା ଅଥବା ଉଚ୍ଚ ଆକାଂକ୍ଷା ଜଗାଇ ତାହା ଚରିତାର୍ଥ କରିବାର ସୁଯୋଗ ନ ଦେବା ଉଚିତ କି ? ଯେଉଁମାନେ ଦେଶୀୟଲୋକଙ୍କୁ ଉଚ୍ଚପଦରୁ ଅନ୍ତର ରଖିବାକୁ ଚାହାନ୍ତି ସେମାନେ ଏଥିର ଉତ୍ତର ଦିଅନ୍ତୁ । ଆମ୍ଭ ମନରେ କିଛି ଦ୍ୱିଧା ନାହିଁ । ଭାରତର ଭବିଷ୍ୟତ କ ହେବ ତାହା ଆମ୍ଭେ କହି ନ ପାରୁଁ । ମାତ୍ର ଯେବେ ଆମ୍ଭେମାନେ ସୁଶାସନଦ୍ୱାରା ଆମ୍ଭମାନଙ୍କର ଭାରତୀୟ ପ୍ରଜାବର୍ଗଙ୍କୁ ଉତ୍ତମଶିକ୍ଷା ପ୍ରଦାନଦ୍ୱାରା ଶାସନକାର୍ଯ୍ୟ ନିର୍ବାହ କରିବାର ଯୋଗ୍ୟତା ପ୍ରଦାନ କରିପାରିବୁଁ ଏବଂ ସେମାନେ ଇଉରୋପୀୟ ବିଦ୍ୟାରେ ପାରଦର୍ଶିତା ଲାଭ କରି କୌଣସିକାଳରେ ଇଉରୋପୀୟ ଶାସନ ପ୍ରଣାଳୀ ଲୋଡିବେ ତେବେ ଆମ୍ଭେ ସେ କାଳକୁ ପଛକୁ ହଟାଇବାର ଚେଷ୍ଟା କରିବୁ ନାହିଁ ଏବଂ ସେ ଦିନ ଇଂରାଜ ଇତିହାସରେ ଏକ ଗୌରବ ଦିନ ହେବ । ଭାରତବାସିମାନେ ଦାସତ୍ୱ ଏବଂ କୁସଂସ୍କାରର ଗଭୀର ଜଳରେ ବୁଡି ରହିଅଛନ୍ତି । ସୁଶାସନଦ୍ୱାରା ସେମାନଙ୍କୁ ଏମନ୍ତ ପ୍ରସ୍ତୁତ କରିବାକୁ ହେବ ଯେ ସେମାନେ ତହିଁରୁ ବାହାରି ଆସି ନଗରବାସିର ସାଧାରଣ ଅଧିକାର ଲୋଡିବେ । ତାହା ହେଲେ ଇଂରାଜଙ୍କର ଯେଉଁ ଜୟପତାକା ଉଡିବ ତହିଁ ସଙ୍ଗେ ଯୁଦ୍ଧର ଜୟର

Digitized by srujanika@gmail.com

ତୁଳନା ନାହିଁ” । ଲେଖକ କହିଅଛନ୍ତି କି ଲର୍ଡକର୍ଜନ ଯେବେ ଏହି ଦୁଇଗୁଣ ମନରେ ମୁଦ୍ରିତ କରିବେ ଏବଂ ଏହାକୁ ଜୀବନର ଉତ୍କୃଷ୍ଟ କାର୍ଯ୍ୟ ବୋଲି ସର୍ବଦା ଚିନ୍ତା କରିବେ ତେବେ ତାହାଙ୍କର ଯଶ ଘୋଷଣା ହେବ । ବକ୍ତୃତାର ଝିଉଁରେ ଉତ୍ତାପ ଦେଲେ ଫଳିବ ନାହିଁ । ତାହାଙ୍କର ବକ୍ତୃତାରୁ ଜଣାଯାଏ ଯେ ଭାରତର ଉତ୍ତରସୀମା ଦୃଢ଼ କରିବା, ସୀମାନ୍ତରାଜ୍ୟମାନଙ୍କ ସହିତ ସଦ୍ଭାବ ରକ୍ଷିବା, ଇଂରାଜଙ୍କ ଧନ ଓ ସାହସଦ୍ୱାରା ଦେଶର ଅର୍ଥାଗମ ଉପାୟ ଏବଂ ଗମନାଗମନର ସୁଯୋଗ ବଢ଼ାଇବା, ସିଭିଲ ସର୍ଭିସ ନାମକ ଇଂରାଜ କର୍ମଚାରୀଦଳଦ୍ୱାରା ନ୍ୟାୟ ଓ ବଳ ସହିତ ରାଜ୍ୟ ଶାସନ କରିବା ପ୍ଲେଗ ଇତ୍ୟାଦି ରୋଗ ସହିତ ଲଢ଼ିବା ଦୁର୍ଭିକ୍ଷାଦରେ ଲୋକଙ୍କୁ ପ୍ରଚୁର ସାହାଯ୍ୟ ଦାନ କରିବା, ଇଂରାଜସୈନ୍ୟ ଓ ଗୃହାଦିର ପ୍ରଭୃତିଙ୍କ ଅତ୍ୟାଚାରରୁ ଗରିବମାନଙ୍କୁ ରକ୍ଷା କରିବା-ସ୍ୱତ୍ୱବନ୍ଦୋବସ୍ତଦ୍ୱାରା ଦେଶୀୟ ରାଜନ୍ୟବର୍ଗଙ୍କର ସ୍ଥିତି ଦୃଢ଼ ଲାଭ କରିବା, କୃଷକ ଶ୍ରେଣୀର ଲୋକ ପଥିକ ପର୍ଯ୍ୟନ୍ତ ସମସ୍ତଙ୍କ ସୁଖ ଖୋଜିବା ଏବଂ ଅତ୍ୟାଚାରରୁ ସମସ୍ତଙ୍କୁ ରକ୍ଷା କରିବା ଏହି ସମସ୍ତ ତାହାଙ୍କର କର୍ତ୍ତବ୍ୟ ଅଟେ । ଏ ସମସ୍ତ ଉଚିତ-କର୍ତ୍ତବ୍ୟ ସନ୍ଦେହ ନାହିଁ । ମାତ୍ର ଏଥିରେ ଗୋଟିଏ ଅଭାବ ରହିଯାଇଅଛି । ରାଜନ୍ୟବର୍ଗ, ବଣିକ ସମ୍ପ୍ରଦାୟ, ଇଂରାଜ ରାଜକର୍ମଚାରୀ ଏମାନେ ସମସ୍ତେ ହିସାବରେ ଆସିଲେ । ମାତ୍ର ମଧ୍ୟଶ୍ରେଣୀର ଦେଶୀୟ ଲୋକଙ୍କର ବିଦ୍ୟା ବୁଦ୍ଧି ଉତ୍ସାହ ଏବଂ ଉଚ୍ଚାଶାର ଅର୍ଦ୍ଧେ ଉଲ୍ଲେଖ ନାହିଁ । ସେମାନେ କାର୍ଯ୍ୟତଃ କିପରି ଶିକ୍ଷିତ ହେବେ, କିପରି ଭଲ ରୂପରେ ଅନୁଶାସନ କାର୍ଯ୍ୟ କରିବାକୁ ସକ୍ଷମ ହେବେ ଏବଂ ସେମାନେ ଯୋଗ୍ୟତା ଲାଭ କଲେ ତାହା ବଢ଼ାଇବାର କି ଉପାୟ ଅଛି ଏ ସମସ୍ତ ବିଷୟରେ ଲର୍ଡମହୋଦୟ କିଛି କହି ନାହାନ୍ତି । ଯେବେ ଏକଶତାଧିକ ବର୍ଷର ଶାସନଦ୍ୱାରା ଦେଶୀୟଲୋକଙ୍କର ଯୋଗ୍ୟତା ବଢ଼ି ନ ପାରିଲା ଏବଂ ସେମାନେ ସ୍ୱଦେଶ ଶାସନର ଭାର ଅଧିକ ପରିମାଣରେ ପାଇ ନ ପାରିଲେ ତେବେ ସେ ଶାସନର ପ୍ରଶଂସା କେଉଁଠାରେ ?

ଉପର ଲିଖିତ ସମାଲୋଚନାର ମୂଲ୍ୟ ପାଠକମାନେ ବିବେଚନା କରିବେ । ଆମ୍ଭମାନଙ୍କର ସେ ବିଷୟ ଅଧିକ କହିବାର କିଛି ନାହିଁ ।

---

### ମାଡ଼ବାଡ଼ିମାନଙ୍କର ମେଳ ।

କଲିକତାର ବଡ଼ବଜାର ମାଡ଼ବାଡ଼ିମାନଙ୍କର ବ୍ୟବସାୟର ସ୍ଥାନ ଏବଂ ଲୁଗା ସେମାନଙ୍କର ପ୍ରଧାନ ବ୍ୟବସାୟ ଅଟେ । ସେହି ବଜାରର ସଡ଼କ ଏବଂ ଗଳି ବାଟମାନ ଅତ୍ୟନ୍ତ ସଙ୍କୀର୍ଣ୍ଣ ଏବଂ ସକାଳୁ ସନ୍ଧ୍ୟା ପର୍ଯ୍ୟନ୍ତ ଲୁଗା ଗାଣ୍ଠିମାନ ସଗଡ଼ରେ ବୁହା ହୋଇ ଆସେ ଓ ଗୋଦାମରେ ଭରତି ହେବା ପର୍ଯ୍ୟନ୍ତ ବାଟ କଡ଼ରେ ପଡ଼ି ରହିବା ଏବଂ ତଦ୍ୱାରା ବେଳେ ଗମନାଗମନର କିଛି ଅସୁବିଧା ହେବାର ଦେଖାଯାଏ । ସଡ଼କ ଓ ଗଳି ବାଟମାନ ପରିଷ୍କାର ବିଷୟରେ କଲିକତା ମିଉନିସିପାଲିଟିର ଶକ୍ତ ନିୟମ ଅଛି ଏବଂ ତହିଁ ପ୍ରତି ଦୃଷ୍ଟି ରଖିବାପାଇଁ ଇନସ୍ପେକ୍ଟର ପ୍ରଭୃତି କର୍ମଚାରୀ ନିଯୁକ୍ତ ଅଛନ୍ତି । ଗତ ତା ୨୭ ଋଖରେ ଜଣେ ମାଡ଼ବାଡ଼ିର ଗୋଦାମ ସମ୍ମୁଖ ବାଟରେ ଗୋଟିଏ ଲୁଗା ଗାଣ୍ଠି ପଡ଼ିଥିବାର ଦେଖି ଏକଜଣ ଇନସ୍ପେକ୍ଟର ତାହା ଜବତ କରିବାର ଚେଷ୍ଟା କରନ୍ତେ ମାଲିକ ଆପତ୍ତି କଲା ଓ ଇନସ୍ପେକ୍ଟରର ନ ଶୁଣି ନିଜର ପିଆଦା ମୁହଁରେ ଲଗାଇ ଟଣାଟଣି କରନ୍ତେ ଆଉ ମାଡ଼ବାଡ଼ିମାନେ ମିଶି ଦଙ୍ଗା ଆରମ୍ଭ କଲେ । ଯଥା ସମୟରେ ପୁଲିସ ଆସି ଦଙ୍ଗା ନିବାରଣ କଲା ଏବଂ ମାଡ଼ବାଡ଼ିମାନେ ସେମାନଙ୍କର ସଙ୍ଗରେ ସେହି ଦିନ ସେ କଥା ପକାଇ ଏହି ଅନୁଚିତ ଘଟଣା ନ ହେବା ପର୍ଯ୍ୟନ୍ତ ଦୋକାନ ବନ୍ଦ କରିବାର ସ୍ଥିର କଲେ । ତହିଁ ଆରଦିନୁ ଲୁଗା ଗାଣ୍ଠିର କାରବାର ବନ୍ଦ ହେଲା ଏବଂ ଇଂରାଜ ବଣିକମାନଙ୍କର ଅସୁବିଧା ହେଲା । ବଣିକ ସଭା ମିଉନିସିପଲ ଚେଅରମ୍ୟାନଙ୍କ ନିକଟକୁ ପତ୍ର ଲେଖିଲେ ଏବଂ ବଣିକ ସଭା ଓ ମାଡ଼ବାଡ଼ି ସଭାର ପ୍ରତିନିଧିମାନଙ୍କ ସହିତ ଚେଅରମ୍ୟାନ ମହୋଦୟ ପରାମର୍ଶ କରି ଏବଂ ବଡ଼ବଜାରର ଅବସ୍ଥା ଦେଖି ଉକ୍ତ ଅବରୋଧ ସମ୍ବନ୍ଧୀୟ ବିଧିମାନ ଆପାତତଃ ସ୍ଥଗିତ ରଖିବାରୁ ମାଡ଼ବାଡ଼ିମାନେ ପୂର୍ବ ପ୍ରାୟ ବ୍ୟବସାୟ ଆରମ୍ଭ କରିଅଛନ୍ତି । ବଡ଼ବଜାରର ବାଟମାନଙ୍କର ସଙ୍କୀର୍ଣ୍ଣତା ଓ ବ୍ୟବସାୟର ଆଧିକ୍ୟ ପ୍ରତି ଦୃଷ୍ଟି କରି ଅବରୋଧ ନିବାରଣର ନ୍ୟାୟସଙ୍ଗତ ନିୟମ କରିଥିଲେ ଏହି ଗଣ୍ଡଗୋଳ ହୋଇ ନ ଥାନ୍ତା । ଯାହା ହେଉ ମିଉନିସିପାଲିଟିର ଚେଅରମ୍ୟାନ ପ୍ରକୃତ ଅବସ୍ଥା ବୁଝିଅଛନ୍ତି ଏବଂ ତଦନୁସାରେ ବ୍ୟବସ୍ଥା କରିବାକୁ ଆଶ୍ୱାସ ଦେଇଅଛନ୍ତି ସୁଖର ବିଷୟ ଅଟେ ।

---

### ମୁସଲମାନ ବିବାହ ରେଜେଷ୍ଟ୍ରୀ ।

ବିବାହ ଚୁକ୍ତି ବା ଏକରାରନାମାରେ ଷ୍ଟାମ୍ପ ହେଉ ନ ଥିବା ଦୋଷରେ ଏ ନଗରର ଅନେକ ମୁସଲମାନ ନାମରେ ଷ୍ଟାମ୍ପ ମୂଲ୍ୟ ଓ ଅର୍ଥଦଣ୍ଡ ଦେବା ନିମିତ୍ତ ନୋଟିସ ଜାରି ହୋଇଥିବାର ଏଥିପୂର୍ବେ ଜଣାଇଅଛୁଁ । ପୁଣି ଏକ ସାଧାରଣ ନୋଟିସ ରେଜିଷ୍ଟ୍ରାରଙ୍କ ଅଫିସରୁ ପ୍ରଚାର ହୋଇଅଛି । ଅନୁସନ୍ଧାନରେ ବୁଝିଲୁ ଯେ ଏଠାର ମୁସଲମାନ ବିବାହର ରେଜିଷ୍ଟ୍ରାର ବା କାଜୀ ପଦରେ କାଜି କାଜର ମହମ୍ମଦ ଗବର୍ଣ୍ଣମେଣ୍ଟରୁ ନିଯୁକ୍ତ ହୋଇଥିବାସ୍ଥଳେ ବର୍ତ୍ତମାନକାଳରେ ମୌଲବି ଅବଦୁଲ ମନାନ୍ ଅନେକ ବିବାହ ରେଜିଷ୍ଟ୍ରୀ କରିଥିବାରୁ ଏଠାର ସବ୍‌ରେଜିଷ୍ଟ୍ରାର ସେ ବିଷୟ ଅବଗତ ହୋଇ ରେଜିଷ୍ଟ୍ରାର ସାହେବଙ୍କୁ ଜଣାଇବାରେ ସାହେବ ମହୋଦୟଙ୍କ ଆଦେଶରେ ଉପରଲିଖିତ ସାଧାରଣ ଏବଂ ଷ୍ଟାମ୍ପ ଅର୍ଥଦଣ୍ଡ ନୋଟିସମାନ ଜାରି ହୋଇଅଛି ସେହି ସାଧାରଣ ନୋଟିସଟି ନିମ୍ନେ ପ୍ରକାଶିତ ହେଲା ଯଥା—

“ଏତଦ୍ୱାରା ସର୍ବ ସାଧାରଣଙ୍କୁ ଜଣାଇ ଦିଆଯାଉଅଛି କି ଯେ ସନ ୧୮୮୦ ସାଲର ଆ୧୨ନ ଅନୁସାରେ ସଦର କଟକ ବନ୍ଦବଜାର ନିବାସୀ ମୌଲବି ଅବଦୁଲ ମନାନ୍ ଗବର୍ଣ୍ଣମେଣ୍ଟଙ୍କଦ୍ୱାରା ନିଯୁକ୍ତୀୟ କାଜିଙ୍କ ଅଧୀନରେ କାର୍ଯ୍ୟ କରିବା ନିମିତ୍ତ ନାଏବ କାଜି ମୋକରର କରାଯାଇଥିଲେ । କିନ୍ତୁ ନାଏବ କାଜି ଉକ୍ତ ମୌଲବି ଅବଦୁଲ ମନାନ୍ ମଚଲୁର ପ୍ରଶଂସିତ କାଜିଙ୍କ ଅଧୀନରେ ଥାଇ ମଧ୍ୟ ତାହାଙ୍କ କର୍ତ୍ତବ୍ୟ କର୍ମର ବହିର୍ଭୂତ କାର୍ଯ୍ୟମାନ କରୁଥିବା, ଅର୍ଥାତ୍ ସ୍ୱୟଂ ମୁସଲମାନ ରେଜିଷ୍ଟ୍ରି ବହିମାନ ରଖି ଅଧିକାଂଶ ମୁସଲମାନମାନଙ୍କର ବିବାହ ସମସ୍ତେ ନିକା ପଢ଼ାଇବା ଓ ସ୍ୱୟଂ କାଜିସ୍ୱରୂପ ବିବାହ ରେଜିଷ୍ଟ୍ରି କରୁଥିବା କାରଣମାନଙ୍କରୁ ତାହାଙ୍କୁ ଉକ୍ତ ନାଏବ କାଜିକର୍ମରୁ ବରଖାସ୍ତ କରାହୋଇଅଛି । ସୁତରାଂ ଅତ୍ର ସଦର ନିବାସୀ ଭାରତୀୟ ମୁସଲମାନମାନଙ୍କୁ ସତର୍କ କରାଇ ଦିଆଯାଉଅଛି କି ଯେଉଁମାନେ ଆପଣା ବିବାହ ରେଜିଷ୍ଟ୍ରି କରାଇବା ବା ନିକା ପଢ଼ାଇବାକୁ ଇଚ୍ଛା କରନ୍ତି ସେମାନେ କେବଳ ଗବର୍ଣ୍ଣମେଣ୍ଟଙ୍କଦ୍ୱାରା ନିଯୁକ୍ତ କାଜି ବା ମେଦିନୀ ରେଜିଷ୍ଟ୍ରାରର କାଜିକାଜର ମହମ୍ମଦଙ୍କଦ୍ୱାରା କରାଇ ପାରିବେ ଓ ଉକ୍ତ ବରଖାସ୍ତ ନାଏବ କାଜି ମୌଲବି ଅବଦୁଲ ମନାନଙ୍କଦ୍ୱାରା କରାଇ ପାରିବେ ନାହିଁ । ପ୍ରକାଶ ଥାଉ କି ମେଦିନୀ ରେଜିଷ୍ଟ୍ରାରର କାଜିକାଜର—ମହମ୍ମଦଙ୍କଦ୍ୱାରା ଯେଉଁ ବିବାହ ରେଜିଷ୍ଟ୍ରି ବା ନିକା ପଢ଼ାଇବା ଆଦି କାର୍ଯ୍ୟ କରାଇବ ତାହା ମାନବଳ ବୋଲି ସର୍ବଥା ଜ୍ଞାନ କରାଯିବ ତା ୨୭ ଋଖ ମାହେ ଜୁଲାଇ ସନ ୧୯୦୪ ମସିହା ।”

ଏଥିରୁ ମୌଲବି ଅବଦୁଲମନାନ୍ ଅବଗତ କରୁଅଛନ୍ତି କି ସେ ମୁସଲମାନ ବିବାହ ରେଜିଷ୍ଟ୍ରି କରିବା କାରଣ ନିଯୁକ୍ତ ହୋଇଥିବା କାଜିଙ୍କର ନାଏବରୂପେ ଗ୍ରହଣ କରି ତାହାଙ୍କ ଦ୍ୱାରା ନାଏବ କାଜି ନିଯୁକ୍ତ ହୋଇ ନାହାନ୍ତି । ପରନ୍ତୁ ସନ ୧୮୮୦ ସାଲର ଅ ୬ ଉନ ଅନୁସାରେ

Split by PDF Splitter

Digitized by srujanika@gmail.com

Split by PDF Splitter



କେବଳ ସରକାରୀ ରେଜିଷ୍ଟ୍ରାର ବା କାଜିଦ୍ୱାରା ନିକା ପଢାଇବାକୁ ମୁସଲମାନମାନେ ବାଧ୍ୟ ନୁହନ୍ତି। ଅତଏବ ରେଜିଷ୍ଟ୍ରାର ସାହେବଙ୍କର ପ୍ରସ୍ତାବିତ ବିଜ୍ଞାପନ ଆଇନ ବିରୁଦ୍ଧ ଏବଂ ତାହା ପ୍ରଚାରଦ୍ୱାରା ମୁସଲମାନମାନଙ୍କୁ ନିଷେଧ କରିବାର ତାହାଙ୍କର କ୍ଷମତା ନାହିଁ। ଅନ୍ୟପକ୍ଷରେ ଯେଉଁ ମୁସଲମାନମାନଙ୍କ ଉପରେ ଷ୍ଟାମ୍ପ ଏବଂ ଅର୍ଥଦଣ୍ଡ ଦେବାର ନୋଟିସ ଜାରି ହୋଇଅଛି ସେମାନେ ଆପତ୍ତି କରିଅଛନ୍ତି କି ନିକାହ ଚୁକ୍ତି ସରକାରୀ ଷ୍ଟାମ୍ପ ମାସୁଲରୁ ଛଡ଼ା ଅଛି ଏବଂ ଉକ୍ତ ନୋଟିସ ଆଇନବିରୁଦ୍ଧ ଅଟେ। କଥିତ ଅଛି କି ରେଜିଷ୍ଟ୍ରାର ସାହେବ ସରକାର ଉକିଲଙ୍କ ନିକଟକୁ ସେ ବିଷୟ ଲେଖି ପଠାଇଅଛନ୍ତି, ତାହାଙ୍କର ମତ ଜାଣିଲା ଉତ୍ତାରୁ ତହିଁର ନିଷ୍ପତ୍ତି କରିବେ।

ଯେତେବେଳେ ଏ ବିଷୟ ବିଚାରାଧୀନରେ ଅଛି ସେତେବେଳେ ଆମ୍ଭମାନଙ୍କର କୌଣସି ମତ ପ୍ରକାଶ କରିବା ଉଚିତ ନୁହେ। ଆମ୍ଭମାନଙ୍କର ଦୁଃଖ ଏହିକି ଯେ ରେଜିଷ୍ଟ୍ରାରସାହେବ ଏଠାର ମାଜିଷ୍ଟ୍ରେଟ ସ୍ୱରୂପ ବହୁକାଳରୁ ବିଲକ୍ଷଣ ଜାଣିଅଛନ୍ତି ଯେ ଏଠା ସବ୍‌ରେଜିଷ୍ଟ୍ରାର ଓ କାଜିମାନଙ୍କର ମକଦ୍ଦମା ସମ୍ବନ୍ଧରେ ଏଠା ମୁସଲମାନମାନଙ୍କ ମଧ୍ୟରେ ବହୁ ମନାନ୍ତର ଓ ଦଳାଦଳି ରହିଅଛି ଓ ଯେ କୌଣସି କାରଣରୁ ହେଉ କାଜି ନାଜିର ମହମ୍ମଦଙ୍କୁ ଏ ନଗରର ଅନେକ ମୁସଲମାନ ପସନ୍ଦ କରନ୍ତି ନାହିଁ। ଏମନ୍ତ ଅବସ୍ଥାରେ ସବ୍‌ରେଜିଷ୍ଟ୍ରାର ରିପୋର୍ଟ ଦେଲେ-ବୋଲି ତାହା କେତେଦୂର ଆଇନସଙ୍ଗତ ପ୍ରଥମେ ତହିଁର ବିଚାର ନ କରି ପ୍ରାୟ ୬୦ ଜଣ ମୁସଲମାନ ଓ ତହିଁ ମଧ୍ୟରେ ଅଧିକାଂଶ ଗରିବ ମୁସଲମାନ ନାମରେ ଷ୍ଟାମ୍ପ ଓ ଅର୍ଥଦଣ୍ଡର ନୋଟିସ ପ୍ରଚାର କରିବାଦ୍ୱାରା ସେମାନଙ୍କୁ ଉଦ୍‌ବେଗ ଓ ମନସ୍ତାପରେ ପକାଇଅଛନ୍ତି। ଅନ୍ତରେ ସବୁସ୍ତେ ବାଧ ହେଲେହେଁ ଯାହାପାଇଁ ହମ୍ଭର ଜୟ ନ୍ୟାୟ ଓ କ୍ଷମା ନିଶ୍ଚିତରୂପରେ ଲୋକଙ୍କ ପ୍ରତି ଆଇନ ଖଟାଇବାକୁ ଜିଲ୍ଲାହାକିମମାନଙ୍କୁ ସରକାର କ୍ଷମତା ଦେଇଅଛନ୍ତି। ଅବିବେଚନା କାଳରୁ ଯାହା ଘଟିଅଛି ତାହା ଆଇନବିରୁଦ୍ଧ ହେଲେହେଁ ଶିକ୍ଷାସ୍ୱରୂପ ପ୍ରଥମେ ଏକ ବା ଦୁଇଜଣ ନାମରେ ଅର୍ଥଦଣ୍ଡର ନୋଟିସ ଦଲେ ଯଥେଷ୍ଟ ହୋଇ ଥାନ୍ତା। ତାହା ନ କରି ଏମ୍ଭା କାର୍ଯ୍ୟଟି ଆଇନସଙ୍ଗତ କି ନା, ନିଃସ୍ୱସ୍ତୂପ ନ ବୁଝି ଏକାବେଳେ ଷାଠିଏ ଜଣଙ୍କୁ ହରବରରେ ପକାଇବା "ଆଗେ ମାର ପଛେ ବିଚାର" ନ୍ୟାୟ ତୁଲ୍ୟ ହୋଇ ନାହିଁ କି? ଆମ୍ଭେମାନେ ଏକାନ୍ତ ଆଶାକରୁଁ ଜିଲ୍ଲାର ପ୍ରଧାନ ହାକିମ ଲୋକଙ୍କ ପ୍ରତି ଦୟା ସହିତ ସୁବିଚାର କରିବେ।

---

# ସାପ୍ତାହିକସଂବାଦ।

## କଲିକତା ଗେଜେଟ।

ବଙ୍ଗଳା ଅବକାରି ଓ ଲବଣ ବିଭାଗର ଅଫିସିଏଟିଂ କମିଶନର ମିଃ କେ, ସେ, ଦାଦଶା ଉକ୍ତ କାର୍ଯ୍ୟରେ ବାହାଲ ହେଲେ।

କଟକର ସବଜଜ ମୌଲବି ଅବଦୁଲ ବାରି ଅନ୍ୟ ଆଦେଶ ପର୍ଯ୍ୟନ୍ତ ହାବଡ଼ା, ହୁଗଲି ଓ ଶ୍ରୀରାମପୁର ସ୍ମଲ କାଜକୋର୍ଟର ଜଜ ପଦରେ ନିଯୁକ୍ତ ହେଲେ ଓ ସବ୍‌ଜଜ ଭର କ୍ଷମତା ପାପ୍ତ ହେଲେ।

ନିଆଖାଲି ଜିଲ୍ଲାର ସୁଧାରାମର ମୁନସଫ ବାବୁ କେଦାରେଶ୍ୱର ସେନ ଅନ୍ୟ ଆଦେଶ ପର୍ଯ୍ୟନ୍ତ କଟକର ସବଜଜ ପଦରେ ନିଯୁକ୍ତ ହେଲେ ଓ ୫୦୦ ଟା ପର୍ଯ୍ୟନ୍ତ ମୂଲ୍ୟର ସ୍ମଲକାଜକୋର୍ଟର ଜଜ କ୍ଷମତା ଓ କଟକ ସଦର ମୁନସଫି ସୀମାନ୍ତର୍ଗତ ୧୦୦୦ ଟା ମୂଲ୍ୟ ପର୍ଯ୍ୟନ୍ତ ସରେଜମିନି ମକଦ୍ଦମା ବିଚାର କରିବାର କ୍ଷମତା ପାପ୍ତ ହେଲେ।

ବାବୁ ମହେନ୍ଦ୍ରନାଥ ଦତ୍ତ ବି, ଏ, ପୁରୀ ଜିଲ୍ଲା ସ୍କୁଲର ସହକାରୀ ପ୍ରଧାନ ଶିକ୍ଷକ କାର୍ଯ୍ୟରେ ବାହାଲ ହେଲେ।

ବାବୁ ହାରାଣଚନ୍ଦ୍ର, ଗୁପ୍ତ ବାଲେଶ୍ୱର ଜିଲ୍ଲା ସ୍କୁଲର ସହକାରୀ ଶିକ୍ଷକ କାର୍ଯ୍ୟରେ ବାହାଲ ହେଲେ।

---

ଗତ ଶନିବାରଠାରୁ ପ୍ରଚୁରବୃଷ୍ଟି ହେଉ ନ ଥିଲେ ଜଳପାତ ହୋଇଗଲା ମାତ୍ର ପ୍ରଚୁର ଜଳପାତ ହୋଇ ନାହିଁ। ଗରମିକାଳ ଅଗମ ପ୍ରଶଂସ ହୋଇଅଛି।

ଏ ନଗରର ସ୍ୱାସ୍ଥ୍ୟ ବର୍ତ୍ତମାନ ଭଲ ଅଛି।

ଗତ ସୋମବାରଠାରୁ ଏଠା ଜଜସାହେବଙ୍କ ଅଦାଲତରେ ପୌଜଦାରୀ ପଡ଼ିଅଛି ପ୍ରାୟ ଏ ମାସ ଶେଷ ପର୍ଯ୍ୟନ୍ତ ଚଳିବ।

ଗତ ଶନିବାର ଅସ୍ଥାୟୀ କମିଶନରସାହେବ ଗଞ୍ଜାମ ଯାଇ ତହିଁ ଅପରାହ୍ନ ସନ୍ଧ୍ୟାବେଳେ ଫେରି ଆସିଲେ।

ଏଠାର ଏକଟିଂ ସବ୍‌ଜଜ ବାବୁ କେଦାରେଶ୍ୱର ସେନ ଗତ ସୋମବାର ଏଠାରେ ସବ୍‌ଜଜ କାର୍ଯ୍ୟର ଭାର ଗ୍ରହଣ କରିଅଛନ୍ତି।

ବସାଗୃହର ଉନ୍ନତି ଅର୍ଥ ଭାରତ ଗବର୍ଣ୍ଣମେଣ୍ଟ ଓଡ଼ିଶାକୁ ଜଳ ବହଳ ଯୋଗାଇବା କାରଣେ ଏକଲକ୍ଷ ଟଙ୍କା ଖର୍ଚ୍ଚ କରୁଥିବାର ସମ୍ବାଦ ମିଳିଲା। ଏଥିସଙ୍ଗେ ଏଠା ପାଠଶାଳାମାନଙ୍କର ବିଶେଷ ଦ୍ରବ୍ୟ ପ୍ରସ୍ତୁତ ହୋଇପାରିବା ପକ୍ଷେ ଗବର୍ଣ୍ଣମେଣ୍ଟ ଦୃଷ୍ଟିପାତ କଲେ ଆମ୍ଭେମାନେ ପରମ ସୁଖୀ ହେବୁଁ।

ଇଂଲଣ୍ଡର ଲର୍ଡ କିଚନର ଦକ୍ଷିଣ ଆଫ୍ରିକାର ବୁଅରମାନଙ୍କ ସଙ୍ଗେ ଯୁଦ୍ଧ କରୁଥିବା କାଳରେ ପ୍ରିଟୋରିଆ ନଗରର ଶିବିରକୁ ସେଠାରୁ ବୁଅରମାନେ ଅଢ଼ାଇଲକ୍ଷ ପାଉଣ୍ଡ ମୂଲ୍ୟର ସୁନା ନେଇଥିବାର ଯାହା ଅନୁମାନ କରାଯାଇଥିଲା ତାହା ବର୍ତ୍ତମାନ ପ୍ରିଟୋରିଆ ନିକଟରେ ପୋତା ହୋଇଥିବା ଅବସ୍ଥାରେ ମିଳିଅଛି। ଗବର୍ଣ୍ଣମେଣ୍ଟ ଏଥିରୁ ଅଧେ ପାଇବେ।

ବଙ୍ଗଳାର ... ଗତମାସ ତା ୨୯ ରିଖରେ ... ସମାଚାର ମିଳିଲା। ଅଧିକେ ... ମହାରାଜାଙ୍କ ... ଲୋକ ପୂର୍ଣ୍ଣ ... ଅଛନ୍ତି।

କଲିକତା ଷ୍ଟାମ୍ପଗଞ୍ଜର ଜଣେ ହିନ୍ଦୁ ସ୍କୁଲପ୍ରତିବାସୀ ଜଣଙ୍କର ଗାଈଟିଏ ମେଣ୍ଢାକୁ ବସାଇ ଦେବାକୁ ବଳପୂର୍ବକ ଅପରାଧରେ ମା ୨ ସ ଶ୍ରମଯୁକ୍ତ କାରାବାସର ଦଣ୍ଡ ପାଇଥିବାର ସମ୍ବାଦ ମିଳିଲା। ବିଚାରସମୟରେ ଅସାମୀ ଅପରାଧ ସ୍ୱୀକାର କରି କ୍ଷମା ପ୍ରାର୍ଥନା କରିଥିଲା।—ସୁବିଚାରର ଯୋଗ୍ୟ ଏହା!

ମାନ୍ଦ୍ରାଜବିଭାଗର ପାଲଘାଟ ବିଦ୍ୟାଳୟର ପରୀକ୍ଷା ସମୟରେ ଜଣେ ଛାତ୍ର ଅନ୍ୟ ପିଲାର ହାତର କାଗଜରେ ଆପଣାର ନାମ ଜାଲ କରିଥିବାର ଅପରାଧ ଦଣ୍ଡରେ ମା ୪ ସ କାରାଦଣ୍ଡ ପାଇଥିଲା। ଅତିଲରେ କାରାଦଣ୍ଡ ଅବଶିଷ୍ଟାଂଶ ଛାଡ଼ି ଦିଆଯାଇ ଅଛି। ଗଲାଟି ପୂର୍ବେ ଉଚ୍ଚଅଙ୍କ ପ୍ରବେଶିକା ପରୀକ୍ଷାରେ ହାରିଯାଇଥିଲା। ପିଲାଙ୍କ ବୁଦ୍ଧି ବିଚକ୍ଷଣ!

ବଙ୍ଗଳାର ଚଂଦ୍ରପୁର ସ୍ୱଶାସନରେ ଜଣେ ସାହେବ ... ରେ ୨୦ମାଇଲ ପହଁରି ଯାଇଥିଲେ। ସମୁଦ୍ରରେ ଏକାଦିକ୍ରମେ ୭ଘଣ୍ଟା କାଳ ସନ୍ତରଣ କରିବା ସାମାନ୍ୟ କଥା ନୁହେ।

କଲିକତାଠାରେ ଜଣେ ଲୋକ ଶ୍ରୀ କେଶବ ଘୋଷଙ୍କ ସ୍ତ୍ରୀ ଲୋକର ଗଳେଟରୁ ହାର ଛେଦ କରିବାର ଉପକ୍ରମ କରୁଥିବା କାଳରେ ଧରାପଡ଼ି ପୋଲିସରେ ସୁପର୍ଦ୍ଦ ହୋଇ ଅଛି।

ରେଶମ ଶିଳ୍ପ ଏବଂ କୃଷିକାର୍ଯ୍ୟର ଉନ୍ନତି ବିଧାନ କରଣାର୍ଥ ମେଦିନୀପୁରଠାରେ ଗୋଟିଏ ବିଦ୍ୟାଳୟ ସ୍ଥାପିତ ହୋଇଅଛି।

ଜୈନମାନଙ୍କ ଧର୍ମ ବିରୁଦ୍ଧରେ ଗହୋଲ ଅର୍ଥ୍ୟସମିତିରୁ ଗୋଟିଏ ପୁସ୍ତକ ବାହାରିଥିବାରୁ ଜୈନମାନେ ସେ ସମିତିର ସମ୍ପାଦକ ଉପରେ ଏକ ମୋକଦ୍ଦମା ଦାଏର କରିଅଛନ୍ତି। ମୋକଦ୍ଦମା ବିଚାରାଧୀନ।

କଟିଲ ହାଟର ଫଜାଗାହ ନାମକ ଜଣେ ମୁସଲମାନ ଆପଣାର ଅଳ୍ପବୟସ୍କା ସ୍ତ୍ରୀ ଦେହରେ ଦାଗ ଲଗାଇବାରୁ ତାହାର ଶ୍ୱଶୁରର ନାଲିସରେ ଗାଜନ ମା ୬ ସ ଶ୍ରମଯୁକ୍ତ କାରାଦଣ୍ଡ ହୋଇଥିଲା। ଗାଜ ଜେଲଖାନାରୁ ମୁକ୍ତ ହୋଇ ଅଛି ତାହାର ଶ୍ୱଶୁରଘରକୁ ଯାଇ ଶ୍ୱଶୁରର ପିଣ୍ଡାରେ ସୋଇଥିବାର ଦେଖି ଛୁରୀରେ ଏମନ୍ତ ବଳରେ ଆଘାତ କଲା ଯେ ଶ୍ୱଶୁରର ମୁଣ୍ଡଟି ଦେହରୁ ଅଲଗା ହୋଇଗଲା। ମୋକଦ୍ଦମା ବର୍ତ୍ତମାନ ବିଚାରାଧୀନ।—ଏକ ପାପରୁ କେତେ ଅନର୍ଥ ନ ବାଢ଼େ?

କଲଦେଶଠାରେ ଜଣେ ଖାଁ ପୀଡ଼ିତ ହେବାରୁ ତାଙ୍କର ଚିକିତ୍ସା ଡାକ୍ତରମାନଙ୍କଦ୍ୱାରା ହେଉଥିଲା। ଡାକ୍ତରମାନେ ଅସ୍ତ୍ର ଚିକିତ୍ସା ହୋଇ ଅଛି ଚିକିତ୍ସାର ପ୍ରୟୋଗ କରିବାରୁ ଖାଁଟି ମରିଗଲେ। ବର୍ତ୍ତମାନ ଖାଁଙ୍କର ସ୍ୱାମୀ ବ୍ରିଥସାହେବ ଡାକ୍ତରମାନଙ୍କ ଉପରେ ଏକଲକ୍ଷ ଟଙ୍କା ଦାବିରେ ମୋକଦ୍ଦମା ଉପସ୍ଥିତ କରିଅଛନ୍ତି। ମୋକଦ୍ଦମା ବିଚାରାଧୀନ।

କଲିକତା ହିଜଳିସ୍କୁଲଠାରେ ଯେ ଟିଏ ବୈଦ୍ୟୁତିକଗାଡ଼ି ଜଣେ ବୁଢ଼ୀ ଉପରେ ମାଡ଼ିଯିବାରୁ ବୁଢ଼ୀଟି ହସପିତାଲରେ ଚିକିତ୍ସିତ ହେଉଥିବାର ସମ୍ବାଦ ମିଳିଲା। ସୁସମ୍ବାଦ ଏଥିର ଉପରେ ଲାଗିଅଛି।—ବୈଦ୍ୟୁତିକଗାଡ଼ି ଚଳାଇବା ଅତ୍ୟ-ସାବଧାନର କାର୍ଯ୍ୟ!

ପଞ୍ଜାବରେ ଜଳସେଚନ ବ ର୍ଯ୍ୟର ନୂତନ କଲୋନୀ ଦେଖିଅଛି ଯେ ତହିଁରେ ... ସାତକୋଟି ଟଙ୍କା ବ୍ୟୟ ହେବ।

ଗତମାସ ତା ୨୮ ରିଖରେ ଦାର୍ଜିଲିଂ ଅଞ୍ଚଳରେ ବିଶେଷ ବୃଷ୍ଟି ହୋଇ ରେଲବାଟ ଅନେକସ୍ଥାନରେ ଭାସିଯାଇଥିବାର ସମ୍ବାଦ ମିଳିଲା।

ଉତ୍ତୋରର ରାଜକଲେଜର ଉନ୍ନତି ଅର୍ଥ ରେବାରମହାରାଣୀ ଏକଲକ୍ଷ ଟଙ୍କା ଦାନ କରିଥିବାର ସମ୍ବାଦ ମିଳିଲା। ଏ ଦାନ ଅତି ପ୍ରଶଂସ୍ୟ ଅଟେ।

Digitized by srujanika@gmail.com

Split by PDF Splitter



ନିୟମ ଅନୁସାରେ ଚନ୍ଦ୍ରାପୂର୍ଣ୍ଣିମି ଦିନ ଉଷ୍ଣଦେବତା ଜଗନ୍ନାଥ ଠାକୁରଙ୍କର ଅଭିଷେକ ହେଲା, ପରେ ଲଗ୍ନାସ୍ତ ଦିନରେ ରାଜାଙ୍କର ଅଭିଷେକ ହୋଇଥିଲା । ରାଜାଙ୍କର ନଅରଠାରୁ ଜଗନ୍ନାଥଙ୍କର ମନ୍ଦିର ଏକ ମାଇଲ ଅନ୍ତର ଓ ଏକ ସୁବିସ୍ତୀର୍ଣ୍ଣ ସଡ଼କ ଅଛି । ତୃତୀୟା ଦିନ ଘ ୧୨ ଟା ସମୟରେ ରାଜା ବାଜନାଦରେ ବାବୁ ଭଦ୍ର ଓ ପ୍ରଧାନ କର୍ମଚାରୀମାନେ ହାତୀ ଘୋଡାରେ ଦେବାର୍ଚ୍ଚନ ଉପକରଣ ସହିତ ପୁରୋହିତାଦି ଛତ୍ରଧାନଯୋଗ କର୍ତ୍ତନ କର୍ତ୍ତା ବାଦ୍ୟାଦି ସହିତ ମହାସମାରୋହରେ ଜଗନ୍ନାଥଙ୍କ ମନ୍ଦିରକୁ ଅସିଲେ । ସେଠାରେ ଠାକୁରଙ୍କ ଭୋଗ ଓ ଅଳଙ୍କାର ପରେ ଠାକୁରଙ୍କ ଅଭିଷେକ ହେଲା । ମନ୍ଦିର ବାହାରେ କର୍ତ୍ତନ ମାନଙ୍କର ନାଚ ଓ ବିଭିନ୍ନ ପ୍ରକାର ବାଜା ଓ ଦେଖିବା ଲୋକଙ୍କ ଜନତାରେ ଏକାଠି ଜନ୍ମମାନ ହେଉଥିଲା । ଦୁଇ ଘଣ୍ଟା ପରେ ସମସ୍ତେ ନଅରଠାକୁ ପ୍ରତ୍ୟାଗମନ କଲାରୁ ରାଜା ଗଦିରେ ବସିଲେ ଓ ତାଙ୍କ ହସ୍ତରେ ବ୍ରାହ୍ମଣମାନେ ଓ ପରେ ତାଙ୍କର ଜାଗିରଖିଆ କର୍ତ୍ତାମାନଙ୍କର ସଇଦାର ରାଖି ବାନ୍ଧିଲେ । ତହୁଁପରେ ରାଜା ସ୍ବହସ୍ତରେ ସମସ୍ତ ବାବୁ ଭଦ୍ରମାନଙ୍କୁ ଓ ପ୍ରଧାନ କର୍ମଚାରୀମାନଙ୍କୁ ପାନ ବାଣ୍ଟିଲେ ଓ ସଭା ଭଙ୍ଗହେଲା ।

ତୃତୀୟଦିନରେ ରାଜାଙ୍କ ଅଭିଷେକ ହୋଇଥିଲା ସେଦିନ ପୂର୍ବପର ସମାରୋହରେ ରାଜା ଜଗନ୍ନାଥ ଠାକୁରଙ୍କ ଦର୍ଶନ କରି ଆସି ସିଂହାସନରେ ବସନ୍ତେ ସମ୍ମୁଖସ୍ଥ ପ୍ରାଙ୍ଗଣରେ କର୍ତ୍ତନ କର୍ତ୍ତୀ ମାନଙ୍କର ନାଚ ଗୀତ ଓ ବହୁପ୍ରକାର ବାଜା ଖୁସି ଭେଟ ଭାବରେ ନଅର ଦର୍ଶମାନ ହେଉଥିଲା । ଅଭିଷେକ ପରେ ରାଜାସାହେବଙ୍କୁ ସମସ୍ତ କ୍ଷତ୍ରିୟମାନେ ଓ କର୍ମଚାରୀମାନେ ଯେ ଯାହାର କୁଳୋଚିତ ସ୍ଥାନରେ ଛିଡ଼ାହୋଇ ସଲାମି ଦେଲେ ଏ ସବୁଟି ଠିକ ଲାଟସାହେବଙ୍କ ଲେଭିପରି ହୋଇଥିଲା ।

ରାଜାଙ୍କଠାରୁ ଦେବାର୍ଚ୍ଚନ ମଧ୍ୟ ଦେଖିଥିଲୁଁ ବ୍ରାହ୍ମଣମାନେ ରାଜାଙ୍କୁ ମର୍ଦ୍ଦନ ମାର୍ଜନା କରିବା ମନ୍ତ୍ରର ବୋଲି ଶୁଣାଇଦେବା ଓ ସଙ୍ଗେ ସଙ୍ଗେ ବ୍ରାହ୍ମଣମାନଙ୍କ ଯାଜପିତବାନ ଧରିବାକୁ ମଧ୍ୟ ଦେଖିଥିଲୁଁ । ରାଜାସାହେବ ଶିକାରରେ ବିଶେଷ ପଟୁ ଥିବାର ଦେଖାଗଲା ଅନେକ ବଡ଼ ବଡ଼ କୁମ୍ଭୀରମାନଙ୍କୁ ସ୍ବହସ୍ତରେ ମାରି ସେ ମାନଙ୍କର ମୁଣ୍ଡହାଡ଼ ରଖିଅଛନ୍ତି ମୁଣ୍ଡ ଦେଖି ଅନୁମାନ ହୁଏ ସେ କୁମ୍ଭୀରମାନଙ୍କର ଲମ୍ବ ହାତ୧୦ରୁ କମ ଓ ହାତ୧୨ରୁ ଅଧିକ ନୁହେଁ ।

ଏ ଝଙ୍କାଳ ଭୂମି ଦେଖିବାରେ ବିଶେଷ ଉର୍ବର ମାଟି ବାଲୁମିଶ୍ରିତ ବୃଷ୍ଟିପରେ ଅଦୌ କାଦୁଅ ନାହିଁ କେବଳ ବାଲି ବୃଷ୍ଟି ଛାଡ଼ିଗଲେ ଅର୍ଦ୍ଧଘଣ୍ଟା ମଧ୍ୟରେ ପାଣି ଶୁଖିଯାଏ ଘୋଡା ପିନ୍ଧି ସ୍ୱଚ୍ଛନ୍ଦରେ ଗମନାଗମନ ହୁଏ । ଏ ଅଞ୍ଚଳରେ ମାଛିଡ଼ି ଅଦୌ ନ ଥିବାରୁ ବାଉ ଘରେ ପଣ୍ୟଦ୍ରବ୍ୟ ସବୁ ଦେଖିବାରେ ଭଲ ହୋଇଅଛି ।

୩୧।୮।୦୪ । ଚରଣେ ଦର୍ଶକ ।

ଭ୍ରମ ସଂଶୋଧନ ।

ଗତ ସପ୍ତାହ ସଂ ୩୬ ସଂ ପତ୍ରିକାର ମୂଲ୍ୟ ପ୍ରାପ୍ତିର ତାଲିକାରେ ବସ ପରମହଂସ ଟ ୩ ଙ୍କା ଲେଖା ଥିବା ସ୍ଥଳେ ଟ ୧୨ ଙ୍କା ପଢ଼ିବାକୁ ହେବ ।

ମୂଲ୍ୟପ୍ରାପ୍ତି ।

ମାନ୍ୟବର କେ, ଜି, ଗୁପ୍ତ ରେଭେନ୍ୟୁବୋର୍ଡର ମେମ୍ବର ଟ ୩
ଶ୍ରୀ ବାବୁ ସତ୍ୟବାଦୀ ବସୁ । ଡି । ସପାଖାପଟଣା

| | | |
|---|---|---|
| ଡେପୁଟି । ମ୍ୟା । | ଗଡ଼ଜାତ | ଟ ୩ |
| „ ପରମାନନ୍ଦ ସେନାପତି | ମୟୂରଭଞ୍ଜ | ଟ ୩ |
| ଲାଇବ୍ରେରି ପ୍ରଜା | | ଟ ୩ |
| ମ୍ୟୁନିସିପାଲିଟି ବୁଲି କମିଶନର୍ସ କଟକସ | | ଟ ୧ |
| ଶ୍ରୀ ବାବୁ ପଦ୍ମନାଭ ଜମିଦାର ନନ୍ଦାଖାଇ ସରତଡା | | ଟ ୧୨ |
| „ ସ୍ବନରତନ ସାହୁ | ସରତଡା | ଟ ୧୨ |
| „ ଲକ୍ଷ୍ମଣ ମଙ୍ଗରାଜ | ଚେଉଙ୍ଗ | ଟ ୦୨ |
| „ ଉପେନ୍ଦ୍ର ପଟ୍ଟନାୟକ ଦାସ ଉଦାଳାସ୍ଥର | | ଟ ୩ |
| ମାଧବଚନ୍ଦ୍ର, ମିଶ୍ର ସବ ଡିଃ ଧଃ ଝଜପୁର | | ଟ ୩ |
| „ ନବକନେ ହିଜ ମହାନ୍ତି | ମୟୂରଭଞ୍ଜ | ଟ ୩ |
| „ ବ୍ରଜନାଥ ମହାନ୍ତି | ଦଶପଲ୍ଲା | ଟ ୩ |
| „ ହରିହରସିଂହ ମିଶ୍ର | | ଟ ୧ |
| „ ଚନ୍ଦ୍ରମୋହନ ଦାସ | ବାଲେଶ୍ୱର | ଟ ୩ |
| „ ହରେକୃଷ୍ଣ ହାଲଦାର | କଟକ | ଟ ୧ |
| ପଣ୍ଡିତ ବହ୍ନି ଜନ ପଣ୍ଡା | କଟକ | ଟ ୧ |
| ଶ୍ରୀ ବାବୁ କଳିଲରଞ୍ଜନ ଦାସ | କଟକ | ଟ ୧ |
| „ ଟେକେଲ ପଟ ଭାଟ୍ଟାର୍ଯ୍ୟ | | ଟ ୩ |
| „ ଲକ୍ଷ୍ମୀମଣି ସାମନ୍ତ | | ଟ ୧ |
| „ କପିଳଚରଣ ସାହୁ ଜମିଦାର ସୁନ୍ଦରପୁର | | ଟ ୩ |
| „ ବୈକୁଣ୍ଠନାଥ କର | କୋଲକ | ଟ ୧ |
| „ ନୀଳମଣି ଦେବ | ରାଣୀହାଟ | ଟ ୧୨ |

# ବିଜ୍ଞାପନ ।

ଆମ୍ଭ ଦୋକାନରେ ନିମ୍ନଲିଖିତ ଜିନିସମାନ ଅତି ସୁଲଭ ଦରରେ ବିକ୍ରୀ ହୁଅଇ । ଗ୍ରାହକମାନେ ପରୀକ୍ଷା କରି ଦେଖିଲେ ସନ୍ତୁଷ୍ଟ ହେବେ, ଦର ସବୁଦିନେ ସମାନ ନ ଥାଏ । ବର୍ତ୍ତମାନର ଦର ପ୍ରତ୍ୟେକ ଦ୍ରବ୍ୟ ପାଖରେ ଲେଖାଗଲା ।

| | | | |
|---|---|---|---|
| ଦେଶୀ ଚେଣୀ | ମହଣ | କଟକ | ଟ ୪୮ |
| „ ଟିଲ ନଂ ୧ ମହଣ | „ | „ | ଟ ୫୦ |
| ଅଟା ଉଲବଡ | ଟଙ୍କାକୁ | „ | ସେ ୧୨ |
| ମଇଦା „ | „ | | ସେ ୬ |
| ସୁଜି „ | „ | | ସେ ୩।୯ |
| ତେଲ ମୋଟ | ଟଙ୍କାକୁ | „ | ସେ ୩।୯ |
| „ ଖାସ ମୋଟ ଛତା | „ | „ | ସେ ୨ |
| „ ଘୋଡ଼ିଅ କଲକତ | „ | „ | ସେ ୨୨ |
| „ „ ଢାକିପୁର | | „ | ସେ ୨।୯ |

| | | | |
|---|---|---|---|
| ତେଲ ଦେଶସିନ ହାତମାର୍କା ୧ ଟିନକୁ | | | ଟ ୧୩/୯ |
| ସୁତ ଚଣ୍ଡି | ଟଙ୍କାକୁ | କଟକ | ସେ ୫ |
| ଭଉଜା ସୁଡ଼ | „ | „ | ସେ ୫୩ |
| କହାଲ ଗୁଡ଼ର | „ | „ | ସେ ୩ |
| ଚନ୍ଦନ | „ | „ | ସେ ୩୪ |
| ଦଶ ଧୁଲକଡ | „ | „ | ସେ ୩୩ |
| ମିଶ୍ରୀ ଚଣ୍ଣୀ | „ | „ | ସେ ୨୯ |
| ଚୌଧୁରୀଜଗନ୍ନାଥ ଛକି କଟକ | ଶ୍ରୀ ସଦେଇ ଦଲେଇ | | |

# ବିଜ୍ଞାପନ ।

ଏତଦ୍ବାରା ସର୍ବସାଧାରଣଙ୍କୁ ଜଣାଉ ଯାଉଅଛି ଯେ କଟକ ଡିଷ୍ଟ୍ରିକ୍ଟ ବୋର୍ଡ୍ ଅଧୀନସ୍ଥ ବାଙ୍କିପାଟଣା ଓ ଅଳେଇକଣା ଘାଟମାନ ଅତ୍ର ଡିଷ୍ଟ୍ରିକ୍ଟବୋର୍ଡ୍ ଅଫିସରେ ଆସନ୍ତା ସେପ୍ଟେମ୍ବରମାସ ତା ୧୨ ରଖ ମୁତାବକ ଭାଦ୍ରବ ଦି ୨୯ ନ ରୋଜ ସୋମବାର ଦିବା ଘ ୧୨ ଟା ସମୟରେ ପ୍ରକାଶ୍ୟ ଡାକ ନିଲାମ ହୋଇଯିବ । ନିଲାମ ଡାକିବା ଇଚ୍ଛୁକ ଲୋକମାନେ ଅତ୍ର ଡିଷ୍ଟ୍ରିକ୍ଟବୋର୍ଡ୍ ଅଫିସରେ ଉପର ଲିଖିତ ସମୟରେ ହାଜର ହୋଇ ନିଲାମ ଡାକିପାରିବେ ଏ ସମ୍ବନ୍ଧେ ଯାହା କିଛି ଜାଣିବା ଆବଶ୍ୟକ ହେବ ଅତ୍ର ଡିଷ୍ଟ୍ରିକ୍ଟବୋର୍ଡ୍ ଅଫିସରେ ତଲାସ କଲେ ଜାଣି ପାରିବ ।

| | |
|---|---|
| Cuttack D. B. office 29—8—04. | J. C. Chunder, Vice Chairman. |

କଟକ ଡି, ବୋ, ଅଫିସ
ତା ୨୯ ରଖ ଅଗଷ୍ଟ ସନ ୧୯୦୪

# କର୍ମଖାଲି ।

ଷ୍ଟେଟ ମୟୂରଭଞ୍ଜ ବାମନଘାଟୀ ବନ୍ଦୋବସ୍ତ ସରାଞ୍ଜ ନ ୨୦୦ ଣ ଇନ୍ସ୍ପେକ୍ଟର ଅତିବ ଆବଶ୍ୟକ । କାର୍ଯ୍ୟ ପ୍ରାର୍ଥୀମାନେ ଆଗାମୀ ନଭେମ୍ବର ମାସ ତା ୧୫ ରଖ ମଧ୍ୟେ ନିଜ ନିଜ ପ୍ରଶଂସାପତ୍ର ସହ ବେଙ୍ଗଲ ନାଗପୁର ରେଲଓ୍ୱେର ରାଇରଙ୍ଗପୁର ଷ୍ଟେସନର ଗୃହଁବାସ ଦେଇ ବହଲଦା ମୁକାମେ ନିମ୍ନ ସ୍ୱାକ୍ଷରକାରଙ୍କ ସମୀପରେ ଉପସ୍ଥିତ ହେବେ, ଅମିନମାନଙ୍କ ଦସ୍ତୁରମତ ଠିକାଦାର ଅନୁଯାୟୀ ଓସଗର ଦିଆଯିବ । ଏହି ଇନ୍ସ୍ପେକ୍ଟର ଅମିନମାନଙ୍କଦ୍ୱାରା ଖସଡ଼ା ( ଖାନାପୁରୀ ) କାର୍ଯ୍ୟ ମଧ୍ୟ କରାଯିବ । ଇତି ।

ଏସ୍, କେ ଚାଟାର୍ଜ୍ଜୀ
ସେଟଲମେଣ୍ଟ ଅଫିସର
ବାମନଘାଟୀ
ପୋଷ୍ଟ ବହଲଦା
ମୟୂରଭଞ୍ଜ

Digitized by srujanika@gmail.com

Split by PDF Splitter





## ବିଜ୍ଞାପନ ।

କଟକ ଟ୍ରେଣ୍ଡିଂକମ୍ପାନୀଙ୍କ ପୁସ୍ତକଦୋକାନରେ କଣ୍ଡାରିଗାର୍ଟେନ ବାକସ, କଣ୍ଡାରିଗାର୍ଟେନ ପ୍ରଣାଳି ଅନୁଯାୟୀ କାମ୍ପ, ଉଚ୍ଚ ପ୍ରାଇମେରି ଓ ମଧ୍ୟଛାତ୍ର ପାଠ୍ୟପୁସ୍ତକମାନ ଉଚିତ ମୂଲ୍ୟରେ ବିକ୍ରୟ ହୁଅଇ । ମୋଫସଲର ସ୍କୁଲମାଷ୍ଟର ଓ ଅପର ସମସ୍ତଙ୍କ ଛାତ୍ରମାନଙ୍କ ନିକଟକୁ ଭି, ପିରେ ପଠାଯାଏ । ଏହାଛଡ଼ା ଅନ୍ୟାନ୍ୟ ସମସ୍ତ ପୁସ୍ତକ ଏବଂ ଅଫିସରେ ବ୍ୟବହାର୍ଯ୍ୟ କାଗଜ, କଲମ ଟେପଲସିଲ, କୁସି ଓ ଦୁଆତ, ଆବଶ୍ୟ ଅବ ଇଂରାଜୀ ଜିନିସମାନ ସୁଲଭ ମୂଲ୍ୟରେ ବିକ୍ରୟ ନିମିତ୍ତ ପ୍ରସ୍ତୁତ ଅଛି । ଅର୍ଡର ପାଇବା ମାତ୍ରେ ପଠାଇ ଦିଆଯାଏ ।

ତା ୧୫।୭।୧୯୦୪ ଶ୍ରୀ ଗୌରୀଶଙ୍କର ରାୟ ସେକ୍ରେଟରୀ

---

## ନୂତନ ନାଟକ ।

ରାମଶଙ୍କର ରାୟ କୃତ

## କାଞ୍ଚନମାଳୀ ନାଟକ ।

ମୂଲ୍ୟ ... ୧ ଟ ୦ ୩
ଡାକମାସୁଲ ଟ ୦୧୬

ଶ୍ରୀ ରାମଚନ୍ଦ୍ର ରାୟ କର୍ତ୍ତୃକ ପ୍ରକାଶିତ
ସରଳ ଭାଷାନୁବାଦ ସହିତ
ଶ୍ରୀମଦ୍‌ଭଗବଦ୍‌ଗୀତା
( ଚତୁର୍ଥ ସଂସ୍କରଣ )

କଟକ ଟ୍ରେଣ୍ଡିଂକମ୍ପାନୀଙ୍କ ପୁସ୍ତକାଳୟରେ ବିକ୍ରୀତ ହେଉଅଛି । ମୂଲ୍ୟ ଅତି ସୁଲଭ— ଟ ୦ ।୵ ମାତ୍ର । ମୋଫସଲକୁ ଡାକମାସୁଲ ପ୍ରତିଖଣ୍ଡକୁ ।ଏକ ପଇସା ।

---

ଶ୍ରୀକୃଷ୍ଣ ମହାପାତ୍ରଙ୍କ

## ରୌପ୍ୟଦ୍ୱାରୀମାନସୁଆଳ

୨ୟ ସଂସ୍କରଣ
ମୂଲ୍ୟ ଟ ୦ ୩

ଏହି ପୁସ୍ତକ ସଂଶୋଧିତ ହୋଇ ପୁନଶ୍ଚ ଛପା ହୋଇଅଛି । ଏଥିରେ "ପଞ୍ଚାଏତମାନଙ୍କ ପ୍ରତି ଉପଦେଶ" ଓ "ଦଫାଦାରମାନଙ୍କ କର୍ତ୍ତବ୍ୟ" ଓ "ପୋଲିସର ଧର୍ତ୍ତବ୍ୟ ଅପରାଧର ତାଲିକା" ପ୍ରଭୃତି କେତେଗୁଡ଼ିଏ ନୂତନ ବିଷୟ ଦିଆ ଯାଇଅଛି ।

ଯେଉଁ ନିୟମମାନ ନୂତନ ଚଳାଇଅଛି ଓ ଯେଉଁ ପ୍ରଚଳିତ ନିୟମ ବଦଳିଯାଇଅଛି ତାହା ଏହି ପୁସ୍ତକରେ ସନ୍ନିବେଶିତ ହୋଇଅଛି ।

କଟକ ଟ୍ରେଣ୍ଡିଂକମ୍ପାନୀଙ୍କ ପୁସ୍ତକାଳୟରେ ପ୍ରାପ୍ତବ୍ୟ ।

---

## ଖୁବ ଶସ୍ତା ! ଖୁବ ଶସ୍ତା !!

ଦରେଗେଲଣ୍ଟ ୱାଚ ।



ଏହା ରୁପାର ,ଖୋଲ ମଡ଼ି, ଇଣ୍ଡିଗ୍ରେନ ୱାଚ ଗାରୁଣ୍ଟି ନିକେଲ ରୁପାର ହେବ । ଏଥିରେ ଥିବା ଘଣ୍ଟା ଲଗେ ନାହିଁ ଏହା ପ୍ରଥମଥର ଅସ୍ମାକଙ୍କଦ୍ୱାରା ଏଦେଶ ଆମଦାନି ହୋଇଅଛି ।

ଏଥିରେ ଠିକ ସମୟ ମିଳେ । ସହଜରେ ଏହାର ବ୍ୟତିକ୍ରମ ଘଟେ ନାହିଁ । ଏହାର ଉଜ୍ଜ୍ୱଳ ଷ୍ଟେଷ୍ଟ୍ରଲେପ ଘଣ୍ଟା ଘରେ ରଖ ଶୁଖାଇ ଅନ୍ୟାନ୍ୟ ଚେନ ଅ-ପଣା ଏହା ଅନେକଦିନ ପର୍ଯ୍ୟନ୍ତ ଠିକ ସମୟରେ ଚଳେ ।

ସୁନାରେ ଗିଲ୍ଟି କରା ଗୋଟିଏ ଚେନ୍ର ସହିତ ଏହାର ମୂଲ୍ୟ ଟ ୩୷ ମାତ୍ର

S. FRANK & Co.,
Practical Watch-makers, Manufacturing Jwellers and Agents.
Bowbazar U. D. Calcutta.

---

## ADVERTISEMENT.

WORTH THE ATTENTION OF RICH !
ELECTRIC ANE ACETYLENE LIGHTS AND NOVELTIES.

| | | |
|---|---|---|
| Special Electric Bed Fan the best suited for the season | Rs 80 to Rs 250 | |
| Electric fancy Table, Wall or Hanging lamp complete | Rs, 35 to Rs. 75 | |
| Electric ... Button | „ 12 | 15 |
| Acetylene Table Wall or Hanging lamp complete | Rs. 15 | 55 |
| Acetylene Revolving lamp | „ 40 | 85 |
| Acetylene ordinary lamp | „ 5 | 15 |
| Harmonium | „ 35 | 100 |
| Phonographs and Graphophones | 50 | 150 |

Terms cash or V. P. P Catalogue free on application.

Edward Electric and Acetylene Works Co
General order supplier Electrical contractor
64 College Street Calcutta.

---

## NEW YORK LIFE INSURANCE COMPANY

Is the property of the Policy Holders and all profits made are allotted to them. A safe and profitable investment.—For full particulars apply to

H. J, BELL
*Agent Cuttack*

---

## IT'S SO EASY TO NEGLECT THAT COLD!

IT'S so fatally easy to let that cold turn into Ague and fever.

But it's easy also, to find a good remedy in Batliwalla's Ague Mixture or Pills for it which are equally useful in Malarious, ntermittent, and Bilious Feves, and mir orm of Plague, Surgeon Major Jayska says: That it is a safe and reliable remedy

Batliwalla & Co's Cholerol, specific for cholera and Batliwalla's Ague Mixture or Pills, may be had of DR. H. L. BATLIWALLA'S, Worli- Dadar Bombay and everywhere.

At Re. per bottle. Discount to the Trade

---

## ବିଜ୍ଞାପନ ।

ସ୍ୱର୍ଗୀୟ ମହାରାଜକର ଅଙ୍କଳ ପଦ୍ୟାନୁବାଦ ରାଜା କୃଷ୍ଣସିଂହ କୃତ ମହାଭାରତ ଉତ୍ତମରୂପେ ସଂଶୋଧିତ ଓ ମୁଦ୍ରିତ ହୋଇ, ନିମ୍ନଲିଖିତ ପର୍ବମାନ ଏ ପ୍ରେସରେ ବିକ୍ରୟାର୍ଥ ପ୍ରସ୍ତୁତ ଅଛି ଅବଶିଷ୍ଟ ପର୍ବମାନ ଯନ୍ତ୍ରସ୍ଥ । ଶୀଘ୍ର ପ୍ରକାଶିତ ହେବ ।

| | |
|---|---|
| ସଭାପର୍ବ | ଟ ୦ ୩୵ |
| ବିରାଟପର୍ବ | ଟ ୦ ୪ |
| ଉଦ୍ୟୋଗପର୍ବ | ଟ ୧ ୧ |
| କର୍ଣ୍ଣପର୍ବ | ଟ ୦ ୬ |
| ଶଲ୍ୟାଦି ପର୍ବତ୍ରୟ | |
| ଏକତ୍ରେ | ଟ ୦ ୬ |

ଜଗନ୍ନାଥ ପ୍ରେସ କଟକ } ଶ୍ରୀ ଅଭିନ ଦାସ୍ତ ପ୍ରେସ ମେନେଜର

---

ବିଜ୍ଞାପନ ।



ଏହା ସର୍ବପ୍ରକାର ଶାନ୍ତିକ୍ଷୟର ଅବ୍ୟର୍ଥ ମହୌଷଧ । ଜ୍ୱାଳା ଯନ୍ତ୍ରଣା ନାହିଁ ସହସ୍ର ଲୋକ ଅରୋଗ୍ୟ ଲଭି ପ୍ରଶଂସା କରୁଅଛନ୍ତି ।

ମୂଲ୍ୟ ଏକଡବା ଟ ୦ ।୵ ତିନଡବା ଟ ୧୧
ଛଅଡବା ଟ ୧୬ ବାରଡବା ଟ ୩୧

ଦାଦ୍ରୁ, ଘୁଣ୍ଡିଆ, ନାନାପ୍ରକାର ଚର୍ମରୋଗର ଔଷଧ । କୌଣସିପ୍ରକାର ଯନ୍ତ୍ରଣା ସ୍ତବ ନାହିଁ ଲଗାଇବାର ସୁନ୍ଦର ଉପାୟ ବ୍ୟବସ୍ଥାପତ୍ରରେ ବର୍ଣ୍ଣିତ ହୋଇଅଛି । ଉପରୋକ୍ତ ରୋଗସମୂହରେ ଏ ଔଷଧ ଲଗାଇଲେ ତିନିଦିନ ମଧ୍ୟରେ ସମ୍ପୂର୍ଣ୍ଣ ଆରୋଗ୍ୟ ହୋଇଯାଏ ।

ମୂଲ୍ୟ ଏକଡବା ଟ ୦ ୩ ତିନଡବା ଟ ୫।୵
ଛଅଡବା ଟ ୨୩ ବାରଡବା ଟ ୪୧

ସମସ୍ତେ ଦାଦ, ଖାଜ, ଡାଉରାଉ, ଛଙ୍ଗ ଓ କେଉଁ ଔଷଧ କେତେଡବା ନେବେ ସ୍ପଷ୍ଟରୂପେ ପତ୍ରରେ ତାହା ଉଲ୍ଲେଖ କରି ଲେଖିବେ ।

ଏକମାତ୍ର ପ୍ରାପ୍ତିସ୍ଥାନ ।
ଶ୍ରୀ ପ୍ରାଣନାଥ ଦେବ
ହେଡ଼ ଉତ୍କଳ ପ୍ରେସ, ବାଲେଶ୍ୱର



Digitized by srujanika@gmail.com

# ବିଜ୍ଞାପନ ।



### ସନ୍ନ୍ୟାସୀ ପ୍ରଦତ୍ତ ।

ବହୁମୂତ୍ର ଓ ଧ୍ବଜଭଙ୍ଗ ରୋଗର ମହୌଷଧ ଏକ ସପ୍ତାହରେ ସମସ୍ତ ଅବଗତ ହୋଇ ପାରିବେ ଦ ୭ ଦ ଟ ୧ ୯ ।

ଏହି ଔଷଧାଳୟରେ ଆୟୁର୍ବେଦ ଶାସ୍ତ୍ରୋକ୍ତ ସର୍ବପ୍ରକାର ଔଷଧାଦି ନ୍ୟାଯ୍ୟ ଓ ସୁଲଭ ମୂଲ୍ୟରେ ପ୍ରାପ୍ତବ୍ୟ । ମୋଫସଲର ରୋଗିମାନେ ରୋଗର ଅବସ୍ଥା ଅର୍ଦ୍ଧ ଅଣାର ଷ୍ଟାମ୍ପ ଏହି ଲେଖିଲେ ସୁବ୍ୟବସ୍ଥା ସତ୍ବର ପ୍ରେରିତ ହୁଏ ।

### ଷଡ୍‌ଗୁଣାବଳୀଜାରିତ ସ୍ବର୍ଣ୍ଣସିନ୍ଦୂର ମକରଧ୍ବଜ ।

ଏହା ସର୍ବ ରୋଗନାଶକ ଓ ଜଗଦ୍ବିଖ୍ୟାତ ଔଷଧ ଅନୁପାନ ବିଶେଷରେ ପ୍ରୟୋଗ ହେଲେ ଏହାଦ୍ବାରା ଅଜୀର୍ଣ୍ଣ, ଅର୍ଶ, ଅମ୍ଳପିତ୍ତ, ଶୂଳବେଦନା, ସୂତିକାରୋଗ, କୋଷ୍ଠ ଅପରିଷ୍କାର ଜ୍ୱର, କାଶ, ଶ୍ୱାସ, କ୍ରିମି, ପାଣ୍ଡୁ ଏବଂ ବୃଦ୍ଧାବସ୍ଥାର ପ୍ରାୟ ସମସ୍ତ ପୀଡ଼ା, ଉତ୍କଟ ବ୍ୟାଧି ଅନ୍ତେ ଓ ସ୍ତ୍ରୀମାନଙ୍କର ପ୍ରସବ ଶେଷରେ ଦୌର୍ବଲ୍ୟ, ଅଜୀର୍ଣ୍ଣ ଜଟିଳ ରୋଗମାନଙ୍କର ଶୀଘ୍ର ଉପକାର ହୁଏ । ଅତଏବ ଅଧ୍ୟୟନ କିମ୍ବା ଅପର କୌଣସି ଶାରୀରିକ ବା ମାନସିକ ପରିଶ୍ରମଜନ୍ୟ ଧାତୁଦୌର୍ବଲ୍ୟ, ମସ୍ତିଷ୍କର ସ୍ନାୟୁବିକଳତା, ସ୍ମରଣଶକ୍ତିର ଅଳ୍ପତା ଚକ୍ଷୁର ଜ୍ୟୋତିହ୍ରାସ, କଟିପୀଡ଼ା ପ୍ରଭୃତି ଏବଂ ଶିଶୁମାନଙ୍କର ସର୍ବ ରୋଗ ପକ୍ଷରେ ଅବ୍ୟର୍ଥ ମହୌଷଧ । ସାତ ମାତ୍ରାର ମୂଲ୍ୟ ୧ ଟ ୧ ଟ ୧ ଟ ୪୦

### ଶୁକ୍ରବର୍ଦ୍ଧକ ବଟିକା ।

ଏହି ଔଷଧ ସ୍ନାୟୁଶକ୍ତିବର୍ଦ୍ଧକରେ ଏକମାତ୍ର ମହୌଷଧ, ଯେଉଁମାନଙ୍କର ମସ୍ତିଷ୍କ ଦୁର୍ବଳ ହୋଇ ଅଛି, ସେମାନେ ଏହି ଔଷଧ ବ୍ୟବହାର କଲେ ଅଳ୍ପ ସମୟ ମଧ୍ୟରେ ବିଶେଷ ଫଳଲାଭ କରିପାରିବେ ଏବଂ ଧାତୁଦୌର୍ବଲ୍ୟ ଉପଶମ ହେବ । ଏହା ସମ୍ବନ୍ଧରେ ବାହୁଲ୍ୟ ଅନୁଷ୍ଠାନ ଅନାବଶ୍ୟକ । ଥରେ ମାତ୍ର ସେବନ କଲେ ସମସ୍ତ ଅବଗତ ହୋଇ ପାରିବେ ।

ଏକ ଡବା ଔଷଧର ମୂଲ୍ୟ ଟ ୧୦ ମାତ୍ର ।

### କଳ୍ପତରୁ ରସାୟନ ।

### ( ଦେଶୀୟ ସାଲସା )

ଏହାରେ ଉପଦଂଶ ( ଗରମି ) ଷତ, ପାରଦାଦି ଦୋଷ ଜନିତ ଶରୀରରେ ଘା ଓ ଚର୍ମରୋଗ; ଷ୍ଟୋଟଭୋଗୀ ଓ ବାତ ପ୍ରଭୃତି ନିଶ୍ଚୟ ଆରୋଗ୍ୟ ହୁଏ । ଅଧିକନ୍ତୁ ଏହା ରକ୍ତ ପରିଷ୍କାର କରି ଶରୀରର ପୁଷ୍ଟି ସାଧନ କରେ ଏହା ସମସ୍ତ ଋତୁରେ ବ୍ୟବହାର ହୁଏ ।

ଏକ ଶିଶିର ମୂଲ୍ୟ ଟ ୧୦ ମାତ୍ର ।

ଏକତ୍ର ତିନିଶିଶି ନେଲେ ଟ ୪ ଙ୍କା ମାତ୍ର ।

ଚୌଧୁରୀ ବଜାର } ଶ୍ରୀ ଗଜପତି କର କବିରତ୍ନ
ଅଧ୍ୟକ୍ଷ
କଟକ } ଆୟୁର୍ବେଦୀୟ ଔଷଧାଳୟ




ଡାକ୍ତର ମେଜର ସାହେବଙ୍କ ଅଦ୍ଭୁତ, ବହୁବିଖ୍ୟାତ ସେହି **ଇଲେକ୍ଟ୍ରୋ ସାଲସା** ଆଦି ଓ ଅକୃତ୍ରିମ ଆଶ୍ଚର୍ଯ୍ୟଗୁଣ ! ପ୍ରତ୍ୟକ୍ଷଫଳ ଚତୁଃସୀମାରେ ଜୟଯୁକ୍ତ କରିଅଛି । ଏହା ରକ୍ତଦୁଷ୍ଟିର ବହ୍ନାସ୍ତ୍ର, ପାରଦୋଷ ନାଶ କରିବାକୁ ଅମୋଘ, ବାତଗ୍ରସ୍ତ ରୋଗର ଭରସା, ଧାତୁଦୌର୍ବଲ୍ୟ ଓ ପ୍ରମେହ ପୀଡ଼ାରେ ଅଦ୍ବିତୀୟ ଓ ଅବ୍ୟର୍ଥ ।

ଅସଂଖ୍ୟ, ଅଯାଚିତ ପ୍ରଶଂସାପତ୍ର ଅବ୍ୟର୍ଥତା, ଅଲୌକିକତା ଅକୃତ୍ରିମତାର ଜ୍ୱଳନ୍ତ ପ୍ରମାଣ, ଜ୍ୱଳନ୍ତ ସାକ୍ଷୀ ଦେଉଅଛି ।

୧ । ମହାମାନ୍ୟ ମହାରାଜା ସାର ସୂରଜଦେଓ ବାମଣ୍ଡାରୁ ଲେଖିଅଛନ୍ତି:—"※※※ମୁଁ ନିଃସନ୍ଦେହରୂପେ କହୁଅଛି ଯେ "ଇଲେକ୍ଟ୍ରୋ ସାଲସା" ଦୂଷିତ ରକ୍ତ ପରିଷ୍କାର କରିବା ଓ ରକ୍ତଦୁଷ୍ଟି ହେତୁ ବହୁବିଧ ରୋଗ ଆରୋଗ୍ୟ କରିବା ପକ୍ଷରେ ସର୍ବୋତ୍କୃଷ୍ଟ" ।

୨ । ମହାମାନ୍ୟ ମହାରାଜା ଗଉରଚନ୍ଦ୍ରଦେଓ ରେଢ଼ାଖୋଲରୁ ଲେଖିଅଛନ୍ତି—"※※※ ବିଜ୍ଞାପନର ମୋହରେ ପଡ଼ି ※※※ ଔଷଧ ମଗାଇଲି, ଉପକାର ହେବା ଦୂରେ ଥାଉ ଅପକାର ହେଲା ସେଥିରେ ପାରା ଅଛି ବୋଲି ଜଣାପଡ଼ିଲା । କିନ୍ତୁ ଆପଣମାନଙ୍କର ଇଲେକ୍ଟ୍ରୋ ସାଲସାର ଗୁଣ ମୁଁ ସୁଝି ପାରିବି ନାହିଁ । ମୋତେ ଆହୁରି ଏଗାରଜାର ପଠାଇଦେବେ" ।

୩ । ମହାମାନ୍ୟ ମହାରାଜା ଦଇତରି ମର୍ଦ୍ଦରାଜ ଦେଓ ଖଲିକୋଟରୁ ଲେଖିଅଛନ୍ତି—"ରକ୍ତ ପରିଷ୍କାର କରି ବଳ ସ୍ୱାସ୍ଥ୍ୟ ବୃଦ୍ଧି କରିବାକୁ ଇଲେକ୍ଟ୍ରୋ ସାଲସାର କ୍ଷମତା ଅସୀମ ଅଟେ" ।

ମୂଲ୍ୟ ପ୍ରତି ଶିଶି ଟ ୨ ୧ ଟା ୮/୦ ଶିଶିକୁ ଯଥାକ୍ରମେ ଟ ୫ ।, ଟ ୧୦ ଟ ୨୦ ୧ ଡାକମାସୁଲ

Split by PDF Splitter
Digitized by srujanika@gmail.com

ଡାକ୍ତର ମେଜର ସାହେବଙ୍କର ଅଦ୍ଭୁତ

ମହିଳାମାନଙ୍କର **ହେୟାର-ଲାଇନ୍** ସୋହାଗର ସାମଗ୍ରୀ

କେଶର ସମ୍ପୋଷଣ, ସମ୍ବର୍ଦ୍ଧନ ଓ ଶୋଭାବର୍ଦ୍ଧନକାରୀ ମନୋହର କେଶ ତୈଳ । କେତୋଟି କେଶବର୍ଦ୍ଧନଗୁଣାନ୍ୱିତ




ସତ୍ୟ ପ୍ରସ୍ତୁତ ସୁଗନ୍ଧଯୁକ୍ତ, ଶଳ୍ୟ ପ୍ରାଣ ସ୍ନିଗ୍ଧ ସାର, ବୈଜ୍ଞାନିକ ପ୍ରଣାଳୀରେ ଏକତ୍ରିତ କରି ବଣୁଚ କେଶ ପୋଷକ ତୈଳ ସଂଯୋଗରେ ଏହି ହେୟାର-ଲାଇନ ପ୍ରସ୍ତୁତ ହୋଇଅଛି । ଅପଣ ଏହା ଲଗାଉବାକୁ ଆରମ୍ଭ କରନ୍ତୁ, ଅପୂର୍ବ ସୌରଭରେ ଗୃହଅଙ୍ଗ ମହକ ସଞ୍ଚର । ମସ୍ତିଷ୍କ ସ୍ନିଗ୍ଧ ହେବ । ଶରୀର ସେତେବେଳେ ମନୋହର ସୁଗନ୍ଧରେ ମଗ୍ନ ହେବେ । ଅପଣଙ୍କ ମନେ ହେବ ଯେପରି ପ୍ରସ୍ଫୁଟିତ ପୁଷ୍ପ ଉଦ୍ୟାନରେ ଅଛନ୍ତି ।

"ହେୟାର-ଲାଇନ" ଲଗାଇ କେଶ ବନ୍ଧନ କଲେ ୨୪ ଘଣ୍ଟାକାଳ ଉକ୍ତ ସୁଗନ୍ଧରେ ଥାଏ । ସ୍ନାନ ପରେ ଦେହରେ ଯେତେ ସାବନ ଘଷିଲେ, ହେୟାର-ଲାଇନର ଗନ୍ଧ ଛାଡ଼େ ନାହିଁ, ଯେପରି ସୌରଭର କଣ୍ଠାର ହୋଇଥାଏ । ଅତି ମୂଲ୍ୟବାନ୍ ଅତର ଓ ବଦେଶୀୟ ସଂଯୋଗରେ ତୈଳ ପ୍ରସ୍ତୁତ ଏହାର ସୌରଭ ଓ ଗୁଣ କେହି ଜାଣେ ।

"ହେୟାର-ଲାଇନ" ରଙ୍ଗ ଅତି ମନୋହର, ସ୍ୱଚ୍ଛ ଉଜ୍ଜ୍ୱଳ ଓ ସ୍ୱଚ୍ଛ । ଏଥି ନିମନ୍ତେ କେଶରେ ଜଟା ଧରେ ନାହିଁ, ଜଟା ଧରେ ନାହିଁ, ଦୁର୍ଗନ୍ଧ ହୁଏ ନାହିଁ ।

"ହେୟାର-ଲାଇନ" କେବଳ ସୌଖିନ ଜିନିଷ ନୁହେ ମୁଣ୍ଡ ବ୍ୟଥା, ମୁଣ୍ଡ ବୁଲା, ଚକ୍ଷୁ ଜ୍ୱାଳା ପ୍ରଭୃତି ଶିର ରୋଗର ମହୌଷଧ । ବୃଦ୍ଧ, ପାଚିଲା ବାଳ, ଲାଲ ଦାଗ, ଗଭ ଅତି ପଡ଼ ହେବା, ସ୍ତ୍ରୀଲୋକ ଅକାଳ ଭଙ୍ଗ, ଅସ୍ୱାଭାବ ଚୌବନ, ଚୁଟି ପଡ଼ିବା ପ୍ରାୟ ବୋଧ ହେବା, ଅନିଦ୍ରା, ଚକ୍ଷୁ ଜ୍ୱାଳା ପ୍ରଭୃତି ଉପସର୍ଗ ଦୂରୀକରଣରେ ଏହା ଭଳି ଆଶୁଫଳପ୍ରଦ ଔଷଧ ଅଛି ନାହିଁ । ଏହା ସୁବର୍ଣ୍ଣ—ସୁଗନ୍ଧ ଭୂଷଣ ।

"ହେୟାର-ଲାଇନ" ବ୍ୟବହାରକାରୀ କେଶ ଲମ୍ବ ଲମ୍ବା ହୁଏ, କେଶର ମୂଳ ଦୃଢ଼ ହୁଏ, କେଶ ଚିକ୍କଣ ଘନ ନିଶ୍ଚିତ ହୁଏ, ନିଶ୍ଚିନ୍ତ ଅଶ୍ରୁ ବହେ । ଅଳ୍ପ ଦିନ ବ୍ୟବହାର କଲେ ଶୀତଳ ତୈଳ ଲମ୍ବ ହୁଏ, ମୁଣ୍ଡର ଲୁଟି ପ୍ରଭୃତି ନଷ୍ଟ ହୁଏ; କେଶ ଘନ, କୋମଳ ଓ ସୁନ୍ଦର ହୁଏ, ଦେହର ଦୁର୍ଗନ୍ଧ ଦୂର ହୁଏ, ଚର୍ମ କୋମଳ ଓ କାନ୍ତିଯୁକ୍ତ ହୁଏ, ଶରୀର ସୌନ୍ଦର୍ଯ୍ୟ ବୃଦ୍ଧି ହୁଏ । ହେୟାର-ଲାଇନ ସମସ୍ତେ ବ୍ୟବହାର କରନ୍ତୁ । ଏହା ପ୍ରେମିକ ପ୍ରେମିକାର ଅଦ୍ଭୁତ ସାମଗ୍ରୀ ।

ମୂଲ୍ୟ ପ୍ରତି ବଡ଼ ଶିଶି ଟ ୧ (୩,୬,୧୨ ଶିଶି କମାନୁସାରେ ଟ ୩, ଟ ୫, ଟ ୧୦ ଡାକ ଓ ପ୍ୟାକିଂ ମାସୁଲ ସ୍ୱତନ୍ତ୍ର ।

ପ୍ରାପ୍ତିସ୍ଥାନ ଡବଲିଉ ମେଜର ଏଣ୍ଡ କୋମ୍ପାନୀ—କଲିକତା





ଡାକ୍ତର ମେଜର ସାହେବଙ୍କର

ନୂତନ ଆବିଷ୍କାର !

ଜଗତରେ—ଯୁଗାନ୍ତର !!

ଅସାଧ ରୋଗର—ସାଧ ଔଷଧ !!!



ହାଇଡ୍ରୋସଲ-ଛିଲିକ୍ ସାର

ବା

କୋଷ ବୃଦ୍ଧିର ଅମୋଘ ଔଷଧ ।

ଏହି ଭାରତବର୍ଷରେ ହଜାରକୁ ଅଧିକ ଲୋକ ଏହି ଅରୋଗ୍ୟ ରୋଗ ଭୋଗୁଅଛନ୍ତି । ଆମ୍ଭେମାନେ ଦୃଢ଼ତା ସହିତ କହିପାରୁ, ଏହି ପ୍ରଦେଶରେ ନିୟମିତ ରୂପେ ବେଳେ ବେଳେ ସପ୍ତାହ ବ୍ୟବହାର କଲେ ଏକଶିଶି ବା ଦୁଇଶିଶି ଯେତେ ଦରକାର ହେବ, ସେତେ ସୁଫଳ ମିଳିବ ଏବଂ ସ୍ଥାୟୀ ଅରୋଗ୍ୟ ହେବ । ଯେଉଁମାନେ ଏହି ରୋଗରେ ପଡ଼ି ଓ ତାହାର ଦେହ ଅସ୍ୱାଭାବିକ ଉପସର୍ଗ ଭୋଗୁଅଛନ୍ତି, ସେମାନେ ଅସ୍ତ୍ର ଚିକିତ୍ସା ନ କରି ଏହି ବ୍ୟବହାର କରି ଦେଖନ୍ତୁ । ପ୍ରଥମ ଦିନ ବ୍ୟବହାର କଲେ ଅଳ୍ପ ଉପକାର ଜଣାଯାଏ ଅର୍ଥାତ୍ ... ଔଷଧ ଲେପନ କରି ... କଲେ ... ସମସ୍ତ ଜଳ ... ଓ ... ସେହିମାନେ ଅରୋଗ୍ୟ ହେବା ... ସମ୍ପୂର୍ଣ୍ଣ ... ।

ମୂଲ୍ୟ ପ୍ରତି ଶିଶି ଟ ... ଶିଶି ... ଡାକମାସୁଲ ସ୍ୱତନ୍ତ୍ର ।

ପ୍ରାପ୍ତିସ୍ଥାନ,—ଡବଲିଉ, ମେଜର ଏଣ୍ଡ କୋମ୍ପାନୀ କଲିକତା ।


# ବିଜ୍ଞାପନ ।

## ନୂତନ ଲେଖିବାର କାଳୀ ।

ଲେଖିବା ସମୟରେ କାଳ ଶୁଖିଗଲେ ଢଳ୍ୟ ହୁଏ ଖିଲରେ ଦେଖନ୍ତୁଣି ଏହାବେଳେ ଟିଣିଆଏ ଦୁଆତରେ ଶିଶିକି ବସେ ନାହିଁ ବା ଶୁଖିବାକୁ ହୁଏ ନାହିଁ ନମୁନା ଦଶା ଗରାଗରେ ପଠାଇ ଦିଆଯାଏ

ପ୍ରାପ୍ତିସ୍ଥାନ ।
ଏଇଚ, ଦେ, ବାଲେଶ୍ୱର

# କୁଷ୍ଠ ରୋଗୀ ।

## ହତାଶ ହୁଅନାହିଁ

ଆମ୍ଭେ ବହୁ ପରୀକ୍ଷାଦ୍ୱାର ପ୍ରତିଜ୍ଞା ପୂର୍ବକ କହୁଅଛୁଁ ଯେ ଯେବେ ଏହି ଦୁରାରୋଗ୍ୟ ଭୀଷଣ ରୋଗରୁ ମୁକ୍ତ ପାଇ ସୁସ୍ଥ ଶରୀରରେ ଦୀର୍ଘକାଳ ବଞ୍ଚିବାର ଆଶା ଥାଏ ଯେବେ ବହୁ ଚିକିତ୍ସା କରାଇ ଓ ନାନା ଔଷଧ ସେବନ କରି ମଧ୍ୟ ନିଷ୍ଫଳ ହୋଇଥାଅ, ଯେବେ ଡାକ୍ତର ଓ କବିରାଜଙ୍କର ଚିକିତ୍ସାର ପରିତ୍ୟକ୍ତ ହୋଇଥାଅ, ଯେବେ ସମ୍ପୂର୍ଣ୍ଣ ରୂପେ ଆରୋଗ୍ୟ ହେବାର ଏକାନ୍ତ ବାସନା ଥାଏ ଯେବେ ଆମ୍ଭର ଏହି ବିଜ୍ଞାପନରୁ ଅତିରଞ୍ଜିତ ବା ଅଭିମତ ପୂର୍ଣ୍ଣ ମନେ ନ କର ତେବେ ଶୀଘ୍ର ଆମ୍ଭର ଔଷଧ ସେବନ କର । ହସ୍ତପଦର ଅଙ୍ଗୁଳି ଛିନ୍ନ, ନାସିକା ବକ୍ର, କର୍ଣ୍ଣ ବିକୃତ ଓ ସର୍ବାଙ୍ଗ ବ୍ୟାପୀ କ୍ଷତରହିତ ଘାଅମାନ ଥିଲେ ମଧ୍ୟ ସମ୍ପୂର୍ଣ୍ଣରୂପେ ଆରୋଗ୍ୟ ହେବ ସନ୍ଦେହ ନାହିଁ ଆମ୍ଭର ଔଷଧର ଫଳାଫଳ ପରୀକ୍ଷା କରି ଦେଖିଲେ ଜାଣିପାରିବ । ନିମ୍ନ ଠିକଣାକୁ ଜୁଲପଇସିଆ ଟିକଲସହ ପତ୍ର ଲେଖିଲେ ପ୍ରୟୋଜନୀୟ ଉପଦେଶମାନ ବୁଝିପାରିବ ।

ଲକ୍ଷ୍ମଣପୁର } ଶ୍ରୀ ବାଲକୃଷ୍ଣଦାସ
କଟକ } କବିରାଜ ।

ଉତ୍କଳଦୀପିକାର ବିଜ୍ଞାପନ ଛପାଇବାର ଖର୍ଚ୍ଚ ନିମ୍ନଲିଖିତରୂପେ ଧାର୍ଯ୍ୟ ହୋଇଅଛି, ଯଥା;—

ପ୍ରଥମଥର ପ୍ରକାଶର
ଧାଡ଼ିପ୍ରତି ଟ ୦ ୰
ଅର୍ଦ୍ଧସ୍ତମ୍ଭକୁ ଟ ୨ ୧
ପୂର୍ଣ୍ଣ ଏକ ସ୍ତମ୍ଭକୁ ଟ ୩ ୧

ମାତ୍ର କୌଣସି ବିଜ୍ଞାପନ ଯେତେ କ୍ଷୁଦ୍ର ହେଲେ ତହିଁର ଖର୍ଚ୍ଚ ଟ ୦ ୮ ରୁ ଊଣା ହେବ ନାହିଁ ।

ଦ୍ୱିତୀୟ ଓ ତୃତୀୟଥର ପ୍ରକାଶର ଖର୍ଚ୍ଚ ପ୍ରଥମ ଥରର ଅର୍ଦ୍ଧେକ ଓ ତୃତୀୟାଂଶ ଯଥାକ୍ରମେ ହେବ,

ଅଧିକ ଦିନ ପ୍ରକାଶେ ସ୍ୱତନ୍ତ୍ର ବନ୍ଦୋବସ୍ତ ହୋଇପାରିବ ।

ବିଜ୍ଞାପନର ମୂଲ୍ୟ ବିଜ୍ଞାପନ ସଙ୍ଗେ ପଠାଇବାକୁ ହେବ ।

ଏହି ଉତ୍କଳଦୀପିକା ସହର କଟକ ... ପ୍ରିଣ୍ଟିଂ କମ୍ପାନୀ ଯନ୍ତ୍ରାଳୟରେ ମୁଦ୍ରିତ ଓ ପ୍ରକାଶିତ ହେଲା ।

Digitized by srujanika@gmail.com

Split by PDF Splitter

REGISTERED No. C 51



# ଉତ୍କଳ ଦୀପିକା

## ସାପ୍ତାହିକ ସମ୍ବାଦପତ୍ରିକା।

## THE UTKAL DIPIKA.

ଖଣ୍ଡ ୩୯ ଶ } CUTTACK, SATURDAY THE 17th September 1904. { ଅଗ୍ରିମ ୪ ୩୧
ସଂ ୩୮ ଖ୍ୟା } ୨ ୩ ନ ଆଶ୍ଵିନ ସନ ୧୩୧୧ ସାଲ ଶନିବାର { ପଶ୍ଚାଦେୟ ୫ ୬୧

### NOTICE.

The fishery on the Mohanady and Naraj Anicuts will be put up to auction for lease for the half year from 1st October 1904 to 31st March 1905.

Auction will be held at 11 A.M. on 1st October at the office of the Executive Engineer Brahmini Byturni Division.

Twenty per cent of the bid must be paid down as deposit at the auction and the remainder within three days otherwise a fresh auction will be held.

CUTTACK } GIRISH CHANDER GUPTA.
15-9-04 } *Executive Engineer, Brahmini Byturni Division.*

### NOTICE.

Wanted a Draftsman who will be able to draw plans from rough sketch, trace and estimate from plans-salary Rs. 20 quarter free.

Wards' Engr's Office Dhenkanal the 8th September 1904 } Uma Kanta Ghose
*Wards' Engineer*

### NOTICE.

Is hereby given to the owners of carriages, horses, ponies &c that they will send their Statements to the Municipal Office within the first month of the second half year of 1904-1905 *i.e.* within the month of October next, failing which action will be taken under Sec: 137 of Act III (B. C. of 1884) in which case they will be liable to fine to the extent of three times the amount payable by them exclusive of the amount so payable. Forms will be supplied to them within the first week of October next.

ଏତଦ୍ଵାରା ଗାଡ଼ି, ଘୋଡ଼ା ଓ ଟଟ୍ଟୁ ଇତ୍ୟାଦିର ଅଧିକାରମାନଙ୍କୁ ଜଣାଇ ଦିଆଯାଉଅଛି ଯେ ସେମାନେ ସନ ୧୯୦୪|୫ ମସୀହାର ୨ୟ ଷଣ୍ମାସର ତାଲିକା ସେହି ଷଣ୍ମାସର ପ୍ରଥମ ମାସ ଅର୍ଥାତ୍ ଆଗାମୀ ଅକ୍ଟୋବର ମାସ ମଧ୍ୟରେ ମିଉନିସିପାଲିଟୀ କଚେରୀକୁ ପଠାଇ ଦେବେ ନ ଦେଲେ ସେମାନଙ୍କ ପକ୍ଷେ ସନ ୧୮୮୪ ମସୀହାର ବଙ୍ଗୀୟ ୩ ଆଇନର ଦ ୧୩୭ ଧା ମୁତାବକ କାର୍ଯ୍ୟ କରାଯିବ ଅର୍ଥାତ୍ ସେମାନେ ଫିସ ଛଡ଼ା ଅଧିକା ତିନଗୁଣ ଜରିମାନା ଦେବାକୁ ଦାୟୀ ହେବେ ଆଗାମୀ ଅକ୍ଟୋବର ମାସ ପ୍ରଥମ ସପ୍ତାହରେ ତାଲିକାର ଛପା ଫାରମ ଦିଆଯିବ।
ତା ୮।୯।୦୪

Ram Sanker Roy
*Chairman*

ଏହି ମିଉନିସିପାଲିଟୀରେ ଯେଉଁମାନେ ଶଗଡ଼ ରଖିଅଛନ୍ତି ବା ବାହାରୁ ଶଗଡ଼ ଆଣି ସ୍ଥିରମତ ଏହି ମିଉନିସିପାଲିଟୀ ମଧ୍ୟରେ ଚଳାଉଅଛନ୍ତି ଏତଦ୍ଵାରା ସେମାନଙ୍କୁ ଜଣାଇ ଦିଆଯାଉଅଛି କି ଆସନ୍ତା ଅକ୍ଟୋବର ମାସ ତା ୪ର ଖରେ ସେମାନେ ଆପଣା ଆପଣା ଶଗଡ଼ମାନ ମିଉନିସିପାଲ କଚେରୀରେ ସନ ୧୯୦୪|୫ ମସୀହାର ୨ୟ ଷଣ୍ମାସ ନିମନ୍ତେ ରେଜେଷ୍ଟ୍ରି କରାଇ ନେଇ ଯିବେ ଯେଉଁମାନେ ଉପରୋକ୍ତ ଆଦେଶ ଅନୁସାରେ କାର୍ଯ୍ୟ ନ କରିବେ ସେମାନଙ୍କୁ ସନ ୧୮୮୪ ସାଲର ବଙ୍ଗୀୟ ୩ ଆଇନର ଦ ୧୪୬ ଧା ଅନୁସାରେ ଶୁଲକ ଦିଆଯିବ ଯେ ତାହା ଦେଲେ ସେମାନଙ୍କୁ ଫିସ ଉପରେ ତିନିଗୁଣ ପର୍ଯ୍ୟନ୍ତ ଅଧିକା ଅର୍ଥଦଣ୍ଡ ଦେବାକୁ ହେବ ୮।୯।୧୯୦୪।

Ram Sanker Roy
*Chairman*

### NOTICE.

It is hereby notified for the information of the public concerned that Babu Khirod Chandra Ray manager of Orissa Division in the firm of Mr. B. Borooah Timber merchant having been removed from his services from the 1st of September 1904 has ceased with all connections powers and functions invested on him from that day.

BuxeeBazar, Cuttack 13-9-04 } G. C. Borooah for B. C. Banerji
*Manager*

ଏତଦ୍ଵାରା ସର୍ବସାଧାରଣଙ୍କୁ ଜଣାଇ ଦିଆଯାଉଅଛି କି ଶ୍ରୀଯୁକ୍ତ ବରୁଆ କାଠ ବେପାରୀର ଓଡ଼ିଶା ବିଭାଗର କାରବାରର ମାନେଜର ବାବୁ କ୍ଷୀରୋଦଚନ୍ଦ୍ର ରାୟ ଚଳିତ ସେପ୍ଟମ୍ବରମାସ ତା ୧ ରିଖଠାରୁ ବରଖାସ୍ତ ହୋଇ ଥିବାରୁ ତାହାଙ୍କର ଚାକର ଶେଷ ହୋଇଅଛି ଏବଂ ତାହାଙ୍କ ସଙ୍ଗେ ଯେ ସମ୍ପର୍କ ଥିଲା ଓ ତାହାଙ୍କୁ ଯେ ସମସ୍ତ ଅଧିକାର ଓ କାର୍ଯ୍ୟଭାର ଦିଆଯାଇଥିଲା ସେ ସମସ୍ତ ସେହି ତାରିଖରୁ ରଦ ରହିତ ହୋଇ ଅଛି।

ବକ୍ସିବଜାର କଟକ ୧୩।୯।୦୪ } ଶ୍ରୀ ବି, ସି, ବାନର୍ଜ୍ୟା
ମାନେଜର
। ବା । ଶ୍ରୀ ଜି, ସି, ବରୁଆ

### ନୋଟିସ।

ଏତଦ୍ଵାରା ସମସ୍ତ କେରେଞ୍ଚି ଗାଡ଼ିର ମାଲିକମାନଙ୍କୁ ଜଣାଇ ଦିଆଯାଉଅଛି ଯେ ସେମାନେ ଆପଣା ଆପଣା ଗାଡ଼ିକୁ ଉତ୍ତମରୂପେ ରଙ୍ଗ ଓ ମରାମତି ଆଦି କରି ସନ ୧୯୦୪|୫ ସାଲ ନିମନ୍ତେ ରେଜେଷ୍ଟ୍ରି କରିବା କାରଣ ଚଳିତ ସନ ଆସନ୍ତା ଅକ୍ଟୋବର ମାସ ତା ୧ ରିଖ ଶନିବାର ବେଳ ଘ ୭ ଘଣ୍ଟା ସମୟରେ ମିଉନିସି-

Digitized by srujanika@gmail.com

Split by PDF Splitter



ପାଲଟୀ କଚେରୀରେ ଦାଖଲ କରିବେ। ଘୋଡ଼ା ଏବଂ ଗାଡ଼ି ଓ ଲଣ୍ଠନ ଭଲ ନ ଥିଲେ ତାହାର ଲାଇସେନ୍ସ ଦିଆଯିବ ନାହିଁ। ପ୍ରକାଶ ଥାଉ କି ଯୋଉ କର୍ମଚାରୀମାନଙ୍କରେ ଟମଟମ୍ ହିକେଲ ଇଧିବ ୮।୯।୦୪।

Ram Sanker Roy
*Chairman*

---

# The Magic Reveler

OR

PHOTO RING.

ଵଟକ ଛବି ଅଙ୍କିତ ମୁଦି।



ଯାହାରୁ ନୂତନ ଅସଦାନ। ୧୦୦୦ ଗୁଣ ବଡ଼ ଦେଖାଯିବ।

ପ୍ରତ୍ୟେକ ଯୁବକ ଯୁବତୀ ଯାହା ଖୋଜନ୍ତି ଏହା ତାହାର ନମୁନା।।

ଛବି ଦେବ ଦେଖିବ ମନୋହର ଦୃଶ୍ୟ ସମସ୍ତଙ୍କ ମନକୁ ଆସିବ। ଏହା ଖାଣ୍ଟି ବୈଜ୍ଞାନିକ ସୂତ୍ରରେ ନିର୍ମିତ। ଅମିଶ୍ର ଧାତୁ ଘର ଉଜ୍ଜ୍ୱଳ। ଏଥି ଉପରେ ଉଜ୍ଜ୍ୱଳ ପଥର ବସିଅଛି। ଦେଖଣାହାରଙ୍କ ଉପରେ ଏହା ସୂର୍ଯ୍ୟ କିରଣ ନିକ୍ଷେପ କରେ।

ମୂଲ୍ୟ—ଏକ ଯୋଡ଼ାକୁ ଟ ୧୯ ଙ୍କା ଏକ ଦରଜନକୁ ଟ ୫୯ ଙ୍କା।

ଶ୍ଳାଘ୍ୟ ଉପହାର।

ତୁମ୍ଭର ପ୍ରିୟବର୍ଗଙ୍କ ସକାଶେ ଆମ୍ଭେମାନେ ବିଶେଷ ଫରମାସ ଦେଇ ବିଦେଶରୁ ଏହା ଆଣି ରଖିଅଛୁଁ। ଦେଶୀୟ ଭଦ୍ର ମହିଳାମାନଙ୍କ ଉପଯୋଗୀ ଏବଂ ଉତ୍କୃଷ୍ଟ ନମୁନାର ଚୂଡ଼ି ଓ କାନଫୁଲ ଏସବୁ ଖାଣ୍ଟି ବୈଜ୍ଞାନିକ ସୂତ୍ରରେ ନିର୍ମିତ। ରଙ୍ଗ ଏବଂ ଚିକ୍କଣରେ ଏହା ଏପରି ସୁନ୍ଦର ଦେଖାଯାଏ ଯେ ଏହାକୁ ବାଛି ନେବାର କୌଣସି ଆବଶ୍ୟକତା ନାହିଁ।

ମହିଳାମାନଙ୍କର ଚୂଡ଼ି।



୧ ଏହାର ଉପରେ ବହୁତ ପଥର ବା ମାଣିକ୍ୟ ବସିଅଛି।

ମୂଲ୍ୟ ଯୋ ୧ ଡ଼ା ଟ ୧୫ ଙ୍କା ମାତ୍ର।

ମହିଳାମାନଙ୍କର କାନ ଫୁଲ।



୨ ଏଥିରେ ପାଞ୍ଚୋଟି ଉଜ୍ଜ୍ୱଳ ପଥର ବା ଚୁନି ବସିଅଛି। ଭାରି ଶସ୍ତା।

ମୂଲ୍ୟ ପ୍ରତିଯୋଡ଼ା ଟ ୦୫୶ ମାତ୍ର।

ଇଂରାଜୀରେ ପତ୍ର ଲେଖି ପଠାଇବ ଏବଂ ତୁମ୍ଭର ନାମ ଓ ଠିକଣା ପରିଷ୍କାରରୂପେ ଲେଖିବ। ଭିଃ ପିଃ ରେ ମାଲ ପଠାଯାଏ, ପ୍ୟାକିଂ, ପୋଷ୍ଟେଜ, ଅଲଗା।

S. Paul & Co.
*Managers of the Inland Agency &c.*
21 Kupaleetola U
Bowbazar, Calcutta.

---

# ବିଜ୍ଞାପନ।

ଏତଦ୍ୱାରା ସର୍ବସାଧାରଣଙ୍କୁ ଜଣାଇ ଦିଆଯାଉଅଛି ଯେ କଟକ ଡିଷ୍ଟ୍ରିକ୍ଟ ବୋର୍ଡ଼ ଅଧୀନସ୍ଥ ଚକଟୋଲାଘାଟ ଅତ୍ର ଡିଷ୍ଟ୍ରିକ୍ଟବୋର୍ଡ଼ ଅଫିସରେ ଚଳନ୍ତ ସେପ୍ଟେମ୍ବର ମାସ ତା ୨୬ ରଖ ମୁତାବକ ଆଗାମୀ ଦ ୧୨ ଘଣ୍ଟା ବେଳ ସୋମବାର ବେଳା ଘ ୧୨ ଶା ସମୟରେ ପ୍ରକାଶ୍ୟ ଡାକନିଲାମ ହୋଇଯିବ। ନିଲାମ ଡାକିବା ବ୍ୟକ୍ତିମାନେ ସଙ୍ଗରେ ଓ ସମ୍ପାନ୍ତି ରଖିବାର ଏକାନ୍ତ ପ୍ରୟୋଜନ ଓ ସେମାନେ ଅତ୍ର ଡିଷ୍ଟ୍ରିକ୍ଟ ବୋର୍ଡ଼ ଅଫିସରେ ଉପର ଲିଖିତ ସମୟରେ ହାଜର ହୋଇ ନିଲାମ ଡାକି ପାରିବେ। ସର୍ବାପେକ୍ଷା ଯାହାର ଡାକ ଅଧିକ ହେବ ତାହାର ଡାକ ଗ୍ରାହ୍ୟ ହୋଇ ପାରିବ। ଏ ସମ୍ବନ୍ଧେ ଯାହା କିଛି ଜାଣିବା ଆବଶ୍ୟକ ହେବ ଅତ୍ର ଡିଷ୍ଟ୍ରିକ୍ଟ ବୋର୍ଡ଼ ଅଫିସରେ ତଦ୍ଦନ୍ତ କଲେ ଜାଣି ପାରିବେ।

Cuttack Dt
Board's office,
14—9—04

J. C. Chunder,
*Vice Chairman*

---

ଅମରକୋଷ ଲୁଚ ଅମରକୋଷର ପରବର୍ତ୍ତି ଓ ପରଶୋଧିତ ସଂସ୍କରଣ ମୁଦ୍ରିତ ହୋଇ କଟକ ପ୍ରିଣ୍ଟିଂ କମ୍ପାନିଙ୍କ ପୁସ୍ତକ ଦୋକାନରେ ବିକ୍ରୟ ହେଉଅଛି। ଏଥର ପୁସ୍ତକର ଆକାର ବଡ଼ ଥିଲେ ସୁଦ୍ଧା ଗ୍ରାହକଙ୍କ ସୁବିଧା ପାଇଁ ମୂଲ୍ୟ ବୃଦ୍ଧି କରାଯାଇ ନାହିଁ।

| | | |
|---|---|---|
| ମୂଲ୍ୟ ... | ଷ ୧ | ଟ ୧୧ |
| ଡାକମାଶୁଲ ... | ... | ଟ ୦/ |

---

## ସମର ତରଙ୍ଗ

( ଯନ୍ତ୍ରସ୍ଥ )

ସୁଲଭ ମୂଲ୍ୟ ଟ ୦ ୶

ଶ୍ରୀ ଦାମୋଦର ପଟ୍ଟନାୟକ

---

| | | |
|---|---|---|
| ଦୁର୍ଗୋତ୍ସବ ଚନ୍ଦ୍ରିକା | ମୂଲ୍ୟ | ଟ ୦୫ |
| ସ୍ୱର୍ଣ୍ଣାଦ୍ରିମହୋଦୟ | „ | ଟ ୦୫ |
| ବୈଷ୍ଣବନୃତ୍ୟ ପଦ୍ଧତି | „ | ଟ ୦।୶ |
| ରତ୍ନପେଟିକା | „ | ଟ ୦। |
| ରୁକ୍ମିଣୀ ବିବାହ | „ | ଟ ୦॥ |
| ସମରତରଙ୍ଗ | „ | ଟ ୦୶୨ |
| ବୈଦ୍ୟଜୀବନ | „ | ଟ ୦। |
| ଦାସ୍ତପର୍ବଣ ଓ ଜାଣ୍ଡିଥିଲା କଥା | | ଟ ୦/୩ |

ଉପରୋକ୍ତ ପୁସ୍ତକମାନ କଟକ ପ୍ରିଣ୍ଟିଂ କମ୍ପାନିଙ୍କ ପୁସ୍ତକାଳୟରେ ବିକ୍ରୟ ହେଉଅଛି।

---

ଏତଦ୍ୱାରା ସର୍ବସାଧାରଣଙ୍କୁ ଜଣାଉଅଛୁ ଯେ ଆମ୍ଭ ନିକଟରେ ନିମ୍ନଲିଖିତ ସବାର ଓ ଆସବାବମାନ ବିକ୍ରୀ ନିମନ୍ତେ ପ୍ରସ୍ତୁତ ଅଛି। ଯଥା:—

ବଡ଼ ସବାର ଫୁ ୭୨ × ୩, ଦୋହରି କିବାଡ଼ ମଗର ଓ କଙ୍କଡ଼ାମୋହର ଲଣ୍ଠନ, ଗଦି ଓ ଝାଲର ସହିତ ଏହା ଭିତର ଓ ବାହାରେ

| | | |
|---|---|---|
| | ସାଟିନ ଲୁଗା ମଡ଼ା | ଟ ୨୦୦୧ |
| ଏକନ | ଛିଟ ଲୁଗା ମଡ଼ା | ଟ ୧୦୦ |

ସାଧାରଣ ସବାର ଗମ୍ଭାର କାଠର ସବାର

| | |
|---|---|
| ଲମ୍ବ ଫୁ-୧୦ଇ × ଫୁ-୯ଇ | ଟ ୨୫୧ |
| „ ୫-୨ × ୨-୨ | ଟ ୨୦୧ |
| „ ୫ × ୨-୨ | ଟ ୧୨୧ |

ଏହା ଛଡ଼ା ଅନ୍ୟ କାଠର ସବାର ଏହି ମାପର ନେଲେ ଟ ୨୫୧ ଙ୍କା ସ୍ଥଳେ ଟ ୧୫୧, ଟ ୨୦୧ଙ୍କା ସ୍ଥଳେ ଟ ୧୭୧ଙ୍କା ଏବଂ ଟ ୧୨୧ ସ୍ଥଳେ ଟ ୧୩୧ ଙ୍କାରେ ମିଳିବ। ଅନ୍ୟର ମଧ୍ୟ ଗ୍ରାହକଙ୍କର ଯେଉଁ ପ୍ରକାର ସବାର ଓ ଆସବାବ ଫରମାସ ହେବ ସେପରି ଶୀଘ୍ର ଯୋଗାଇ ଦେବୁଁ। ନିମ୍ନଲିଖିତ ଠିକଣାରେ ଲେଖିବାକୁ ହେବ।

୬।୯।୦୪

ଶ୍ରୀ ମାଗୁଣୀ ମହାରଣା
କଟକ ପ୍ରିଣ୍ଟିଂ କମ୍ପାନୀଙ୍କ ପାଖ
ନଳକ, ଦରଘାବଜାର
କଟକ।

Digitized by srujanika@gmail.com

Split by PDF Splitter



# ଉତ୍କଳଦୀପିକା ।

ମାନ୍ୟବର ବଙ୍ଗେଶ୍ୱର ଗସ୍ତରୁ ଆଜ ସକାଳେ କଲିକତାକୁ ଫେରି ଆସିବେ ଏବଂ କାଲି ରବିବାର କଲିକତାରେ ରହି ସୋମବାର ଅପରାହ୍ନରେ ଦାର୍ଜିଲିଂକୁ ଯାତ୍ରା କରି ପରଦିନ ଅପରାହ୍ନରେ ସେଠାରେ ପହଞ୍ଚିବେ ବୋଲି ଏଥର ଗେଜେଟରେ ପ୍ରକାଶ ହୋଇଅଛି ।

---

ଗତ ତା ୩ ରଖରେ ଶେଷ ହେବା ସାପ୍ତାହିକ ତାଲିକାରୁ ପ୍ରକାଶ ଯେ ଭାରତର ପ୍ଲେଗ ଘଟିତ ମୃତ୍ୟୁ ସଂଖ୍ୟା ୮,୩୦୪ରୁ ୧୦,୧୧୯କୁ ଉଠିଅଛି । ମୋଟ ବୃଦ୍ଧି ୧୮୧୫ ମଧ୍ୟରୁ ଏକା ବମ୍ବେରେ ୧୧୧୭, ଯୁକ୍ତ ପ୍ରଦେଶରେ ୨୪୦, ମହୀଶୂରରେ ୧୫୦, ମଧ୍ୟପ୍ରଦେଶରେ ୧୩୦ ଓ ହାଇଦ୍ରାବାଦରେ ୧୭୫, ବଢ଼ିଅଛି । ଅନ୍ୟ ପ୍ରଦେଶ ସମୂହରେ ରୋଗ ଉପଦ୍ରବ ସାମାନ୍ୟ ଅଟେ ।

---

ବଙ୍ଗଳା ବରମା ଏବଂ ଆସାମ ପ୍ରଦେଶମାନଙ୍କର କଲେଜ ସମୂହ ଛଡ଼ା ଅନ୍ୟ ଯେ ସମସ୍ତ କଲେଜ ଯଥା ଉତ୍ତରପଶ୍ଚିମର ଆଗ୍ରା କାଶୀ ପ୍ରଭୃତି କଲିକତା ବିଶ୍ୱବିଦ୍ୟାଳୟର ଅନ୍ତର୍ଗତ ରହିଅଛି ସେ ସମସ୍ତ ଆସନ୍ତା ସନ ୧୯୦୬ ସାଲ ଡିସେମ୍ବର ମାସ ତା ୩୧ ରଖ ପର୍ଯ୍ୟନ୍ତ ସେହିପରି ରହିବ ଏବଂ ସେହିସବୁ କଲେଜର ଛାତ୍ରମାନଙ୍କର ପରୀକ୍ଷା ଗ୍ରହଣ ଏବଂ ଉପାଧି ପ୍ରଦାନ ସେହି ବିଶ୍ୱବିଦ୍ୟାଳୟଦ୍ୱାରା ହେବ । ଏହି ମର୍ମରେ ଗବର୍ଣ୍ଣମେଣ୍ଟ ଇଣ୍ଡିଆ ଏକ ବିଜ୍ଞାପନ ପ୍ରଚାର କରିଅଛନ୍ତି ।

---

ଗତ ମାସ ତା ୮ ରଖରେ ସରକାରୀ ସାପ୍ତାହିକ ରିପୋର୍ଟରୁ ପ୍ରକାଶ ଯେ ସେ ତାରିଖ ପର୍ଯ୍ୟନ୍ତ ଏଥର ବର୍ଷା କାଳର ବୃଷ୍ଟିର ପରିମାଣ କେତେକ ସ୍ଥାନରେ ଶତକଡ଼ା ୮୬ ଭାଗର ପଶ୍ଚିମ ଖଣ୍ଡରେ ୬୩ ଲାହୋର ଭାଗରେ ୪୧, ଅହମଦାବାଦ ଜିଲ୍ଲାରେ ୨୫, ରାଜକୋଟରେ ୨୨ ଇଣ୍ଡିଆର ସବଡିଭିଜନରେ ୫୧ ଏବଂ ବେଲଗାଓ ଓ ହାଇଦରାବାଦରେ ୩୫।୩୬ ଭାଗ ଥିଲା । ତହିଁ ପରଠାରୁ ମଧ୍ୟ ପ୍ରଦେଶରେ କିଛି ଭଲ ବୃଷ୍ଟି ହୋଇଅଛି । ଏବଂ ଅହମଦାବାଦ ଗୁଜରାଟ ପ୍ରଭୃତିରେ ଦୁର୍ଭିକ୍ଷର ଆଶଙ୍କା ବଢ଼ୁଅଛି ।

---

ପୁରୀରୁ ଜଣେ ଭଦ୍ରଲୋକ ଲେଖିଅଛନ୍ତି ଯେ ଗତ ତା ୩୦ ରଖ ସକାଳେ ବାଲିସାହି ଅନ୍ତର୍ଗତ କୁଣ୍ଡିଆସାହି ନିବାସୀ ପ୍ରସିଦ୍ଧ ପଣ୍ଡା ଶ୍ରୀ ରଘୁନାଥ କୁଣ୍ଡିଆଙ୍କ ଘରେ ପ୍ଲେଗ ଦେଖା ଦେଇ ଥିବାର ସନ୍ଦେହରେ ଅବକାଶ ଓ ପୁଲିସର ସବଇନସପେକ୍ଟରମାନେ ଦଳବଳସହ ତାହାଙ୍କ ଘରେ ଶଙ୍କାରେ ପଶି ଠାକୁରଘର ଓ ଭୋଗଘର ସମସ୍ତ ଖୋଜି କିଛି ନ ପାଇ ଫେରିଆସିଲେ । ଏଥିରେ କୁଣ୍ଡିଆ ପଣ୍ଡାଙ୍କର ବିଶେଷ ଅପମାନ ଓ କ୍ଷତି ହୋଇଅଛି ବୋଲିବା ବାହୁଲ୍ୟ । କୁଣ୍ଡିଆ ଏହି ଅନ୍ୟାୟର ବିରୁଦ୍ଧରେ ଫଉଜଦାରୀରେ ଦରଖାସ୍ତ କରିବାରୁ ସ୍ୱୟଂ ମାଜିଷ୍ଟ୍ରେଟସାହେବ ଏହାର ଅନୁସନ୍ଧାନ କରୁଅଛନ୍ତି । ଭରସା କରୁଅଛୁ ସେ ସୁବିଚାର କରି ଦୋଷୀଙ୍କର ଉଚିତ ବିଧାନ କରିବେ ।

---

କଟକଠାରେ କେବଳ ଇଞ୍ଜିନିୟରିଂ କଲେଜ ହେବ ଏପରି ନୁହେ । ସେଠାରେ ଗୋଟିଏ ମଧ୍ୟସ୍ଥିତ ପାଗଲଖାନା ସ୍ଥାପନର ପ୍ରସ୍ତାବ ହୋଇଅଛି । ମାନ୍ୟବର ବଙ୍ଗେଶ୍ୱର କଟକରେ ଗସ୍ତ ଭ୍ରମଣ କରି ଉକ୍ତ ଦୁଇଖାନା ସକାଶେ ସ୍ଥାନମାନ ଦେଖି ଆସିଅଛନ୍ତି । ଇଞ୍ଜିନିୟର କଲେଜ କଲିକତା ନିକଟ ଶିବପୁରରୁ ସେଠାକୁ ଉଠିଯିବ ଏବଂ ଅନୁମାନ ହୁଅଇ ଯେଉଁ ବଡ଼ ପାଗଲଖାନା ମୁରଶିଦାବାଦରେ ହେବାର କଥା ହୋଇଥିଲା ତାହା ସେଠାରେ ନ ହୋଇ କଟକରେ ହେବ । କଟକଟା ମାନ୍ୟବର ମହୋଦୟଙ୍କର ମନକୁ ବଡ଼ ପାଇଅଛି । ସେ ସ୍ଥାନ ସ୍ୱାସ୍ଥ୍ୟକର ପ୍ରଶସ୍ତ ଏବଂ ବର୍ଦ୍ଧନଶୀଳ ଅଟେ । କେବଳ ଏକପାର୍ଶ୍ୱସ୍ଥ ଏବଂ ବଙ୍ଗ ଓ ଓଡ଼ିଶାରୁ ବହୁଦୂର ହେବାରୁ ଅନେକଙ୍କ ପକ୍ଷରେ ଅସୁବିଧା ହେବ ।

---

ଏ ନଗର କୁଅସଭଙ୍କର ଏକ ଦୋକାନରୁ ଦର୍ଜି ଦୁଇ ପ୍ରହର ସମୟରେ ଟିକିଏ ଅବସର ଦେଖି ନଗର ପଡ଼ାର ହରି ସାହୁ ଗୋଟାଏ ଲୋଟା ଚୋରାଇ ନେଇ ପଳାଇବା ସମୟରେ ସେହି ଦୋକାନର ଗୁମାସ୍ତା କ୍ଷେତ୍ରବାସୀ ଲକ୍ଷ୍ମୀନାରାୟଣ ଦେଖିବାରୁ ଜାଣି ପାରି ତାହା ପଛେ ଗୋଡ଼ାଇ ଚୌକିଦାରକୁ ଧରାଇ ଦେଇଥିଲେ । ବିଚାରରେ ତାହା ପ୍ରତି ବେ ୨୦ ଛ ଓ ମା ୬ ସ କଏଦ ଦଣ୍ଡ ହୋଇଅଛି ଏବଂ କ୍ଷେତ୍ରବାସୀଙ୍କୁ ଟ ୫ ଙ୍କା ପୁଲିସରୁ ବକସିସ ମିଳିଅଛି । ଯେଉଁମାନେ ଚୋର ଧରିବେ ବା ଧରାଇ ଦେବାରେ ପୁଲିସର ସାହାଯ୍ୟ କରିବେ ସେମାନଙ୍କୁ ପୁରସ୍କାର ଦେବାକୁ ପୁଲିସ ପ୍ରସ୍ତୁତ ଅଛନ୍ତି । ଅତଏବ ଲୋକେ ଏହା ଜାଣି ପୁଲିସର ସାହାଯ୍ୟ କରିବାରେ ପ୍ରବୃତ୍ତ ହେବେ ।

---

ବାହାର ଏକ ପତ୍ରରୁ ଜଣାଯାଏ ଯେ କଲିକତାରୁ ପ୍ରେସିଡେନ୍ସି କଲେଜକୁ କଟକକୁ ଉଠାଇ ନେବା ବଙ୍ଗେଶ୍ୱର ସର ଫ୍ରେଜର ବାହାଦୁରଙ୍କର ଇଚ୍ଛା ନୁହେ । ତାହାଙ୍କର ଇଚ୍ଛା ଯେ କଟକଠାରେ ଆଉ ଗୋଟିଏ ପ୍ରଥମଶ୍ରେଣୀର କଲେଜ ସ୍ଥାପନ କରିବେ ଏବଂ ତହିଁ ସଂଲଗ୍ନରେ ହିନ୍ଦୁ ମୁସଲମାନ ଏବଂ ଖ୍ରୀଷ୍ଟିଆନ ଛାତ୍ରମାନଙ୍କ ସକାଶେ ପୃଥକ୍ ପୃଥକ୍ ଛାତ୍ରାବାସମାନ ରହିବ ନ ସହିଁରେ ଅନ୍ୟାନ୍ୟ ସ୍ଥାନର ଛାତ୍ରମାନେ ବାସ କରି କଲେଜରେ ଶିକ୍ଷା ପାଇବେ ଓ ଛାତ୍ରାବାସରେ ଛାତ୍ରମାନଙ୍କୁ ନିଜ ନିଜ ଧର୍ମ ଶିକ୍ଷା ଦେବାର ବ୍ୟବସ୍ଥା ହେବ । ଏହି କଲେଜରେ ୧୪ ଲକ୍ଷ ଟଙ୍କା ବ୍ୟୟ ହେବ ଯେ ତହିଁ ମଧ୍ୟରୁ ଅର୍ଦ୍ଧେ ସରକାର ଦେବେ ଓ ବାକି ଅର୍ଦ୍ଧେ ସାଧାରଣ ଲୋକଙ୍କଠାରୁ ସଂଗୃହୀତ ହେବ । ପ୍ରସ୍ତାବଟି ଉତ୍ତମ ଅଟେ ମାତ୍ର ବସ୍ତୁର ସିଦ୍ଧ ହେବା ବିଷୟରେ ସନ୍ଦେହ ଅଛି ।

---

ସ୍ୱର୍ଗୀୟ ମହାମହୋପାଧ୍ୟାୟ ଚନ୍ଦ୍ରଶେଖର ସାମନ୍ତଙ୍କର ଖଣ୍ଡିଏ ତୈଳଚିତ୍ର ପ୍ରତିମୂର୍ତ୍ତି ତାହାଙ୍କର ସ୍ମରଣ ସ୍ୱରୂପ ଏଠା ରେଭେନସା କଲେଜରେ ରକ୍ଷିତ ହୋଇଅଛି । ସେହି କଲେଜର କେତେକ ଜଣ ଛାତ୍ର ଚେଷ୍ଟାରେ ଟ ୨୦୯ ଙ୍କା ସଂଗ୍ରହ କରି ଏହି କାର୍ଯ୍ୟ ସାଧନ କରିଅଛନ୍ତି, ଏହା ସେମାନଙ୍କର ପ୍ରଶଂସାର ବିଷୟ ସନ୍ଦେହ ନାହିଁ । ଗତ ତା ୪ ରଖରେ ଏହି ଶୁଭ କାର୍ଯ୍ୟ ଉପଲକ୍ଷରେ କଲେଜ ଗୃହରେ ଗୋଟିଏ ସଭା ହୋଇଥିଲା । ବାବୁ ଯୋଗେଶଚନ୍ଦ୍ର, ରାୟ ଏମ, ଏ, ମହାମହୋପାଧ୍ୟାୟଙ୍କର ଗୁଣ ବର୍ଣ୍ଣନା କରି ଫଟୋର ଆଚ୍ଛାଦନ ମୁକୁଳ କରିବା କାରଣ କଲେଜର ପ୍ରିନ୍ସିପାଲ ବାବୁ ବିପିନବିହାରୀ ଗୁପ୍ତ ଏମ,ଏ,ଙ୍କୁ ଅନୁରୋଧ କରନ୍ତେ ଗୁପ୍ତ ମହୋଦୟ ଏକ ସୁନ୍ଦର ବକ୍ତୃତା ପ୍ରଦାନ ଉତ୍ତାରୁ ସେହି ଶୁଭ କାର୍ଯ୍ୟ ସମାଧା କରିଥିଲେ । ଏହି ସ୍ଥାନର ସଭାର ଖଣ୍ଡିଏ ଇଂରାଜୀ କାର୍ଯ୍ୟାବଳୀ ପ୍ରାପ୍ତ ହୋଇଅଛୁଁ ମାତ୍ର ସ୍ଥାନାଭାବରୁ ତାହା ପ୍ରକାଶ କରିବାକୁ ଅକ୍ଷମ ହେଲୁଁ ।

---

ବାଲେଶ୍ୱର ସମ୍ବାଦ ବାହକରେ ଲେଖାଅଛି ଯେ ସେଠାର ସୁପରିଚିତ କବିରାଜ ବାବୁ ଅଶ୍ୱିନୀକୁମାର ସେନ ଗୁପ୍ତ ଏକ ଦିନ ସନ୍ଧ୍ୟା ବେଳେ କୃଷ୍ଣ ବଜାରରୁ ମୋହନଙ୍କ ଘରକୁ ଆସୁଥିଲେ । ସେ ଦିନ ମେଘୁଆ ହେବାରୁ ବଡ଼ ଅନ୍ଧାର ହୋଇଥିଲା ଏବଂ ସଙ୍ଗରେ ଲଣ୍ଠନ ନ ଥିଲା । କଲେକ୍ଟରୀ କଚେରୀ ହତା ସମ୍ମୁଖରେ ଏକଜଣ ଟ୍ରେଜରୀଗାର୍ଡର କନଷ୍ଟେବଲ କବିରାଜଙ୍କୁ ଦେଖି ତାହାଙ୍କୁ ମାତାଲ ବୋଲି ଆଞ୍ଚ ଉପରେ ଧରି ଥାନାକୁ ଟାଣିଲା । ଏହି ସମୟରେ ଅନ୍ୟ ଦୁଇଜଣ ଭଦ୍ରଲୋକ ଦୈବାତ୍ ସେଠାରେ ପହଞ୍ଚିଲାରୁ ଅନେକ ବାଦାନୁବାଦ ପରେ କନଷ୍ଟେବଲ ଛାଡ଼ିଦେଲା । କବିରାଜ ଥାନାରେ ସମ୍ବାଦ ଦଅନ୍ତେ ଫଉଜଦାରୀ ତଦନ୍ତରେ

Digitized by srujanika@gmail.com

କନଷ୍ଟେବଲ ତହା ପର ଅପରାଧ ସ୍ୱୀକାର କଲା ମାତ୍ର ପୁଲିଶ ସୁପ୍ରିଣ୍ଟେଣ୍ଡେଣ୍ଟ ସାହେବ ତାହାକୁ ଫାଇନ ଦାଖ ସୁପର୍ଦ୍ଦ କମା ମାନୁଲ ନ କରି କେବଳ ବର୍ଖାସ୍ତ ସକାଶେ ତାହାର ଉଚିତ ଦୁଇ ଇହୁ କାଲ ଅଦେଶ ଦେଇଅଛନ୍ତି । ଅକାରଣ ଜଣେ ଭଦ୍ରଲୋକକୁ ପେଟିଆ ଦେଖି ଏପରି ଅପମାନ କରିବା ସାମାନ୍ୟ କଥା ନୁହେ ଏବଂ ଏହା ଅତ୍ୟନ୍ତ ଲଜ୍ଜାକର ଅଭିପ୍ରାୟରେ ତାହା କରିବାର ସ୍ପଷ୍ଟ ଜଣା ଯାଉଅଛି । ଏମନ୍ତ ଗୁରୁତର ଅପରାଧରେ ଏ ପ୍ରକାର ସାମାନ୍ୟ ଦଣ୍ଡ ହେଲେ କନଷ୍ଟେବଲମାନଙ୍କର ଅତ୍ୟାଚାର କାହିଁକି ନ ହେବ ? ଜିଲା ମାଜିଷ୍ଟ୍ରେଟଙ୍କର ଏଥିପ୍ରତି ଦୃଷ୍ଟି ପଡ଼ିବାର ଅମ୍ଭେମାନେ ଆଶା କରୁଁ ।

---

ବଙ୍ଗଳାରେ ବିଜ୍ଞାନ ଓ ଶିଳ୍ପଶିକ୍ଷାର ଉନ୍ନତି ବିଷୟରେ ବର୍ତ୍ତମାନ ଯେଉଁ ବୃହତ୍ ଆନ୍ଦୋଳନ ହୋଇଅଛି ଏବଂ ଯହିଁର ମୂଳସମ୍ବନ୍ଧେ କଲିକତାରେ ଏବଂ ଶାଖାସମିତିମାନ ନାନା ଜିଲାରେ ସ୍ଥାପିତ ହୋଇଅଛି ତହିଁର ପ୍ରଧାନ ଉଦ୍ୟୋଗୀ ବାବୁ ଯୋଗେନ୍ଦ୍ରଚନ୍ଦ୍ର ଘୋଷ ନୁଙ୍କଲ ଅଟନ୍ତି । ସେ ଅଧଣାର ପୁଅଙ୍କୁ ସମ୍ପ୍ରତି ସିଭିଲସରଭିସ ପରୀକ୍ଷା ଦେବା କାରଣ ବିଲାତକୁ ପଠାଇବାରୁ ସେ ପ୍ରସଙ୍ଗରେ ବଙ୍ଗଳାର ସମ୍ବାଦପତ୍ରମାନଙ୍କରେ ଏହି ଅନ୍ଦୋଳନ ଲାଗିଅଛି ଯେ ଯେବେ ବିଜ୍ଞାନ ଓ ଶିଳ୍ପଶିକ୍ଷା ଦେଶର ଉନ୍ନତିର ପ୍ରଧାନ ଉପାୟ ବୋଲି ସେ ବିଶ୍ୱାସ କରନ୍ତି ତେବେ ନିଜର ପୁଅକୁ ସେ ଶିକ୍ଷା ନ ଦେଇ ସିଭିଲସରଭିସ ପଦ ସକାଶେ ପରୀକ୍ଷା ଦେବାକୁ ବିଲାତକୁ କପର ପଠାଇଲେ? ଏଥିରୁ ଜଣାଯାଏ ଯେ ତାହାଙ୍କର କଥା ସଙ୍ଗେ କାର୍ଯ୍ୟର ମେଳ ନାହିଁ । ଅମ୍ଭେମାନେ ଏ ତର୍କର ପକ୍ଷପାତି ନୋହୁଁ । ଯୋଗେନ୍ଦ୍ରବାବୁ ନିଜ ପୁଅର ଗୁଣ ଓ ରୁଚି ଦେଖି ଯହିଁରେ ସେ ସଫଳ ହେବାର ଆଶା ଅଛି ସେ ଶିକ୍ଷାଲାଭ ସକାଶେ ନିଜ ବ୍ୟୟରେ ତାହାକୁ ପଠାଇବାରୁ ସାଧାରଣ ବ୍ୟୟରେ ଅନ୍ୟମାନଙ୍କୁ ବିଜ୍ଞାନ ଓ ଶିଳ୍ପଶିକ୍ଷା ଦେବାକୁ ଯତ୍ନ କରିବେ ନାହିଁ ଅଥବା ସେଥିପାଇଁ ତାହାଙ୍କର ଯତ୍ନପ୍ରତି କେହି ଆସ୍ଥା କରିବେ ନାହିଁ ଏହା ଯୁକ୍ତିସିଦ୍ଧ କଥା ନୁହେ । ଏମନ୍ତ କ୍ଷୁଦ୍ର ଧର ଘୋଟିଏ ସଦାନୁଷ୍ଠାନ ପ୍ରତି ଲୋକଙ୍କର ବିତୃଷ୍ଣା ଜନ୍ମାଇବା ଅନ୍ୟାୟ ବୋଲି ଅମ୍ଭେମାନେ ବିବେଚନା କରୁଁ ।

---

'ସଂସ୍କାରକ' ନାମରେ ଗୋଟିଏ ମାସିକପତ୍ରିକାର ୧ମ ସଂଖ୍ୟା ଉପହାର ପାଇବାର କୃତଜ୍ଞତା ସହିତ ସ୍ୱୀକାର କରୁଅଛୁଁ । ଏହା ଗତ ଅଗଷ୍ଟମାସରୁ ଗଞ୍ଜାମ ଜିଲ୍ଲା ରମ୍ଭା ମର୍ଦ୍ଦନ ପ୍ରେସରୁ ଶ୍ରୀଯୁକ୍ତ ଶିବସୁ ପଣ୍ଡା, ଏ,ବି ସାହାଯ୍ୟରେ ବାହାରିବାର ଆରମ୍ଭ ହୋଇଅଛି । ଏହାର ସମ୍ପାଦକ ଶ୍ରୀ ଗଦାଧର ବିଦ୍ୟାଭୂଷଣ, ବାର୍ଷିକ ମୂଲ୍ୟ ଡାକମାସୁଲ ସହିତ ୮୦ ଏ ଏବଂ କଲେବର ଉତ୍କଳସାହିତ୍ୟ ଆକାରର ପୃ ୮ ଖୁଆ । ଉଦ୍ଦେଶ୍ୟ ହିନ୍ଦୁସମାଜ ସଂସ୍କାର । ଅବତରଣିକାରେ ହିନ୍ଦୁ ଆବଶ୍ୟକତା ଏହିପରି ବୁଝାଇ ଦିଆଯାଇଅଛି କି ହିନ୍ଦୁସମାଜ ଅତୀବ ଉଚ୍ଛୃଙ୍ଖଳ ହେଲେହେଁ ପୁରାତନ ପଦାର୍ଥ ଜୀର୍ଣ୍ଣ ସଂସ୍କାରପ୍ରାପ୍ତ ହୁଅନ୍ତି ଏବଂ ସାଧାରଣତଃ ଜୀର୍ଣ୍ଣ ପଦାର୍ଥର ସମୟରେ ସଂସ୍କାର ଅବଶ୍ୟ କର୍ତ୍ତବ୍ୟ । ଅମ୍ଭମାନଙ୍କ ବିବେଚନାରେ ଏ କଥା ଯଥାର୍ଥ ଅଟେ । ପ୍ରକୃତରେ ବର୍ତ୍ତମାନ କାଳରେ ସାମାଜିକ ନୀତି ବୋଲି ଯାହା ପ୍ରଚଳିତ ଅଛି ଶାସ୍ତ୍ର ବୁଦ୍ଧି ଓ ବିଚାରଦ୍ୱାରା ସେ ସମସ୍ତ ଆଲୋଚନା କଲେ ଅନେକ ଭ୍ରମ ପ୍ରମାଦ ପ୍ରବେଶ କରିବାର ଦେଖାଯାଏ । ସେ ସମସ୍ତ ବହୁକାଳର ମୂର୍ଖତାର ଫଳ ଅଟେ । ଇଦାନୀଂ ଗବର୍ଣ୍ଣମେଣ୍ଟଙ୍କର କଲ୍ୟାଣକର ଶାସନପ୍ରଣାଳୀ ଯୋଗେ କ୍ରମେ ସୁଶିକ୍ଷା ବିସ୍ତାର ହେଉଅଛି ଏବଂ ମୂର୍ଖତା ଦୂର ଯାଉଅଛି ଏବେବେଳେ ଶିକ୍ଷିତଲୋକଙ୍କର ହିନ୍ଦୁସମାଜ ପ୍ରତି ଦୃଷ୍ଟି କରି କୁରୀତିମାନ ସଂସ୍କାର କରିବା ଏକାନ୍ତ ବାଞ୍ଛନୀୟ ତହିଁରେ ତ୍ରୁଟି କଲେ ସୁଶିକ୍ଷାର ଫଳ ବିଫଳ ବୋଲିବାକୁ ହେବ । ଏ ବିଷୟରେ ଅମ୍ଭମାନଙ୍କର ଦାୟିତ୍ୱ ଓ କର୍ତ୍ତବ୍ୟ ସ୍ମରଣ କରାଇଦେବା ଅଭିପ୍ରାୟରେ ସଂସ୍କାରକ ବାହାରିଅଛି ଏବଂ ଏଥିପାଇଁ ଅମ୍ଭେମାନେ ଆଶା କରୁଁ ଏହା ସମସ୍ତଙ୍କର ଆଦରର ପାତ୍ର ହେବ ।

—※—

ଡେପୁଟି ଓ ସବଡେପୁଟି ନିଯୋଗ ନିମନ୍ତେ ପ୍ରତିଯୋଗିତା ପରୀକ୍ଷା ପ୍ରଣାଳୀ ସୃଷ୍ଟି ହେବା ଦିନଠାରୁ ବଙ୍ଗୀୟ ଗବର୍ଣ୍ଣମେଣ୍ଟ ପ୍ରାୟ ପ୍ରତି ବର୍ଷ ଜଣେ ବା ଅଧିକ ଉତ୍କଳବଂଶୀୟମାନଙ୍କୁ ନିଯୁକ୍ତ କରିବା ସ୍ଥଳେ ଜଣେ ସୁଦ୍ଧା ଏ ପ୍ରଦେଶରେ ସ୍ଥାୟୀରୂପେ ବାସ କରୁଥିବା ବଙ୍ଗାଳି ପ୍ରତି ସେପରି ଅନୁଗ୍ରହ ପ୍ରକାଶ କରିବାର ନ ଦେଖି ସେହି ସମ୍ପ୍ରଦାୟର ଲୋକମାନେ ଚିନ୍ତିତ ଏବଂ କାତର ହେବାର ଏଥି ପୂର୍ବେ ପ୍ରକାଶ କରିଅଛୁଁ । ସେହି ଚିନ୍ତା ଓ କୈଶଣ୍ୟ ଏଥର ଅତି ଶସ୍ୟ ହୋଇଅଛି ଏବଂ ଦୁଇ ଏକ ବୈଠକରେ କେତେକଣ ତାହା ପ୍ରକାଶ କରିବାକୁ ଅବଗତ ହୋଇଅଛୁଁ । ଏପରି ହେବା ଅସ୍ୱାଭାବିକ ନୁହେ । କାରଣ ଗତ ପରୀକ୍ଷାରେ ଏ ସମ୍ପ୍ରଦାୟର ଯେଉଁ ଲୋକ ଉପସ୍ଥିତ ହୋଇଥିଲେ ସେ ଏମ, ଏ, ଉପାଧିଧାରୀ ଏବଂ ଏକ ପୁରୁଣା ଡେପୁଟି କଲେକ୍ଟରଙ୍କ ବଂଶଜ । ଯେବେ ଏମନ୍ତ ବ୍ୟକ୍ତିର ପ୍ରାର୍ଥନା ଅଗ୍ରାହ୍ୟ ହେଲା ତେବେ ଆଉ ନ ପ୍ରକାର ଲୋକର ପ୍ରାର୍ଥନାରେ ସେ ଗ୍ରହଣ ପାଇବ ଏବଂ କେଉଁ ଆଶାରେ ଏମାନେ ଉଚ୍ଚଶିକ୍ଷା ପ୍ରତି ଉତ୍ସାହିତ ହେବେ ? ମୁସଲମାନ ବାଦସାହି ଅମଳରେ ଏହି ସମ୍ପ୍ରଦାୟର ପୂର୍ବପୁରୁଷମାନେ ବଙ୍ଗଦେଶରୁ ଏ ପ୍ରଦେଶର ଉଚ୍ଚ ରାଜକାର୍ଯ୍ୟ ନିମନ୍ତେ ଆଣିତ ହୋଇଥିଲେ ଏବଂ ମରହଟ୍ଟା ଅମଳରେ ଓ ଇଂରାଜ ଅମଳର ବହୁକାଳ ପର୍ଯ୍ୟନ୍ତ ଉଚ୍ଚ ରାଜକାର୍ଯ୍ୟମାନ ସୁଖ୍ୟାତି ପୂର୍ବକ ନିର୍ବାହ କରୁଥିଲେ । କି ଦୋଷରୁ ଏବେ ଏ ସମ୍ପ୍ରଦାୟ ସୁନ୍ୟାୟ ଗବର୍ଣ୍ଣମେଣ୍ଟର ଅନୁଗ୍ରହରୁ ବଞ୍ଚିତ ହୋଇଅଛନ୍ତି ଏବଂ କେହି ଜଣେ ସୁଦ୍ଧା ଯେତେ ଯୋଗ୍ୟ ହେଲେ ଡେପୁଟି ବା ସବଡେପୁଟି ମନୋନୀତ ହୋଇ ନାହିଁ ଅମ୍ଭେମାନେ ଅଦ୍ୟାବଧି ବୁଝି ପାରୁ ନାହୁଁ । ଏଥିରେ ସେ ସମ୍ପ୍ରଦାୟ ମଧ୍ୟରେ ଗଭୀର ଅସନ୍ତୋଷ ଜାତ ହେବା ବିଚିତ୍ର ନୁହେ । ନ୍ୟାୟଦର୍ଶୀ ଗବର୍ଣ୍ଣମେଣ୍ଟଙ୍କୁ ଏ ବିଷୟ ଉତ୍ତମରୂପେ ବିବେଚନା କରିବା କାରଣ ଅମ୍ଭେମାନେ ଏକାନ୍ତ ଅନୁରୋଧ କରୁଅଛୁଁ ।

---

ଅମୃତବଜାର ପତ୍ରିକାରେ ପାଠକଙ୍କ ନ କଲିକତା ଭସ୍ମ ଏଗ୍ଜାର ଉଥର୍ଲିନ ସାହେବ ନାମରେ ଜଣେ ଜର୍ମାନୀସ କଲିକତା ମଇଦେନରୁ କେତେକ ଜିନିସ କିଣି ଏବଂ କୁଲିଦ୍ୱାରା ନେଇଗଲେ । ପରେ ପହଞ୍ଚି ଗୋଟା ଏ ଟିଣ ହଙ୍କଯିବାର ଦେଖି କୁଲି ମଜୁରି ଦେବାକୁ ନାସ୍ତି କରିବାରୁ କୁଲି ହଟମାନ୍ୟ କରି କିଛି କହିଲା । ତହିଁରେ ସାହେବ ଚଣ୍ଡ କୁଲିକୁ ଏମନ୍ତ ପ୍ରହାର କଲେ ଯେ ସେ ଏ ୧୦।୯ ଦିନ ହାସପାତାଲରେ ରହି ମରିଗଲା । ସିଆଲଦହର ମାଜିଷ୍ଟ୍ରେଟ ବାବୁ ରମଅନୁଗ୍ରହ ମୋକଦ୍ଦମାର ବିଚାର କରି ସିଦ୍ଧାନ୍ତ କଲେ ଯେ କୁଲି ଆସାମିର ରାଗ ଜନ୍ମାଇବାରୁ ସେ ପୀଡ଼ା ଦେବାର ଅପରାଧରେ ଦୋଷୀ ହୋଇଅଛି । ଅତଏବ ତାହାପ୍ରତି ଏକଶତଟଙ୍କା ଅର୍ଥଦଣ୍ଡ ବିଧାନ କଲେ ଏବଂ ସେହି ଟଙ୍କା ମୃତ କୁଲିର ସ୍ତ୍ରୀକୁ କ୍ଷତିପୂରଣସ୍ୱରୂପ ଦିଆଯିବାର ଆଦେଶ ଦେଲେ । ବାବୁ ରମଅନୁଗ୍ରହ ଡେପୁଟୀମାଜିଷ୍ଟ୍ରେଟଶ୍ରେଣୀର ଜଣେ ସୁଯୋଗ୍ୟ ବ୍ୟକ୍ତି ବୋଲି ବିଖ୍ୟାତ ଏବଂ ତାହାଙ୍କ ବିଷୟରୁ ପ୍ରକାଶ ଯେ କୁଲି ରାଗଜନକ କଥା କହିବାର ଉତ୍ତମରୂପେ ପ୍ରମାଣ ହୋଇ ନାହିଁ । ଅଥଚ ଏଡ଼େ ଗୁରୁତର ଅପରାଧରେ କେବଳ ସାମାନ୍ୟ ଦଣ୍ଡ ଦେବାକୁ ଟିକିଏ ଦ୍ୱିଧା କଲେ ନାହିଁ । ପତ୍ରିକା ଯଥାର୍ଥ କହୁଅଛନ୍ତି କି କେହି ଦେଶୀୟଲୋକ କେହି ଇଉରୋପୀୟପ୍ରତି ଏପରି ବ୍ୟବହାର କରିଥିଲେ ଏବଂ ତହିଁରେ ସେ ଇଉରୋପୀୟ ମରିଯାଇଥିଲେ ତାହାର ପାଣି ଅନ୍ତତଃ ଯାବ-

Split by PDF Splitter

Digitized by srujanika@gmail.com

Split by PDF Splitter



ଜୀବନ ଦ୍ୱୀପାନ୍ତର ବାସ ଦଣ୍ଡ ହୋଇଥାନ୍ତା । କିନ୍ତୁ ଜଣେ ଇଉରୋପୀୟ ଏକ ଗରିବକୁଲି ସ୍ତ୍ରୀ ସେପରି ଅପରାଧ କରିବାରୁ ଅତି ସାମାନ୍ୟ ଦଣ୍ଡରେ ଅବ୍ୟାହତି ପାଇଗଲା । ଏଥିଉତ୍ତାରୁ ଇଉରୋପୀୟମାନେ ଦେଶୀୟ ମାଜିଷ୍ଟ୍ରେଟଙ୍କଦ୍ୱାରା ବିଚାରିତ ହେବାକୁ ଅସମ୍ମତ ହୁଅନ୍ତି ବଡ଼ ଆଶ୍ଚର୍ଯ୍ୟର ବିଷୟ ନୁହେ କି ? ଯାହାହେଉ ଏ ମୋକଦ୍ଦମାରେ ସୁବିଚାର ହୋଇ ନାହିଁ ସ୍ପଷ୍ଟ ଜଣା ଯାଉଅଛି । ଗବର୍ଣ୍ଣମେଣ୍ଟ ଏ ମୋକଦ୍ଦମାର କାଗଜପତ୍ର ଦେଖି ସୁବିଚାର କରିବେ ଏହାହିଁ ସମସ୍ତଙ୍କର ଅନୁରୋଧ ।

---

### ରୁଷ ଯାପାନ ଯୁଦ୍ଧ ।

ଲିୟାୟୁଙ୍ଗ ଯୁଦ୍ଧର ଜୟଲାଭ ସମ୍ବାଦ ଯାପାନ ସମ୍ରାଟଙ୍କ ନିକଟରେ ପହୁଞ୍ଚନ୍ତେ ସମ୍ରାଟ ସେନାମାନଙ୍କୁ ଅଭିନନ୍ଦନ କରିଥିଲେ ମାତ୍ର କହିଥିଲେ ଯୁଦ୍ଧର ଶେଷ ସୁଦୂରରେ ରହିଅଛି ସୁତରାଂ ଧୈର୍ଯ୍ୟ ଓ ଯତ୍ନସହକାରେ କାର୍ଯ୍ୟ କରିବାକୁ ହେବ ।

ଲିୟାୟୁଙ୍ଗ ଯାପାନର ହସ୍ତଗତ ହେବାର ସୂଚନା ଦେଖନ୍ତେ ରୁଷ ସେନାମାନଙ୍କର ଭଣ୍ଡାର ଗୃହମାନ ପୋଡି ଦେଇଥିଲେ ତଥାପି ଯାପାନ ଅନେକ ଯୁଦ୍ଧସାମଗ୍ରୀ ପାଇଥିଲେ । ରୁଷର ଅନୁମାନ ଯେ ଲିୟାୟୁଙ୍ଗର ଯୁଦ୍ଧ ଅରମ୍ଭ ସମୟରୁ ଶେଷପର୍ଯ୍ୟନ୍ତ ରୁଷ ତିରିଶସହସ୍ର ସୈନ ହରାଇଅଛନ୍ତି । ରୁଷ ସେନାପତି କୁରୁପାଟକିନ ସମ୍ବାଦ ଦେଇଥିଲେ ଯେ ରୁଷ ସେନାମାନେ ମୁକଡେନଠାରେ ଏକତ୍ର ହେଉଅଛନ୍ତି ଓ ସମ୍ମୁଖୀନ ପ୍ରବଳ ସେନାମାନେ ମା ୧୭ ଇଲ ଦକ୍ଷିଣରେ ଉପସ୍ଥିତ ହୋଇଅଛନ୍ତି ମାତ୍ର ଯାପାନ ସେନାମାନେ ପାଖରେ ଅଛନ୍ତି ଓ ଅନବରତ ଯୁଦ୍ଧ ଚାଲିଅଛି ।

ଲିୟାୟୁଙ୍ଗରେ ଯୁଦ୍ଧ ଲାଗିଥିଲେ ସୁଦ୍ଧା ଯାପାନମାନେ ପୋର୍ଟଆର୍ଥରକୁ ପାସୋରି ନାହାନ୍ତି ପୋର୍ଟଆର୍ଥରର ଏକମାଇଲ ଅନ୍ତର ଚାଇ ଫିଙ୍ଗକୁ ଯାପାନମାନେ ଅଧିକାର କରିଅଛନ୍ତି । ରୁଷମାନେ କହନ୍ତି ଯେ ଜଣେ ଚିନ ଲେଫ୍ଟେନାଣ୍ଟର ଯାପାନଙ୍କ ସହିତ ଯୋଗ ଦେଇଅଛି ଓ ପୋର୍ଟଆର୍ଥରକୁ ଉଚ୍ଚ ବିଭାଗ କରି ତୋପଦ୍ୱାରା ଉଡ଼ାଇବାର ପରାମର୍ଶ ଦେଉଅଛି ଓ ସେମାନେ ସେହିପରି ଅଗ୍ନିଯୋଗ କରୁଅଛନ୍ତି ।

---

### ତିବ୍ବତଯୁଦ୍ଧ ।

ତିବ୍ବତ ଯୁଦ୍ଧ ଅବସାନ ହେଲା । ଗତ ତା ୭ ଋଖରେ ଦଲାଇଲାମାଙ୍କ ରାଜପ୍ରାସାଦରେ ସନ୍ଧିପତ୍ର ଦସ୍ତଖତ ହେଲା । ସନ୍ଧିପତ୍ରରେ ତିବ୍ବତ ପକ୍ଷରେ ଟାସଲିପୋଡ ଅବା ରାଜପ୍ରତିନିଧି କାଉନ୍ସିଲର ସଦସ୍ୟ ସ୍ୱରୂପ ଚାରିଜଣ ସେପସ, ଡେବଙ୍ଗ, ସେରା ଓ ଗେଡେନ ଏହି ତିନି ମଠର ତିନିଜଣ ମହନ୍ତ ଓ ଜାତୀୟ ସଭାର ପ୍ରତିନିଧିମାନେ ଦସ୍ତଖତ କରିଥିଲେ । ଅମ୍ବାନ କହିଥିଲେ ଏହି ସଭା ଏହି ଦଲାନରେ ହେବ ନାହିଁ କାରଣ ଏଠାରେ ଚୀନସମ୍ରାଟଙ୍କ ପ୍ରତିମୂର୍ତ୍ତି ଅଛି ଓ ଏହା ଯେପର୍ଯ୍ୟନ୍ତ ଏଠାରେ ଅଛି ଦଲାଇଲାମା ଏ ସ୍ଥାନ ତ୍ୟାଗ କରି ନାହିଁ ବୋଲି ଜ୍ଞାନ କରାଯିବ । ଏଣୁକରି ସଭା ଦଲାଇଲାମାଙ୍କ ସିଂହାସନ ଗୃହରେ ହୋଇଥିଲା । ଗୃହଟି ଅତି ସୁନ୍ଦରରୂପେ ସୁସଜ୍ଜିତ ହୋଇଥିଲା ଦସ୍ତଖତକାରୀଙ୍କ ପାର୍ଶ୍ୱରେ ଅମ୍ବାନ ଭୂଟାନର ଟୋଙ୍ଗା ପେନଲପ ଓ ନେପାଳ ରେସିଡେଣ୍ଟ ପ୍ରଭୃତି ଉପସ୍ଥିତ ହୋଇଥିଲେ ଓ ସେମାନଙ୍କ ସଙ୍ଗରେ ଅନେକ ବ୍ରିଟିଶ କର୍ମଚାରୀ ଥିଲେ ଓ ପଶ୍ଚାଦ୍ଦେଶରେ ଶିଖ, ପଠାଣ ଓ ଗୋର୍ଖାମାନେ ଗୋଲନ୍ଦାଜ ସହିତ ଦଣ୍ଡାୟମାନ ହୋଇଥିଲେ । ସନ୍ଧିର ସର୍ତ୍ତମାନ ପାଠ ହୋଇ ସଭାର କାର୍ଯ୍ୟ ଆରମ୍ଭ ହୋଇଥିଲା । ସନ୍ଧିପତ୍ର ତିବ୍ବତୀୟ, ଇଂରାଜୀ ଓ ଚୀନଭାଷାରେ ସମାନ୍ତରାଳ ସ୍ତମ୍ଭରେ ଲେଖା ହୋଇଥିଲା । ସନ୍ଧିପତ୍ର ଦସ୍ତଖତ ହେବାଉତ୍ତାରେ କର୍ଣ୍ଣେଲ ୟଙ୍ଗହସବେଣ୍ଡ ବକ୍ତୃତା ପ୍ରଦାନ କରିଥିଲେ । ବକ୍ତୃତାର ସାର ମର୍ମ ଏହି ଯେ ପୂର୍ବର ଅସଦ୍ଭାବ ଘୁଞ୍ଚିଗଲା ବର୍ତ୍ତମାନ ସଦ୍ଭାବ ହେଲା ବ୍ରିଟିଶ ଗବର୍ଣ୍ଣମେଣ୍ଟ ଧର୍ମରେ ହସ୍ତକ୍ଷେପ କରି ନାହାନ୍ତି ଓ ଦେଶକୁ ଅଧିକାର କରି ନାହାନ୍ତି ଭାରତ ଓ ତିବ୍ବତ ମଧ୍ୟରେ ବାଣିଜ୍ୟ ଯେପରି ଅନ୍ୟଦେଶ ସହିତ ଚାଲୁଅଛି ସେହିପରି ଚଳିବ । ଏହା ପରସ୍ପରକୁ ଲାଭଜନକ । ଯେଉଁ ଜଣ ସନ୍ଧିର ସର୍ତ୍ତକୁ ଅନ୍ୟଥା କରିବ ସେ ଶାସ୍ତି ପାଇବ । ତିବ୍ବତବାସିମାନେ ନିରାପଦରେ ଭାରତକୁ ଆସିବେ ଓ ବଣିକମାନଙ୍କଠାରୁ କୌଣସି ମାସୁଲ ବା କର ନିଆଯିବ ନାହିଁ ଓ ବ୍ରିଟିଶମାନେ ତିବ୍ବତକୁ ଗଲେ ସେହିପରି ବ୍ୟବହାର ପ୍ରାପ୍ତ ହେବେ । ଶାନ୍ତିର ଚିହ୍ନସ୍ୱରୂପ ଯୁଦ୍ଧର କଏଦିମାନଙ୍କୁ ମୁକ୍ତି ଦିଆଯିବ ସେହିପରି ତିବ୍ବତୀୟମାନେ ଯୁଦ୍ଧହେତୁ ଯେଉଁମାନଙ୍କୁ କଏଦ କରିଅଛନ୍ତି ସେମାନଙ୍କୁ ଖଲାସ ଦେବାକୁ ସେ ଆଶା କରନ୍ତି । ବକ୍ତୃତା ସମାପ୍ତି ହେଲାଉତ୍ତାରେ ତିବ୍ବତୀୟମାନେ ସନ୍ଧିର ସର୍ତ୍ତ ରକ୍ଷା କରିବେ ବୋଲି ଅଭିପ୍ରାୟ ପ୍ରକାଶ କରିଥିଲେ । ସଭାର କାର୍ଯ୍ୟ ଶେଷ ହେବାକୁ ଘଣ୍ଟାଏ ଲାଗିଥିଲା । ସନ୍ଧିର କାର୍ଯ୍ୟ ଶେଷ ହେଲା । ବର୍ତ୍ତମାନ ଏକଜଣ ରାଜନୈତିକ ବା ପୋଲିଟିକେଲ ରେସିଡେଣ୍ଟ ତିବ୍ବତରେ ରହିବେ । ତିବ୍ବତ ଅଭିଯାନ ଲାସାନଗରକୁ ଆଗାମୀ ତା ୨୦ ଋଖରେ ପରିତ୍ୟାଗ କରିବାର ଶୁଣାଯାଏ ।

ତିବ୍ବତ ଅଭିଯାନଦ୍ୱାରା ତିବ୍ବତୀୟମାନେ ଅନ୍ତତଃ ଶିକ୍ଷା ପାଇଲେ ଯେ ବ୍ରିଟିଶକେଶରୀଙ୍କ ସେନାମାନଙ୍କୁ ଦୁର୍ଗମ୍ୟପଥ ମଧ୍ୟ ସୁଗମ୍ୟ ଓ ତାଙ୍କ କ୍ଷମତାକୁ ତୁଚ୍ଛ କଲେ ଅନ୍ୟ କେହି ସାହାଯ୍ୟ ପ୍ରଦାନ କରିବାକୁ ସମର୍ଥ ନୁହେ ।

---

### ସଜନ ହିତରଣ ସଭା ।

ଗତ ଶନିବାର ସକାଳ ଘ ୮ ଘଣ୍ଟା ସମୟରେ ଓଡ଼ିଶାର କମିଶନର ଏବଂ ଗଡ଼ଜାତ ସୁପରିଣ୍ଟେଣ୍ଡେଣ୍ଟଙ୍କର ଲାଲବାଗ କୋଠିରେ ଗୋଟିଏ ସଭା ହୋଇଥିଲା । ଏ ଜିଲ୍ଲାର କଲେକ୍ଟର ଓ ଜଜଙ୍କ ସହିତ ନ ୧୦।୧୨ ଣ ଇଉରୋପୀୟ ଏବଂ ନ ୭୦।୮୦ ଣ ଦେଶୀୟ ସରକାରୀ ଓ ବେସରକାରୀ ଭଦ୍ରଲୋକ ଉପସ୍ଥିତ ଥିଲେ । ମାନନୀୟ କମିଶନର ଶ୍ରୀଯୁକ୍ତ ଗ୍ରାଉସ ସାହେବ ସଭାରେ ଉପବିଷ୍ଟମାନ ହୋଇ ସଭାପତିର ଆସନ ଗ୍ରହଣ କରିବାର ଅବ୍ୟବହିତ ପରେ ଦଣ୍ଡାୟମାନ ହୋଇ ସମସ୍ତ ଭଦ୍ରଲୋକଙ୍କୁ ସମ୍ବୋଧନ ପୂର୍ବକ ଗୋଟିଏ ବକ୍ତୃତା ପ୍ରଦାନ କଲେ ତହିଁର ସଂକ୍ଷେପ ମର୍ମ ଏହିକି ଏ ସଭାର କାର୍ଯ୍ୟ ଅତି ସହଜ ମାତ୍ର ବଡ଼ ପ୍ରୀତିକର ଅଟେ ପ୍ରବଳ-ପ୍ରତାପ ରାଜା ସମ୍ରାଟ ଶ୍ରୀଯୁକ୍ତ ଏମ୍, ଏସ ଦାସଙ୍କୁ ସି, ଆଇ, ଇ, ସମ୍ମାନ ଏବଂ ମହାମାନ୍ୟ ଭାରତର ଗବର୍ଣ୍ଣରଜେନେରଲ ବାବୁ ଜାମ୍ବପୂର୍ଣ ଚନ୍ଦ୍ର ନାୟକଙ୍କୁ ରାୟବାହାଦୁର ପଦ ପ୍ରଦାନ କରିଅଛନ୍ତି । ସେହି ସମସ୍ତ ସମ୍ମାନ ଓ ପଦର ସନନ୍ଦଭୂଷଣ ଏବଂ ଖିଲତପ୍ରଦାନ ନିମନ୍ତେ ଏ ସଭା ରଚିତ ହୋଇଅଛି । ଶ୍ରୀଯୁକ୍ତ ଏମ୍, ଏସ୍, ଦାସ ଓଡ଼ିଶାର ପ୍ରଥମ ଏମ୍, ଏ, ଉପାଧିଧାରୀ, ପ୍ରଥମ ବି, ଏଲ, ଉକିଲ, ପ୍ରଥମ ଓଡ଼ିଆ ଯେ କି କଳାପାଣି ପାରହୋଇ ବିଲାତ ଭ୍ରମଣ କରି ସେଠାର ସମ୍ଭ୍ରାନ୍ତଲୋକଙ୍କ ସଙ୍ଗେ ଆଳାପ କରି ଆସିଅଛନ୍ତି, ବଙ୍ଗୀୟ ବ୍ୟବସ୍ଥାପକସଭାର ପ୍ରଥମ ନିର୍ବାଚିତ ଓଡ଼ିଆ ସଦସ୍ୟ ଏବଂ ପୁନର୍ବାର ସେହି ସମ୍ମାନ ଲାଭ କରି ଯୋଗ୍ୟତା ଓ ବକ୍ତୃତାଶକ୍ତିଦ୍ୱାରା ଗବର୍ଣ୍ଣମେଣ୍ଟର ଅନେକ ସାହାଯ୍ୟ କରିଅଛନ୍ତି ଏବଂ ଓଡିଶାର ଶିଳ୍ପ-ଉନ୍ନତି ସାଧନ ନିମନ୍ତେ ଅନେକ ପରିଶ୍ରମ, ଯତ୍ନ ଓ ବ୍ୟୟ କରିବା ବିଷୟରେ ଶିକ୍ଷିତ ଓଡ଼ିଆଙ୍କ ମଧ୍ୟରେ ପ୍ରଥମ ଅଟନ୍ତି । ଉତ୍କଳ ଶିଳ୍ପାଗାର ତହିଁର ପରିଚୟ ଦେଉଅଛି ଏବଂ ତାହାଙ୍କ ଯତ୍ନରେ ଓଡିଶାରେ ଇଞ୍ଜିନିୟରିଂ ବିଦ୍ୟାଳୟ ଶୀଘ୍ର ସ୍ଥାପନ ହେବାର ସ୍ଥିର ହୋଇଅଛି । ସେ ଉକାଲତି କାର୍ଯ୍ୟରେ ପ୍ରତିଷ୍ଠା ଲଭିଅଛନ୍ତି ଏବଂ ଓଡିଶାରେ ସାଧାରଣ ହିତସାଧନରେ

Digitized by srujanika@gmail.com

ସେ ସର୍ବଦା ଯତ୍ନବାନ୍ ଅଛନ୍ତି । ଏହି ସମସ୍ତ ଉତ୍କୃଷ୍ଟ ଗୁଣର ପରିଚୟରେ ଭାରତର ଗଭର୍ଣ୍ଣରଜେଣର ଅତ୍ୟନ୍ତ ଆନନ୍ଦିତ ହୋଇ ତାହାଙ୍କୁ ଉକ୍ତ ସମ୍ମାନ ପ୍ରଦାନ କରିଅଛନ୍ତି ଏବଂ ତଦ୍ୱାରା ଓଡ଼ିଶାର ଗୌରବ ବଢ଼ାଇଅଛନ୍ତି । ରାୟ ରାଧାକୃଷ୍ଣଚନ୍ଦ୍ର ନାୟକ ବାହାଦୁର ଜଣେ ସରକାରୀ କର୍ମଚାରୀ ଏବଂ ସେ ପ୍ରାୟ ବ… ବର୍ଷ ସରକାରୀ ଚାକିରି କରି ତହିଁ ମଧ୍ୟରୁ ବ… ବର୍ଷ ଅନଗୁଳ ପରି ଅସ୍ୱାସ୍ଥ୍ୟକର ଜିଲ୍ଲାରେ ପ୍ରଶଂସା ସହିତ କାର୍ଯ୍ୟ କରିଅଛନ୍ତି । ସେ ସେଠାର ରାଜସ୍ୱ ବନ୍ଦୋବସ୍ତ କାର୍ଯ୍ୟ ବଡ଼ ସନ୍ତୋଷଜନକରୂପେ ନିର୍ବାହ କରିଅଛନ୍ତି । ସ୍ଥାନୀୟ ଲୋକ, ନୀତି ଓ ଅବସ୍ଥା ଉତ୍ତମରୂପେ ଜାଣନ୍ତି ଏବଂ ସେ ସମସ୍ତ ଜଣାଇବାଦ୍ୱାରା ଗବର୍ଣ୍ଣମେଣ୍ଟର ଅନେକ ସାହାଯ୍ୟ କରିଅଛନ୍ତି । ସେ ଓଡ଼ିଶାର କୌଣସି ସମ୍ଭ୍ରାନ୍ତ ବଂଶର ସନ୍ତାନ ଏବଂ ସେହି ବଂଶ ବର୍ତ୍ତମାନ ଗବର୍ଣ୍ଣମେଣ୍ଟଙ୍କୁ ଅନେକ ଭଲ କର୍ମଚାରୀମାନ ଯୋଗାଇଅଛି । ଏହି ସମସ୍ତ ଗୁଣସମ୍ପଦର ଫଳସ୍ୱରୂପ ଗବର୍ଣ୍ଣମେଣ୍ଟ ଏହାଙ୍କୁ ଉପାଧି ପ୍ରଦାନ କରିଅଛନ୍ତି ଏବଂ ତହିଁ ସଙ୍ଗେ ସେ ଯେଉଁ ପୋଷାକ ବର୍ତ୍ତମାନ ପିନ୍ଧିଅଛନ୍ତି ତାହା ଖିଲାତ ପ୍ରଦାନ କରିଅଛନ୍ତି । ଏଥିପାଇଁ ଉଭୟଙ୍କର ପରିଚୟ ଦେଇ ଏବଂ ଏହି ସମ୍ମାନମାନ ସେମାନେ ଦୀର୍ଘକାଳ ଭୋଗ କରିବାର କାମନା କରି ସାହେବ ମହୋଦୟ ଶ୍ରୀଯୁକ୍ତ ମଧୁସୂଦନ ଦାସ ସି, ଆଇ, ଇଙ୍କ କୋଟରେ ସମ୍ରାଟ ପ୍ରଦତ୍ତ ସି, ଆଇ, ଇ, ପଦକ ଲଗାଇ ଦେଇ ତାହାଙ୍କ ହସ୍ତରେ ତହିଁର ସନନ୍ଦ ଦେଲେ ଏବଂ ରାୟ ରାଧାକୃଷ୍ଣଚନ୍ଦ୍ର ନାୟକ ବାହାଦୁରଙ୍କ ହସ୍ତରେ ତାହାଙ୍କର ସନନ୍ଦ ଦେଲେ । ତହିଁ ଉତ୍ତାରୁ ଅତର ପାନ ବର୍ଣ୍ଟନ ହୋଇ ସଭା ଭଙ୍ଗ ହୋଇଥିଲା । ସନନ୍ଦ ଦେବା ସମୟରେ ଇନ୍ଦ୍ରଦେବ ବୃଷ୍ଟି କରିବାଦ୍ୱାରା ସ୍ୱର୍ଗୀୟ ଆଶୀର୍ବାଦ ବର୍ଷଣ କରୁଥିଲେ । ଆମ୍ଭେମାନେ ମଧ୍ୟ ସଭାପତି ମହୋଦୟଙ୍କ ସଙ୍ଗେ ଯୋଗ ଦେଇ କାମନା କରୁଅଛୁଁ କି ଏହି ସମ୍ମାନିତ ବ୍ୟକ୍ତିମାନେ ଦୀର୍ଘାୟୁ ହେଉନ୍ତୁ ଏବଂ ଜନ୍ମଭୂମି ଉତ୍କଳର ହିତସାଧନରେ ନିଯୁକ୍ତ ରହି ଅଧିକତର ଯଶଲାଭ କରନ୍ତୁ ।

—o—

## ଯାତ୍ରୀ ଟିକସ ।

ଆମ୍ଭେମାନେ ପୁରୀର ଜଣେ ବନ୍ଧୁଠାରୁ ନିମ୍ନଲିଖିତ ବିଜ୍ଞାପନ ପ୍ରାପ୍ତହୋଇ ଏଠାରେ ପ୍ରକାଶ କଲୁଁ ଯଥା ।—

“ । ଶ୍ରୀ । ଶ୍ରୀଯୁକ୍ତ ବାବୁ ରାଜକିଶୋର ଦାସ ମନ୍ଦିର ମେନେଜରଙ୍କ ପ୍ରତି ।

ବିଜ୍ଞାପନ ।

ସମସ୍ତ ମୁଣ୍ଡପଣ୍ଡାଇ ନିଯୋଗ ନାୟକ ଓ ଭୋଗର ଜାଣିବା କାରଣ ଶ୍ରୀ ମନ୍ଦିର ମନେଜରରୁ ଲେଖିବା ହୋଇଲୁଁ ଏହି କି ସେ ଏଥିପୂର୍ବେ ସମସ୍ତ ଯାତ୍ରୀ-ବ୍ୟବସାୟୀ ପଣ୍ଡାମାନଙ୍କୁ ଆଦେଶ ହୋଇଥିଲା ଯେ ଆପଣାର ଯାତ୍ରୀମାନଙ୍କୁ ସମଯାଇ ଶ୍ରୀ ଜୀଉଙ୍କ ରତ୍ନସିଂହାସନ ଉପରେ ଅନ୍ତତଃ ପଇଶରେ ଏକଟଙ୍କା ହିସାବ ପିଣ୍ଡିକା କରାଇବେ, କିନ୍ତୁ ସେମାନେ ତାହା କରିବା ଦୂରେ ଥାଉ ଜନେ ଜନ୍ମା ଗୁମାସ୍ତାଦ୍ୱାରା ଯାତ୍ରୀମାନଙ୍କୁ ପିଣ୍ଡିକା ନ କରିବା, ବା ଅତି ସାମାନ୍ୟ ପିଣ୍ଡିକା କରିବାକୁ ସ୍ୱଭାବତ ଶିକ୍ଷା ଦେଉଅଛନ୍ତି । ତାହାଫଳରୁ ଏ ବିଷୟ ଜ୍ଞାତ ହେଲେ କହୁଅଛନ୍ତି କି ପିଣ୍ଡିକାଦ୍ୱାରା ସେମାନଙ୍କ ନିଜଲାଭ ହ୍ରାସ ହେବ, ସମ୍ଭାବନାରେ ସେମାନେ ସେ ବିଷୟରେ ସାହାଯ୍ୟ କରିବାକୁ ପ୍ରସ୍ତୁତ ନୁହନ୍ତି ଅତଏବ ଏ ସମସ୍ତ ଆଲୋଚନା କରି ପିଣ୍ଡିକାର ଉନ୍ନତି ବିଷୟରେ ଯାତ୍ରୀବ୍ୟବସାୟୀ ପଣ୍ଡାମାନଙ୍କର ସାହାଯ୍ୟ ପାଇବାର ଆଶା ତ୍ୟାଗ କରିଅଛୁଁ ଓ ସ୍ୱୟଂ ସେଥିରେ ଚେଷ୍ଟା ନ କଲେ କୌଣସି ଫଳ ନ ହେବାର ଜାଣି ଏହି ନିୟମ ସ୍ଥିର କରିଅଛୁଁ କି ଆସନ୍ତା ସୁନିଆଁ ଦିନଠାରୁ ପ୍ରତି ଯାତ୍ରୀଙ୍କୁ ଟ ॰ ୪ ହିସାବ ପରମାଣିକ ନ କଲେ କୌଣସି ଯାତ୍ରୀଙ୍କୁ ସାହାଣ ମେଲା ଦର୍ଶନକୁ ଛାଡ଼ ଦିଆଯିବନାହିଁ । ଏହା ପରମାଣିକରେ ଦୁଇଓଳ ସାହାଣ ମେଲାକୁ ଯାଇପାରିବେ । କିନ୍ତୁ ଏକଦିନର ପରମାଣିକ ତହିଁ ପରଦିବସକୁ ପ୍ରବଳ ରହିବ ନାହିଁ । ଏହା ବ୍ୟତୀତ ପଣ୍ଡିକା ସିବାଏ ଅନ୍ୟ କୌଣସି ରକମ ଟଙ୍କା ମନ୍ଦିର ଭଣ୍ଡାରକୁ ଆସେ ନାହିଁ । ଏ ବିଷୟର ବିଜ୍ଞାପନ ଦେଶ ବିଦେଶରେ ପ୍ରଚାର କରିବାକୁ ଚେଷ୍ଟିତ ହେବୁଁ । ଆପଣଙ୍କ ନିଯୋଗ ମଧ୍ୟସ୍ଥିତ ସମସ୍ତ ଯାତ୍ରୀବ୍ୟବସାୟୀ ପଣ୍ଡାଙ୍କୁ ଏ ବିଷୟ ଓ୍ୟାକିବ କରାଇବା ସକାଶେ ଏ ବିଜ୍ଞାପନ ଆପଣଙ୍କ ନିଯୋଗକୁ ପଠାଇଲୁଁ ।”

ଏହି ବିଜ୍ଞାପନରୁ ଜଣାଯାଉଅଛି କି ପିଣ୍ଡିକା ଛଡ଼ା ଅନ୍ୟ କୌଣସି ରକମ ଟଙ୍କା ମନ୍ଦିରର ଭଣ୍ଡାରକୁ ପଶେ ନାହିଁ ବୋଲି ଭଣ୍ଡାରର ଅସୁବିଧାନିମନ୍ତେ ମାନେଜର ମହାଶୟ ସମସ୍ତ ଯାତ୍ରୀଙ୍କଠାରୁ ଏକଦରରେ ଏବଂ ପ୍ରତ୍ୟେକଦିନ ସକାଶେ ନିଶ୍ଚିତ ସାହାଣମେଲା ଦର୍ଶନ ସକାଶେ ଟଙ୍କା ଆଦାୟ କରିବାର ବ୍ୟବସ୍ଥା କରିଅଛନ୍ତି । ପିଣ୍ଡିକା ନେବା ବିଷୟରେ ମନ୍ଦିରର ନିୟମାବଳୀ ଦସ୍ତ ଏବଂ ତାହା ଦେବାକୁ ସମସ୍ତେ ବାଧ୍ୟ ଏବଂ ନ ଦେଲେ ଦର୍ଶନ କରିପାରିବେ ନାହିଁ ସେକଥା ଆମର ବିଜ୍ଞାପନରେ ସ୍ପଷ୍ଟକରି ଲେଖିବାର ଥିଲା । ଯେବେ ତାହା ପରମାଣିକ ନିୟମ ଥିଲା ତେବେ ଇଦାନୀ କପର ଅଦୃଶ୍ୟ ହୋଇଗଲା ତାହା ମଧ୍ୟ ଜଣାଯାଉ ନାହିଁ । ପ୍ରାଚୀନ ନିୟମ ଯାହା ଥାଉ ବର୍ତ୍ତମାନ ଲୋକେ ବୁଝିଅଛନ୍ତି ଯେ ପିଣ୍ଡିକା ଦେବ ସ୍ୱେଚ୍ଛାଧୀନ ଏବଂ ଯାତ୍ରୀର ଇଚ୍ଛା ଓ ଶକ୍ତିଉପରେ ତହିଁର ପରିମାଣ ନିର୍ଭର କରେ ; ଏସ୍ଥଳେ କୌଣସି ନିର୍ଦ୍ଦିଷ୍ଟ ଦରରେ ପ୍ରତ୍ୟେକ ଯାତ୍ରୀଙ୍କୁ ତାହା ଦେବାକୁ ବାଧ୍ୟ କରିବା ଯାତ୍ରୀଟିକସ ବିନା ଅନ୍ୟ କିଛି ହୋଇ ଯାଇ ନ ପାରେ । ପୂର୍ବ ପୂର୍ବରେ ଯାତ୍ରୀମାନଙ୍କଠାରୁ ଟିକସ ନେବା ସମ୍ବନ୍ଧୀୟ ଗବର୍ଣ୍ଣମେଣ୍ଟଙ୍କର ପ୍ରସ୍ତାବ ବିରୁଦ୍ଧରେ ଯେସମସ୍ତ ହେତୁ ପ୍ରଦର୍ଶିତ ହୋଇଅଛି ଏବଂ ଭାରତର ନାନା ପ୍ରଦେଶରେ ସେଥିପାଇଁ ଯେଉଁ ଘୋର ଆନ୍ଦୋଳନ ଉପସ୍ଥିତ ହୋଇଅଛି ସେ ସମସ୍ତ ଏହି ପିଣ୍ଡିକାସ୍ଥଳରେ ଅଧିକତର ପ୍ରବଳରୂପେ ଖଟୁଅଛି । ଯାତ୍ରୀମାନେ ପୁଣ୍ୟଲାଭ ଏବଂ ପରକାଳର ସଦ୍ଗତି ଆଶାରେ ଜଗନ୍ନାଥ ଦର୍ଶନକୁ ଆସନ୍ତି ଯାତ୍ରୀଙ୍କ ମଧ୍ୟରେ ବହୁଲୋକଙ୍କଠାରୁ ଗରିବର ସଂଖ୍ୟା ଅଧିକ । ଦଶାଇ ଆଠଅଣା ନ ଦେଲେ ଦର୍ଶନ ଯାଇବ ନାହିଁ ଏହା କହିବା ଧର୍ମରେ ବାଧା ଦେବା ଭିନ୍ନ ଅନ୍ୟ କିଛି ନୁହେ । ଇଂରେଜ ସରକାର ଭିନ୍ନ ଧର୍ମାବଲମ୍ବୀ ହୋଇ ପ୍ରଜାଙ୍କ ଧର୍ମବିଶ୍ୱାସରେ ହସ୍ତକ୍ଷେପ କରିବା ବିଷୟରେ ଯେତେ ସାବଧାନ ହେଲେ ଗବର୍ଣ୍ଣମେଣ୍ଟଙ୍କର ଯାତ୍ରୀଟିକସ ପ୍ରସ୍ତାବକୁ ସେହି ପ୍ରକାରର ବିରୁଦ୍ଧ ବୋଲି ଦେଖାଇ ଦେବା ସଙ୍ଗେ ସଙ୍ଗେ ଆମ୍ଭେମାନେ ମନେ କରୁଅଛୁଁ କି ଏ ଦେଶୀୟଙ୍କର ଧର୍ମବିଶ୍ୱାସର ଗୁରୁତ୍ୱ ଅନୁଭବ କରି ନ ପାରି ସେହି [illegible] ପ୍ରସ୍ତାବ କରିଅଛନ୍ତି । କିନ୍ତୁ ମନ୍ଦିରର ମାନେଜର ସ୍ୱଦେଶୀ ଏବଂ ସ୍ୱଧର୍ମୀ ହୋଇ ଯାହା ଏହି ଟିକସର ଅନିଷ୍ଟକାରିତା ବୁଝି ପାରୁନାହାନ୍ତି ତାହା ଆଶ୍ଚର୍ଯ୍ୟର କଥା ଅଟେ । ବାବୁ ରାଜକିଶୋର ଦାସ ମନ୍ଦିରର ମାନେଜର ହୋଇ ସୁଦକ୍ଷତା ସହିତ କାର୍ଯ୍ୟ ନିର୍ବାହଦ୍ୱାରା ଯେପରି ଯୋଗ୍ୟତାର ପରିଚୟ ଦେଇଅଛନ୍ତି ଏବଂ ପ୍ରଶଂସା ଲଭିଅଛନ୍ତି ଅନ୍ୟ କାହାର ଭାଗ୍ୟକୁ ତାହା ଘଟିବାର ଏପର୍ଯ୍ୟନ୍ତ ଦେଖା ନ ଥିଲା । ଏପରି [illegible] ବିବେଚକ ବ୍ୟକ୍ତିର ଏପରି ଆଦେଶ ଆଶ୍ଚର୍ଯ୍ୟକର ବୋଲି ବୋଧ ହେଉଅଛି ଏବଂ ଏହା ଦେଖି ଯେଉଁମାନେ କହୁଅଛନ୍ତି କି ସେ [illegible] ଧର୍ମଗୃହ ଥିବାରୁ ସରକାରଙ୍କର [illegible] ଦେବା ଆଶାରେ ଯାତ୍ରୀ ଟିକସର ପଥ [illegible] କାରଣ ଏହି ପିଣ୍ଡିକାର ଉତ୍ପତ୍ତି ବାହାର [illegible] ଅଛନ୍ତି ସନ୍ଦେହଦ୍ୱାରା ସେମାନଙ୍କର [illegible] କଲ ବାଟ ବନ୍ଦ ନାହିଁ । ଆମ୍ଭେମାନେ [illegible] ମାନେଜର ମହାଶୟ ବଲପୂର୍ବକ ପିଣ୍ଡ

Split by PDF Splitter



ତେବେ ସେ ପ୍ରକୃତ ବିବରଣ ବୁଝାଇ ଦେଇ ଜନସାଧାରଣଙ୍କର ସନ୍ଦେହ ଦୂର କରିବେ ।

---

# ସାପ୍ତାହିକସଂବାଦ ।

## ଓଡ଼ିଶା ଗେଜେଟ ।

କଟକ ଜିଲ୍ଲାର ପ୍ରଧାନ ସେକେଣ୍ଡ ମାଜିଷ୍ଟ୍ରେଟ ମି ଆର, ସି, ମାନିକ ଜଣେ ବିଶେଷ କାର୍ଯ୍ୟରେ ନିଯୁକ୍ତ ହେଲେ ଓ ତାଙ୍କ ସ୍ଥାନରେ ମି ଆର, ଡବଲ୍ୟୁ, ହାଉଇଲ ନିଯୁକ୍ତ ହେଲେ ।

ସମ୍ବଲପୁର କଲେକ୍ଟର ବାବୁ ସୁଦର୍ଶନ ଦାସ ଓ ମ କଟକ ମାଜିଷ୍ଟ୍ରେଟ ଓ କଲେକ୍ଟର ପଦରେ ନିଯୁକ୍ତ ହେଲେ।

ପୁରୀ ଗୋପାଳ ପ୍ରସାଦଙ୍କ ମି ଆର ଏସ, ଗାଇଲ୍ସ ଜିଲ୍ଲାର ଡେପୁଟୀ ଇନ୍ସପେକ୍ଟର ଜେନେରଲ ପଦରେ ନିଯୁକ୍ତ ହେଲେ ।

ବାଲେଶ୍ୱରର ବିଶେଷ ସବ୍‌ରେଜିଷ୍ଟ୍ରାର ବାବୁ ରାଧାନାଥ ଦାସ କର୍ଣ୍ଣଲ ଛୁଟୀ ପ୍ରାପ୍ତ ହେଲେ।

ବାବୁ ନଟବର ସବ୍‌ରେଜିଷ୍ଟ୍ରାର ମୌଳିକ ଅବ୍‌ସର ସବ୍‌ରେଜିଷ୍ଟ୍ରାର ପଦରେ ନିଯୁକ୍ତ ହେଲେ ।

ସୁବର୍ଣ୍ଣ ଦିଗିନ୍ଦ ରେଜିଷ୍ଟ୍ରାର ବାବୁ ଉପେନ୍ଦ୍ରନାଥ ସମ୍ବାଦକ ଅନ୍ୟ ଅବେଶପଦ ସବ୍‌ରେଜିଷ୍ଟ୍ରାର ପଦରେ ନିଯୁକ୍ତ ହେଲେ ।

ଗୋପାଳ ଦୂରର ସବ୍‌ରେଜିଷ୍ଟ୍ରାର ବାବୁ ବ୍ରଜକିଶୋର ମହାନ୍ତି ସବ୍‌ରେଜିଷ୍ଟ୍ରାର ପଦରେ ଅନ୍ୟ ଅବେଶ ନିଯୁକ୍ତ ହେଲେ ।

ବାବୁ ଅଶ୍ୱିନୀ ଦାସ ମୁନ୍ସିଙ୍କ ଗୋପାଳପୁର ସବ୍‌ରେଜିଷ୍ଟ୍ରାର ପଦରେ ଅନ୍ୟ ଅବେଶ ପର୍ଯ୍ୟନ୍ତ ନିଯୁକ୍ତ ହେଲେ ।

ଓଡ଼ିଶା ବିଭାଗର କୋ କଲେକ୍ଟର ସ୍ଥାନର ୨ୟ ଶ୍ରେଣୀର ଦକ୍ଷିଣ ପରୀକ୍ଷା ଆଗାମୀ ନଭେମ୍ବର ମାସ ତା ୧୦ ରିଖଠାରେ ଗୋପାଳ କଠୀ ବୁଝାଇବା ଦୋ ପ ୧୧ ଶ ସମୟରେ କମିଶନର ସାହେବଙ୍କ କଚେରୀ ଗୃହରେ ପ୍ରସ୍ତୁତ ହେବ ।

ଅତଏବ ସେକେଣ୍ଡ ଟେମ୍ପଲେଶନ ଅର୍ଥାତ ୧୮୯୪ ସାଲର ୧ ତାରିଖର ୮ ଆଇନ୍ସ୍ଥାପ୍ତି ରେଜିଷ୍ଟ୍ରେଟ ବାହାଦୂର ଅନୁମୋଦନ ଦେଇ ଟେରିଟୋରିଆଲ ଅର୍ଥାତ ୧୮୯୪ ସାଲର ଧା ୧୯ ଲକ୍ଷ ପ୍ରବର୍ତ୍ତିବାର ଅବେଶ ଦେଇଅଛନ୍ତି ।

---

ଏ ସପ୍ତାହରେ ୬୪ ନ ସୋର ବୃଷ୍ଟି ହୋଇ ଧାନ ଫସଲ ପ୍ରସ୍ତୁତ ହୋଇଅଛି ।

ଗତ ମ ଳାର ଗଣେଶଚତୁର୍ଥୀ ଉପଲକ୍ଷରେ ଏଠାରେ ଗଣେଶ ପ୍ରତିମା ଜଳମଗ୍ନ ହୋଇଥିଲ ସେ କାରିଗରମାନଙ୍କର ଦୋକାନରେ ବହୁ ବାକୀ ରହି ନ ଥିଲ ।

ମୁସଲମାନ ଦକ୍ଷାଦ୍ୱ ରେଜିଷ୍ଟ୍ରି ସମ୍ପର୍କରେ ମୌଲବୀ ଅବଦୁଲ ମଜିଦଙ୍କ ନାମରେ ଫୁଲଜମ୍ବ ମୋକଦ୍ଦମା ଏଠା ପଲିକ ଠାରେ ଚାଲୁଅଛି । ଏକ ସମ୍ବଲରେ ବାଜ ନାହିର ନହୁର ଦୁର୍ବଳ ରହାଇବାର ଅଭିଯୋଗ କରିଅଛନ୍ତି ଏବଂ ଅନ୍ୟ ଜଣରେ ରକ୍ଷକରୂପେ ବଡ଼ାହ ରେଜିଷ୍ଟ୍ରି କିଛି ପ୍ରସ୍ତୁତ କରିବାର ଅଭିଯୋଗ ହୋଇଅଛି ।

ମାଲ ବେଭାର ଦ୍ୱାର ଏକ ଶୋରଧାର ଗୋଟିଏ ସ୍ତ୍ରୀ ପ୍ରତି ଅତ୍ୟାଚାର ଏହି ଦୁଇ ବଡ଼ ମକଦ୍ଦମାରେ ଶ୍ରୀଯୁତ ଜଜ୍ ସାହେବଙ୍କ ଦସ୍ତରରେ ଅସାମିମାନେ ଖଲାସ ପାଇଅଛନ୍ତି ।

ଏଠାର ଜାଣାଣ ମୁସଲମାନ ଧର୍ମ ଗ୍ରହଣ କରିଥିବାର ପତ୍ରରେ ଏକ ସମ୍ବାଦପତ୍ରରେ ପାଠ କରି ହରିହରପୁରର ଜଣେ ମୁସଲମାନ ସ୍ୱଧର୍ମର ଉନ୍ନତିରେ ଅନେକ ପ୍ରକାଶ କରିଅଛନ୍ତି ।

ଦେଶୀୟ ରାଜ୍ୟର ଜଣେ ବ୍ରାହ୍ମଣ ଅପଣାର କନ୍ୟାର ବିବାହ ଏକ ବାଳିକ ସ୍ଥିର କରିଥିଲ । ଲଗ୍ନଦିନ ବର ପହଞ୍ଚ ନାହିଁ ଫଳରେ ଅଳଙ୍କାର ଓ କନ୍ୟାସୁନ୍ଦରୀ ବେଳାରେ ନଷ୍ଟ କରିବାରୁ କନ୍ୟା ବର୍ଗ ବିବାହ ହେଲ ନାହିଁ । ଅଗତ୍ୟା ସେ ଅନ୍ୟ ଏକ ଜଣର କନ୍ୟାକୁ ବିବାହ କରି ବାହାର ପାଇ ପାଇ ଘରକୁ ଗଲ । କଇ ଜଣରେ ସେ କନ୍ୟାର ଅନ୍ୟ ବର ସଙ୍ଗେ ବିବାହ ହେଲ ଓ କନ୍ୟା ବର୍ଗର ଅଶାନୁରୂପ ଏହି ହେଲ ନାହିଁ ଅନୁଦାନରେ କନ୍ୟା କଷ୍ଟ ହୋଇ ଦେଇ ମାରାଲ ଗଲଅଛି । ଜଣେ ପତ୍ରପ୍ରେରକ ଏହି ବିଷୟ ଲେଖି ସେମାନ୍ତ ବର୍ଣ୍ଣ ଦେଶର ଫଳ ଏହି କଥାରେ ପକ୍ଷ ଶେଷ କରିଅଛନ୍ତି ।

### ଜଗତ୍‌ସିଂହପୁର ସମ୍ବାଦ ।

ଅଦ୍ୟ ପୋଷ୍ଟଅଫିସରୁ ଜଣେ ନୂତନ ପୋଷ୍ଟମାଷ୍ଟର ଅଛନ୍ତି । ଅତି ଅଳ୍ପଦିନ ହେଲ ଅଫିସରେ ମଧ୍ୟ ତାଙ୍କ ବ୍ୟବହାରରେ ସାଧାରଣ ଅସନ୍ତୁଷ୍ଟ ହେବାର ଶୁଣାଯାଉଅଛି । ମୋଫସଲରେ ହିଁ ଏ ନଗର ରଚନା ହୋଇ ଚଳେ ବଲନ୍ତିଏ ।

ଜଳାଲ ଇଲାକାର ବପୋଟି ଦଲରେ ଶ୍ରୀଯୁକ୍ତ ବାବୁ ବଳିଷ୍ଠ ଦାସ ମହାଶୟ ଭାଦ୍ର ମାସ ତା ୭ ରିଖରୁ ଏଠାର ଦକ୍ଷ କେନାଲରେ ଯାଇଥିବା ଲମ୍ବାବିଲର ବର୍ଣ୍ଣ ଦେଇଅଛନ୍ତି ।

ଅତ୍ର ମାଇନର ଜମିଦାରୀ ଅଧିବେଶନ ତା ୭ ରିଖରେ ହୋଇଥିଲ । ଗୋଟିଏ ନୂଆ ବେହେର ଡାକ୍ତରଖାନାକୁ ଜଳ ଦେବା ନିମନ୍ତେ ବୋର୍ଡ଼ଙ୍କୁ ପ୍ରାର୍ଥନା ହୋଇଅଛି ।

ଅତ୍ର ମାଇନର ସ୍କୁଲର ଅବସ୍ଥା ଅନେକ ଦିନ ସୋଚନୀୟ ହେଉଅଛି । ଶିକ୍ଷକମାନେ ପ୍ରାୟ ମା ୫ । ୭ ସ୍ଥଳ ବେତନ ପାଇ ନ ଥିବାର ଶୁଣାଯାଏ । ଶିକ୍ଷକମାନଙ୍କ ମଧ୍ୟରେ ମନୋମାଳିନ୍ୟ ମଧ୍ୟ ଦେଖାଯାଏ । ସେକ୍ରେଟରୀ

---

ମହାଶୟ କୌଣସି ତତ୍ତ୍ୱ ନେଇ ନ ଥିବାରୁ ଏପରି ଦୁର୍ଗତି ହୋଇଅଛି ।

ଅତ୍ର ଇଲାକାର ଅବକାରୀ ସବ୍‌ଇନ୍‌ସ୍‌ପେକ୍ଟର ମହୋଦୟ ଗୋଟିଏ ବହୁତ ଲୋକଙ୍କୁ ସ୍ୱେଚ୍ଛା ଗଞ୍ଜାଇ ଓ ଅଫିମ ବିକ୍ରୟ କରୁଥିବା ଅପରାଧରେ ଚାଲାଣ ଦେଇଥିଲେ । ଗତ ମାସ ତା ୧୨ ରିଖରେ ଡେପୁଟୀ ମାଜିଷ୍ଟ୍ରେଟ ମହାଶୟଠାରୁ କୌଣସି ପ୍ରମାଣ ନ ନେଇ ଫରିଆଦୀର ପ୍ରମାଣ ଅନୁସାରେ ମୁଦାଲାକୁ ବେକସୁର ଅବ୍ୟାହତ ଦେଇଅଛନ୍ତି । ଫଳ ସମସ୍ତ ବିଷୟ ବୁଝାରେ ବିଶେଷ ଅପମାନିତ ଓ ଲଜ୍ଜିତ ହୋଇଅଛି । ପୁଣି ସବ୍‌ଇନ୍‌ସ୍‌ପେକ୍ଟରଙ୍କ ମଧ୍ୟ ପଡ଼ିଅଛି । ବୁଝାରେ ଗୋଟିଏ ବହୁତ ଲୋକକୁ ଏ ପରି କରିବାରୁ ଦ ୫ ଟ । ମହାଶୟ କ ଯଣ ଅର୍ଜନ କଲେ । ଜଣ ହାକିମ ମହୋଦୟଙ୍କର ଏ ପ୍ରତି ଉଚିତ ଦୃଷ୍ଟି ଏକାନ୍ତ ପ୍ରାର୍ଥନା । ମୁଦାଲା ବଖିତ ଜିଲ୍ଲାରେ ନେଇ ଥିବାରୁ ତାହା ଜାଣିବାରେ ବିଶେଷ ଅସୁବିଧା ଲାଗିବା ସମ୍ଭବ ।

---

### ପତ୍ରପ୍ରେରକଙ୍କ ପ୍ରତି ।

ଶ୍ରୀ କୃଷ୍ଣଚନ୍ଦ୍ର ମିଶ୍ର—ଟେଙ୍ଗଣାଙ୍କ ଉଦ୍ଦେଶର କଚେରୀରେ ବାସଗୃହ ହୋଇଥିବା ଓ ଗ୍ରାମବାସିମାନେ କେତେକ ଏକଦଳ ଏବଂ ଅନ୍ୟଦଳ ସରସତୀ ପୂଜା ପ୍ରସଙ୍ଗରେ ବିବାଦ କରୁଥିବାର ଦେଖି ଏହିପରି ବିବାଦରେ ଏକଗ୍ରାମର ଦୁଇଦଳ ମଧ୍ୟରେ ଘୋର ମକଦ୍ଦମା ହୋଇ ସମସ୍ତ ସମ୍ପତ୍ତି ବାଣ୍ଟିକରି ପୃଥକ୍ ରହିବା କଥା ସ୍ମରଣ କରାଇ ଦେଇଅଛନ୍ତି ।

ମହମ୍ମଦ ଅଜିଜ—ପଞ୍ଜାବର କାଦିୟାନି ସମ୍ବନ୍ଧରେ ଆଉ କିଛି ପ୍ରକାଶ କରିବାର ଆବଶ୍ୟକ ବିବେଚନା କରୁନାହୁଁ ।

ଗଙ୍ଗାଧର ପଟ୍ଟନାୟକ— କେନ୍ଦୁଝରର ଶ୍ରୀ ରଙ୍ଗାଧର ଧର୍ମଶାଳ ପ୍ରତିଷ୍ଠିତ ସଂସ୍କୃତ ପାଠଶାଳା ଏବଂ ଜଣ୨ ସଜ୍ଜନମାନଙ୍କର ସହାନୁଭୂତି କେତେକ ଉଦାହରଣ ଲେଖିଅଛନ୍ତି ସେଥି ଲ ଧନ୍ୟ ଅଟେ ।

---

### ପ୍ରେରିତପତ୍ର ।

ପତ୍ରପ୍ରେରକଙ୍କ ମତାମତ ନିମନ୍ତେ ଆମ୍ଭେମାନେ ଦାୟୀ ନୋହୁଁ ।

---

ମହାମାନ୍ୟ ପୂଜ୍ୟବର ଉତ୍କଳ ଦୀପିକା ସମ୍ପାଦକ ମହୋଦୟ ସମୀପେଷୁ ।

ମହାଶୟ ।

ଗତ ସେପ୍ଟେମ୍ବର ତା ୪ ରିଖରେ ଏହିଜିଲ୍ଲାନ୍ତର୍ଗତ ଜଗତ୍‌ସିଂହପୁର ଗ୍ରାମରେ "ଶ୍ରୀଜଗନ୍ନାଥ" ନାମରେ ଗୋଟିଏ ବୃହତ୍ ସମାଜ ସ୍ଥାପିତ ହୋଇଅଛି । ଏହି ସଭାରେ ଶିକ୍ଷୋନ୍ନତି, ସଭ୍ୟତା

Digitized by srujanika@gmail.com

ସ୍ଥାଇ, ଶାନ୍ତିସ୍ଥାପନ, ବ୍ୟବସ୍ଥାଦାନ, ପୌରାଣିକ ଓ ବୈଦିକମତ ଇତ୍ୟାଦି ସମସ୍ତ ବିଷୟର ସମ୍ୟକ ଚର୍ଚ୍ଚା ହେଉଥିବା ନିମନ୍ତେ ନିୟମାବଳୀ ଧାର୍ଯ୍ୟ ହୋଇଅଛି ଭବିଷ୍ୟତରେ ବର୍ତ୍ତମାନ ଶିକ୍ଷିତ ବ୍ୟକ୍ତିଗଣଙ୍କୁ ଏ ସଭାରେ ଯୋଗଦେବା କାରଣ ବହୁତ ବନ୍ଦୋବସ୍ତ ହେବ । ଉଭୟପାର୍ଶ୍ୱବର୍ତ୍ତୀ ପଲ୍ଲୀର ସଭ୍ୟଗଣ ଏଥିରେ ଯୋଗ ଦେଇଥିଲେ । ବିଶେଷତଃ ହେଃ ଇନ୍ବାବୁ, ପୋଷ୍ଟମାଷ୍ଟର ବାବୁ ଫକୀରପୁର ନିବାସୀ କତିପୟ ମହାଜନଗଣ ଶୌଚଦ୍ୱାର ଓ ଭଏଇଷ୍ଟରର ସହୃଦୟ ବ୍ୟକ୍ତିଙ୍କ ଦ୍ୱାରା ସଭାଟି ସମ୍ୟକ୍ ସୁଶୋଭିତ ହୋଇ ଅପରାହ୍ନ ଘ ୫ ଘା ସମୟରେ ସଭା ଭଙ୍ଗ ହେଲା ଶ୍ରୀଯୁକ୍ତ ବାବୁ ବାଞ୍ଛାନିଧି ପଣ୍ଡା ଦୈବଜ୍ଞଦେବଙ୍କ ଜୀବନୀ ସମ୍ବନ୍ଧେ ସୁଦୀର୍ଘ ବକ୍ତୃତା ପ୍ରଦାନ କରି ସଭାକୁ ଚରମାପ୍ୟାୟିତ କରିଥିବାର ବୋଧ ହେଲା ।

ସ୍ଥଳରେ କହିଲେ ଅତ୍ୟନ୍ତ ଉନ୍ନତିର ସମ୍ଭାବନା ଦ୍ୱାରା ସଭାଟି ଯେପରି ଆଡ଼ମ୍ବର ଦେଖାଇଅଛି ଭବିଷ୍ୟତରେ ସୁଫଳ ପ୍ରସବ କରିବାର ଅବଶ୍ୟମ୍ଭାବ ।

ନିଃ

କଟକ { ଶ୍ରୀ ଦାମୋଦର ସାହୁ
ଜଗତ୍ପୁର ଜ୍ଞାନବର୍ଦ୍ଧିନୀ ସଭା
ସମ୍ପାଦକ

ମାନ୍ୟବର ଶ୍ରୀଲ ଶ୍ରୀଯୁକ୍ତ ଉତ୍କଳଦୀପିକା ସମ୍ପାଦକ
ମହାଶୟ ଉଦାର ହୃଦୟେଷୁ ।

ପୂଜ୍ୟମହାଶୟ !

ହୋଗଇ ମାଇନର ସ୍କୁଲର ସମ୍ପାଦକ ଶ୍ରୀବାବୁ ଚତୁର୍ଭୁଜ ଦାସ ମହାଶୟ ଜମିଦାର ସାମନ୍ତ ଶ୍ରୀଗଜଗଜଣ ଦାସ ମହାଶୟଙ୍କର ନାୟବ ଅଟନ୍ତି, ତାହାଙ୍କ ଦୃଢ଼ ଯତ୍ନ ଓ ଅଧ୍ୟବସାୟଦ୍ୱାରା ଉକ୍ତ ସ୍କୁଲଟି ସ୍ଥାପିତ ହୋଇ ବହୁ କାଳରୁ ସୁନ୍ଦରରୂପେ ଚଳିଆସୁଥିଲା ମଧ୍ୟରେ ତାହାଙ୍କର ସ୍ଥାନ ପରିବର୍ତ୍ତନ ଘଟିବାରୁ ସ୍କୁଲଟି ଅଧୋଗତିକୁ ଯିବାର ଦେଖି ବଙ୍ଗୀୟ କର୍ତ୍ତୃପକ୍ଷୀୟମାନେ ଭୂତପୂର୍ବ ସେକ୍ରେଟେରୀ ମହୋଦୟଙ୍କୁ ଉକ୍ତ ପଦରେ ବରଣ କରିବାରୁ ସେକ୍ରେଟେରୀ ମହାଶୟ ଉତ୍ସାହର ସହିତ ପତନୋନ୍ମୁଖ ସ୍କୁଲଟିକୁ ରକ୍ଷା କରି ସ୍ଥାୟୀ କରିବା ଉଦ୍ଦେଶ୍ୟରେ ଯଥାସାଧ୍ୟ ଯତ୍ନ ଓ ବ୍ୟୟ କରୁଅଛନ୍ତି । ପୂର୍ବ ମାନନୀୟ ଶ୍ରୀଯୁକ୍ତ ଯାଜପୁର ସବ ଡିଭିଜନ ଅଫିସର ମହୋଦୟଙ୍କ ଉତ୍ତେଜନାରେ ବିଶେଷ ଉତ୍ତେଜିତ ହୋଇ ସ୍କୁଲର ଉନ୍ନତି ସକାଶେ ନାନା ଉପାୟ ଅବଲମ୍ବନ କରି ସ୍କୁଲର

ନୈତିକ ଉନ୍ନତି ଦୃଢ଼ୀଭୂତ କରିବା ନିମନ୍ତେ ସ୍କୁଲରେ କ୍ରିକେଟ ଖେଳ ପ୍ରଚଳନ, ନୀତିଶିକ୍ଷା ସମିତି ସ୍ଥାପନ ଓ ବାଳକମାନଙ୍କୁ ଉଗ୍ରାଣ ବିଷୟ ଇତ୍ୟାଦି କାର୍ଯ୍ୟମାନ କରାଇଅଛନ୍ତି ।

ହୋଗଇ ମାଇନର ସ୍କୁଲ
୭।୯।୦୪
{ ବଶମ୍ବଦ
ଶ୍ରୀ ଜମ୍ବୁଗମଗିରି
ହେଃ ମାଷ୍ଟର

## ମୂଲ୍ୟପ୍ରାପ୍ତି ।

ଶ୍ରୀ ବାବୁ ସୂର୍ଯ୍ୟପୋରାମ ଚୌଧୁରୀ କଳମପୁର ଟ ୩
ଶ୍ରୀ „ ବୃନ୍ଦାବନ ଦାସ ଷଦର ଡ଼ାକଘୋଲ କଟକ ଟ ୩
ଶ୍ରୀ „ ରାଧାମାଧବ ନାୟକ ସବ୍‌ଜେଃ ବାଲେଶ୍ୱର ଟ ୧୦
ଶ୍ରୀ „ ରାଧାବଲ୍ଲଭ ସିଂହ ହେଡ଼ ଗାଙ୍ଗପୁର ଟ ୭
ଶ୍ରୀ „ ପ୍ରେମାନନ୍ଦ ରାଉଳ ସୁନାହାଟ କଟକ ଟ ୧
ଶ୍ରୀ „ ଗୋବିନ୍ଦଚରଣ ଦାସ ଅଧିକାରୀ କଣାସମଠ ସୁଗ ଟ ୩
ଶ୍ରୀ „ ରତ୍ନାକର ଦାସ ଧଳାପୁର ଟ ୩
ଶ୍ରୀ „ ସନଶ୍ୟାମ ପଟ୍ଟନାୟକ ସବ୍‌ପୋଷ୍ଟ ବୋଲଗଡ଼ ଟ ୧
ଶ୍ରୀ „ ଗୋପୀନାଥ ମହାନ୍ତି ଜନ୍ମସ ଟ ୩
ଶ୍ରୀ „ ହରେକୃଷ୍ଣ ଦାସ ଗାଙ୍ଗପୁର ଟ ୨
ଶ୍ରୀ „ ନାରାୟଣପ୍ରସାଦ ମହାନ୍ତି ସ୍କାଃ ସ୍କୁଲ ଟ ୧

## ବିଜ୍ଞାପନ ।

ଏତଦ୍ଦ୍ୱାରା ସର୍ବସାଧାରଣଙ୍କୁ ଜଣାଇ ଦିଆଯାଉଅଛି ଯେ କଟକ ଡିଷ୍ଟ୍ରିକ୍ଟବୋର୍ଡ଼ ଅଧୀନସ୍ଥ ନଦୀଘାଟ ଲୁଆଁପାଳ, ନଦୀଘାଟ ରୁକ୍ମିଣୀପାଟ ଓ ଲୁଣିପୁର ଘାଟମାନ ଅତ୍ର ଡିଷ୍ଟ୍ରିକ୍ଟ ବୋର୍ଡ଼ ଅଫିସରେ ଚଳିତ ସେପ୍‌ଟେମ୍ବର ମାସ ତା ୧୯ ରିଖ ମୁତାବକ ଆଶ୍ୱିନ ବ ୫ ନ ରୋଜ ସୋମବାର ଦିବା ଘ ୧୨ ଘା ସମୟରେ ପ୍ରକାଶ୍ୟ ଡାକ ନିଲାମ କରାଯିବ । ନିଲାମ ଡାକିବା ଇଚ୍ଛୁକ ଲୋକମାନେ ଅତ୍ର ଡିଷ୍ଟ୍ରିକ୍ଟବୋର୍ଡ଼ ଅଫିସରେ ଉପରଲିଖିତ ସମୟରେ ହାଜର ହୋଇ ନିଲାମ ଡାକି ପାରିବେ । ଏ ସମ୍ବନ୍ଧେ ଯାହା କିଛି ଜାଣିବା ଆବଶ୍ୟକ ହେବ ଅତ୍ର ଡିଃ ବୋର୍ଡ଼ ଅଫିସରେ ତଲ୍ଲାସ କଲେ ଜାଣି ପାରିବ ।

Cuttack D. B. office } J. C. Chandra
The 6th Sept. 1904 } *Vice-Chairman*

## କର୍ମଖାଲି ।

ଷ୍ଟେଟ ମୟୂରଭଞ୍ଜ ବାମନଘାଟୀ ବନ୍ଦୋବସ୍ତ ସକାଶେ ନ ୨୦୦ ଶ ଅମିନ ବା ବନ୍ଦୋବସ୍ତ ଅମିନ ଆବଶ୍ୟକ । କାର୍ଯ୍ୟ ପ୍ରାର୍ଥୀମାନେ ଆଗାମୀ

ନଭେମ୍ବର ମାସ ତା ୧୫ ରିଖ ମଧ୍ୟେ ନିଜ ପ୍ରଶଂସାପତ୍ର ସହ ବେଙ୍ଗଲ ନାଗପୁର ରେଲ୍‌ଓ୍ୱେର ଟାଟାନଗର ଷ୍ଟେସନର ଗୃହବିଶା ହୋଇ ବହଳଦା ମୁକାମେ ନିମ୍ନ ସ୍ୱାକ୍ଷରକାରଙ୍କ ସମୀପରେ ଉପସ୍ଥିତ ହେବେ । ଅମିନମାନଙ୍କୁ ଦସ୍ତୁରମତ ଠିକାଦାର ଅନୁଯାୟୀ ଟଙ୍କା ଦିଆଯିବ । ଏହି ବନ୍ଦୋବସ୍ତ ଅମିନମାନଙ୍କଦ୍ୱାରା ଖସଡ଼ା (ଖାନାପୁରୀ) କାର୍ଯ୍ୟ ମଧ୍ୟ କରାଯିବ । ଇତି ।

ଏସ୍, କେ ଗୁହଠାକୁର୍ତ୍ତା
ସେଟଲମେଣ୍ଟ ଅଫିସର
ବାମନଘାଟୀ
ପୋଃ ବହଳଦା
ମୟୂରଭଞ୍ଜ

## ବିଜ୍ଞାପନ ।

ଆମ୍ଭ ଦୋକାନରେ ନିମ୍ନଲିଖିତ ଜିନିଷମାନ ଅତି ସୁଲଭ ଦରରେ ବିକ୍ରୀ ହୁଅଇ । ଗ୍ରାହକମାନେ ପରୀକ୍ଷାକରି ଦେଖିଲେ ସନ୍ତୁଷ୍ଟ ହେବେ । ଦର ସବୁଦିନେ ସମାନ ନ ଥାଏ । ବର୍ତ୍ତମାନ ଦର ପ୍ରତ୍ୟେକ ଦ୍ରବ୍ୟ ପାଖରେ ଲେଖାଗଲା ।

ତପସିଲ ।

| | | |
|---|---|---|
| ହେଭି ମଲ୍ଲିକି ଟିନ ନଂ ୧ [illegible] | ଟ ୧ ହାରୁ ସେ ୦ ।୵ | |
| ହେଭି ସୁଅ ଟିନ ନଂ ଟ ୫୦ | ଟ ୧ ହାରୁ ସେ ୦ ।୵ | |
| ନଂ ୧ ସ୍ୱର [illegible] ନଂ ୧ ଟ ୪୦ | ଟ ୧ ହାରୁ ସେ ୧ | |
| ନଂ ୧ [illegible] | ଟ ୧ ହାରୁ ସେ [illegible] | |
| ନଂ ୨ ସ୍ୱର [illegible] | ଟ ୧ ହାରୁ ସେ [illegible] | |
| ନଂ ୧ ସ୍ୱର ଅଟା | ଟ ୧ ହାରୁ ସେ [illegible] | |
| ନଂ ୨ ସ୍ୱର ଅଟା | ଟ ୧ ହାରୁ ସେ ୨ | |
| ଚନା | ଟ ୧ ହାରୁ ସେ [illegible] | |
| ବଲବର୍ତ୍ତୀ ସୋରିଷ ତେଲ | ଟ ୦ [illegible] | ସେ [illegible] |
| ବାନ୍ଧ୍ୟପୁର ସୋରିଷ ତେଲ | ଟ ୧ ( ୭ | ସେ [illegible] |
| ମିସି ବଳବତ | ଟ ୦ ।୵ | ସେ ୧ |
| ହେଭି ମିସି | ଟ ୦ [illegible] | ସେ ୧ |
| ନଡ଼ଶୀ ତେଲ ଦଷ୍ଟା | ଟ ୧ ହାରୁ | ସେ [illegible] |
| ନର୍ଦ୍ଦନ ଗଷାତେଲ | ଟ ୦ [illegible] | ସେ ୧ |
| କଣ୍ଡିଅତେଲ ନ ୧ ସ୍ୱର | ଟ ୦ [illegible] | ସେ ୧ |
| „ ନ ୨ ସ୍ୱର | ଟ ୦ ।୵୭ | ସେ ୧ |
| କଟକିଆ ଚାଉଳ | ଟ ୧ [illegible] | ସେ ୧ [illegible] |
| „ ଭଣୀମାର୍କା | ଟ ୧ [illegible] | ସେ ୧ [illegible] |
| ସୁଜି | ଟ ୦ [illegible] | ସେ ୧ |
| ଗୁଡ଼ ନବାତ | ଟ ୧ | ସେ [illegible] |
| ସୁଚକନ | ଟ ୧ ହାରୁ ସେ [illegible] | |
| ଡାଲନ | ଟ ୧ ହାରୁ ସେ [illegible] | |

ଚୌଧୁରୀବଜାର ନିକଟ
କଟକ } ଶ୍ରୀ ସରେକ ଦରେକ

Digitized by srujanika@gmail.com

## ବିଜ୍ଞାପନ ।

କଟକ ପ୍ରିଣ୍ଟିଂକମ୍ପାନୀଙ୍କ ପୁସ୍ତକଦୋକାନରେ କଣ୍ଡାରଗାର୍ଟେନ ବାକସ, କଣ୍ଡାରଗାର୍ଟେନ ପ୍ରଣାଳୀ ଅନୁଯାୟୀ କମ୍ପ, ଉଚ୍ଚ ପ୍ରାଇମେରି ଓ ମଧ୍ୟ[illegible] ପାଠ୍ୟପୁସ୍ତକମାନ ଉଚିତ ମୂଲ୍ୟରେ ବିକ୍ରୟ ହୁଅଇ । ମୋଫସଲର ସ୍କୁଲମାଷ୍ଟର ଓ ଅପର ପଢୁଥିବା ଛାତ୍ରମାନଙ୍କ ନିକଟକୁ ଭି, ପିରେ ପଠାଯାଏ । ଏହାଛଡ଼ା ଅନ୍ୟାନ୍ୟ ସମସ୍ତ ପୁସ୍ତକ ଏବଂ ଅଫିସରେ ବ୍ୟବହାରଯୋଗ୍ୟ କାଗଜ, କଲମ ପେନସିଲ, କ୍ଲିପ ଓ ହୁଅର, ଯାବତୀୟ ଆବଶ୍ୟକୀୟ ଜିନିଷମାନ ସୁଲଭ ମୂଲ୍ୟରେ ବିକ୍ରୟ ନିମନ୍ତେ ପ୍ରସ୍ତୁତ ଅଛି । ଅର୍ଡର ପାଇବା ମାତ୍ରେ ପଠାଇ ଦିଆଯାଏ ।

ତା ୧୨।୭।୧୯୦୪ — ଶ୍ରୀ ଗୌରୀଶଙ୍କର ରାୟ
ସେକ୍ରେଟରୀ

## ନୂତନ ନାଟକ ।

ରାମଶଙ୍କର ରାୟ କୃତ

# କାଞ୍ଚନମାଳୀ ନାଟକ ।

ମୂଲ୍ୟ ଖ ୧ ଟ ୦ ୫
ଡାକମାସୁଲ ଟ ୦ ୧ ୬

ଶ୍ରୀ ରାମଶଙ୍କର ରାୟ କର୍ତ୍ତୃକ ପ୍ରକାଶିତ
ସରଳ ଭାଷାନୁବାଦ ସହିତ
ଶ୍ରୀମଦ୍ଭଗବଦ୍ଗୀତା
( ଚତୁର୍ଥ ସଂସ୍କରଣ )

କଟକ ପ୍ରିଣ୍ଟିଂକମ୍ପାନୀଙ୍କ ଯନ୍ତ୍ରାଳୟରେ ବିକ୍ରୀତ ହେଉଅଛି । ମୂଲ୍ୟ ଅତି ସୁଲଭ— ଟ ୦ ।୵ ମାତ୍ର । ମୋଫସଲକୁ ଡାକମାସୁଲ ପ୍ରତିଖଣ୍ଡକୁ ଦୁଇପଇସା ।

ଶ୍ରୀକୃଷ୍ଣ ମହାପାତ୍ରଙ୍କ

# ଚୌକିଦାରୀ ମାନୁଆଲ

୨ୟ ସଂସ୍କରଣ
ମୂଲ୍ୟ ଟ ୦ ୪

ଏହି ପୁସ୍ତକ ସଂଶୋଧିତ ହୋଇ ପୁନଶ୍ଚ ଛପା ହୋଇଅଛି । ଏଥିରେ " ପଞ୍ଚାଏତମାନଙ୍କ ପ୍ରତି ଉପଦେଶ " ଓ " ଦଫାଦାରମାନଙ୍କ କର୍ତ୍ତବ୍ୟ " ଓ "ପୋଲିସର କର୍ତ୍ତବ୍ୟ ଅପରାଧର ତାଲିକା" ପ୍ରଭୃତି କେତେଗୁଡ଼ିଏ ନୂତନ ବିଷୟ ଦିଆ ଯାଇଅଛି ।

ଯେଉଁ ନିୟମମାନ ନୂତନ କରାଯାଇଅଛି ଓ ଯେଉଁ ପୁରାତନ ନିୟମ ବଦଳିଯାଇଅଛି ତାହା ଏହି ପୁସ୍ତକରେ ସନ୍ନିବେଶିତ ହୋଇଅଛି ।

କଟକ ପ୍ରିଣ୍ଟିଂକମ୍ପାନୀଙ୍କ ପୁସ୍ତକାଳୟରେ ପ୍ରାପ୍ତବ୍ୟ ।

## ଖୁବ ଶସ୍ତା ! ଖୁବ ଶସ୍ତା !!

ହରେଲେଞ୍ଜ ଓ୍ୱାଚ ।



ଏହା ସ୍ୱର୍ଣ୍ଣ, ରୌପ୍ୟ ନୁହେ, ଲିଭରଯୁକ୍ତ ଓ୍ୱାଚ ଗିଲ୍ଟ ନିକେଲ ରୂପାର କେସ । ଏଥିରେ ଥିବା ଚାଏଣା ଘଡ଼ି ନାହିଁ ଏହା ପ୍ରଥମଥର ଅସ୍ମ ମାନଙ୍କଦ୍ୱାରା ଏଦେଶ ଆମଦାନୀ ହୋଇଅଛି । ଏଥିରେ ଠିକ୍ ସମୟ ମିଳେ । ସହଜରେ ଏହାର ବ୍ୟତିକ୍ରମ ଘଟେ ନାହିଁ । ଏହାର କଳକବ୍ଜା ଷ୍ଟ୍ରେଟଲିଂପ ଫଲ୍ଟ ଭିତରେ ବନ୍ଦ ଥିବାରୁ ଅନ୍ୟାନ୍ୟ ଘଡ଼ି ଅପେକ୍ଷା ଏହା ଅନେକଦିନ ପର୍ଯ୍ୟନ୍ତ ଠିକ ନିୟମରେ ଚଳେ ।

ସୁନାରେ ଚିଲ୍ଡ ଚେନ ଗୋଟିଏ ଚେନ୍ ସହିତ ଏହାର ମୂଲ୍ୟ ଟ ୨୷୵ ମାତ୍ର

S. FRANK & Co.,
Practical Watch-makers, Manufacturing Jwellers and Agents.
Bowbazar U. D. Calcutta.

## ADVERTISEMENT.

WORTH THE ATTENTION OF RICH !
ELECTRIC ANE ACETYLENE LIGHTS AND NOVELTIES.

| | | |
|---|---|---|
| Special Electric Bed Fan the best suited for the season | Rs 80 to Rs. 250 | |
| Electric fancy Table, Wall or Hanging lamp complete | Rs. 35 to Rs. 75 | |
| Electric Rose Button | 12 | 15 |
| Acetylene Table Wall or Hanging lamp complete | Rs. 15 | 55 |
| Acetylene Revolving lamp | " 40 | 85 |
| Acetylene ordinary lamp | " 5 | 15 |
| Harmonium | " 35 | 100 |
| Phonographs and Graphophones | 50 | 150 |

Terms cash or V. P. P. Catalogue free on application.

Edward Electric and Acetylene Works Co. General order supplier Electrical contractor
64 College Street Calcutta.

## NEW YORK LIFE INSURANCE COMPANY

Is the property of the Policy Holders and all profits made are allotted to them. A safe and profitable investment.—For full particulars apply to

H. J. BELL
*Agent Cuttack*

## IT'S SO EASY TO NEGLECT THAT COLD !

IT'S so fatally easy to let that cold turn into Ague and fever.

But it's easy also, to find a good remedy in Batliwalla's Ague Mixture or Pills for it which are equally useful in Malarious, ntermittent, and Bilious Feves, and mir orm of Plague. Surgeon- Major Jayaka says: That it is a safe and reliable remedy

Batliwalla & Co.'s Cholerol, specific for cholera and Batliwalla's Ague Mixture or Pills, may be had of DR. H. L. BATLIWALLA'S, Worli—Dadar Bombay and everywhere.

At Re. per bottle. Discount to the Trade

## ବିଜ୍ଞାପନ ।

ସମ୍ପୂର୍ଣ୍ଣ ମହାଭାରତର ଅବିକଳ ପଦ୍ୟାନୁବାଦ ରାଜା କୃଷ୍ଣସିଂହ କୃତ ମହାଭାରତ ଉତ୍ତମରୂପେ ସଂଶୋଧିତ ଓ ମୁଦ୍ରିତ ହୋଇ, ନିମ୍ନଲିଖିତ ପର୍ବମାନ ଏ ପ୍ରେସରେ ବିକ୍ରୟାର୍ଥ ପ୍ରସ୍ତୁତ ଅଛି ଅନ୍ୟାନ୍ୟ ପର୍ବମାନ ଯନ୍ତ୍ରସ୍ଥ । ଶୀଘ୍ର ପ୍ରକାଶିତ ହେବ ।

| | |
|---|---|
| ସଭାପର୍ବ | ଟ ୦ ୷୵ |
| ବିରାଟପର୍ବ | ଟ ୦ ୪ |
| ଉଦ୍ଯୋଗପର୍ବ | ଟ ୧ ୮ |
| କର୍ଣ୍ଣପର୍ବ | ଟ ୦ ୬ |
| ଶଲ୍ୟାଦି ପର୍ବତ୍ରୟ | |
| ଏକତ୍ର | ଟ ୦ ୬ |

ଜଗନ୍ନାଥ ପ୍ରେସ ବାଲେଶ୍ୱର — ଶ୍ରୀ ଅଭିନ୍ନ ଦାସ
ପ୍ରେସ ମେନେଜର

ବିଜ୍ଞାପନ ।



ଏହା ସର୍ବପ୍ରକାର ବାତରୋଗର ଅବ୍ୟର୍ଥ ମହୌଷଧ । ଜ୍ୱାଳା ଯନ୍ତ୍ରଣା ନାହିଁ ସହସ୍ର ଲୋକ ଆରୋଗ୍ୟ ଲଭି ପ୍ରଶଂସା କରୁଅଛନ୍ତି ।

ମୂଲ୍ୟ ଏକଭଡ଼ା ଟ ୦ ।୵ — ତିନିଭଡ଼ା ଟ ୧୮
ଛଅଭଡ଼ା ଟ ୧୬ — ବାରଭଡ଼ା ଟ ୩୮

କାଛୁ, କୁଣ୍ଡିଆ, ନାନାପ୍ରକାର ଚର୍ମ୍ମରୋଗର ଔଷଧ । କୌଣସିପ୍ରକାର ଯନ୍ତ୍ରଣା ହୁଏ ନାହିଁ ଲଗାଇବାର ସୁନ୍ଦର ଉପାୟ ବ୍ୟବସ୍ଥାପତ୍ରରେ ବର୍ଣ୍ଣିତ ହୋଇଅଛି । ଉପରୋକ୍ତ ରୋଗସବୁରେ ଏ ଔଷଧ ଲଗାଇଲେ ଦୁଇଦିନ ମଧ୍ୟରେ ସମ୍ପୂର୍ଣ୍ଣ ଆରୋଗ୍ୟ ହୋଇଯାଏ ।

ମୂଲ୍ୟ ଏକଭଡ଼ା ଟ ୦ ୪ — ତିନିଭଡ଼ା ଟ ୷୵
ଛଅଭଡ଼ା ଟ ୨୪ — ବାରଭଡ଼ା ଟ ୩୮

ସମସ୍ତେ ଦାନ, ସ୍ନାନ, ଡାକଘର, ଜିଲ୍ଲା ଓ ଯେଉଁ ଔଷଧ କେତେଭଡ଼ା ନେବେ ସ୍ପଷ୍ଟରୂପେ ପତ୍ରରେ ତାହା ଉଲ୍ଲେଖ କରି ଲେଖିବେ ।

ଏକମାତ୍ର ପ୍ରାପ୍ତିସ୍ଥାନ ।
ଶ୍ରୀ ଗ୍ରାମଚାରକ [illegible]
ଦେଶ ଉତ୍କଳ ପ୍ରେସ, ବାଲେଶ୍ୱର

Split by PDF Splitter




# ବିଜ୍ଞାପନ ।

ହା ! ହା !! ହା !!! ହୋ ! ହୋ !! ହୋ

ଅବଶେଷରେ ଆମ୍ଭେମାନେ ଔଷଧ ପାଇଅଛୁଁ ।
"ଉଟେଲଟ୍ରେଗକୋରସ୍ନା ଡ୍ରପ୍ସ"

ଏହା ସର୍ବପ୍ରକାର ପୀଡ଼ାଦାୟକ, ପୁରାତନ ପ୍ରମେହ ମୂତ୍ରକାଳୀ ପଥେ ଏକପ୍ରକାର ସ୍ୱଚ୍ଛ ତରଳ ପଦାର୍ଥ ନିର୍ଗମନ, ବା ଉତ୍ତେଜନାରେ ଶୁକ୍ର ନିର୍ଗମନ, ପ୍ରସ୍ରାବ କରିବା ସମୟରେ କଷ୍ଟ ଅନୁଭବ ପ୍ରଭୃତିର ସର୍ବୋତ୍କୃଷ୍ଟ ଓ ବିଶ୍ୱାସ ଯୋଗ୍ୟ ମହୌଷଧ ଅଟେ ।

ଦି, ଭିକ୍ଟୋରିଆ ଏଜେନ୍ସି
୨୧୨, ଅପରଚିତ୍ପୁରରୋଡ଼, ଶୋଭାବଜାର
କଲିକତା ।



## ନୂତନ ଆମଦାନୀ !!

ସୁନ୍ଦର ସ୍ୱର୍ଣ୍ଣବାଲାରେ ନୂତନତ୍ୱ ।

ଏହା ଏକଯୋଡ଼ା ଗାଢ଼ିପୁଟାଭ ବାଲା । ମୋଟା କେମିକେଲ ଖାତରେ ନିର୍ମିତ ଏବ ଏହା ଉପରେ ସୁନାର ପାତ ଦେଇ ମଡ଼ା ହୋଇଅଛି ଏବ ଏହାର ମଝିରେ ସାତଗୋଟି ନକଲି ହୀରା ବସିଅଛି । ଏହାର ଉଜ୍ଜ୍ୱଳତା ଦେଖି ଗ୍ରାହକ ନିଶ୍ଚୟ ମୁଗ୍ଧ ହେବେ ନାହିଁ ଏହି ନୂତନ ଢାଞ୍ଚାର ଅନେକ ଜିନିଷ ଦେଖି ଏହାକୁ ଅସଲ ସୁନାବାଲା ୫୦୦୦ ଟଙ୍କା ବୋଲି ମନେକରିବେ ।
ଏହାର ମୂଲ୍ୟ, ଯୋଡ଼ାକୁ ଟ ୨ ମାତ୍ର ।

## "ନବରତ୍ନ ମୁଦ୍ରୀ ।"



ଏହା ଗିନି ସୁନାର ସମସ୍ତ ରଙ୍ଗ ଓ ଅନୁକରଣରେ ଛଅ ଗୋଟି ନକଲି ହୀରା ପ୍ରଭୃତି ନିର୍ମିତ ହୋଇଅଛି । ଏହାର ରଙ୍ଗ ଏତେ ଉଜ୍ଜ୍ୱଳ ଯେ ସୁନା ଠାରୁ ଅଧିକ ଝଲସି ପଡ଼େ । କାରୁକାର୍ଯ୍ୟ ଏବଂ ପାଲିସରେ ଏହାକୁ କେହି ବଳିପାରିବ ନାହିଁ ଏବଂ ଏଥିରେ ନବରତ୍ନ ଲାଗିଅଛି । ଲୋକେ ଏହାକୁ ୫୦୦ ଟଙ୍କା ମୂଲ୍ୟର ମୁଦି ବୋଲି ମନେକରିବେ ।
ପ୍ରତ୍ୟେକ ମୁଦିର ମୂଲ୍ୟ ଟ୧୨, ୧ ଡଜନ ଟ୧୮

ଠିକଣା—ଏସ୍ କେନେଡି ଏଣ୍ଡ କୋ ମଡାର୍ନ ଷ୍ଟୋର୍, ନେଡ଼ା ବଜାର ସହର ଗୋଟିଏ ରୂପାର ଘଣ୍ଟା ଦେବ । ଅର୍ଡରଦାନର ଯୋଗ୍ୟ ସେମାନଙ୍କ ଠାରେ ବି । ଏଜେଣ୍ଟ, ଡେ ଗୁଡ୍‌ଗୋଟିଏ ରେଗୁଲେଟର ଓ୍ୱାଚ୍, ଏମାନଙ୍କ ଠାରେ ପାଇବେ ।

## "ଷ୍ଟେଶନାରିକେସ"



ଏହି କେସଟା ଚାଙ୍ଗଦା ସୁନ୍ଦରରୂପେ ପାଲିସ ସୁଁ ଗୁଆନ କାଠରେ ନିର୍ମିତ (୯×୬×୪) । ଏହା ଭିତରେ ଅତ୍ୟାବଶ୍ୟକ ନିମ୍ନଲିଖିତ ଜିନିଷମାନ ଏଥିରେ ଅଛି ।

ମୂଲ୍ୟ ଟ ୧ ଙ୍କା ମାତ୍ର ।

ଏଥିରେ ରହିଅଛି ଯଥା—୧୨ ଖଣ୍ଡ ନୋଟ୍ ପେପର, ୧୨ ଖଣ୍ଡ ଲଫାପା, ୧ ଦୋ କାଗଜ, ୧ ପେନ୍ ହୋଲଡର, ରବରଯୁକ୍ତ ୧ ଗୋଟା ପେନସିଲ, ୧ ଉଲଟ (?) କଲମ ୧ ପାକେଟ ପିନ, ୧ ପାକେଟ ବ୍ଲୁ ବ୍ଲାକ୍ କାଳୀର ପାଉଡର ।
ଅତି ବଡ ସୁବିଧା—୧ ଷ୍ଟେଶନାରୀ କାଜ ଘର ଜେଉଁ ଗ୍ରାହକ ନାମର ଗୋଟିଏ ରବର ଷ୍ଟାମ୍ପ (ଯାହାର ମୂଲ୍ୟ ୫ ୧ ଟଙ୍କା) ଓ ୨୧୨ ବର୍ଷର ପଞ୍ଜିକା (୧୮୭୦ ମସିହା ଠାରୁ ୨୦୮୦ ମସିହା ପର୍ଯ୍ୟନ୍ତ)
ବିନାଖର୍ଚ୍ଚରେ ପାଇବେ ।

ଇଂରାଜୀରେ ପତ୍ର ଲେଖିବ ଓ ଅପଣାର ସ୍ପଷ୍ଟ ନାମ ଓ ଠିକଣା ସ୍ପଷ୍ଟରୂପେ ଲେଖ । ଡାଃଚିତ ଜିନିଷ ପଠାଯାଏ । ଖର୍ଚ୍ଚ ଅଲଗା ପଡ଼େ । ଠିକଣା—

S. FRANK & Co.,
Bowbazar U. D. Calcutta.

ବିଜ୍ଞାପନ ।

## ନୂ ତ ନ ପୁ ସ୍ତ କ ।

ଧର୍ମପୁରାଣ ଖ ୧ ଟ ୦।/
ଜାମ୍ବଶ୍ଚଳୀତା ଖ ୧ ଟ ୦ /
ଶ୍ରୀହରିବିଳାସ ଟ ୦ ।୵ ଡାକମାସୁଲ ସ୍ୱତନ୍ତ୍ର
କଟକ ପ୍ରିଣ୍ଟିଂକମ୍ପାନୀଙ୍କ ପୁସ୍ତକ ଦୋକାନରେ ବିକ୍ରୟ ହେଉଅଛି ।

## ନୂତନପୁସ୍ତକ ।

ଶ୍ରୀ ବାବୁ ଦାମୋଦର ପଟ୍ଟନାୟକଙ୍କର ପ୍ରକାଶିତ ସଙ୍ଗୀତସାରର ୨ ସ୍ତ ଭାଗ ମୁଦ୍ରିତ ହୋଇ କଟକ ପ୍ରିଣ୍ଟିଂକମ୍ପାନୀଙ୍କ ଯନ୍ତ୍ରାଳୟର ପୁସ୍ତକଦୋକାନରେ ବିକ୍ରୟ ହେଉଅଛି ।
ମୂଲ୍ୟ ପ୍ରତି ଖ ୧ ଖଣ୍ଡ ଟ ୦ ୵
ଡାକମାସୁଲ ଟ ୦ ୧ ୬

ବିଜ୍ଞାପନ

## ଅର୍ଦ୍ଧମୂଲ୍ୟ ! ଅର୍ଦ୍ଧମୂଲ୍ୟ !!

ଜନତ ଜନସ ପାଠ ସ୍ଥାନ କରିବାଲାଗି ଆମ୍ଭେମାନେ ଅମ୍ଭମାନଙ୍କର ସମସ୍ତ ଓ୍ୱାଚ୍, କ୍ଲକ ଓ ଇତ୍ୟାଦି ଅର୍ଦ୍ଧମୂଲ୍ୟରେ ବିକ୍ରୟ କରିବୁଁ । କ୍ରୟ କରିବା ପୂର୍ବରୁ ଗ୍ରାହକମାନେ ଅମ୍ଭମାନଙ୍କ ଜିନିଷର ମୂଲ୍ୟ ଅନ୍ୟସ୍ଥଳ ଜିନିଷ ସଙ୍ଗେ ମିଶାଇ ଦେଖନ୍ତୁ ।

## "ଦ, ଚମ୍ପିଅନ୍ ଲେଭରଲେସ୍ ରେଗୁଲେଟର ଓ୍ୱାଚ୍ "।

ପ୍ରକୃତ ମୂଲ୍ୟ ଟ ୬ ଙ୍କା ଅର୍ଦ୍ଧ ମୂଲ୍ୟ ଟ ୩ ଙ୍କା ମାତ୍ର, ଏହା ସବୁସ୍ତରୀ ଲୋକଙ୍କ ନିମନ୍ତେ ଅଟେ । ଅପାଙ୍ଗିତ ସ୍ୱଳ୍ପ ମୂଲ୍ୟରେ ଚମତ୍କାର ସମସ୍ତ ରେଖା ଗୃହ ସ୍ଥଳ, ଖୋଲା ମୁହଁ, ନିକେଲ ଡମ୍ବା ଗିଲ୍ଟି ଇଲେକ୍ଟ୍ରୋପ୍ଲେଟେଡ ଖୋଲ ବ ୩ ବର୍ଷ ଗେରେଣ୍ଟି । ଅତେ ଗୃହଦେଲେ ଏହା ପ ୩୬ ଘ ପର୍ଯ୍ୟନ୍ତ ଠିକ ସମୟ ରଖେ

## "ଦ, କରେକେଷ୍ଟନ ଓ୍ୱାଚ "

ପ୍ରକୃତ ମୂଲ୍ୟ ଟ ୯ ଙ୍କା, ଅର୍ଦ୍ଧ ମୂଲ୍ୟ ଟ ୪ ଡାୟାଲରେ "କରେକେଷ୍ଟନ" ନଥିବା ଘଣ୍ଟା ନ ଥିବା ଓ୍ୱାଚ୍ ଖାଣ୍ଟି ନୁହେ । ଖାଣ୍ଟି ନିକେଲ କେସ, ବିଶ୍ୱାସ ଯୋଗ୍ୟ ଚଳନ, ଗ୍ରୀବାସ୍ଥାନ, ଖୋଲା ମୁହଁ, ମୋଟା ବଣା ଓ ଅଙ୍କ, ଏହା ସମ୍ପୂର୍ଣ୍ଣ ନୂତନ, ବିଶେଷରୂପେ ମନୋହର, ଏବ ଏହାର ମୂଲ୍ୟ ଅପେକ୍ଷା ୧୦ ଗୁଣ ମୂଲ୍ୟର ଓ୍ୱାଚ ପରି ଦେଖାଯାଏ ବ * ବର୍ଷ ଗେରେଣ୍ଟି ।

## "ଦ, ଷେକ୍ସଟର ଷେଟେଣ୍ଟ ଓ୍ୱାନୋଗ୍ରାଫ ଓ୍ୱାଚ"

ପ୍ରକୃତ ମୂଲ୍ୟ ଟ ୧୬୯ ଅର୍ଦ୍ଧ ମୂଲ୍ୟ ଟ ୭୯ ମାତ୍ର । ନିଟ୍ ଏବ ଷେଟେଣ୍ଟ ପ୍ରକାଶକ, ମେଟେଲ କେସ, ଖୋଲା ମୁହଁ, ଗୃହ ପାନ ବ ଗୃହଯୁକ୍ତ । ଏହା ଘୋଡ଼ାକୁ ଠୋପ ପର୍ଯ୍ୟନ୍ତ ସମୟ ରଖେ । ବ * ବର୍ଷ ଗେରେଣ୍ଟି ।

* ଗିଲ୍ଟି ଚଳନ, ଉତ୍କୃଷ୍ଟରୂପେ ସମ୍ପାଦିତ ।

## "ଲେଡିମାନଙ୍କର ଖାଣ୍ଟି ରୂପାର ଓ୍ୱାଚ "

ଖୋଲାମୁହଁ, ହଣ୍ଟିଂ ବା ହାଫ୍ ହଣ୍ଟିଂ, ପ୍ରକୃତ ମୂଲ୍ୟ ଟ ୧୪, ଟ ୧୮, ଟ ୨୨ ସ୍ଥଳେ ଅର୍ଦ୍ଧ ମୂଲ୍ୟ ଯଥାକ୍ରମେ ଟ ୭, ଟ ୯, ଟ ୧୧ ମାତ୍ର ଅଟେ । ଉତ୍କୃଷ୍ଟରୂପେ କଳଙ୍କ୍ୟାର ଡମ୍ବା କିଡ଼ସା ଖୋଳ ରୂପାର ଖୋଳ । ପ୍ରତ୍ୟେକ ଢାଙ୍ଗରର ସର୍ବୋତ୍କୃଷ୍ଟ କାର୍ଯ୍ୟ, ଉତ୍କୃଷ୍ଟରୂପେ ସମ୍ପାଦିତ, ଦେଖିବାକୁ ବଡ଼ ସୁନ୍ଦର । ଖୁବ୍ ଠିକ ସମୟ ରଖେ ବ * ବର୍ଷ ଗେରେଣ୍ଟି ।

## "ଚମତ୍କା ସହର ଗୃହ୍ଣ ଓ୍ୱାଚ "

ନିକେଲ ରୂପା ଏବ ସୁନାର କେସ୍, ପ୍ରକୃତ ମୂଲ୍ୟ ଟ ୧୩, ଟ ୧୫, ଟ ୩୬ଙ୍କା, ଅର୍ଦ୍ଧ ମୂଲ୍ୟ ଟ ୬୩, ଟ ୭୩, ଟ ୧୮ ଙ୍କା । ଏ ସୁନ୍ଦର ବଡ ସୁନ୍ଦର ଲେଟ ଓ୍ୱାଚ, ଖୋଦିତ ଡମ୍ବା ଚଳନ ସ୍ୱାଭ ଖୋଲ । ସର୍ବୋତ୍କୃଷ୍ଟ କାର୍ଯ୍ୟ । ବ * ବ ଗେରେଣ୍ଟି ।

ଦି, ଭିକ୍ଟୋରିଆ ଏଜେନ୍ସି
୨୧୨, ଅପରଚିତ୍ପୁରରୋଡ଼, ଶୋଭାବଜାର
କଲିକତା ।


Digitized by srujanika@gmail.com

# ବିଜ୍ଞାପନ ।



## ସନ୍ନ୍ୟାସୀ ପ୍ରଦତ୍ତ ।

ବନ୍ଧ୍ୟାମୂଢ଼ ଓ ଦୁର୍ବଳଙ୍କ ଜ୍ୱରର ମହୌଷଧ ଏବେ ସମ୍ପ୍ରାଦରେ ସମସ୍ତ ଅବଗତ ହୋଇ ପାରିବେ ବ ୭ ଘ ୪ ୧ ୯ ।

ଏହି ଔଷଧୀଳସ୍ତରେ ଆୟୁର୍ବେଦ ଶାସ୍ତ୍ରୋକ୍ତ ସଂବ୍ରହାର ଔଷଧୀଙ୍କ ନାମ ଓ ସୂଳଦ ମୂଲ୍ୟରେ ପ୍ରାପ୍ତବ୍ୟ । ମୋଫସଲର ଲୋକମାନେ ଡ୍ରେଗର ଅବସ୍ଥା ଅର୍ଦ୍ଧ ଅଣାର ଷ୍ଟାମ୍ପ ସହ ଲେଖିଲେ ମୂଲ୍ୟତାଲିକା ପ୍ରେରଣ ହେବ ।

## ଷଡ଼ଗୁଣାବଳୀଜାରିତ ସ୍ୱର୍ଣ୍ଣସିନ୍ଦୂର

## ମକରଧ୍ୱଜ ।

ଏହା ସର୍ବ ରୋଗନାଶକ ଓ ବଳବିର୍ଯ୍ୟାଦ ଔଷଧ ଅନୁପାନ ବିଶେଷରେ ପ୍ରଯୋଗ ହେଲେ ସହାଜାତ ଅଜୀର୍ଣ୍ଣ, ଅମ୍ଳପିତ୍ତ, ଶୁଳବ୍ୟାଧି, ହୃଦ୍‌ରୋଗ, ଶୋଥ ଅତିସାର, ଜ୍ୱର, କାଶ, ଶ୍ୱାସ, ଶୂଳ, ପାଣ୍ଡୁ ଏବଂ ବୃଦ୍ଧାବସ୍ଥାର ସମସ୍ତ ପୀଡ଼ା, ଦୁର୍ବଳ ବ୍ୟକ୍ତି ଓ ସ୍ତ୍ରୀମାନଙ୍କର ପ୍ରସୂତି ରୋଗରେ ଦୌର୍ବଲ୍ୟ, ଅଜୀର୍ଣ୍ଣ ରହିତ ରୋଗସବୁର ଶୀଘ୍ର ଉପଶମ ହୁଏ । ଅତଏବ ଅଧିକ ବଳ ଶକ୍ତି ଶାରୀରିକ ବା ମାନସିକ ପରିଶ୍ରମ ହେତୁ ଯାହାଙ୍କର ଶରୀର ଦୁର୍ବଳତା, ସ୍ମରଣଶକ୍ତିର ଅଳ୍ପତା ତାଙ୍କର ଜୋଗାଡ଼ ହାସ, ଦିଗପୀଡ଼ା ପ୍ରଭୃତି ଏବଂ ବୃଦ୍ଧମାନଙ୍କର ସବୁ ପ୍ରକାର ରୋଗରେ ଅବ୍ୟର୍ଥ ମହୌଷଧ । ସାତ ମାତ୍ରାର ମୂଲ୍ୟ ଟ ୧ ଠ ୪୦

## ଶୁକ୍ରବର୍ଦ୍ଧକ ବଟିକା ।

ଏହି ଔଷଧ ସର୍ବୋତ୍କୃଷ୍ଟ ଅର୍ଥରେ ଏକମାତ୍ର ମହୌଷଧ, ଯେଉଁମାନଙ୍କର ସ୍ୱଭାବଗଣ ଦୋଷତଃ ଶରୀର ନଷ୍ଟ ହେଉଅଛି, ସେମାନେ ଏହି ଔଷଧ ବ୍ୟବହାର କଲେ ଅଳ୍ପ ସମୟ ମଧ୍ୟରେ ବିଶେଷ ଫଳ ପାଇପାରିବେ ଏବଂ ଧାତୁପୌଷ୍ଟିକତା ଉତ୍ପନ୍ନ ହେବ । ଏହା ସ୍ତ୍ରୀଲୋକଙ୍କ ବାହୁଲ୍ୟ ଅଦ୍ଭୁତ ପ୍ରୟୋଜନ । ଅନେକ ମାତ୍ର ସେବନ କଲେ ସମସ୍ତ ଅବଗତ ହୋଇ ପାରିବେ ।

ଏକଶିଶି ଔଷଧର ମୂଲ୍ୟ ଟ ୧ ମାତ୍ର ।

## ଜଳଶକ୍ତି ରସାୟନ ।

## ( ଦେଶୀୟ ସାଲସା )

ଏଥିରେ ଉପଦଂଶ ( ଗରମି ) ଷତ, ପାରଦାଦିଦୋଷ ପ୍ରଭୃତି ଶରୀରରେ କଣ୍ଡୁ ଓ ଚର୍ମ ରୋଗ ଶୋଥରୋଗସମ୍ବନ୍ଧ ଓ ରକ୍ତ ଦୁଷ୍ଟ ଜନ୍ୟ ଅବସ୍ଥା ହୁଏ । ଅଧିକନ୍ତୁ ଏହା ରକ୍ତ ପରିଷ୍କାର କରେ ଶରୀରର ପୁଷ୍ଟି ସାଧନ କରେ ଏହା ସମସ୍ତ ଋତୁରେ ବ୍ୟବହାର ହୁଏ ।

ଏକ ବୋତଲ ମୂଲ୍ୟ ଟ ୧ ମାତ୍ର ।

ଏକତ୍ର ଚାରିଶିଶି ନେଲେ ୫ ଟଙ୍କା ଲାଗିବ ।

ଚୌଧୁରୀ ବଜାର } ଶ୍ରୀ ଉଗ୍ରତାରା ଦାସ ବୈଦ୍ୟରତ୍ନ
ଅନ୍ନପୂର୍ଣ୍ଣା
କଟକ } ଆୟୁର୍ବେଦୀୟ ଔଷଧାଳୟ




ଡାକ୍ତର ମେଜର ସାହେବଙ୍କ ଅଦ୍ଭୁତ, ବହୁବର୍ଷୀୟ ସେହି **ଇଲେକ୍‌ଟ୍ରୋ ସାଲସା** ଅଦ ଓ ଅଦ୍ଭୁତ ଆଶ୍ଚର୍ଯ୍ୟଗୁଣ ! ପ୍ରତ୍ୟକ୍ଷଫଳ !

ଚିକିତ୍ସକଗଣରେ ଜୟଯୁଗ କରାଇଅଛି । ଏହା ରକ୍ତଦୁଷ୍ଟିର ବିଷ୍ଣୁ, ପାରଦୋଷ ନାଶ କରିବାକୁ ଅମୋଘ, ବାତଗ୍ରସ୍ତ ରୋଗିର ଭରସା, ଧାତୁଦୌର୍ବଲ୍ୟ ଓ ପ୍ରମେହ ପୀଡ଼ାରେ ଅଦ୍ୱିତୀୟ ଓ ଅବ୍ୟର୍ଥ ।

ଅସଂଖ୍ୟ, ଅଯାଚିତ ପ୍ରଶଂସାପତ୍ର ଅବ୍ୟର୍ଥତା, ଅଲୌକିକତା ଅକୃତ୍ରିମତାର ଜ୍ୱଳନ୍ତ ପ୍ରମାଣ, ଜ୍ୱଳନ୍ତ ସାକ୍ଷୀ ଦେଉଅଛି ।

୧ । ମହାମାନ୍ୟ ମହାରାଜା ସାର ସୂର୍ଯ୍ୟକାନ୍ତ ବାମଣ୍ଡାରୁ ଲେଖିଅଛନ୍ତି:—"✻✻✻ ମୁଁ ଆନନ୍ଦରୂପେ କହୁଅଛି ଯେ "ଇଲେକ୍‌ଟ୍ରୋ ସାଲସା" ଦୂଷିତରକ୍ତ ପରିଷ୍କାର କରିବା ଓ ରକ୍ତଦୁଷ୍ଟି ହେତୁ ଜନ୍ମ ରୋଗ ଆରୋଗ୍ୟ କରିବା ପକ୍ଷରେ ସର୍ବୋତ୍କୃଷ୍ଟ" ।

୨ । ମହାମାନ୍ୟ ମହାରାଜା ଗଉରଚନ୍ଦ୍ର ଦେଓ ବେଢ଼ାଶୋଲରୁ ଲେଖିଅଛନ୍ତି—"✻✻✻ ଆପଣଙ୍କ ମୋହରେ ଏଡ଼ ✻✻✻ ଔଷଧ ମଗାଇଲି, ଉପକାର ହେବା ପୂର୍ବରେ ଆଉ ଅନ୍ୟ ପ୍ରକାର ହେଲା ସେଥିରେ ଯାଗ ଅଛି ବୋଲି ଜଣାପଡ଼ିଲା । କିନ୍ତୁ ଆପଣମାନଙ୍କର ଇଲେକ୍‌ଟ୍ରୋ ସାଲସାର ଗୁଣ ମୁଁ ଭୁଲି ପାରିବି ନାହିଁ । ମୋତେ ଆଉ "ଡଜନ ପଠାଇଦେବେ" ।

୩ । ମହାମାନ୍ୟ ମହାରାଜା ନରହରି ମର୍ଦ୍ଦରାଜ ଦେଓ ଖଲ୍ଲିକୋଟରୁ ଲେଖିଅଛନ୍ତି—"ରକ୍ତ ପରିଷ୍କାର କର ବଳ ବୀର୍ଯ୍ୟ ବୃଦ୍ଧି କରିବାକୁ ଇଲେକ୍‌ଟ୍ରୋ ସାଲସାର କ୍ଷମତା ଅସୀମ ଅଟେ" ।

ମୂଲ୍ୟ ପ୍ରତି ଶିଶି ଟ ୨ ୧ ମାଶୁଲ ଛଅଶିଶି ଯଥାକ୍ରମେ ଟ ୫୮ ଓ ୧୦୪ ଟ ୨୦ ୧ ଡାକମାଶୁଲ


Digitized by srujanika@gmail.com

ଡାକ୍ତର ମେଜର ସାହେବଙ୍କର ଅଦ୍ଭୁତ

ମହିଳାମାନଙ୍କର ହେୟାର-ଲାଇନ୍ ଶୋଭାଗର ସାମଗ୍ରୀ

କେଶର ପରିପୋଷଣ, ସମ୍ବର୍ଦ୍ଧନ ଓ ଶ୍ରୀସମ୍ପାଦନକାରୀ ମନୋହର କେଶ ତୈଳ । କେତୋଟି ଲୋପଜନ୍ତୁଣାନାଶ




ସର୍ବ ପ୍ରକୃତିର ସୁଗନ୍ଧଯୁକ୍ତ, ଅନ୍ୟ ଘ୍ରାଣ ସ୍ଥାୟୀ ସାର, ବୈଜ୍ଞାନିକ ପ୍ରଣାଳୀରେ ଏକତ୍ରିତ କରି ବସ୍ତୁ କେଶ ପୋଷକ ତୈଳ ସଂଯୋଗରେ ଏହି ହେୟାର-ଲାଇନ ପ୍ରସ୍ତୁତ ହୋଇଅଛି । ଅପଣ ଏହା ଲଗାଇବାକୁ ଆରମ୍ଭ କଲେ, ଅପୂର୍ବ ଶୋଭାବରେ ଆପଣଙ୍କ ମସ୍ତକ ପୂର୍ଣ୍ଣ ହେବ । ମସ୍ତିଷ୍କ ସୁଶୀତଳ ହେବ । ଆପଣ ସେତେବେଳେ ମନୋହର ସୁଗନ୍ଧରେ ମଗ୍ନ ହେବେ । ଅପଣଙ୍କର ମନେ ହେବ ଯେପରି ପ୍ରାକୃତିକ ପୁଷ୍ପ ଉଦ୍ୟାନକୁ ଆସିଅଛୁ ।

"ହେୟାର-ଲାଇନ" ଲଗାଇ କେଶ ବିନ୍ୟାସ କଲେ ୨୪ ଘଣ୍ଟାକାଳ ଗନ୍ଧ ସ୍ନିଗ୍ଧକରେ ଥାଏ । ସ୍ନାନ ପରେ ଦେହରେ ଯେତେ ପବନ ଲାଗେ, ହେୟାର-ଲାଇନର ଗନ୍ଧ ସେତେ ବାହାରୁଥାଏ, ସେପରି ସୌରଭର ବିସ୍ତାର ହୋଇଥାଏ । ଏହା ମୂଲ୍ୟବାନ ଅତର ଓ ବହୁତ ଫୁଲ ନିର୍ଯ୍ୟାସରେ ତୈଳ ପ୍ରସ୍ତୁତ ଏହାର ସୌରଭ ଓ ଗୁଣ ନିକଟରେ ପରାଜିତ ।

"ହେୟାର-ଲାଇନ" ରଙ୍ଗ ଅତି ମନୋହର, ସ୍ୱଚ୍ଛ ଓ ସୁନ୍ଦର । ଏହି ନିମନ୍ତେ କେଶରେ ଚଟଚଟ ଧରେ ନାହିଁ, ଜଟା ଧରେ ନାହିଁ, ଦୁର୍ଗନ୍ଧ ହୁଏ ନାହିଁ ।

"ହେୟାର-ଲାଇନ" କେବଳ ଶୌଖିନ ଦ୍ରବ୍ୟ ନୁହେ ମୁଣ୍ଡ ଘୁରିବା, ମୁଣ୍ଡ ବିନ୍ଧା, ଛାତି ଜଳିବା ପ୍ରଭୃତି ଶିର ରୋଗର ମହୌଷଧ । ବିଦ୍ୟା, ପଢା ଲୋକ, ରାତି ଜାଗିବା, ଭାବି ଅଧିକ ବଲ ହେବା, ସ୍ନାନରେ ଅଳ୍ପ ଜଳ, ଅଲ୍ପବୟସ ଯୌବନ, ଶୁଖ ହେବା ଗ୍ରାହ୍ୟ ବୋଧ ହେବା, ଅନିଦ୍ରା, ଚିନ୍ତା ଇତ୍ୟାଦି ପ୍ରଭୃତି ଉପସର୍ଗ ଦୂର କରିବାରେ ଏହା ତୁଲ୍ୟ ଗୁଣଯୁକ୍ତ ଔଷଧ ଆଉ ନାହିଁ । ଏହା ପ୍ରମାଣ—ସକଳ ଲୋକ ।

"ହେୟାର-ଲାଇନ" ବ୍ୟବହାର କରିବାରୁ କେଶ ଝଡ଼ିବା ବନ୍ଦ ହୁଏ, କେଶର ମୂଳ ଶକ୍ତ ହୁଏ, କେଶ ପ୍ରଚୁର ପରିମାଣରେ ବଢ଼େ ଏବଂ କଳା ଓ ଚିକ୍କଣ ହୁଏ, ମସ୍ତିଷ୍କ ଥଣ୍ଡା ରହେ । ଅନେକ ଦିନ ବ୍ୟବହାର କଲେ ଝାଳର ଦୁର୍ଗନ୍ଧ ନଷ୍ଟ ହୁଏ, ମୁଣ୍ଡର ରୁଚି ପ୍ରଭୃତି ନଷ୍ଟ ହୁଏ; କେଶ ଘନ, କୋମଳ ଓ ସୁନ୍ଦର ହୁଏ, କେତେକ ଦୁର୍ଦ୍ଦିନ ଦୂର ହୁଏ, ଚର୍ମ କୋମଳ ଓ କାନ୍ତିଯୁକ୍ତ ହୁଏ, ଶରୀର ସୌନ୍ଦର୍ଯ୍ୟ ବୃଦ୍ଧି କରେ, ବୁଦ୍ଧି ବୃଦ୍ଧି ହୁଏ । ହେୟାର-ଲାଇନ ସମସ୍ତ ବ୍ୟବହାର କରନ୍ତୁ । ଏହା ପ୍ରେମିକ ପ୍ରେମିକାର ଅଦ୍ଭୁତ ସାମଗ୍ରୀ ।

ମୂଲ୍ୟ ପ୍ରତି ଶିଶି ୧ ୲ (୩, ୬, ୧୨ ଶିଶି କ୍ରମାନୁସାରେ ୨ ୩୵, ୫ ୧୦୵, ୫ ୨୦ ପ୍ୟାକିଂ ଓ ଡାକମାଶୁଲ ସ୍ୱତନ୍ତ୍ର ।

ସୁପ୍ରସିଦ୍ଧ ଡବ୍ଲିଉ ମେଜର ଏଣ୍ଡ କୋମ୍ପାନୀ—କଲିକତା



ଡାକ୍ତର ମେଜର ସାହେବଙ୍କର

ନୂତନ ଆବିଷ୍କାର !

ଚମତ୍କାର ଜଗତରେ—ଯୁଗାନ୍ତର !!

ହାଇପୋଫସ୍ଫାଇଟ୍ ଅଫ୍ ଲାଇମ୍ ସିରପ୍

ବା

ଦୋଷ ବୃଦ୍ଧିର ଅମୋଘ ଔଷଧ ।

ଯେ ବର୍ଷ ହେଲାଣି ଅଧିକ ଲୋକ ଆକ୍ରାନ୍ତ ହେଉଅଛନ୍ତି । ଅନେକମାନେ ବୃଥା ସମୟ ନଷ୍ଟ କରୁଅଛନ୍ତି, ଏହି ରୋଗରେ ହୋମିଓପ୍ୟାଥିକ ବୈଦ୍ୟକ ସମ୍ବନ୍ଧ ବ୍ୟବହାର କଲେ ଏକିବାରେ ରୋଗ ଯେତେ ଶୀଘ୍ର ହେଉ, ସେତେ ସୁଦ୍ଧା ଲାଭ ହେଲେ ହେଁ ଅଧିକ ହେବ । ସେମାନେ ଏହି ସହିତ ଦେହ ଓ ଜାତିର ବଳ ଲାଭ ହୋଇ ଉପସର୍ଗ ଦୂର କରିଥିବାରୁ ଏ କଥା ସ୍ପଷ୍ଟ ଦେଖାଯାଏ ଅନେକ ଲୋକ ତାହା ଜାଣିଛନ୍ତି, ସେମାନେ ଅଧିକ ଏହି ଔଷଧ ବ୍ୟବହାର କରୁଅଛନ୍ତି । ପ୍ରଥମ ଦିନ ବ୍ୟବହାର କଲେ ରୋଗ ଅଳ୍ପ ଉପଶମ ହେବ ଏବଂ ପ୍ରତିଦିନ କେବଳ ଦୁଇ ଥର ଔଷଧ ସେବନ କଲେ ବାତ୍ରେକ ଦେହ ଘର ସମ୍ପୂର୍ଣ୍ଣ ଆରୋଗ୍ୟ ହେବ, ମାଂସ ବଳ ହୋଇ ଶରୀରରେ ପୁଷ୍ଟ ହୁଏ, ଅରୁଚି, କାଶ ଇତ୍ୟାଦି ଶୀଘ୍ର ହୋଇଯାଏ ଏବଂ ଅଙ୍ଗ ଓ ସ୍ନାୟୁ ବଳ ବଢ଼େ । ଯେଉଁମାନେ ଅରୋଗ୍ୟ ହେବା ବିଷୟରେ ନିରାଶ ହୋଇଅଛନ୍ତି ସେମାନେ ଏହି ମହୌଷଧ ପ୍ରତି ପୂର୍ଣ୍ଣ ନିର୍ଭର କରନ୍ତୁ । ବ୍ୟବହାରରେ ଏହା ଅବଶ୍ୟ ଲାଭ କରିବେ ଏଥିରେ ସନ୍ଦେହ ନାହିଁ, ଅଳ୍ପ ଦିନରେ ଫଳ ଦେଖାଯିବ ।

ମୂଲ୍ୟ ପ୍ରତି ଶିଶି ୧ ୲ ଡାକ ଖର୍ଚ୍ଚ ଏକତ୍ରରେ ୪ ଶିଶି ୫ ୲ ଟଙ୍କା ଡାକମାଶୁଲ ସ୍ୱତନ୍ତ୍ର ।

ପ୍ରାପ୍ତବ୍ୟ,—ଡବ୍ଲିଉ ମେଜର ଏଣ୍ଡ କୋମ୍ପାନୀ

# ବିଜ୍ଞାପନ ।

## ନୂତନ ଲେଖିବାର କାଳି ।

ଲେଖିବା ସମୟରେ ନାଲ ଶୁଖିଗଲେ କଳା ହୁଏ ଖାଲରେ ଦେଖାଯାଏ ଏକାବେଳେ ଦିଶିଯାଏ; ଦୁଆତରେ ଶିଘ୍ର ବସେ ନାହିଁ ବା ଶୁଖିବାକୁ ହୁଏ ନାହିଁ ନମୁନା ଦଶ ଶିଶିରେ ପଠାଇ ଦିଆଯାଏ

ପ୍ରାପ୍ତିସ୍ଥାନ ।
ଏଚ, ଦେ, ବାଲେଶ୍ୱର

# କୁଷ୍ଠ ରୋଗୀ ।

## ହତାଶ ହୁଅନାହିଁ

ଆମ୍ଭେ ବହୁ ପରୀକ୍ଷାକର ପ୍ରତିଜ୍ଞା ପୂର୍ବକ କହୁଅଛୁ ଯେ ଯେବେ ଏହି ଦୁରାରୋଗ୍ୟ କୁଷ୍ଠକବଳରୁ ମୁକ୍ତ ପାଇ ସୁସ୍ଥ ଶରୀରରେ ଦୀର୍ଘକାଳ ବଞ୍ଚିବାର ଆଶା ଥାଏ ଯେବେ ବହୁ ଚିକିତ୍ସା କରାଇ ଓ ବହୁ ଔଷଧ ସେବନ କରି ମଧ୍ୟ ନିଷ୍ଫଳ ହୋଇଥାଅ, ଯେବେ ଡାକ୍ତର ଓ କବିରାଜଙ୍କର ଚିକିତ୍ସାର ପରଭାଗ୍ୟ ହୋଇଥାଅ, ଯେବେ ସମ୍ପୂର୍ଣ୍ଣ ରୂପେ ଆରୋଗ୍ୟ ହେବାର ଏକାନ୍ତ ବାସନା ଥାଏ ଯେବେ ଆମ୍ଭର ଏହି ବିଜ୍ଞାପନକୁ ଅଲ୍ପ ରହିତ ବା ଅଭ୍ରମର ଦୃଷ୍ଟି ନକର ତ ଧର ତେବେ ଶୀଘ୍ର ଆମ୍ଭର ଔଷଧ ସେବନ କର । ହସ୍ତପଦର ଅଙ୍ଗୁଳି ଛିନ୍ନ, ନାସିକାବଙ୍କ, କର୍ଣ୍ଣବିକୃତ ଓ ସର୍ବାଙ୍ଗ ବ୍ୟାପୀ କ୍ଷତରହିତ ଘାଆମାନ ଥିଲେ ମଧ୍ୟ ସମ୍ପୂର୍ଣ୍ଣରୂପେ ଆରୋଗ୍ୟ ହେବ ସନ୍ଦେହ ନାହିଁ ଆମ୍ଭର ଔଷଧର ଫଳାଫଳ ପରୀକ୍ଷାକର ଦେଖିଲେ ଜାଣିପାରିବ । ଜନ୍ମ ଠିକଣାକୁ ଦୁଇପଇସିଆ ଟିକଟ ସହ ପତ୍ର ଲେଖିଲେ ପ୍ରତ୍ୟୋଜନୀୟ ବିଷୟମାନ ଜଣାଯାଇବ ।

ଲୁଣାପୁର }
କଟକ } ଶ୍ରୀ ବାଲକୃଷ୍ଣଦାସ
କବିରାଜ

ଉତ୍କଳଦୀପିକାର ବିଜ୍ଞାପନ ଛପାଇବାର ଖର୍ଚ୍ଚ ନିମ୍ନଲିଖିତରୂପେ ଧାର୍ଯ୍ୟ ହୋଇଅଛି, ଯଥା;—

ପ୍ରଥମଥର ପ୍ରକାଶେ
ଧାଡ଼ିପ୍ରତି ଟ ୦ ୵
ଅର୍ଦ୍ଧସ୍ତମ୍ଭକୁ ଟ ୨ ୯
ପୂର୍ଣ୍ଣ ଏକ ସ୍ତମ୍ଭକୁ ଟ ୩ ୯

ମାତ୍ର କୌଣସି ବିଜ୍ଞାପନ ଯେତେ କ୍ଷୁଦ୍ର ହେଲେ ହେଁ ତାହାର ଖର୍ଚ୍ଚ ଟ ୦ ୲ ଠାରୁ ଊଣା ହେବ ନାହିଁ ।

ଦ୍ୱିତୀୟ ଓ ତୃତୀୟଥର ପ୍ରକାଶେ ଖର୍ଚ୍ଚ ପ୍ରଥମଥରର ଦେଢ଼ା ଓ ଦୁଇଗୁଣ ଯଥାକ୍ରମେ ହେବ ।

ଅଧିକ ଦିନ ପ୍ରକାଶେ ସ୍ୱତନ୍ତ୍ର ବନ୍ଦୋବସ୍ତ ହୋଇପାରିବ ।

ବିଜ୍ଞାପନର ମୂଲ୍ୟ ବିଜ୍ଞାପନ ସଙ୍ଗେ ପଠାଇବାକୁ ହେବ ।

ଏହି ଉତ୍କଳଦୀପିକା କଟକ ଲୋଆର୍ ଟ୍ରେଡ଼ିଂ ଉତ୍କଳ କମିଟିଙ୍କ ଦ୍ୱାରା ଛାପାଇ ମୁଦ୍ରିତ ଓ ପ୍ରକାଶିତ

Digitized by srujanika@gmail.com

Split by PDF Splitter

REGISTERED No. 8.

# ଉତ୍କଳ ଦୀପିକା

ସାପ୍ତାହିକ ସମାଦପତ୍ରିକା ।

# THE UTKAL DIPIKA.

ଏ ୩୯ ଭାଗ / ସ ୩୯ ସଂଖ୍ୟା

CUTTACK, SATURDAY THE 24th September 1904.

୨ ୧୦ ନ ଆଶିନ ସନ ୧୩୧୧ ସାଲ ଶନିବାର

ଅଗ୍ରିମ ୪ ୩୧ / ପଶ୍ଚାଦେୟ ୫ ୬

## NOTICE.

Wanted 4 Head Constables of the following grades for the Gangpur State Police. Preference will be given to those who have acquired experience in the Bengal Police, possessing a knowledge in Uria, Hindi and English. Dismissed and retired hands are not wanted. Applications will be received by the undersigned till the 8th of October 1904.

1 Head constable at Rs 20 per month
2 Head constable at Rs 15 " " "
1 Head constable at Rs 12 " " "

Police Office Gangpur Via Jharsugara 14-9-04 — *Dist. Supdt. of Police*

## NOTICE.

It is hereby notified for the information of the public concerned that Babu Khirod Chandra Ray manager of Orissa Division in the firm of Mr. B. Borooah Timber merchant having been removed from his services from the 1st of September 1904 has ceased with all connections powers and functions invested in him from that day.

BuxeeBazar, Cuttack 13-9-04 — G. C. Borooah for B. C. Banerji *Manager*

ଏତଦ୍ୱାରା ସର୍ବସାଧାରଣଙ୍କୁ ଜଣାଇ ଦିଆଯାଉଅଛି କି ଶ୍ରୀଯୁକ୍ତ ବରୁଆ କାଠ ବେପାରିର ଓଡ଼ିଶା ବିଭାଗର କାରବାରର ମାନେଜର ବାବୁ କ୍ଷିରୋଦଚନ୍ଦ୍ର ରାୟ ଉକ୍ତ ସେପ୍ଟେମ୍ବରମାସ ତା ୧ ରିଖଠାରୁ ବରଖାସ୍ତ ହୋଇ ଥିବାରୁ ତାହାଙ୍କର ଚାକିରୀ ଶେଷ ହୋଇଅଛି ଏବଂ ତାହାଙ୍କ ସଙ୍ଗେ ଯେ ସମ୍ପର୍କ ଥିଲା ଓ ତାହାଙ୍କୁ ଯେ ସମସ୍ତ ଅଧିକାର ଓ କାର୍ଯ୍ୟଭାର ଦିଆଯାଇଥିଲା ସେ ସମସ୍ତ ସେହି ତାରିଖରୁ ରଦ ବହାଲ ହୋଇଅଛି ।

ବକ୍ସିବଜାର କଟକ ୧୩।୯।୦୪ — ଶ୍ରୀ ବି, ସି, ବାନର୍ଜ୍ଜୀ ମାନେଜର । ବା । ଶ୍ରୀ ଜି, ସି, ବରୁଆ

## NOTICE.

The fishery on the Mohanady and Naraj Anicuts will be put up to auction for lease for the half year from 1st October 1904 to 31st March 1905.

Auction will be held at 11 A.M. on 1st October at the office of the Executive Engineer Brahmini Byturni Division.

Twenty per cent of the bid must be paid down as deposit at the auction and the remainder within three days, otherwise a fresh auction will be held.

CUTTACK 15-9-04 — GIRISH CHANDER GUPTA. *Accountant for Executive Engineer, Brahmini Byturni Division*

### ବିଜ୍ଞାପନ ।

କଟକ ଜିଲାନ୍ତର୍ଗତ ଅଷ୍ଟଦୁର୍ଗାଧୀଶ୍ୱରଙ୍କର ମାସିକ ୧୨ ୧୨ ୮ ଙ୍କା ବେତନରେ ଏକଜଣ ସଭା ପଣ୍ଡିତ ଆବଶ୍ୟକ । ପ୍ରାର୍ଥୀମାନେ ସ୍ୱ ପ୍ରଶଂସାପତ୍ରସହିତ ଉକ୍ତମାସ ତା ୩୦ ରିଖ ପର୍ଯ୍ୟନ୍ତ ନିମ୍ନସ୍ୱାକ୍ଷରକାରୀଙ୍କ ନିକଟକୁ ଆବେଦନ ପତ୍ରମାନ ପଠାଇବେ । ପ୍ରକାଶ ଥାଉ ଯେଉଁମାନେ ଉପାଧି ପରୀକ୍ଷାରେ ପରୀକ୍ଷୋତ୍ତୀର୍ଣ୍ଣ ହୋଇଥିବେ ଏବଂ ଯାହାଙ୍କର ସଂସ୍କୃତ ଗଦ୍ୟ ପଦ୍ୟ ରଚନା କରିବାର କ୍ଷମତା ଥିବ ସେହିମାନଙ୍କର ଆବେଦନ ଗ୍ରହଣ କରାଯିବ । ପ୍ରାର୍ଥୀମାନଙ୍କର ରଚନାର ପରୀକ୍ଷା ନିମନ୍ତେ ଶୃଙ୍ଗାରାଦି ନବରସ ମଧ୍ୟରୁ ଯେ କୌଣସି ରସରେ ଏକକୋଡ଼ି ଶ୍ଳୋକରେ ପଦ୍ୟ ଏବଂ ଗଦ୍ୟ ରଚନା ଆବେଦନ ପତ୍ରସହ ପଠାଇବାକୁ ହେବ । ଯାହାଙ୍କର ଆବେଦନ ଗୃହୀତ ହେବ ତାହାଙ୍କ ନିମନ୍ତେ ରାଜଅଫିସରୁ ନିଯୁକ୍ତ ପତ୍ର ପଠାଇ ଦିଆଯିବ ।

୨୩।୯।୦୪ ଅଠଗଡ଼ — ଶ୍ରୀ ପୀତାମ୍ବର ବାଇପାଇ ହେଃ ପଣ୍ଡିତ ମିଃ ଇଃ ସ୍କୁଲ

## NOTICE.

Wanted a Draftsman who will be able to draw plans from rough sketch, trace and estimate from plans-salary Rs. 20 quarter free.

Wards' Engr's Office Dhenkanal the 8th September 1904 — Uma Kanta Ghose *Wards' Engineer*

### କର୍ମଖାଲି ।

ଷ୍ଟେଟ ମୟୂରଭଞ୍ଜ ବାମନଘାଟୀ ବନ୍ଦୋବସ୍ତ ସକାଶେ ନ ୨୦୦ ଣ କନ୍ତ୍ରୋଥର ଅନୁକୂଳ ଆବଶ୍ୟକ । କାର୍ଯ୍ୟ ପ୍ରାର୍ଥୀମାନେ ଆଗାମୀ ନଭେମ୍ବର ମାସ ତା ୧୫ ରିଖ ମଧ୍ୟେ ନିଜ ପ୍ରଶଂସାପତ୍ର ସହ ବେଙ୍ଗଲ ନାଗପୁର ରେଲ୍‌ୱେ ଷ୍ଟେସନ ରାଇରଙ୍ଗପୁର ଷ୍ଟେସନର ଗୃହିତବ୍ୟ ହେଲ ବହଲଡା ମୁକାମେ ନିମ୍ନ ସ୍ୱାକ୍ଷରକାରୀଙ୍କ ସମୀପରେ ଉପସ୍ଥିତ ହେବେ । ଅମିନମାନଙ୍କ ଦସ୍ତୁରମତ ଠିକାଦାର ଅନୁଯାୟୀ ଉଚିତ ଦିଆଯିବ । ଏହି କନ୍ତ୍ରୋଥର ଅମିନମାନଙ୍କଦ୍ୱାରା ଖସଡ଼ା (ଖାନାପୁରି) କାର୍ଯ୍ୟ ମଧ୍ୟ କରାଯିବ । ଇତି ।

ଏମ୍, କେ ଚଟ୍ଟର୍ଜ୍ଜୀ ସେଟଲମେଣ୍ଟ ଅଫିସର ବାମନଘାଟୀ ପୋଃ ବହଲଡା ମୟୂରଭଞ୍ଜ

Digitized by srujanika@gmail.com

Split by PDF Splitter



# ବିଜ୍ଞାପନ ।

ଶ୍ରୀ ଲଳମୋହନ ସାହା ଶାଂଖନିଧିର ପୃଥିବୀ ବ୍ୟାପିତ

## ସର୍ବ ଜ୍ୱର ଗଜସିଂହ

୪୮ ଘଣ୍ଟା ମଧ୍ୟରେ ସର୍ବପ୍ରକାର ଜ୍ୱର ୧ସପ୍ତାହରେ ପ୍ଲୀହା ଓ ଯକୃତ ଆରୋଗ୍ୟ ହୁଏ ।

ମୂଲ୍ୟ ବଡ ଡି ୧୮ ମଧ୍ୟମ ଡି ୧୯ ଛୋଟ ୨ ୦ ୧/ ଡାକମସୁଲ ୧ଠାରୁ ୭ ଶିଶି ୫ ୦ ୪

## କଣ୍ଡୁ ଦାବାନଳ

ଖାଜୁ ଆଦ ଯତପ୍ରକାର ଚର୍ମ ରୋଗ ଶୀଘ୍ର ଆରୋଗ୍ୟ ହୁଏ ।

ମୂଲ୍ୟ ୫ ୦ ।୪ ଡାକମାସୁଲ ୧ଠାରୁ ୬ ଶିଶି ୫୦୪

## ସର୍ବ ଦଦ୍ରୁ ହୁତାଶନ

୨୪ ଘଣ୍ଟାରେ ଦାଦୁଆଦ ଚର୍ମରୋଗ ବଳା ଚିହ୍ନରେ ଆରୋଗ୍ୟ ହୁଏ ।

ମୂଲ୍ୟ ୫ ୦ ।୪ ଡାକମସୁଲ ୧ଠାରୁ ୬ ଶିଶି ୫୦୪

ଏହା ନିକଟ ବ୍ୟାଭଅଛି ଶରୀରରେ ସଲ ନିଜର ସାହା ଶଙ୍ଖନିଧି ନାମ ଓ ଶଙ୍ଖମାର୍କା ଦେଖି ଗ୍ରହଣ କରନ୍ତୁ । ଏହା ସହିତ ଡାକ ଚିଠା ଦୋକାନରେ ପାଇବେ କି ପାଇଲେ ମୂଲ୍ୟ ଶୀଘ୍ର କୌଣସି ଔଷଧ ଦେଖିବା କି ଗ୍ରାମରେ ପତ୍ର ଲେଖିଲେ ଭି, ପି, ପାର୍ଶ୍ୱଲରେ ପଠାଇବୁ । ଏହି ସମସ୍ତ ଔଷଧରେ ଆରୋଗ୍ୟ ନ ହେଲେ ମୂଲ୍ୟ ଫେରାଇ ଦେବୁ । ଠିକଣା ଶ୍ରୀ ଲଲମୋହନ ସାହା ଶଙ୍ଖନିଧି ଗାବା ବାଲୁଚରକାର । ଏହାରେ ବହୁତ ଦାଲ୍ମହଳାର ଶ୍ରୀଯୁକ୍ତ ଧାରଚାରଙ୍କ ହେଲ ସୁପ୍ତ କରନ୍ତୁ ।

---

ଏତଦ୍ୱାରା ସର୍ବସାଧାରଣଙ୍କୁ ଜଣାଉଅଛୁଁ କି ଆମ୍ଭ ନିକଟରେ ନିମ୍ନଲିଖିତ ସବାର ଓ ଗାମ-ଯାନମାନ ଭଡ଼ା ନିମନ୍ତେ ପ୍ରସ୍ତୁତ ଅଛି । ଯଥାः—

ବଡ଼ ସବାର ଫୁ ୭୨×୩, ଦ୍ୱୋହର ଦିବାର୍ଟ ମଗଇ ଓ ଦନ୍ତଘୋଡ଼ଥା ଲିଗନ, ଗଦ ଓ ଖୋଲର ସହିତ ଏହା ଭଡ଼ର ଓ ଖଡରେ

| | | |
|---|---|---|
| | ସାଟିନ ଲୁଗା ମଡ଼ା | ଟ ୬୦୦୯ |
| ଏକକ | ଛିଟ ଲୁଗା ମଡ଼ା | ଟ ୧୦୦ |

ସାଧାରଣ ସବାର ଗମ୍ଭାର କାଠର ସବାର

| | |
|---|---|
| ଲମ୍ବ ଫୁ-୧୦ଇ × ଫୁ୨-୯ଇ | ଟ ୨୫୯ |
| ,, ୫-୭ × ୨-୭ | ଟ ୨୦୯ |
| ,, ୫ × ୨-୭ | ଟ ୧୭୯ |

ଏହା ଛଡ଼ା ଅନ୍ୟ ବାଟକ କାଠର ତମ୍ବାର ଏହି ମାପର ନେଲେ ଟ୬୫୦୯ ସ୍ଥଳେ ଟ୫୮୯, ଟ୬୦୯ ସ୍ଥଳେ ଟ ୧୬୯ ଏବଂ ଟ୧୬୯ ସ୍ଥଳେ ଟ ୧୩୯ ଖାରେ ମିଳିବ । ଅତ୍ୟନ୍ତ ଯଥ ଯାହାଙ୍କର ଯେଉଁ ପ୍ରକାର ସବାର ଓ ଗାଡ଼ିକାର ଫରମାସ ଦେବ ସେପର ଶୀଘ୍ର ତିଆର କରି ଦେବୁଁ । ନିମ୍ନଲିଖିତ ଠିକଣାରେ ଲେଖିବାକୁ ହେବ ।

୭।୪।୦୪ — ଶ୍ରୀ ମାଗୁଣୀ ମହାରଣା, କଟକ ପ୍ରିଣ୍ଟିଂକମ୍ପାନୀଙ୍କ ଅଫିସ ନିକଟ, ଦରଘାବଜାର କଟକ ।

---

ଅମରେସିଦ୍ଧ ଲୁତ ଅମରକୋଷର ପରିବର୍ଦ୍ଧିତ ଓ ପରିଶୋଧିତ ସଂସ୍କରଣ ମୁଦ୍ରିତ ହୋଇ କଟକ ପ୍ରିଣ୍ଟିଂ କମ୍ପାନୀଙ୍କ ପୁସ୍ତକ ଦୋକାନରେ ବିକ୍ରୟ ହେଉଅଛି । ଏଥର ପୁସ୍ତକର ଆକାର ବଢ଼ିଥିଲେ ହେଁ ଗ୍ରାହକଙ୍କ ସୁବିଧା ପାଇଁ ମୂଲ୍ୟ ବୃଦ୍ଧି କରାଯାଇ ନାହିଁ ।

| | | | |
|---|---|---|---|
| ମୂଲ୍ୟ | ... | ଖ ୧ | ଟ ୧୯ |
| ଡାକମାସୁଲ | ... | ... | ଟ ୦/ |

---

# The Magic Reveler

OR

PHOTO RING.

ଭଡଣ ଛବି ଅଙ୍କିତ ମୁଦି ।



ଫିଦ୍ଧରୁ କୂତନ ଆବିଷ୍କାର । ୧୦୦୦ ଗୁଣ ବଡ଼ ଦେଖାଯିବ ।

ପ୍ରତ୍ୟେକ ସୁବକ ଯୁବତୀ ଯାହା ଶୋକନ୍ତି ଏହା ତାହାର ନମୁନା ।।

ହିନ୍ଦୁ ଦେବ ଦେବୀଙ୍କ ମନୋହର ଛବି ସମସ୍ତଙ୍କ ମନକୁ ଆସିବ । ଏହା ଖାଣ୍ଟି ବୈଜ୍ଞାନିକ ପ୍ରକାରେ ନିର୍ମିତ । ଅମଳ ଧାତୁ ଘର ଉତ୍ତମ । ଏଥି ଉପରେ ଜନ୍ମିଲ ଷଡ଼ମାନ ଖଚିତ ବସିଅଛି । ଦେଖଣାହାରଙ୍କ ଉପରେ ଏହା ମୃଦୁ ସୂର୍ଯ୍ୟ କିରଣ ନିକ୍ଷେପ କରେ ।

ମୂଲ୍ୟ—ଏକ ଗୋଟାକୁ ଟ ୧୯ ଙ୍କା

ଏକ ଦରଜନକୁ ଟ ୯୯ ଙ୍କା ।

ପୂଜାର ଉପହାର ।

ଭୂମୂଳ ପ୍ରିୟବର୍ଗଙ୍କ ସନ୍ତୋଷେ ଆମ୍ଭେମାନେ ବିଶେଷ ଫରମାସ ଦେଇ ପ୍ରସ୍ତୁତ କରାଇ ଏହା ଭିଆଇ କରି ଅଣାଇଅଛୁଁ । ଦେଶୀୟ ଭଦ୍ର ମହିଳାମାନଙ୍କ ଉପଯୋଗୀ ଏବଂ ଉତ୍କୃଷ୍ଟ ନମୁନାର ଚୁଡ଼ି ଓ ହାତବନ୍ଧା ଏଥିରୁ ଖାଣ୍ଟି ବୈଜ୍ଞାନିକ ପ୍ରକାରେ ନିର୍ମିତ । ରଙ୍ଗ ଏବଂ ତେଜରେ ଏହା ଏତେଦୂର ସୁନ୍ଦର ସୁନା ପରି ଦେଖାଯାଏ ଯେ ଏହାକୁ ବାଛ ଦେବାର କୌଣସି ସମ୍ଭାବନା ନାହିଁ ।

---

ମହିଳାମାନଙ୍କର ଚୁଡ଼ି ।



୧ ଏହାର ଉପରଭାଗରେ ଜଡ଼ିତ ପଥର ବା ମାଣିକ୍ୟ ବସିଅଛି ।

ମୂଲ୍ୟ ଯୋ ୧ ଡ଼ା ଟ ୧୪ ଙ୍କା ମାତ୍ର ।

ମହିଳାମାନଙ୍କର ଖାଜ ଝୁମ୍କା ।



୨ ଏଥିରେ ପାଞ୍ଚୋଟି ଜଡ଼ିତ ପଥର ବା ଚୁନି ବସିଅଛି । ଭାରି ଶସ୍ତା ।

ମୂଲ୍ୟ ପ୍ରତିଯୋଡ଼ା ଟ ୩୪/ ମାତ୍ର ।

ଇଂରାଜୀରେ ପତ୍ର ଲେଖି ପଠାଇବ ଏବଂ ତୁମ୍ଭର ନାମ ଓ ଠିକଣା ପରିଷ୍କାରରୂପେ ଲେଖିବ । ଭି: ପି: ରେ ମାଲ ପଠାଯିବ ପ୍ୟାକିଂ, ପୋଷ୍ଟେଜ, ଅଲଗା ।

S. Paul & Co.

*Managers of the Inland Agency*

21 Kupaleetola

Bowbazar, Calcutta.

---

# ବିଜ୍ଞାପନ ।

ଏତଦ୍ୱାରା ସର୍ବସାଧାରଣଙ୍କୁ ଜଣାଇ ଦିଆଯାଉଅଛି ଯେ କଟକ ଡିଷ୍ଟ୍ରିକ୍ଟ ବୋର୍ଡର ଅଧୀନସ୍ଥ ଚିଷ୍ଟୋଲାଘାଟ ଅଧ୍ୟ ଡିଷ୍ଟ୍ରିକ୍ଟ ବୋର୍ଡ ଅଫିସରେ ଗତତ ସେପ୍ଟେମ୍ବର ମାସ ତା ୨୭ ରିଖ ମଙ୍ଗଳବାର ଅପରାହ୍ଣ ଦ ୧୨ ଟ ସେଠାରୁ ଦିବା ଘ ୧୨ ଘା ସମୟରେ ପ୍ରକାଶ୍ୟ ଡାକ ନିଲାମ କରାଯିବ । ନିଲାମ ଡାକିବା ବାଲାମାନେ ସଙ୍ଗରେ ଉପଯୁକ୍ତ ଓ ସମ୍ଭ୍ରାନ୍ତ ଥିବାର ପ୍ରମାଣ ଓ ସେମାନେ ଅଧ୍ୟ ଡିଷ୍ଟ୍ରିକ୍ଟ ବୋର୍ଡ ଅଫିସରେ ଉପର ଲିଖିତ ସମୟରେ ହାଜର ହୋଇ ନିଲାମ ଡାକ ପାରିବେ । ସର୍ବାପେକ୍ଷା ଯାହାର ଡାକ ଅଧିକ ହେବ ତାହାର ଡାକ ଗ୍ରାହ୍ୟ ହୋଇ ପାରିବ । ଏ ସମ୍ବନ୍ଧେ ଯାହା କିଛି ଜାଣିବା ଆବଶ୍ୟକ ହେବ ଅଧ୍ୟ ଡିଷ୍ଟ୍ରିକ୍ଟ ବୋର୍ଡ ଅଫିସରେ ତଲ୍ଲ କଲେ ଜାଣି ପାରିବେ ।

Cuttack Dt. Board's office, 14—9—04

J. C. Chunder, Vice Chairman

Digitized by srujanika@gmail.com

Split by PDF Splitter



## ଉତ୍କଳଦୀପିକା ।

### U. Y. M. ASSOCIATION.

Since we reported last the progress of the Utkal Y. M. Association, the Association has made very satisfactory progress. The Rules drafted by the select committee have been passed by the Association at a general meeting and the office bearers who compose the Managing Committee have been duly elected.

President Babu Bipin Vihary Gupta
V. Presidents M. S. Das Esqr. C. I. E.
Babu Madhusudan Rao
,, Janakinath Bose
,, Khirode Ch. Roy
Secy. & Treasurer Miss S. Das
Jt. Secretary Babu Beni Madhab Das
Asst. Secy. ,, Radha Ch. Das

In addition to the medals offered by the Maharaja of Mayurbhanj and the Rajas of Talcher and Madhupur, the Maharaja of Keonjhar has offered a monthly subscription of ten rupees for two scholarships and two Gold Medals.

The Raja of Kanika has offered a monthly scholarship of eight rupees and one gold medal.

Babu Gopal Ballav Das Manager, Keonjhar has sent Rs. 25 as a donation.

The Raja of Dharakote has some how got an information of good objects of the Association and has of himself sent very kindly Rs. fifty for a gold medal for fine arts. The Association is sending two of its ex-students to Madras to learn tanning and weaving.

It is delightful to note that like the nobility and gentry of the country European Gentlemen are taking particular interest for the Association. That our countrymen should take an interest in an association intended for the improvement of the children of the country is natural and expected. But that European gentlemen should take an interest proves the nobleness of their nature and bespeaks how sincerely they wish for the improvement of the country. We cannot too highly admire the genuine interest that Messrs GROWSE, DESGRATOULET and STARK have been taking. The Association have been thinking of opening a Library for the students. Providentially it has met with a windfall. That celebrated Thibetan Scholar the Rev. G. SANDEBURG who was here for some time as Chaplain on the eve of his departure has presented one hundred volumes of very valuable books, in their present state worth at least five hundred rupees to the Association. Such generous gift to an Association in its infant state is indeed very encouraging. Messrs GROWSE and DESGRATOULET have been sending valuable newspapers every week regularly. Mr. STARK'S lecture on Gesture Language and Picture writing was very interesting.

The Association intends to bring out a quarterly Magazine under the editorship of its gifted Secretary to publish the proceedings and some of the most interesting lectures and contributions by the members. The rules are being printed and are likely to be published by the next week.

The present session will close with a social gathering on the 28th instant. Mr. GROWSE and some other European gentlemen and ladies are expected to grace the gathering with their presence. The Secretary with her usual energy is trying to supply a varied entertainment on the occasion.

---

ଭାରତର ପ୍ଲେଗ ରୋଗର ଗତ ତା୧୦- ଖରର ସାପ୍ତାହିକ ରିପୋର୍ଟରୁ ପ୍ରକାଶ ଯେ ମୃତ୍ୟୁ ସଂଖ୍ୟା ୧୦,୧୯୯ରୁ ୧୧,୨୯୧କୁ ବଢ଼ିଅଛି । ମହୀଶୂର ଓ ହାଇଦ୍ରାବାଦ ଛଡ଼ା ସକଳ ପ୍ରଦେଶରେ ବୃଦ୍ଧି ହୋଇଅଛି ଏବଂ ତହିଁମଧ୍ୟରେ ବମ୍ବେଇର ବୃଦ୍ଧି ସର୍ବାପେକ୍ଷା ଅଧିକ ଅର୍ଥାତ୍ ୭୦୧୭ ରୁ ୭୫୭୯ ଏବଂ ତହିଁ ତଳେ ମଧ୍ୟଭାରତ ୫୯୦ରୁ ୯୨୧କୁ ଉଠିଅଛି ।

---

ପୁରୀ ମିଉନିସିପାଲିଟିର କମିଶନରମାନଙ୍କ ସୁପାରିସ ଅନୁସାରେ ପୁରୀ ମିଉନିସିପାଲିଟି ମଧ୍ୟରେ ମିଉନିସିପାଲ ଆଇନର ଦଶମଭାଗ ପ୍ରବର୍ତ୍ତାଇବା ନିମନ୍ତେ ଲେଫ୍ଟନାଣ୍ଟ ବାହାଦୂର ତାଙ୍କର ଅଭିମତ ପ୍ରକାଶ କରୁଅଛନ୍ତି ଓ ସର୍ବସାଧାରଣଙ୍କ ଅବଗତାର୍ଥେ ଗତ କଲିକତା ଗେଜେଟରେ ବିଜ୍ଞାପନ ଦେଇଅଛନ୍ତି । ଏହି ବିଜ୍ଞାପନ ଉକ୍ତ ମିଉନିସିପାଲିଟି ମଧ୍ୟରେ ପ୍ରକାଶ ହେବା ତାରିଖଠାରୁ ଏକମାସ ମଧ୍ୟରେ ଉଚିତ କାରଣ ସହି ଆପତ୍ତି ନ ହେଲେ ତାହା ଜାରି ହେବ । ମିଉନିସିପାଲିଟିର ଦଶମଭାଗ ଜାରି ହେଲେ କମିଶନରମାନଙ୍କ ବିନା ଲାଇସେନ୍ସରେ କେହି ହାଟ ବସାଇ ପାରିବେ ନାହିଁ ।

---

ଗତ ତା ୧୫ ଖରିଖରେ ଶେଷ ହେବା ସପ୍ତାହରେ ପଞ୍ଜାବ [illegible] ବମ୍ବେ ମଧ୍ୟପ୍ରଦେଶ ପ୍ରଭୃତି ନାନା ସ୍ଥାନରେ କ୍ରମାଗତ ବୃଷ୍ଟି ହୋଇଥିଲା । ତହିଁରେ ମଧ୍ୟପ୍ରଦେଶ ଓ ହାଇଦ୍ରାବାଦର କେତେକ ସ୍ଥାନର ଫସଲର ବାଧା ଦୂର ହୋଇଅଛି । ମାତ୍ର ବମ୍ବେଇ ପ୍ରଦେଶର ଗୁଜରାଟ ପ୍ରଭୃତି ସ୍ଥାନରେ ଅତି ସାମାନ୍ୟ ବୃଷ୍ଟି ହେବାରୁ ଫସଲର ଅବସ୍ଥା ବିଶେଷ ପରିବର୍ତ୍ତନ ହୋଇ ନାହିଁ ଏବଂ ଦୁର୍ଭିକ୍ଷର ଆଶଙ୍କା ରହିଅଛି । ବମ୍ବେଇ ଗବର୍ଣ୍ଣମେଣ୍ଟ ପୂର୍ବରୁ ସାବଧାନ ହୋଇ ଖଜଣା ଉଶୁଲ ସ୍ଥଗିତ ରଖିବା ଏବଂ ପରୀକ୍ଷା ସ୍ୱରୂପ ସାହାଯ୍ୟ କାର୍ଯ୍ୟ ଫିଟାଇବା ନିମନ୍ତେ ସେ ଅଞ୍ଚଳର ଜିଲ୍ଲା କଲେକ୍ଟରମାନଙ୍କୁ ଆଦେଶ ଦେଇଅଛନ୍ତି ।

---

ଗତ ରବିବାର ଓ ମଙ୍ଗଳବାର ସନ୍ଧ୍ୟାରେ ପୁରୀର ଶ୍ରୀମନ୍ଦିର ମଧ୍ୟରେ ପଶ୍ଚିମାଞ୍ଚଳର ଏକ ପ୍ରସିଦ୍ଧ ବକ୍ତା ପଣ୍ଡିତ ଶ୍ରୀ ଦୀନଦୟାଳୁ ଶର୍ମା ସମାଜ ଓ ଧର୍ମନୀତି, ଶିକ୍ଷା ଏବଂ ଆଧୁନିକ ସଭ୍ୟତା ବିଷୟରେ ହିନ୍ଦୀ ଭାଷାରେ ବକ୍ତୃତା କରିଥିଲେ । ଶେଷୋକ୍ତ ଦିବସ ଧର୍ମ ସମ୍ବନ୍ଧୀୟ ବକ୍ତୃତାରେ ବ୍ରାହ୍ମଣମାନଙ୍କର ଦୁରବସ୍ଥା ଏବଂ ତାହାର ମୋଚନୋପାୟ ବେଦୋକ୍ତ କର୍ମମାନଙ୍କରେ ସେମାନଙ୍କର କର୍ତ୍ତବ୍ୟ ଇତ୍ୟାଦି ବର୍ଣ୍ଣନା କରିଥିଲେ । ତାହାଙ୍କର ଅସାଧାରଣ ବାଗ୍ମିତା ଦେଖି ଉପସ୍ଥିତ ସଭ୍ୟ ଦର୍ଶକ ମଣ୍ଡଳୀ ସାତିଶୟ ପ୍ରୀତିଲାଭ କରିଥିଲେ । ବିଶେଷତଃ ୨ୟ ସନ୍ଧ୍ୟାରେ ବଡ଼ ଏକାଦଶୀ ଯୋଗୁଁ ବହୁ ଲୋକର ସମାଗମ ହୋଇଥିଲା ଏବଂ ସମସ୍ତେ ଏକ ବାକ୍ୟରେ ବକ୍ତାଙ୍କର ଭୂୟସୀ ପ୍ରଶଂସା କରିଥିଲେ ।

---

ବଙ୍ଗପ୍ରଦେଶର ଇନକମଟିକସର ଆୟ ସନ୧୯୦୨।୦୩ ସାଲରେ ଟ ୫୮,୭୭,୭୮୭ଙ୍କା । ଏବଂ ସନ ୧୯୦୩।୦୪ ସାଲରେ ଟ ୪୯,-୬୧,୮୨୩ ଙ୍କା ହୋଇଥିଲା । ସୁତରାଂ ପୂର୍ବବର୍ଷର ତୁଳନାରେ ପ୍ରାୟ ୯ ଲକ୍ଷଟଙ୍କା ଊଣା ପଡ଼ିଅଛି । ଊଣାପଡ଼ିବାର କାରଣ ଏହି କି ଏକହଜାର ଟଙ୍କାର ନିମ୍ନ ଆୟ ଟେକ୍ସ ଗତ ବର୍ଷରୁ ଉଠିଯାଇଅଛି । ମାତ୍ର ଛାଡ଼ିଦିଆ ଆୟକୁ ପୂର୍ବବର୍ଷର ଅଙ୍କରୁ ତ୍ୟାଗ କଲେ ଗତ ବର୍ଷଠାରୁ ଏବର୍ଷ ଶତକଡ଼ା ୨୫ ଭାଗ ବୃଦ୍ଧି ହେବାର ଜଣାଯାଇଅଛି । ଫଳତଃ ମୋଟ ଟିକସଦାତାଙ୍କ ମଧ୍ୟରୁ ଅର୍ଦ୍ଧେକରୁ ଅଧିକ ମୁକ୍ତ ପାଇଥିବା ପ୍ରତ୍ୟକ୍ଷେ ସରକାର ଯେତେ କ୍ଷତି ଅନୁମାନ କରିଥିଲେ ତାହା ହୋଇ ନାହିଁ ସୁଖର ବିଷୟ ଅଟେ । ଏହାଦ୍ୱାରା ଇନକମଟିକସ ମହକୁମା ଖର୍ଚ୍ଚ ୧୨୫ ହଜାର ଊଣା ପଡ଼ିଅଛି ଏବଂ ଏଣିକି ଆହୁରି ଊଣା ହେବାର ଆଶା ଅଛି ।

---

ହିନ୍ଦୁ ପେଟ୍ରିୟଟରେ ଲେଖାଅଛି କି ବଙ୍ଗ ପ୍ରଦେଶର କାର୍ଯ୍ୟ ବୃଦ୍ଧି ଦେଖି ଇଣ୍ଡିଆ ଗବର୍ଣ୍ଣମେଣ୍ଟ ନ ୨୨ ଣ ଅଧିକା ଡେପୁଟିମାଜିଷ୍ଟ୍ରେଟ ନିଯୁକ୍ତ କରିବାର ମଞ୍ଜୁର କରିଅଛନ୍ତି ଏବଂ ତହିଁମଧ୍ୟରୁ ବଙ୍ଗୀୟ ଗବର୍ଣ୍ଣମେଣ୍ଟ ଏଥିମଧ୍ୟରେ ନ ୧୧ ଣ ସବଡେପୁଟିଙ୍କର ପଦୋନ୍ନତିଦ୍ୱାରା ଭରତି କରୁଅଛନ୍ତି । ଅବଶିଷ୍ଟ ନ ୧୧ ଣଙ୍କ ମଧ୍ୟରୁ ପ୍ରତ୍ୟେକ ବିଭାଗର କମିଶନରଙ୍କୁ ଏକ ଜଣ ଲେଖାଏଁ ମନୋନୀତ କରି ଏହିମାସ ତା ୩୦ ଖ ମଧ୍ୟରେ ରିପୋର୍ଟ କରିବା କାରଣ ଲେଖିଅଛନ୍ତି । ଏପରି ନ ୯ ଣ ନିଯୁକ୍ତ ହେବେ

Digitized by srujanika@gmail.com

ଓ ଅନ୍ୟ ୨ ଜଣ ଅନ୍ୟାନ୍ୟ ମହକୁମାର ପ୍ରଧାନ କର୍ମଚାରୀମାନଙ୍କର ଅନୁରୋଧମତେ ନିଯୁକ୍ତ ହେବେ । ମାନ୍ୟବର ସର୍‌ଫ୍ରେଜର ବାହାଦୁର ମନୋନୀତ କରିବାର ଅଧିକାର ବିଭାଗୀୟ ପ୍ରଧାନ କର୍ମଚାରୀଙ୍କୁ ଦେଇ ସୁବିଚାର ଓ ନିରପେକ୍ଷତା ଦେଖାଇ ସମସ୍ତଙ୍କର ପ୍ରଶଂସା ଭାଜନ ହୋଇଅଛନ୍ତି ।

---

ପୁରୀ ସ୍ଥାନକଳ୍ପଲୀ ଗୋରକ୍ଷଣୀ ସଭାର ସଭାପତି ଶ୍ରୀ ଶଙ୍କର ମଧୁସୂଦନ ତୀର୍ଥସ୍ୱାମୀ ଗୋଟିଏ ବିଜ୍ଞାପନ ପ୍ରଚାରଦ୍ୱାରା ସର୍ବସାଧାରଣଙ୍କୁ ସାହାଯ୍ୟ ପ୍ରାର୍ଥନା କରିଅଛନ୍ତି । ବିଜ୍ଞାପନରୁ ପ୍ରକାଶ ଯେ ସେହି ପୁରୀ ମାର୍କଣ୍ଡେଶ୍ୱର ପୁଷ୍କରିଣୀର ପଶ୍ଚିମ ପାର୍ଶ୍ୱରେ ଗୋଟିଏ ଗୋଶାଳା ସ୍ଥାପନ କରି ତହିଁରେ ବୃଦ୍ଧ ରୁଗ୍ଣ ଅନାଥ ଗୋରୁମାନଙ୍କୁ ପ୍ରତିପାଳନ ଓ ଚିକିତ୍ସା କରୁଅଛନ୍ତି । ମାତ୍ର ପୁରୀକୁ ଆସୁଥିବା ଯାତ୍ରୀମାନଙ୍କଠାରୁ ଯାହା ପ୍ରାପ୍ତ ହେଉଅଛି ତଦ୍ୱାରା ବ୍ୟୟ ନିର୍ବାହ ହୋଇ ପାରୁ ନାହିଁ । ବିଜ୍ଞାପନରେ ଗୋଶାଳାର ସଂକ୍ଷେପ ବିବରଣ ଅର୍ଥାତ୍ କେତେ ଗୋରୁ ବର୍ତ୍ତମାନ ଅଛନ୍ତି ଦୈନିକ ଖାଦ୍ୟଦାନ କେତେ ଓ ବାର୍ଷିକ ଆୟ ଓ ବ୍ୟୟ କେତେ କେଉଁଠାରୁ କି ପ୍ରକାରେ ଗୋରୁ ଆସନ୍ତି ଏ ସବୁ କଥା ପ୍ରକାଶ ହୋଇଥିଲେ ଭଲ ହୋଇଥାନ୍ତା । କାର୍ଯ୍ୟ ଦେଖାଇ ଧର୍ମାତ୍ମାମାନଙ୍କୁ ସାହାଯ୍ୟ ପ୍ରାର୍ଥନା ଯେତେଦୂର ଫଳପ୍ରଦ ହୁଏ କେବଳ ପ୍ରାର୍ଥନାରେ ସେତେ ହୁଏ ନାହିଁ ।

---

ଗଞ୍ଜାମ ଗୁଣଦର୍ପଣରେ 'ଦେଶର ଅବସ୍ଥା ଶୀର୍ଷକ ଗୋଟିଏ କ୍ଷୁଦ୍ର ପ୍ରବନ୍ଧ ବାହାରିଅଛି' ତହିଁରେ ଲେଖାଅଛି ଯେ ବର୍ତ୍ତମାନ ଉତ୍କଳର ନାନାସ୍ଥାନରେ ସଭାସମିତି ସ୍ଥାପନ ହୋଇ ଦେଶୋନ୍ନତି ଓ ସମାଜସଂସ୍କାରର ଘୋର ଆନ୍ଦୋଳନ ହେଉଅଛି । ମାତ୍ର ସେ ସମସ୍ତ କେବଳ ବାକ୍ୟବ୍ୟୟରେ ଶେଷ ହେଉଅଛି । ଫଳ କିଛି ଦେଖା ଯାଉ ନାହିଁ । ଲେଖକଙ୍କ ମତରେ ସ୍ୱାର୍ଥପରତା ଏହାର ମୂଳ ହେତୁ ଅଟେ । ସେଥିପାଇଁ ସେ ଶିକ୍ଷିତ ଶ୍ରେଣୀର ଲୋକଙ୍କ ସେପ୍ରକାର ବ୍ୟବହାର [illegible] ଦେଶର ଶିଳ୍ପ, କୃଷି, ବାଣିଜ୍ୟ, ସାହିତ୍ୟାଦିର ଉନ୍ନତି ପ୍ରଭୃତି ନିମନ୍ତେ ପ୍ରାଣପଣେ ଚେଷ୍ଟା କରିବା କାରଣ ଅନୁରୋଧ କରିଅଛନ୍ତି । ଏ ଉକ୍ତିକୁ ଅସାର ବୋଲି ଆମ୍ଭେମାନେ କହି ନ ପାରୁଁ । ସଭାସମିତି ସ୍ଥାପନ ଓ ସମ୍ବାଦପତ୍ର ପ୍ରଚାର ଓ ବକ୍ତୃତା ପ୍ରଦାନ ଇତ୍ୟାଦିକୁ କାର୍ଯ୍ୟର ଉଦ୍ୟମସ୍ୱରୂପ ବୋଲିବାକୁ ହେବ । ମାତ୍ର କେବଳ ଉଦ୍ୟମର ବାହୁଲ୍ୟ ଓ କାର୍ଯ୍ୟ ନାସ୍ତି ଅଥବା ନିତାନ୍ତ ସାମାନ୍ୟ ଶୋଚନୀୟ ଅଟେ । ନହି ଦେଖାଇବାଠାରୁ କରି ଦେଖାଇବା ଭଲ ଏବଂ ଦେଖାଇହେବା ନହେବେ ଭଲ ନୁହେ ।

---

ଅମୃତବଜାର ପତ୍ରିକାରେ ଲେଖା ଅଛି ଯେ ଭାରତର ବର୍ତ୍ତମାନ ଗବର୍ଣ୍ଣର ଜେନେରଲ ମହାମାନ୍ୟ ଲର୍ଡ ଆମ୍ପଥିଲ ଏକଦିନ ଘୋଡ଼ା ଚଢ଼ି ସିମଲା ପାହାଡ଼ରେ ଭ୍ରମଣ କରୁଥିବାବେଳେ ଗୋଟାଏ ପଥର ଢେଲା ଦଏ ଘୋଡ଼ାଇଲା । ମହାମାନ୍ୟଙ୍କ ସଙ୍ଗେ ଥିବା କର୍ମଚାରୀମାନେ ଉମେଦପତ୍ତିଲେ ଏବଂ କ୍ଷଣମାତ୍ରକେ ସିମଲା ପାହାଡ଼ କମ୍ପମାନ ହେଲା । ତଏ ଏମନ୍ତ କଣ୍ଟ ତାହାକୁ ଧରିବାକୁ ଗୃହଥିବେ ଲୋକ ଦଉଡ଼ିଲେ ମାତ୍ର ଅଳ୍ପକ୍ଷଣରେ ଜଣାଗଲା ଯେ ତାହା ଗୋଟିଏ ହନୁମାନ୍ଙ୍କର କାଣ୍ଡ । ତହୁଁ ଗଜପତିନାଥ ସହିତ ସମସ୍ତେ ହସି ଖୁଲିଗଲେ । କେହି ମନୁଷ୍ୟ ଦୁର୍ଗପଶ୍ଚିମରେ ସୁଦ୍ଧା ଏପରି କରିଥିଲେ ସେ ସହଜରେ ରକ୍ଷା ପାଇଥାନ୍ତା ? ଯାହା ହେଉ ମାର୍କଣ୍ଡଙ୍କର ଦୌରାତ୍ମ୍ୟରେ ଅନେକ ନଗର ଓ ଗ୍ରାମବାସୀ ଅସ୍ଥିର ଏବଂ ଅନେକ କାନନ କଣ୍ଟକ ସମୟରେ ଅନେକଙ୍କର ପିଡ଼ା ବା କ୍ଷେତରେ ଫଳ ପକ୍ଷ ରହିପାରୁ ନାହିଁ । ଗଜପତିନାଥଙ୍କ ଲୋକଙ୍କର ଏ ଦୁଃଖ ଅଗୋଚର । ଏହି ମାର୍କଣ୍ଡ କାଣ୍ଡରୁ ଗବର୍ଣ୍ଣମେଣ୍ଟ ତାହା ଜାଣିପାରି ଯେବେ ତହିଁର କିଛି ପ୍ରତିକାର ବିଧାନ କରନ୍ତେ ତେବେ ବଡ଼ ଉପକାର ହେବ ।

---

ଜମ୍ବାଲପୁରଶାନ୍ତିପୁରର ମ୍ୟୁନିସିପଲ କମିଶନରମାନେ କାର୍ଯ୍ୟରେ ହେଳା କରିବାରୁ ମ୍ୟୁନିସିପଲ ଆଇନର ଧା ୬୫ ର ଅନୁସାରେ ଗବର୍ଣ୍ଣମେଣ୍ଟଙ୍କର ଆଦେଶମତେ ଏକବର୍ଷ ନିମନ୍ତେ ପଦଚ୍ୟୁତ ହୋଇଥିଲେ ଏବଂ ସେହି ମ୍ୟୁନିସିପାଲିଟୀର ଭାର ବଣାଘାଟର ସବ୍‌ଡିଭିଜନ ଅଫିସରଙ୍କୁ ଅର୍ପିତ ହୋଇଥିଲା । ଗତ ମାସ ତା ୬ ରିଖରେ ଉକ୍ତ ଏକବର୍ଷ ପୂର୍ଣ୍ଣ ହୋଇଗଲା । ମାନ୍ୟବର ବଙ୍ଗେଶ୍ୱର ସେହି ମ୍ୟୁନିସିପାଲିଟୀକୁ ପୁନର୍ବାର ଅଧିକାର ଦେବାର ଇଚ୍ଛା କରିଅଛନ୍ତି ମାତ୍ର ତାହାଙ୍କ ବିବେଚନାରେ ଶାନ୍ତିପୁର ଯେପରି କ୍ଷୁଦ୍ର ମ୍ୟୁନିସିପାଲିଟୀ ତହିଁର ନ ୨୫ ଣ କମିଶନର ନିତାନ୍ତ ବଳପଡ଼ିଅଛି ଏବଂ ଏତେ ଲୋକଙ୍କରେ ସୁଶୃଙ୍ଖଳାରେ କାର୍ଯ୍ୟ ଚଳିବା ପ୍ରତି ଅନୁକୂଳ ନୁହେ । ଅତଏବ ମାନ୍ୟବର ମହୋଦୟ ସ୍ଥିର କରିଅଛନ୍ତି ଯେ ଏଣିକି ନ ୧୫ ଣ କମିଶନର ହେବେ ଏବଂ ଏବର୍ଷ ସେହି କମିଶନରମାନେ ଏବଂ ସେମାନଙ୍କର ଚେୟାରମ୍ୟାନ ଗବର୍ଣ୍ଣମେଣ୍ଟଦ୍ୱାରା ନିଯୁକ୍ତ ହେବେ । ମାନ୍ୟବର ମହୋଦୟ ଆଶା କରନ୍ତି ଯେ ଆଉ ଏକବର୍ଷ ଉତ୍ତାରୁ ଏହି ମ୍ୟୁନିସିପାଲିଟୀକୁ ଏହାର ପୂର୍ବର ଅଧିକାରମାନ ପୁନଃ ପ୍ରଦାନ କରିବାର ସୁବିଧା ହେବ । ମାନ୍ୟବର ସର୍ ଏଣ୍ଡ୍ରୁ ଫ୍ରେଜର ବାହାଦୁର ଏହି ଆଦେଶ ପ୍ରଦାନଦ୍ୱାରା ଆତ୍ମଶାସନ ପ୍ରଣାଳୀ ପ୍ରତି ସହାନୁଭୂତି ପ୍ରକାଶ କରିଅଛନ୍ତି ଏବଂ ତଦ୍ୱାରା ଜନସାଧାରଣଙ୍କର ସନ୍ତୋଷଭାଜନ ହୋଇଅଛନ୍ତି ।

---

ହାଲୁକା ଓଜନର ଟଙ୍କା ଅଧୂଲି ପ୍ରଭୃତି ସମ୍ବନ୍ଧରେ ଏକ ସରକାରୀ ସମ୍ବାଦ ବର୍ତ୍ତମାନ ସମ୍ବାଦପତ୍ରମାନଙ୍କୁ ଦିଆଯାଇଅଛି । ତହିଁର ମର୍ମ ଏହି ଯେ ସନ ୧୮୯୯ ସାଲର ମାର୍ଚ୍ଚ ମାସ ତା ୨୪ ରିଖ ଭାରତ ଗବର୍ଣ୍ଣମେଣ୍ଟଙ୍କ ଘୋଷଣା ପତ୍ର ଅନୁସାରେ ଯେ ସମସ୍ତ ଟଙ୍କା ପ୍ରଭୃତି ମୁଦ୍ରାର ଓଜନ ଶତକଡ଼ା ୨ ଅର୍ଥାତ୍ ଟଙ୍କାରେ ଅଣାଏ ମଧ୍ୟରେ ଊଣା ହେବ ସେସମସ୍ତ ପୂର୍ଣ୍ଣ ମାନ୍ୟମୂଲ୍ୟରେ ନିଆ ଯିବ । ଏଥିରୁ ସନ ୧୮୬୫ ସାଲ ଓ ସନ ୧୮୪୦ ସାଲର ମୁଦ୍ରା ଫେରାଇବାର ନିୟମାନୁସାରେ ଯେତେ ଟଙ୍କା ଟଙ୍କଶାଳକୁ ଆସିଅଛି ସେ ସମସ୍ତ ପରୀକ୍ଷା କରି ଦେଖାଯାଇଅଛି ଯେ ଅଧିକାଂଶ ସ୍ଥଳେ କ୍ଷୟର ପରିମାଣ ଅତ୍ୟନ୍ତ ଊଣା ଏବଂ ଶତକଡ଼ା ୪ରୁ ଅଧିକ ନୁହେ । ସୁତରାଂ ଗବର୍ଣ୍ଣମେଣ୍ଟ ବିବେଚନା କରନ୍ତି ଯେ ଶତକଡ଼ା ୨ ଓଜନ କମି ସକାଶେ ଛାଡ଼ି ଦେବା ଅତ୍ୟନ୍ତ ଅଧିକ ଏବଂ ତଦ୍ୱାରା ମୁଦ୍ରାର ଅପବ୍ୟବହାରର ପ୍ରବୃତ୍ତି ଦିଆଯାଏ । ଅତଏବ ଗବର୍ଣ୍ଣମେଣ୍ଟ ଏଣିକି ଏହି ନିୟମ କରିବାର ଇଚ୍ଛା କରନ୍ତି ଯେ ଯେ ସମସ୍ତ ଟଙ୍କା ପ୍ରଭୃତିର ଓଜନ ଶତକଡ଼ା ୪ରୁ ଅଧିକ କ୍ଷୟ ହୋଇ ନ ଥିବ ସେସମସ୍ତ ପୂର୍ଣ୍ଣ ଦରରେ ନିଆ ଯିବ ଏବଂ ଯେ ସମସ୍ତର ଓଜନ ଶତକଡ଼ା ୪ ଠାରୁ ୧୦ ପର୍ଯ୍ୟନ୍ତ ସୀମା ମଧ୍ୟରେ କ୍ଷୟ ହୋଇ ଥିବ ସେ ସମସ୍ତ ଟଙ୍କା ପ୍ରତି ଟ ୦ ଥ/୬ ଦରରେ ନିଆ ଯିବ । ଶତକଡ଼ା ୧୦ ରୁ ଅଧିକ ଓଜନ କମି ଅର୍ଥାତ୍ ଦଶ ପ୍ରତି ଏକ ମାସାରୁ ଅଧିକ କମି ହେଲେ କାଟି ଦେଇ ଫେରି ଦିଆଯିବ ।

---

ଡେପୁଟି କଲେକ୍ଟରୀ ନିଯୁକ୍ତିର ପରୀକ୍ଷା ଉଠାଇଦେଇ ମାନ୍ୟବର ବଙ୍ଗେଶ୍ୱର ଏଣିକି କି ସୂତ୍ରରେ ନିଯୁକ୍ତ କରିବେ ତାହା ପରେ ପ୍ରକାଶ କରିବାର କହିଅଛନ୍ତି । ଏଥିମଧ୍ୟରେ ସମ୍ବାଦପତ୍ରମାନଙ୍କରେ ମାନ୍ୟବର ମହୋଦୟଙ୍କର ଗୋଟିଏ କଳ୍ପନା ପ୍ରକାଶ ହୋଇଅଛି ଏବଂ ତହିଁର ବାଦାନୁବାଦ ଚାଲିଅଛି । କଳ୍ପନାଟି ଏହି ଯେ ବଙ୍ଗପ୍ରଦେଶରେ ବର୍ତ୍ତମାନ ବର୍ଷକୁ ପ୍ରାୟ ନ ୧୯ ଣ ଡେପୁଟି ଓ ସବଡେପୁଟି କଲେକ୍ଟର

Digitized by srujanika@gmail.com

ହୁଅନ୍ତି । ଏଥିରୁ ବଙ୍ଗପ୍ରଦେଶର ୫ ବିଭାଗର କମିଶନରମାନେ ନିଜ ୨ ଅଧୀନସ୍ଥ କଲେକ୍ଟରଙ୍କ ସଙ୍ଗେ ପରାମର୍ଶ କରି ପ୍ରତ୍ୟେକେ ଦୁଇଜଣ ଲେଖାଏଁ ଯୋଗ୍ୟଲୋକର ନାମ ଲେଖି ପଠାଇବେ ଯେ ଗବର୍ଣ୍ଣମେଣ୍ଟ ଏହି ୬ ଜଣ ବାଛିନେବେ । ଅବଶିଷ୍ଟ ଜ ୧୦ ଣ ମଧ୍ୟରୁ କଲିକତା ବିଶ୍ୱବିଦ୍ୟାଳୟ ଜ ୩ ଣ, ସିଭିଲ ଇଞ୍ଜିନିୟରିଂ କଲେଜ ଜ ୧ ଣ ପୁଲିଶବିଭାଗ ଓ ଶିକ୍ଷାବିଭାଗ ଏକଜଣ ଲେଖାଏଁ ଏବଂ ରେଭେନ୍ୟୁ ବୋର୍ଡ ଜ ୪ ଣ ମନୋନୀତ କରି ପଠାଇବେ । ଶେଷ ଲିଖିତ ଜ ୭ ଣ ସରକାରୀ କର୍ମଚାରୀଙ୍କର ଭିନଙ୍କ ସହାଜେ ବଛା ହୋଇଅଛି । ଏମାନେ ସମସ୍ତେ ବିଶ୍ୱବିଦ୍ୟାଳୟର ଉପାଧିଧାରୀଙ୍କ ମଧ୍ୟରୁ ଗୃହୀତ ହେବେ ଯେମନ୍ତ କି ଅକର୍ମଣ୍ୟ ଲୋକ କେହି ପ୍ରବେଶ କରିପାରିବ ନାହିଁ ଏହି ଜ ୧୬ ଣ ମଧ୍ୟରେ କେତେଜଣ ଡେପୁଟି ଓ କେତେଜଣ ସବଡେପୁଟି ହେବେ ସ୍ପଷ୍ଟ ପ୍ରକାଶ ନାହିଁ ଫଳତଃ ଗବର୍ଣ୍ଣମେଣ୍ଟଙ୍କର ଆଦେଶ କାର୍ଯ୍ୟରେ ପ୍ରଚାର ହେବା ପୂର୍ବେ କିଛି କହିବା ସଙ୍ଗତ ନୁହେ । କେବଳ ଏତିକି କହିପାରୁଁ ଯେ ଶିକ୍ଷା ଓ ପୁଲିଶବିଭାଗମାନଙ୍କରେ ଉଚ୍ଚବେତନର ପଦ ଥିବାପ୍ରତ୍ୟକ୍ଷେ ସେ ଦୁଇବିଭାଗର କର୍ମଚାରୀଙ୍କୁ ଉନ୍ନତି ସହାଜେ ଡେପୁଟିଗିରିରେ ଭରତି କରିବା ପ୍ରସ୍ତାବରୁ ଜଣାଯାଉଅଛି ଯେମନ୍ତ ଦେଶୀୟ ଲୋକଙ୍କର ସେହି ବିଭାଗମାନଙ୍କରେ ଉନ୍ନତିର ଆଶା ନାହିଁ । ଏହାର ଫଳ ଶୁଭକର ହେବ କି?

---

ଖୋର୍ଦ୍ଧାଖଣ୍ଡ ଭରତପୁରରୁ ଏକ ବ୍ୟକ୍ତି ଲେଖିଅଛନ୍ତି କି ସେଠାର କୃଷି ଜମିମାନ ଗୋବସ୍ତ ନେନାଲର ନ ୩ ମ୍ବର କେନାଲଦ୍ୱାରା ଜଳ ମାତ୍ର ଆବାଦ ହେଉଥିଲା ଏବଂ ସମସ୍ତ ପ୍ରଜା ମିଶି କିଛିମତେ ନାଲ ଜଳର କବୁଲିୟତ କରିଥିଲେ । କବୁଲିୟତର ମିଆଦ ସନ ୧୯୦୨ ସାଲରେ ଶେଷ ହେଲା ପରେ ଗ୍ରାମବାସୀଙ୍କ ମଧ୍ୟରେ ବିଶେଷ ଦଳାଦଳି ହେଲୁ ଏକ ଦଳର ପ୍ରାୟ ୬୪୦ ଜଣ କବୁଲିୟତ କରିବାକୁ ଆବେଦନ କରିଥିଲେ । ମାତ୍ର ଅନ୍ୟ ଦଳର ପ୍ରାୟ ବେଶିକ ଲୋକ ତହିଁରେ ଯୋଗ ନ ଦେବାରୁ ନିୟମାନୁସାରେ ଗ୍ରାମକୁ ଜଳ ଯୋଗାଇବା କର୍ମ୍ମଚାରୀ କବୁଲିୟତ ଗ୍ରହଣ କଲେ ନାହିଁ ଏବଂ ଉପରସ୍ଥ ଚିଫ ଇଞ୍ଜିନିୟର ପର୍ଯ୍ୟନ୍ତ କର୍ମ୍ମଚାରୀମାନଙ୍କୁ ଜଣାଇଲେ ସୁଦ୍ଧା କିଛି ଫଳ ହେଲା ନାହିଁ । ପତ୍ରପ୍ରେରକଙ୍କର ଆପତ୍ତି ଏହି ଯେ ସମସ୍ତଙ୍କର ଗରଜ ଏକା ନୁହେ । ଅତଏବ ଯେଉଁମାନଙ୍କର ଜଳର ଦରକାର ନାହିଁ ସେମାନଙ୍କ ସକାଶେ ଯାହାଙ୍କର ଜଳର ଦରକାର ସେମାନଙ୍କୁ ବଞ୍ଚିତ କରିବା ନ୍ୟାୟସଙ୍ଗତ ନୁହେ । ଏଥିରୁ ଅନ୍ୟ ପକ୍ଷରେ ଏମନ୍ତ ବୋଲାଯାଇ ପାରେ ଯେ ଏକ ଗ୍ରାମର ଅର୍ଦ୍ଧେ ପ୍ରଜାର ସୁବିଧା ସକାଶେ ଅପର ଅର୍ଦ୍ଧେ ପ୍ରଜାଙ୍କୁ ଉତ୍ପୀଡ଼ନରେ ପକାଇବା ମଧ୍ୟ ନ୍ୟାୟସଙ୍ଗତ ନୁହେ । ନିୟମାନୁସାରେ ଏକ ଗ୍ରାମର ଅଧିକାଂଶ ପ୍ରଜା କବୁଲିୟତ ନ କଲେ ସେ ଗ୍ରାମକୁ ନାଲ ଜଳ ଦିଆଯିବ ନାହିଁ । ଏ ନିୟମ ମନ୍ଦ ବୋଲି ଯିବାର ଯଥେଷ୍ଟ କାରଣ ଦେଖାଯାଉ ନାହିଁ ଏବଂ ଦଳାଦଳି ହେଲେ ଏକ ଗ୍ରାମର ଅର୍ଦ୍ଧେ ପ୍ରଜା ଅନ୍ୟ ଅର୍ଦ୍ଧେ ପ୍ରଜାର ଅନିଷ୍ଟ ଚିନ୍ତାରେ ନିଜର ଅନିଷ୍ଟ କରିବାକୁ ମେଳ କରିଅଛନ୍ତି ଏହା ମଧ୍ୟ ବିଶ୍ୱାସ କରିବା ସହଜ ନୁହେ । ଏମନ୍ତ ସ୍ଥଳେ ସରକାରରୁ ପ୍ରତୀକାର ଲୋଡ଼ିବା ଅପେକ୍ଷା ଦଳାଦଳି ଭାଙ୍ଗିଦେବାର ଚେଷ୍ଟା କରିବା ଉଚିତ ଏବଂ ଏକ ପକ୍ଷ ନ୍ୟାଯ୍ୟ ବାଟ ଧରି ଚାଲିଲେ ଅନ୍ୟପକ୍ଷ ଅଧିକ ଦିନ ଅନ୍ୟାଯ୍ୟ ଜିଦ ରଖି ପାରିବେ ନାହିଁ । ଗ୍ରାମବାସିଙ୍କ ମଧ୍ୟରେ ଅମେଳ ରହିବା କଦାପି ଭଲ ନୁହେ ।

---

## ରୁଷ ଜାପାନ ଯୁଦ୍ଧ ।

ରୁଷର ପ୍ରଧାନ ସେନାପତି କୁରୁପାଟକିନ ଲିଆୟଙ୍ଗକୁ ପୂର୍ବରୁ ସଂରକ୍ଷଣ କରିବା ନିମନ୍ତେ ଚେଷ୍ଟା କରିଥିଲେ ସୁଦ୍ଧା ଜାପାନର କୌଶଳ ଯୁଦ୍ଧ ବଳରେ ହାରିଯାଇ ଉକ୍ତ ସ୍ଥାନକୁ ପରିତ୍ୟାଗ କରିବାକଥା ଜଣାଇଅଛୁ । ସେ ସ୍ୱୟଂ ଶତ୍ରୁଦ୍ୱାରା ଆବଦ୍ଧ ହେବାର ଉପକ୍ରମ ହୋଇଥିଲା । ମାତ୍ର ଧୀର ଓ ପଟୁ ଜମାଦାର କୌଶଳରେ ଶତ୍ରୁ ପିବାଦ୍ୱାରା ଆପଣାକୁ ଧନ୍ୟ କ୍ଷୀଣ କରିଅଛନ୍ତି ଓ ପ୍ରଶଂସା ମଧ୍ୟ ପାଇଅଛନ୍ତି । ରୁଷ ସମ୍ରାଟ ତାର ମଧ୍ୟ କୁରୁପାଟକିନଙ୍କ ଦରଜରେ ଭୁଲିଯାଇ ରୁଷ ସେନାଙ୍କ ପ୍ରଶଂସା କରିବାରେ ବାକି ରଖି ନାହାନ୍ତି । ଅନ୍ୟ ପକ୍ଷରେ ଜାପାନ ନଦୀ ଗର୍ଭରେ ଅତି ଉତ୍ସାହିତ ନ ହୋଇ ଯଥାସାଧ୍ୟରେ ଚେଷ୍ଟିତ ଅଛନ୍ତି । ଜାପାନମାନେ ଅଗ୍ରସର ହୋଇ ଯ୍ୱାନ୍ତାଇ ଏବଂ ହେଣ୍ଟସ ପଣ୍ଟୋ ନିକଟରେ ଏକତ୍ରିତ ହେଉଅଛନ୍ତି । ରୁଷମାନେ ବର୍ତ୍ତମାନ ମୁକଡେନର ସବୁ ଗ୍ରାମକୁ ଅଧିକାର କରିଅଛନ୍ତି ଓ ଏକ ବଡ଼ ଯୁଦ୍ଧକୁ ଅପେକ୍ଷା କରୁଅଛନ୍ତି । ମନରେ ସର୍ବଦା ଭାବି ଯୁଦ୍ଧର ଆଶଙ୍କା ସର୍ବଦା ଜାଗ୍ରତ ରହିଅଛି । ଗଳ୍ପ ଉଠିଅଛି ଯେ ଜର୍ମାନ ରୁଷର ସାହାଯ୍ୟ କରୁଅଛନ୍ତି । ମାତ୍ର ଜର୍ମାନର ଅର୍ଦ୍ଧ ସରକାରୀ ସମ୍ବାଦପତ୍ରମାନ ଏ କଥା ଅସତ୍ୟ ଥିବାର ପ୍ରକାଶ କରୁଅଛନ୍ତି ଅନୁମାନ ହୁଏ ଜର୍ମାନୀ ରୁଷକୁ ତୋପଗୋଳା ଯୋଗାଇବା ନିମନ୍ତେ ପଣ ହେବା ଓ ପୋର୍ଟଆର୍ଥର ମଧ୍ୟସ୍ଥ ସେନାମାନଙ୍କ ସିଂହାକରେ ଅସ୍ତ୍ର ଦେବାର ବନ୍ଦୋବସ୍ତ କରିବାରୁ ଏ କଥା ଉଠିଅଛି ।

---

## ତିବତ ଅଭିଯାନ ।

ବ୍ରିଟିଶ ଓ ତିବତୀୟଙ୍କ ମଧ୍ୟରେ ଯେଉଁ ସନ୍ଧି ହୋଇଅଛି ତହିଁର ନିୟମମାନ ସରକାରୀ ଭାବରେ ପ୍ରକାଶ ହୋଇ ନାହିଁ । ନିମ୍ନଲିଖିତ ସର୍ତ୍ତମାନ ହୋଇଥିବାର ଟାଇମସ୍ ସମ୍ବାଦପତ୍ରରୁ ଜଣାଯାଏ ଯଥା :—

୧ । ତିବତୀୟମାନେ, ୟାଟୁଙ୍ଗ, ଗିଆଇସି ଓ ଗାର୍ଟକରେ ହାଟ ସ୍ଥାପନ କରିବେ ।

୨ । ତିବତ ୫ ଲକ୍ଷ ଷ୍ଟର୍ଲିଂ ଅଥବା ୭୫ ଲକ୍ଷ ଟଙ୍କା କ୍ଷତିପୂରଣ ତିନି ବର୍ଷରେ ଦେବେ ।

୩ । କ୍ଷତିପୂରଣ ଟଙ୍କା ଆଦାୟ ହେବା ପର୍ଯ୍ୟନ୍ତ ବ୍ରିଟିଶ ସୈନ୍ୟଦଳ ଚୁମ୍ବି ଉପତ୍ୟକାରେ ଅବସ୍ଥାପନ କରୁଥିବେ ।

୪ । ଗ୍ରେଟ ବ୍ରିଟେନଙ୍କ ବିନା ଅନୁମତିରେ କୌଣସି ତିବତୀୟ ପ୍ରଦେଶରେ ଅନ୍ୟ କେହି ବିଦେଶୀୟ ବଳ ଅଧିକାର କରିପାରିବ ନାହିଁ କିମ୍ବା ପଟ୍ଟା ନେଇ ପାରିବ ନାହିଁ ।

୫ । କୌଣସି ବିଦେଶୀୟ ବଳ ତିବତର ଶାସନ କାର୍ଯ୍ୟରେ ହସ୍ତକ୍ଷେପ କରିବ ନାହିଁ । ଅଥବା ସଡ଼କ ବାଟ ରେଲବେ ବା ଟେଲିଗ୍ରାଫ ପ୍ରସ୍ତୁତ କରି ପାରିବ ନାହିଁ କିମ୍ବା ଖଣି କାର୍ଯ୍ୟ କରିବେ ନାହିଁ ।

ତିବତ ଅଭିଯାନର ପ୍ରତ୍ୟାଗମନ ବାରଣ ଉନଭମାସର ତା ୨୩ ରଖ ନିର୍ଦ୍ଦିଷ୍ଟ ହୋଇଅଛି ପ୍ରାୟ ସବୁ ଡିଟାଚମେଣ୍ଟରେ ବଲଫ ପଡ଼ିଛି ହୋଇଅଛି ପ୍ରତଗ ଡିଭିଶନଙ୍କୁ ଅତିକ୍ରମ କରି ଆସିବା ବଡ଼ ଶକ୍ତ କିନ୍ତୁ ଅଭିଯାନ ଯେତେ ଶୀଘ୍ର ଭାରତରେ ଆସି ପାରନ୍ତି ସେଥିରେ ଚେଷ୍ଟିତ ଅଛନ୍ତି ।

ଚୀନ ସମ୍ରାଟଙ୍କ ଆଦେଶ କ୍ରମେ ଚୀନ ଅମ୍ବାନ ଘୋଷଣା ଦେଇଅଛନ୍ତି ଯେ ଦଲାଇଲାମା ପଦଚ୍ୟୁତ ହେଲେ ଓ ସିଗାଚିସିର ତାସିଲାମା ସେହି ପଦରେ ଅଭିଷିକ୍ତ ହେଲେ ।

---

## ଘଣ୍ଟକଲେଜ ।

ମାନ୍ୟବର ବଙ୍ଗେଶ୍ୱର ସର ଫ୍ରେଜର ବାହାଦୁର ଗ୍ରୀଷ୍ମ ଗସ୍ତରୁ ଫେରି ଆସି ଗତ ଶନିବାର ଅପରାହ୍ନରେ କଲିକତାରେ ବେଲଭେଡିୟର ନାମକ ତାହାଙ୍କର ଲାଟ ଭବନରେ ଗୋଟିଏ ସଭା କରିଥିଲେ । ସଭାର ନିମନ୍ତ୍ରଣ ପତ୍ର ପୂର୍ବରୁ ପଠାଯାଇଥିଲା ଏବଂ ତଦନୁସାରେ କଲିକତା ନଗର ସହିତ ବଙ୍ଗଳାର ଦୂରବର୍ତ୍ତୀ ଜିଲ୍ଲାମାନଙ୍କର ପ୍ରାୟ ଜ ୭୦ ଣ ସମ୍ଭ୍ରାନ୍ତ ବ୍ୟକ୍ତିଙ୍କ ସମାଗମ ହୋଇଥିଲା । ଅନ୍ୟାନ୍ୟଙ୍କ ମଧ୍ୟରେ ଢାକାର

Split by PDF Splitter
Digitized by srujanika@gmail.com

Split by PDF Splitter



ନବାବ ବାହାଦୁର, ଦରଭଙ୍ଗା, ବର୍ଦ୍ଧମାନ, ଡିଙ୍ଘୋର, କାଶିମବଜାରର ମହାରାଜାମାନେ, ମହାରାଜା ସର ଯତୀନ୍ଦ୍ରମୋହନ ଠାକୁର, ରାଜା ପ୍ୟାରିମୋହନ ମୁଖର୍ଯ୍ୟା, ରାଜା ବନବିହାରୀ କାପୁର, ମହାରାଜକୁମାର ପ୍ରଦ୍ୟୋତକୁମାର ଠାକୁର ପ୍ରଭୃତି ଉପସ୍ଥିତ ଥିଲେ । ମାନ୍ୟବର ଲେଫଟେନାଣ୍ଟ ସରି ହେମ୍ରର ବାହାଦୁର ଏକ ଦୀର୍ଘ ବକ୍ତୃତାରେ ତାହାଙ୍କର ଅଭିପ୍ରାୟ ପ୍ରକାଶ କଲେ । ତହିଁର ସଂକ୍ଷେପ ମର୍ମ ଏହି ଯେ କଲିକତାରୁ ପ୍ରେସିଡେନ୍ସି କଲେଜକୁ ବାହାରକୁ ଉଠାଇ ନେବା ତାହାଙ୍କର ଅଭିପ୍ରାୟ ନୁହେ । ବରଂ ସେ କଲେଜର ଉନ୍ନତି କରିବାକୁ ଯତ୍ନ କରୁଅଛନ୍ତି ଏବଂ କଲିକତାରେ ତାହା ରହିବାର ଉଚିତ । କେତେକ ଧନଶାଳୀ ଜମିଦାରମାନଙ୍କର ପିଲାମାନଙ୍କ ସକାଶେ ଗୋଟିଏ ପୃଥକ କଲେଜର ପ୍ରସ୍ତାବ ହୋଇଥିଲା ଏବଂ ମୁସଲମାନମାନେ ଗୋଟିଏ ଭିନ୍ନ କଲେଜ ନେଇଥିଲେ । ଭିନ୍ନ ସମ୍ପ୍ରଦାୟ ସକାଶେ ଭିନ୍ନ କଲେଜ ହେବା ହିତକର ଓ ଶୁଭାକାଙ୍କ୍ଷ ନୁହେ । ସକଳ ଜାତିର ରାଜା ଜମିଦାର ଓ ଉଚ୍ଚଶ୍ରେଣୀର ଲୋକଙ୍କ ସନ୍ତାନମାନଙ୍କ ସକାଶେ ଗୋଟିଏ କଲେଜ ଓ ତହିଁ ସଙ୍ଗେ ହିନ୍ଦୁ ମୁସଲମାନ ଖ୍ରୀଷ୍ଟିୟାନମାନଙ୍କ ସକାଶେ ଭିନ୍ନ ଛାତ୍ରାବାସ ସ୍ଥାପନ କରିବା ଯୁକ୍ତିସଙ୍ଗତ ଅଟେ । କଲେଜରେ ସମସ୍ତେ ଏକତ୍ରେ ଅଧ୍ୟୟନ କରିବେ ଏବଂ ଛାତ୍ରାବାସରେ ଯେ ଯାହାର ନିଜ ନିଜ ଧର୍ମ ଓ କୁଳାଚାରରେ ରହିବେ । କଲେଜରେ ଧର୍ମଶିକ୍ଷା ଦିଆଯିବ ନାହିଁ କାରଣ ତାହା ଗବର୍ଣ୍ଣମେଣ୍ଟଙ୍କର ନୀତିର ବିରୁଦ୍ଧ । ମାତ୍ର ଭିନ୍ନ ଛାତ୍ରାବାସରେ ଭିନ୍ନ ଧର୍ମର ଉପଯୁକ୍ତ ବ୍ୟକ୍ତିମାନେ ନିଯୁକ୍ତ ହୋଇ ପ୍ରତିଦିନ ଅର୍ଦ୍ଧଘଣ୍ଟା ବା ପାଏଘଣ୍ଟା ଧର୍ମଶିକ୍ଷା ଦେବେ । ଜମିଦାର ଓ ମୁସଲମାନ ଭଦ୍ରଲୋକମାନେ ଏବଂ ସବଜଜ, ମୁନସଫ, ଡେପୁଟି କଲେକ୍ଟର, ବାରିଷ୍ଟର, ଉକିଲ, ଡାକ୍ତର, ଇଞ୍ଜିନିୟର ପ୍ରଭୃତି ସରକାରୀ କର୍ମଚାରୀ ଓ ବ୍ୟବସାୟୀମାନେ ମୋଫସଲର ନାନା ସ୍ଥାନରେ କାର୍ଯ୍ୟୋପଲକ୍ଷରେ ରହୁଥିବାରୁ ବହୁ ବ୍ୟୟ ଓ ପ୍ରଲୋଭନ ହେତୁ ନିଜ ସନ୍ତାନଙ୍କୁ କଲିକତାରେ ପଢ଼ାଇବାର ସମ୍ଭବତ ଜ୍ଞାନ କରନ୍ତି ସେମାନଙ୍କ ସକାଶେ ଏହି ପ୍ରସ୍ତାବିତ କଲେଜ ଓ ଛାତ୍ରାବାସ କାର୍ଯ୍ୟକରୀ ହେବ ଏବଂ ସେମାନଙ୍କ ମଧ୍ୟରୁ ଅନେକେ ତାହା ନେଉଥିବାର କଥା କାର୍ତ୍ତାଦ୍ୱାରା ବୁଝା ଯାଉଅଛି । ଏ ପ୍ରକାର ଛାତ୍ରାବାସ ସଂଯୁକ୍ତ କଲେଜ ସକାଶେ ଅତ୍ୟନ୍ତ ସ୍ୱାସ୍ଥ୍ୟକର ପ୍ରଲୋଭନ ଶୂନ୍ୟ ପ୍ରଶସ୍ତ ସ୍ଥାନ ଆବଶ୍ୟକ ଏବଂ ବିସ୍ତର ଅନୁସନ୍ଧାନରେ ବୁଝା ଯାଉଅଛି ଯେ ସହରରେ ଉପଯୁକ୍ତ ସ୍ଥାନ ନାହିଁ । ଅତଏବ ସହରଠାରେ ସେହି କଲେଜ ବସାଇବାର କଥା ହେଉଅଛି । କଲେଜ ଓ ଛାତ୍ରାବାସାଦି ଗୃହ ନିର୍ମାଣରେ ଅନେକ ଟଙ୍କା ବ୍ୟୟ ହେବ ଏବଂ ଗବର୍ଣ୍ଣମେଣ୍ଟ ପ୍ରଚୁର ସାହାଯ୍ୟ ଦେବାକୁ ପ୍ରସ୍ତୁତ ହେଲେହେଁ ସାଧାରଣ ଲୋକଙ୍କର ସାହାଯ୍ୟ ଆବଶ୍ୟକ ହୋଇଅଛି । ସଭା ଯେବେ ଏ ପ୍ରସ୍ତାବ ଅନୁମୋଦନ କରନ୍ତେ ତେବେ ତାହା କାର୍ଯ୍ୟରେ ପରିଣତ କରିବାକୁ ଯତ୍ନବାନ ହେବେ ଏହି ଅଭିପ୍ରାୟରେ ଏ ସଭା ଆହୂତ ହୋଇଅଛି । ମାନ୍ୟବର ମହୋଦୟଙ୍କର ବକ୍ତବ୍ୟ ଶେଷ ହେବାରୁ ଢାକାର ନବାବ ବାହାଦୁରଙ୍କର ପ୍ରସ୍ତାବ ମତେ ଗୋଟିଏ କମିଟି ଗଠିତ ହୋଇ ସଭାର କାର୍ଯ୍ୟ ଶେଷ ହେଲା । କମିଟି ଯାହା କରିବ କରିବେ ତାହା କ୍ରମେ ଜଣା ପଡ଼ିବ ।

---

## ସରକାରୀ ଚାକରି ଓ ଦେଶୀୟଲୋକ ।

ଦେଶୀୟଲୋକଙ୍କର ଦାବୀ ପ୍ରତି ଉଚିତ ଦୃଷ୍ଟି ନ ରଖି ବିଲାତି ଓ ଫିରିଙ୍ଗିଙ୍କୁ ଅଧିକ ପରିମାଣରେ ସରକାରୀ ଚାକରିରେ ନିଯୁକ୍ତ କରିବାର ସୁବିଧା ଅନେକଥର ଶ୍ରୀ ମହାମାନ୍ୟ ଲର୍ଡ଼କର୍ଜ୍ଜନ ଗତ ବଜେଟ ସମ୍ବନ୍ଧୀୟ ବକ୍ତୃତାରେ ତହିଁର ପ୍ରତିବାଦ ସଂକ୍ଷେପରେ କରିଥିବାର ପାଠକମାନଙ୍କୁ ଯଥାକାଳରେ ଜଣାଇଥିଲୁଁ । ସେହି ବକ୍ତୃତାରେ ଯେ ସମସ୍ତ ତାଲିକାର ଉଲ୍ଲେଖ କରିଥିଲେ ସେ ସମସ୍ତ ଇଣ୍ଡିଆଗବର୍ଣ୍ଣମେଣ୍ଟର ଗୋଟିଏ ବିସ୍ତାରଣ ସହିତ ସର୍ବସାଧାରଣଙ୍କ ଗୋଚରାର୍ଥେ ଇଣ୍ଡିଆଗେଜେଟରେ ପ୍ରକାଶ ହୋଇଅଛି ଏବଂ ସେହି ବିବରଣରେ ମହାମାନ୍ୟ ମହୋଦୟଙ୍କର ମନ୍ତବ୍ୟ ବ୍ୟକ୍ତ ହୋଇଅଛି । ତାଲିକାମାନ ବିସ୍ତାରିତରୂପେ ପ୍ରସ୍ତୁତ ହୋଇଅଛି । ଯଥା ଇଣ୍ଡିଆଗବର୍ଣ୍ଣମେଣ୍ଟ ଏବଂ ଭିନ୍ନ ପ୍ରାଦେଶିକ ଶାସନର ଅଧୀନରେ ଥିବା ସିଭିଲ (ଶାସନ ଓ ବିଚାରକାର୍ଯ୍ୟ) ବିଭାଗୀୟ ପୃଥକ୍ ପୃଥକ୍ ମାସିକ ଟ ୭୫ ଟଙ୍କା ଠାରୁ ଟ ୪୦୦୦ ଟଙ୍କା ବା ତଦୂର୍ଦ୍ଧ୍ୱ ବେତନଭୋଗୀ ବିଲାତି, ଫିରିଙ୍ଗି, ହିନ୍ଦୁ ଏବଂ ମୁସଲମାନ କର୍ମଚାରୀଙ୍କର ସଂଖ୍ୟା ବେତନର ପ୍ରମାଣ ସହିତ ପୃଥକ୍ ରୂପେ ଅର୍ଥାତ୍ ଟ ୭୫ ଟଙ୍କାରେ ଏତେ ଜଣ ଏକଶ ଟଙ୍କାରେ ଏତେ ଇତ୍ୟାଦି କ୍ରମେ ଏକହଜାର ଟଙ୍କା ପର୍ଯ୍ୟନ୍ତରେ ଏତେଜଣ ଏବଂ ଏକହଜାର ଟଙ୍କାରୁ ଊର୍ଦ୍ଧ୍ୱ ୨, ୩ ବା ୪ ହଜାର ଟଙ୍କା ବେତନର ଏତେ ଜଣ ଏହିପରି ବିସ୍ତାରିତରୂପେ ପ୍ରଦର୍ଶିତ ହୋଇଅଛି ଏବଂ ତହିଁର ସାର ସଙ୍କଳନସ୍ୱରୂପ ଏକଖଣ୍ଡ ତାଲିକା ପ୍ରସ୍ତୁତ ହୋଇଅଛି ଏବଂ ସମସ୍ତ ତାଲିକାରେ ସନ ୧୮୬୭ ସାଲସଙ୍ଗେ ସନ ୧୯୦୩ସାଲର ଅବସ୍ଥା ତୁଳନା କାରଣ ଉକ୍ତ ଦୁଇସାଲର ଅଙ୍କ ପ୍ରକାଶିତ ହୋଇଅଛି । ସାରସଙ୍କଳନ ତାଲିକାଟି ମଧ୍ୟ ସାଙ୍ଗ କରିବ ସୁଦୀର୍ଘ ତାହା ମଧ୍ୟ ପ୍ରକାଶ କରିବାକୁ ଏ ପତ୍ର ପକ୍ଷିକାରେ ସ୍ଥାନ ନାହିଁ । ପାଠକମାନଙ୍କର ଜାଣିବା କାରଣ ମାତ୍ର ଦୁଇବର୍ଷର ଗୋଟିଏ ମୋଟ ଫଳ ନିମ୍ନେ ପ୍ରକାଶ କଲୁଁ ଯଥା

| | ସନ ୧୮୬୭ | | ସନ ୧୯୦୩ | |
|---|---|---|---|---|
| ଜାତି | ସଂଖ୍ୟା | ବେତନ | ସଂଖ୍ୟା | ବେତନ |
| ଇଉରୋପୀୟ | [illegible] | [illegible] | [illegible] | [illegible] |
| ଫିରିଙ୍ଗି | [illegible] | [illegible] | [illegible] | [illegible] |
| ଦେଶୀ ହିନ୍ଦୁ ମୁସଲମାନ | [illegible] | [illegible] | [illegible] | [illegible] |
| ମୋଟ | [illegible] | [illegible] | [illegible] | [illegible] |

ଏଥିରୁ ଗବର୍ଣ୍ଣମେଣ୍ଟ ଦେଖାଇଅଛନ୍ତି ମାସିକ ଟ ୭୫ ଟଙ୍କା ଓ ତଦୂର୍ଦ୍ଧ୍ୱ ବେତନର କର୍ମଚାରୀ ସଂଖ୍ୟା ଗତ ବ ୩୭ ବର୍ଷ ମଧ୍ୟରେ ଦ୍ୱିଗୁଣରୁ ଅଧିକ ବଢ଼ିଥିଲେହେଁ ବ୍ୟୟ ଦ୍ୱିଗୁଣରୁ ଊଣା ପଡ଼ିବାଦ୍ୱାରା ପ୍ରକାଶ ପାଉଅଛି ଯେ ଉଚ୍ଚପଦସ୍ଥ ଚାକରି ବଢ଼ାଇବାଦ୍ୱାରା ସରକାରୀ ବ୍ୟୟ ବୃଦ୍ଧି ପ୍ରତି ଗବର୍ଣ୍ଣମେଣ୍ଟ ସାବଧାନ ଅଛନ୍ତି ଏବଂ ଭିନ୍ନ ଜାତିର ଚାକରଙ୍କ ମଧ୍ୟରେ ବିଲାତି ଅପେକ୍ଷା ଦେଶୀୟ ଚାକରଙ୍କ ବେତନରେ ଅଧିକ ଉନ୍ନତି ହେଉଅଛି । ଏପରି ବେତନର ହାରାହାରି ଦର ଦେଖାଇଅଛନ୍ତି ଯେ ଉକ୍ତ ବିଲାତି ଓ ଫିରିଙ୍ଗିଙ୍କର ବେତନରେ ହାରାହାରି ଶତକଡ଼ା ୨୦ ବୃଦ୍ଧି ହୋଇଥିବାସ୍ଥଳେ ଦେଶୀୟଙ୍କର ହାରାହାରି ବେତନ ଶତକଡ଼ା ୧୯୧ ବୃଦ୍ଧି ହୋଇଅଛି । ଏହି ଉଚ୍ଚ ବେତନର କାର୍ଯ୍ୟର ହାରାହାରି ହିସାବରେ ଦେଶୀୟଲୋକଙ୍କ ସପକ୍ଷରେ ହାରାହାରି ଅଙ୍କ ଅଧିକ ପଡ଼ିବାର ଦେଖାଇ ମହାମାନ୍ୟ ଲର୍ଡ଼ ଶ୍ରୀଲ କର୍ଜ୍ଜନ କହିଅଛନ୍ତି କି ଦେଶୀୟଲୋକଙ୍କ କଥା ଛାଡ଼ି ବିଲାତି ଏବଂ ଫିରିଙ୍ଗିମାନଙ୍କ ପୋଷିବାର ଅଭିଯୋଗ ଅନ୍ୟାୟ ଏବଂ ଭ୍ରମମୂଳକ ଅଟେ ଏବଂ ଚାକରହେବା ବିଷୟରେ ଗବର୍ଣ୍ଣମେଣ୍ଟ ଭିନ୍ନ ଶ୍ରେଣୀର ଲୋକଙ୍କ ମଧ୍ୟରେ ନିରପେକ୍ଷ ବିଚାର କରିବାରେ ତ୍ରୁଟି କରୁ ନାହାନ୍ତି । ଅତଃପର ମହାମାନ୍ୟ ମହୋଦୟ ବୁଝାଇ ଦେଇଅଛନ୍ତି କି ସରକାରୀ ଚାକରି ବଣ୍ଟନରେ ଯେଉଁ ଏକ ନିୟମ ପ୍ରତିପାଳିତ ହେଉଅଛି ଗୋଟିଏ ଏହି କି ଉଚ୍ଚଶ୍ରେଣୀର ଚାକରିମାନ ଯାହାକି ଇମ୍ପିରିଆଲ ସିଭିଲସର୍ଭିସ ନାମରେ ପରିଚିତ ତହିଁରେ ସାଧାରଣତଃ ଇଂରାଜମାନେ ନିଯୁକ୍ତ ହେବେ କାରଣ ସେମାନେ ବଂଶାନୁକ୍ରମ ଏବଂ ଶିକ୍ଷା ଓ ସାଧନଦ୍ୱାରା ଉଚ୍ଚଶାସନପଦର ପାଇବାର ଯୋଗ୍ୟ ଅଟନ୍ତି । ଦ୍ୱିତୀୟ ନିୟମ ଏହି କି ପ୍ରଥମୋକ୍ତ ଉଚ୍ଚଶ୍ରେଣୀର ଚାକରି ଛଡ଼ା ଅନ୍ୟ ସମସ୍ତ ଚାକରି ଯଥା ସମ୍ଭବ ଦେଶୀୟଙ୍କ-

Digitized by srujanika@gmail.com

Split by PDF Splitter



ହେବୁ ହସ୍ତାଯିବ । କାରଣ ଏକ ଦିଗରେ ଯେମନ୍ତ ଉଚ୍ଚଶ୍ରେଣୀସ୍ଥ କର୍ମଚାରୀଙ୍କ ସଂଖ୍ୟା ନ ବଢ଼ାଇ ଏକ ସୀମା ମଧ୍ୟରେ ରଖିବା ଆବଶ୍ୟକ, ଅନ୍ୟ ଦିଗରେ ସେମନ୍ତ ଦେଶୀୟ ଲୋକଙ୍କର ଶିକ୍ଷାର ଉପଯୁକ୍ତ ହେବା ଏବଂ ରାଜକାର୍ଯ୍ୟରେ ସେମାନଙ୍କ ଉପରେ ଆସ୍ଥା ଜନ୍ମାଇବା ଆବଶ୍ୟକ । ମାତ୍ର ଉକ୍ତ ମଧ୍ୟରୁ ଯେ ସମସ୍ତ ଚାକିରି ସହାଯେ ବିଶେଷ ବୈଜ୍ଞାନିକ ବା ପାରଦର୍ଶିତା ଜ୍ଞାନ ଅଥବା ଶାରୀରିକ ବଳର ପ୍ରୟୋଜନ ସେ ସମସ୍ତରେ ବିଳାତି ଲୋକଙ୍କୁ ଦେଶୀୟଲୋକଙ୍କ ସହିତ ମିଶାଇ କାର୍ଯ୍ୟ ହେବା ଉଚିତ । ଏହି ସମସ୍ତ ନିୟମ ଦୃଢ଼ରୂପେ ରକ୍ଷା କରିବାକୁ ଗବର୍ଣ୍ଣମେଣ୍ଟ ସର୍ବଦା ମନୋଯୋଗୀ ଅଟନ୍ତି ଏବଂ ତାଲିକାମାନଙ୍କରୁ ତାହା ଉତ୍ତମରୂପେ ପ୍ରକାଶ ପାଉଅଛି ।

ଉପରଲିଖିତ ବର୍ଣ୍ଣନା ପଢ଼ି ଆମ୍ଭେମାନେ ଅତ୍ୟନ୍ତ ହତାଶ ଓ ଦୁଃଖିତ ହୋଇଅଛୁ । ତ ୫୦ ବର୍ଷ ପୂର୍ବେ ଦେଶୀୟ ଲୋକଙ୍କର ବିଦ୍ୟା ଶିକ୍ଷାର ଅବସ୍ଥା ଯାହା ଥିଲା ବର୍ତ୍ତମାନ ତହିଁରୁ ଅନେକ ଉନ୍ନତ ହୋଇଅଛି ଏ ବିଷୟରେ ସନ୍ଦେହ ନାହିଁ । ବାସ୍ତବରେ ଦେଶୀୟ ଶିକ୍ଷିତ ଲୋକମାନେ ଯେତେଦୂର ଉଚ୍ଚପଦରେ ନିଯୁକ୍ତ ହୋଇଅଛନ୍ତି ତହିଁରେ, ଆଶାନୁରୂପ ଯୋଗ୍ୟତା ଦେଖାଇ ପ୍ରଶଂସା ଲାଭ କରିଅଛନ୍ତି ଏବଂ ଉଚ୍ଚ ଶ୍ରେଣୀର ଇଂରେଜ କର୍ମଚାରୀମାନେ ତାହା ମୁକ୍ତ କଣ୍ଠରେ ପୁନଃ ପୁନଃ ସ୍ୱୀକାର କରିଅଛନ୍ତି । ଏମନ୍ତ ସ୍ଥଳେ ଏଣିକି ଦେଶୀୟଲୋକଙ୍କର ଦାବି ଉପେକ୍ଷା କରି ସେମାନଙ୍କର ପ୍ରାପ୍ୟ ଉଚ୍ଚପଦରେ କ୍ରମେ ଅଧିକ ସଂଖ୍ୟକ ବିଳାତି ଓ ଫିରିଙ୍ଗିଙ୍କୁ ଭରତି କରିବାରେ ସେମାନେ ସ୍ୱଭାବତଃ ଦୁଃଖିତ ହୋଇ କେତେ କାଳରୁ ତାହା ପ୍ରକାଶ କରି ଆସୁଅଛନ୍ତି । ପୂର୍ବ ଗବର୍ଣ୍ଣର ଜେନେରଲମାନେ ତାହା ନୀରବରେ ଶୁଣୁଥିଲେ । ମାତ୍ର ଲର୍ଡ କର୍ଜନଙ୍କୁ ତାହା ଅସହ୍ୟ ହେଲା ଏବଂ ସେ ତାଲିକାମାନ ପ୍ରସ୍ତୁତ କରି ତହିଁର ସତ୍ୟତା ବୁଝିଦେବେ କଥା ଅଟେ । ଯଦ୍ୟପିକ ମୋଟ ହିସାବ ତାଙ୍କ ହାସିଲର ହିସାବ ଦେଖି ସେ ତୃପ୍ତି ହେବାର ପ୍ରକାଶ କରିଅଛନ୍ତି । ମାତ୍ର ସେ ବିସ୍ତାରିତ ତାଲିକାମାନଙ୍କରୁ ସ୍ପଷ୍ଟ ବୁଝି ଅଛନ୍ତି ଯେ ଅନେକ ମହକୁମାରେ ଦେଶୀୟଲୋକ କେହି ନାହାନ୍ତି ଅଥବା ନିମ୍ନ ସ୍ତରରେ ପଡ଼ି ରହିଅଛନ୍ତି ଏବଂ ଏ ମହକୁମାର ପ୍ରଧାନ କର୍ମଚାରୀ ସ୍ପଷ୍ଟ ଉତ୍ତର ଦେଇଅଛନ୍ତି କି ବିଳାତି ଓ ଫିରିଙ୍ଗି ଛଡ଼ା କେହି କାର୍ଯ୍ୟ ପାଇବେ ନାହିଁ । ଲର୍ଡ କର୍ଜନ ଯେବେ ତାହା ନ ବୁଝି ତାଲିକା ଦେଖାଇ ଶାନ୍ତ ହୋଇଥାନ୍ତେ ତାହା ହେଲେ ମଧ୍ୟ ଭରସା ଥିଲା । ମାତ୍ର ସେ ଯେତେବେଳେ ଇଣ୍ଡିଆ ଗବର୍ଣ୍ଣମେଣ୍ଟ ସମ୍ବନ୍ଧୀୟ ଆଇନ ସ୍ୱର୍ଗୀୟ ମହାରାଣୀଙ୍କର ଘୋଷଣାପତ୍ର, ସିଭିଲ ସର୍ଭିସ କମିଶନ ମନ୍ତବ୍ୟ ଏବଂ ପୂର୍ବ ଗବର୍ଣ୍ଣରଜେନେରଲମାନଙ୍କର ଦରବାରରେ ପ୍ରଚାରିତ ଆଶ୍ୱାସ ବାକ୍ୟମାନ ଯହିଁରେ ପୁନଃ ପୁନଃ ଗବର୍ଣ୍ଣମେଣ୍ଟ କହିଅଛନ୍ତି କି ଜାତି ବର୍ଣ୍ଣ ବିଚାର ବିନା କେବଳ ଯୋଗ୍ୟତା ଅନୁସାରେ ସରକାରୀ ଚାକିରି ଦିଆଯିବ ସେସମସ୍ତର ବିପରୀତ ଜାତି ବିଚାର କରି ଚାକିରି ଦେବାର ନିୟମ ଲିପିବଦ୍ଧ କରିଅଛନ୍ତି ସେତେବେଳେ ଏ ଦେଶୀୟଙ୍କର ବର୍ତ୍ତମାନ ଓ ଭବିଷ୍ୟତ ଉଦ୍ୟମକାଳର କ୍ଷତି କରିଅଛନ୍ତି । ସେ ଲିପି ଅନ୍ୟଥା ହେବା ପର୍ଯ୍ୟନ୍ତ ଦେଶୀୟଲୋକଙ୍କର ମଧ୍ୟ ଅଧିକ ଚାକିରି ପାଇବାର ଆଶା ନାହିଁ । ଏଥିରୁ ବଳି ଦୁଃଖର କଥା ଆଉ କଣ ହୋଇ ପାରେ ?

---

# ସାପ୍ତାହିକସଂବାଦ ।

## କଲିକତା ଗେଜେଟ ।

ପଣ୍ଡିତ ଏକାଂ ଦାସ ଓ ସେସନ ଜଜ ବାବୁ ସରେନ୍ଦ୍ର କୁମାର ବୋଷ ଏସ୍ ଶ୍ରେଣୀର ଜଜ ପଦରେ ବାହାଲ ହେଲେ ।

ଯୁବକ ମାଜିଷ୍ଟ୍ରେଟ ଓ କଲେକ୍ଟର ମିଃ ଜେ, ଅର, ବ୍ରାଉନ ଅଗାମୀ ଅକ୍ଟୋବର ମାସ ତା ୭ ଋଖଠାରୁ ୩ ମାସ ଛୁଟି ପ୍ରାପ୍ତ ହେଲେ ।

ସୁରଲ ଅସିଷ୍ଟେଣ୍ଟ ସିଭିଲ ସର୍ଜନ ବାବୁ ନ, ଲ ଭଟ୍ଟାଚାର୍ଯ୍ୟ କଲିକତା ମେଡ଼ିକେଲ କଲେଜର ପ୍ରୋଫେସର ପଦରେ ନିଯୁକ୍ତ ହେଲେ । ମାତ୍ର ଅନ୍ୟ ଆଦେଶ ପର୍ଯ୍ୟନ୍ତ ସୁରଲ ସିଭିଲ ସର୍ଜନ କାର୍ଯ୍ୟରେ ରହିବେ ।

ମିଃ ଜି, ଲ, ଚକ୍ରବର୍ତ୍ତୀ ଅଗାମୀ ଅକ୍ଟୋବର ମାସ ତା ୨୫ ଋଖଠାରୁ ଦୁଇମାସ ଛୁଟି ଭୋଗ କରିବାର ଅନୁମତି ପ୍ରାପ୍ତ ହେଲେ ।

---

ଏ ସପ୍ତାହରେ ଏ ନଗରରେ ଅଟେଶୀ ବୃଷ୍ଟି ହୋଇଥିଲା ଏବଂ ଏହି ଋତୁ ଏବେ ଶୀଘ୍ର ଅନ୍ତ ହୋଇଯିବା । ତତ୍ ଦୃଷ୍ଟିରୁ ଚୈତ୍ର ମେଘ ଛାଡ଼ିବାର ପରି ଲକ୍ଷଣ ଯାଉଅଛି ।

ଏ ନଗରର ସ୍ୱାସ୍ଥ୍ୟ ବର୍ତ୍ତମାନ ଉତ୍ତମ ଅଛି ।

ଶୁଣାଯାଏ ବାବୁ ଦାମୋଦର ପଟ୍ଟନାୟକ ଅଠଗଡ଼ର ଦେୱାନ କାର୍ଯ୍ୟରୁ ବିଦାୟ ହେବାର ଇଚ୍ଛାରେ ଇସ୍ତଫା ଦାଖଲ କରିଅଛନ୍ତି ।

ଗଣେଶ ପୂଜା ଉପଲକ୍ଷରେ ଏ ନଗରର ନାନାସ୍ଥାନରେ ନାଚ ମଜଲିସ ହୋଇଥିଲା । ଚୌଧୁରୀ ବଜାର ରେଲବେ ଷ୍ଟେସନ ନିକଟରେ ଭାଗବତ ଗାନ ହୋଇଥିଲା ।

ଅଳ୍ପଦିନ ତଳେ ଜଣେ ମୁସଲମାନ ଆପଣା ସଙ୍ଗେ ଗୋଟିଏ ଅନାଥ ବାଳକକୁ ପ୍ରତିପାଳନ କରୁଥିଲେ । ବାଳକଟି ୬ ୧୪ । ୧୫ ବର୍ଷ ହୋଇଥିବ । ଅଳ୍ପଦିନ ତଳେ ସେହି ମୁସଲମାନ ଜଣକ ଅକସ୍ମାତ ଅଦୃଶ୍ୟ ହୋଇ ବାଳକଟିର ଅଳଙ୍କାର ଆଦି ନେଇ ଗୋଟିଏ ଦୋକାନରେ ବନ୍ଧକ ପକାଇଲା ଉପରେ ଦେବାସାଧ ତନ୍ତ୍ର ପାଇଥିବାର ସମ୍ବାଦ ମିଳିଛି । ପୋଲିସ ତଦନ୍ତ କରୁଅଛି ।

ରୁଷିଆର ସମ୍ରାଟ ଆପଣା ମାତାଙ୍କ ସହିତ ବଲଟିକ ଉପସାଗରସ୍ଥ ରଣତରୀମାନ ଦର୍ଶନ କରିଯିବାର ସମ୍ବାଦ ମିଳିଛି । ସେ ରଣତରୀମାନ ଯାପାନ ସଙ୍ଗେ ଯୁଦ୍ଧ କରିବାକୁ ଯାତ୍ରା କରିଅଛି ।

ଅଳ୍ପଦିନ ତଳେ ଗୋଟିଏ ବୋଟ ଘଟଣା ଘୋଷଣା କରି ଗଙ୍ଗାନଦୀରେ ଯାଉଥିବା ସମୟରେ ଘୋଡ଼ାର ସଙ୍ଗେ ବୁଡ଼ିଗଲା ଏବଂ ମହିଳାଙ୍କ ମଧ୍ୟରୁ ଜଣେ ବୁଡ଼ି ମରିଥିବାର ସମ୍ବାଦ ମିଳିଛି । ଅନ୍ୟ ନାଇଁମାନଙ୍କୁ ଗୋଟିଏ ଷ୍ଟିମର ସାହାଯ୍ୟ ରକ୍ଷା କରିଅଛି ।

କଲିକତାଠାରେ ଗୋଟିଏ ୧୯ ବର୍ଷ ବୟସ୍କ ବାଳକ ଜଣେ ବଣିକ ଦୋକାନରେ କାର୍ଯ୍ୟ କରୁଥିଲା । ଅଳ୍ପଦିନ ତଳେ ବିଷପାନ କରି ଯନ୍ତ୍ରଣାରେ ଅସ୍ଥିର ହୋଇ ଆପଣା ମାତାକୁ ଦେଖି କେମନ୍ତ ହୋଇ ଯାଇଥିବାର କହିଲା । ମା ତାହାକୁ ହାସପାତାଳକୁ ନେଇଗଲା ମାତ୍ର ସେଠାରେ କଷ୍ଟ ପାଇ ପରେ ମରି ଯାଇଥିବାର ଜଣାଗଲା ।

ଯାପାନ-ଯୋଦ୍ଧାମାନଙ୍କର କାର୍ଯ୍ୟ ସମ୍ବାଦେ ଆମେରିକାରୁ ୬୨ ହଜାର ଟନ ଲୁଣ ଓ ଘାସ ପଠାଇଅଛି । ଯୁଦ୍ଧର ବ୍ୟୟର ସୀମା ନାହିଁ ।

ଏକ ବ୍ୟକ୍ତି ରେଲରେ ଏକଦାକର ପାର୍ଶ୍ୱ ପଠାଇଥିଲା । ରେଲ ଷ୍ଟେସନରେ ଖାଲିସିଟି ଫାଇଯିବାରୁ ଭୂଲକରି ଭୁଲ ନସ ପହଞ୍ଚିଲା । ବମ୍ବଇରେ ପାର୍ଶ୍ୱ ପଠାଇବା ବ୍ୟକ୍ତିକୁ ୨ ବର୍ଷ କାରାବାସ ଓ ଏକଶତ ଟଙ୍କା ଜରିମାନା ହୋଇଅଛି ।

ବାବୁ ନଗେନ୍ଦ୍ର ନାଥ ଚଟ୍ଟୋପାଧ୍ୟାୟ ବ୍ରାହ୍ମଧର୍ମ ପ୍ରଚାର କରିବା କାରଣ ପାରସ୍ୟଦେଶକୁ ଗମନ କରିଥିଲେ । ବୋଗଦାଦ ନଗରରେ ସେ ଓଲା ଉଠା ରୋଗରେ ମଡ଼ାପଡ଼ିବାର ସମ୍ବାଦ ଆସିଅଛି ।

ଲର୍ଡ ଓ ଲେଡ଼ି କର୍ଜନ ଅଗାମୀ ଅକ୍ଟୋବରମାସ ତା ୧୪ ଋଖରେ ଜାହାଜରେ ଯାତ୍ରା କରିବେ ଏବଂ ସେଠାରୁ ଫେରିଲେ ସାତ କର ତା ୧୬ ଋଖ ଅପରାହ୍ନରେ ସିମଲାଠାରେ ପହଞ୍ଚି ଏଠାର ନଗରେ ଏବଂ ଡଚ୍ଛର ଲର୍ଡ ଆମ୍ପଥିଲ ମାନ୍ଦ୍ରାଜ ଯାତ୍ରା କରିବେ ।

## ସମ୍ବଲପୁର ସମ୍ବାଦ ।

ଏହି ସ୍ଥାନର କେତେକ ଅଶିକ୍ଷିତ ଲୋକ "ମଦ୍‌ଭାଗବତ" ର ଛାପ ଦେଇ କେତେ ଋଷି ବାଣୀ ନିର୍ଣ୍ଣୟ ମହିମାର ସୁପ୍ତ ବେଗଙ୍କ ନାମରେ ଏକ ମିଥ୍ୟା ଅପବାଦ ଦେଇଅଛନ୍ତି । ଶିକ୍ଷିତ ଲୋକମାନେ ଆପଣାର ଅର୍ଥ ଗୁରୁ କାଗଜ ପତ୍ର ଏଥିରୁ ପୂର୍ଣ୍ଣମ ଉଡ଼ାଇବାର ଚେଷ୍ଟା ଏବଂ ପୂର୍ଣ୍ଣିମର ସତ୍ୟତାର ପ୍ରମାଣ ନିମିତ୍ତ ସେମାନଙ୍କ ଅନେକ ଦେଇଅଛନ୍ତି । ପରିଣାମ ପରେ ଲେଖାଯିବ ।

ପଦ୍ମପୁର, ବେଣ୍ଟକାର, ବଲପଡ଼ା ପ୍ରଭୃତି ଗ୍ରାମସମୂହ ଖାଟକୋଠି ଏବଂ ହିରାକୁଦ ନଦୀ କୂଳର ମଧ୍ୟବର୍ତ୍ତୀ ଗୋଟିଏ କ୍ଷୁଦ୍ର ଦ୍ୱୀପରେ ଅବସ୍ଥିତ । "ସମଲେଇଗାଡ଼" ମହାଶୟଙ୍କ ବଳ ନ ଥିବାରୁ ଏକ ଓ ଦଶପନ୍ଦର ଅଟେ ହୋଇ ନାହିଁ । ବର୍ଷା ଭଲରୂପେ ହେଲେ ଶାଗବଧାନ ଭଲ ହେବ ।

କେବଳ "କଟଦ୍ୟାଙ୍ଗାକୁଳ" ସଭାର ୨ ସୂ ବାର୍ଷିକ ବିଶେଷ ଅଧିବେଶନ ଉତ୍ସବମାନ ତା ୨୭ ରାତ୍ରି ରବିବାର ଦିବା ସ ୧ ଘ ସମୟରେ ହେବ । ଏଥିର ସଭାପତି କିଏ ଅଭ୍ୟର୍ଥନା ହୋଇଅଛି ?

## ଅନ୍ୟସ୍ଥାନ ସମ୍ବାଦ ।

ଗତ ତା ୧୯ ଋଖରେ ଅସ୍ମମାନଙ୍କ ସ୍କୁଲଗୃହରେ ଉକ୍ତସମିତିର ୩ସୂ ଅଧିବେଶନ ମହା ସମାରୋହରେ ସମ୍ପନ୍ନ ହୋଇଯାଇଅଛି । ସଭାସ୍ଥଳେ ମାନ୍ୟ ଗଣ୍ୟ ଗ୍ରାମ୍ୟ ଓ ଅନ୍ୟଗ୍ରାମ ପ୍ରାୟ ୬୦ ଜଣ ସଭ୍ୟ ଉପସ୍ଥିତ ଥିଲେ । ପରିଶେଷରେ ସ୍କୁଲର ବୋର୍ଡ ସଭ୍ୟ ଓ ପଣ୍ଡିତଙ୍କ ଗୋଟିଏ ବକ୍ତୃତା ଦେଇ ଅସ୍ମାନଙ୍କୁ ଅପ୍ୟାୟିତ କଲେ ।

Digitized by srujanika@gmail.com

Split by PDF Splitter



ଅଟକରେ ରହିଥିବା ନକଲନବିସ ଓ ମୁହୁରିମାନଙ୍କ ଦରଖାସ୍ତରେ କୋର୍ଟ ଫି ଷ୍ଟାମ୍ପ ଲାଗିବା ଦରକାର କି ନାହିଁ ଏ ବିଷୟ ଲାଗି ଅସୁବିଧା ଭୋଗୁଅଛନ୍ତି । ଏହା ଅନ୍ୟାୟ ନୁହଁ କି ।

କୁଣ୍ଡଳଧାରି ଅନ୍ତର୍ବର୍ତ୍ତୀ ବେତଗୋଲା ନାମକ ଜଙ୍ଗଲରେ ଶୃଗାଳ ଓ କୁକୁର ପ୍ରକୃତିର ସଂସର୍ଗରେ କେତେଗୁଡ଼ିଏ ଶାବକ ଉତ୍ପନ୍ନ ହୋଇ ଜନ୍ତୁତତ୍ତ୍ୱ କଉତୁକ ବଢ଼ାଇଅଛନ୍ତି । କୁକୁର ଏମାନଙ୍କୁ ଦେଖିଲେ କୁକୁର ଭଳି ବୋଧ ହୁଏ ।

## ପୁସ୍ତି-ସମ୍ବାଦ ।

ଜଗନ୍ନାଥଙ୍କ ମଠର ସମ୍ପତ୍ତିଭାଗ ପରମହଂସ ବୃନ୍ଦାବନ ସରସ୍ୱତୀ (ଭୂତନାଥ) ସ୍ୱାମୀ ସ୍ୱୀକାରଭାଗ ଅନ୍ତର୍ଦ୍ଧାନ ହୋଇ କଟକରେ ଥିବା ସମୟରେ ସମ୍ବାଦ ଶୁଣି ସେମାନେ ଆସିଥିଲେ । ଆଶ୍ରମ ଡାକ୍ତର ସାହେବଙ୍କର ଧୁଡକସ୍ଥାନରେ ଗଡ ସମ୍ପୂର୍ଣ୍ଣ ଅବେଦନ ହୋଇଥିଲା । ମାତ୍ର କିନ୍ତୁ ପାଡ ଉଠାଇ ଶକ୍ତି ହୀନ ହୋଇ ଜୀବନ୍ତି କି ସେବାଗ୍ରହଣ ହେବାର ଅସୁବିଧା ବୃଦ୍ଧି ହେବାରୁ ଗତ ତା ୧୯ ରିଖ ସୋମବାର ସ୍ୱାମୀଙ୍କର ଜନ୍ମସ୍ଥାନ ପରିତ୍ୟାଗ କରିଅଛନ୍ତି । ସେହି ସମୟରେ ତାହାଙ୍କର ସ୍ନାନଶୁଦ୍ଧି ସମସ୍ତ ହୋଇଥିଲା ଏବଂ ତାହାଙ୍କର ଶିଷ୍ୟ ଆଶ୍ରମସ୍ଥ ବ୍ୟକ୍ତିମାନେ ସ୍ମଶାନ ପର୍ଯ୍ୟନ୍ତ ଅନୁଗମନ କରିଥିଲେ । ପ୍ରଧାନ ଯୋଗୀ ସ୍ୱାମୀଙ୍କ ଦ୍ୱାରା ନାନାପ୍ରକାର ସ୍ୱାମିଙ୍କର ଜ୍ଞାନ ସମ୍ବନ୍ଧୀୟ ଶିକ୍ଷା ଏବଂ ଏହାଙ୍କ ବୟସ ଶତାଧିକ ହୋଇଥିବାର ଅନେକେ ଅନୁମାନ କରନ୍ତି ।

ଶାହାଣେ କେଲା ବର୍ଦ୍ଧନରେ ଯାତ୍ରିମାନଙ୍କ ଉପରେ ଦର୍ଶନ ଫିସ ଟ ୧୨ ଲେଖାଏଁ ଧାର୍ଯ୍ୟ ହେବାର ସେହି ସମ୍ବାଦ ଦେଇ ଥିଲୁ ମନ୍ଦିର ସେବକମାନଙ୍କର ପ୍ରାର୍ଥନାମତେ ପୁଣି ୫ ଟ କମେଇ ଲାଟ ସାହେବ ଉପରେ ଫିସ ହଟାଇ ଦେବା ସାଧାରଣର ସନ୍ତୋଷଜନକ ହୋଇଅଛନ୍ତି ।

ଦକ୍ଷିଣରୋର୍ଣ୍ଣ ମଠ ମହନ୍ତଙ୍କ ନାମରେ ଅନଧିକାର ପ୍ରବେଶ ସମ୍ବନ୍ଧରେ ଯେଉଁ ମୋକଦମା ଚଳିଥିଲା ଡେପୁଟି ମାଜିଷ୍ଟ୍ରେଟ ମହୋଦୟ ପ୍ରମାଣାଭାବରୁ ମହନ୍ତ ଙ୍କୁ ଉକ୍ତ ମୋକଦମାରୁ ମୁକ୍ତି ପ୍ରଦାନ କରିଅଛନ୍ତି ।

ମଫସଲ ଗ୍ରାମମାନଙ୍କରେ ଅନେକ ଲୋକଙ୍କ ଓ ଗୃହପଶୁଙ୍କ ଉପରେ ଏକ ପ୍ରକାର ରୋଗ ଦେଖାଦେଇଅଛି । ମେଲେରିଆ ଜ୍ୱର ପ୍ରବେଶ କରି ଲୋକଙ୍କୁ ଦୁର୍ବଳ କରିବା ସଙ୍ଗେ ସଙ୍ଗେ ପେଟ ରୋଗ ଏବଂ ଗୋଟିଏ ପ୍ରକାର ଚର୍ମ ରୋଗ ହେଉଅଛି । ଏହା ଉତ୍କଟ ରୂପ ଧାରଣ କରି ଲୋକଙ୍କ ମଧ୍ୟରେ କ୍ଷତି କରୁଅଛି ।

ଏ ସପ୍ତାହରେ ବର୍ଷା ନାହିଁ । ଦିନରେ ଖରା ଓ ରାତିରେ ଶୀତ ହେଉଅଛି ।

## ପତ୍ରପ୍ରେରକଙ୍କ ପ୍ରତି ।

An observer—Declined as the criminal prosecution against Moulvi Abdul Mannan is *Sub judice* and the matter of stamp duty is also under the consideration of the Collector. We should have been glad to publish the opinion of the Government Pleader if the same had been sent to us—Ed.

ଗଭର୍ଣ୍ଣମେଣ୍ଟ ପ୍ଲିଡର ଉକ୍ତ ବିଷୟ ସମ୍ବନ୍ଧରେ ମତାମତ ଦେଇଥିଲେ ଏହି ପତ୍ରିକାରେ ପ୍ରକା-

ଶିତ ଥିବ ବୋଲି ଥିଲୁ । ଜମିଦାର ଓ ପ୍ରଜା ମିଶି ଜିଲ୍ଲା କଲେକ୍ଟରଙ୍କ ନିକଟରେ ଆବେଦନ କରିବା ଆବଶ୍ୟକ । ଯେବେ ଜମିଦାରଙ୍କର ସହାନୁଭୂତି ନାହିଁ ତେବେ ପ୍ରଜାମାନେ ଏକ ମେଳରେ କଲେକ୍ଟର ସାହେବଙ୍କୁ ଜଣାଇ ଗସ୍ତ ବେଳେ ସବୁଜମିକୁ ନେଇ ଦେଖାଇଲେ ଅବଶ୍ୟ କିଛି ଫଳ ହେବ ।

## ପ୍ରେରିତପତ୍ର ।

ପତ୍ରପ୍ରେରକଙ୍କ ମତାମତ ନିମନ୍ତେ ଆମ୍ଭେମାନେ ଦାୟୀ ନୋହୁଁ ।

ମାନ୍ୟବର ଶ୍ରୀଯୁକ୍ତ ଉତ୍କଳଦୀପିକା
ସମ୍ପାଦକ ମହାଶୟ ଉଦାର ହୃଦୟେଷୁ

ପୂଜ୍ୟ ମହାଶୟ !

ପୁଲକଣ୍ଟଣପଠାରୁ ଯେଉଁ ଗୋପ ରାସ୍ତା ଯାଇ ଅଛି, ତହିଁ ମଧ୍ୟସ୍ଥିତ ଅମଣାଳୁଦ ଗଡ଼ ବୁଆରପାରେ ଖଣ୍ଡ ଥିଲା, ବର୍ତ୍ତମାନ ଭାଙ୍ଗି ଯାଇଅଛି ସେଠାରେ ଜଣ ବଢ଼ି ପାଣି ପଡ଼ିବାରୁ ଗୋଟିଏ ପାଲ ହୋଇଯାଇଥିବାରୁ ମହାଜନଙ୍କ ଜନସମାଜ ପାଣି ଲାଗି ଉପଦ୍ରବ ହେବାରୁ ମହାଜନମାନେ ବଡ଼ ଅସ୍ୱସ୍ତ ହେଉଛନ୍ତି ।

Raghoo Nath Dutt,
Balu Bazar Cuttack.

ମହାଶୟ !

ଶୁଣି ବିଶେଷ ଆନନ୍ଦ ହେଲୁଁ ଯେ ମୌଲବୀ ସମ୍ପଦ ଖାଏରତ ଅଲ୍ଲି ଓକିଲ ଓ ମହିସି ସମ୍ପଦ କୃଷ୍ଣ ଦଳ ଓ ସୁଭସି ସେଣ୍ଟ ଗୋଲାମ ମହମ୍ମଦ ଜମିଦାରଙ୍କ ଘରରେ ଏଠା ସହର ଓ ମୋଫସଲର ସରକାରୀ ଓ ବେସରକାରୀ ପ୍ରାୟ ସବୁଶ୍ରେଣୀର ମୁସଲମାନମାନେ ଗୋଟିଏ ବାରବାର ଖୋଲିବା ସକାଶେ ପ୍ରତ୍ୟେକ ଟ ୧୦ କା ଲେଖାଏଁ ହିସାବରେ ଟଙ୍କା ଜମା କରୁଅଛନ୍ତି ମଧ୍ୟ ଶୀଘ୍ର ବାରବାରଟି ସଫଳ ହେବାର ଆଶା ଜଣା ଯାଉଅଛି ମାତ୍ର ଏଠାରେ ମୁସଲମାନମାନଙ୍କ ମଧ୍ୟରେ ଯେଉଁ ଦଳାଦଳି ଲାଗିଅଛି ଭବିଷ୍ୟତରେ ସରକାରୀ ମୁସଲମାନମାନଙ୍କ ପ୍ରତି ତଳ ଲିଖିତ ଗଭର୍ଣ୍ଣମେଣ୍ଟ ଅର୍ଡ଼ର ଖଟିବ କି ନାହିଁ ?

"Employment of a Peon or "any Public servant, in making "purchases, or in any private "business in which the receipt "or expenditure of money is "concerned, is most strictly "prohibited. H. D No. 53. 20-1-82."

ଏ ବିଷୟଟି ମୀମାଂସା କରି ପରି କାରବାରଟି ଖୋଲିବାର ଉଚିତ ବୋଧ ହେଉ ନାହିଁ କି ?

କଟକ
ତା ୧୯ ରିଖ ସେପ୍ଟମ୍ବର
ସନ ୧୯୦୪ ମସୀହା } ଆପଣଙ୍କର
ଜଣେ ଶ୍ରୋତା—

## ମୂଲ୍ୟପ୍ରାପ୍ତି ।

| | | |
|---|---|---|
| ଶ୍ରୀ ବାବୁ ଗଙ୍ଗାଧର ଦାସ | ମୁକଟପୁର | ଟ ୧ |
| „ ବାସୁଦେବ ପାଳ ସ୍ୱର୍ଣ୍ଣ ବୀରେନ୍ଦ୍ର ପ୍ରମଥ ଦାସ | | ଟ ୨ |
| „ ଦାମୋଦର ମହାପାତ୍ର | ମନ୍ଦ୍ରାଜ | ଟ ୧ |
| „ ବାସୁଦେବ ମିଶ୍ର ମାଇନ ସ୍କୁଲ ପ୍ରଧାନ ଶିକ୍ଷକ | | ଟ ୩ |
| „ ବ୍ରଜମୋହନ ସାହୁ ପୋଷ୍ଟ ମାଷ୍ଟର | | ଟ ୩ |
| „ ପଣ୍ଡିତ ମହାନ୍ତି କାନୁନଗୋ ରେଭିନ୍ୟୁ | | ଟ ୩ |
| „ ଲୁଥନାଥ ପଣ୍ଡା ହେଡ଼କନଷ୍ଟେବଳ | | ଟ ୩ |
| „ ଡାଏରେକ୍ଟର ପବ୍ଲିକ ଇନଷ୍ଟ୍ରକସନ ଅଫିସର | | |
| | ଉମାପ୍ରସାଦ ବର୍ମା | ଟ ୪ |

# ବିଜ୍ଞାପନ ।

ଆମ୍ଭ ଦୋକାନରେ ନିମ୍ନଲିଖିତ ଜିନିଷମାନ ଅତି ସୁଲଭ ଦରରେ ବିକ୍ରି ହୁଅଇ । ଗ୍ରାହକମାନେ ପରୀକ୍ଷା କରି ଦେଖିଲେ ସନ୍ତୁଷ୍ଟ ହେବେ । ଦର ସମ୍ବନ୍ଧରେ ସନ୍ଦେହ ନ ଥାଏ । ବର୍ତ୍ତମାନର ଦର ପ୍ରତ୍ୟେକ ଦ୍ରବ୍ୟ ପାଖରେ ଲେଖାଗଲା ।

ତପସିଲ ।

| | | |
|---|---|---|
| ଦେଶି ମଲ୍ଲି ଚିଣ୍ଟ ନ ୧ ଟ ୪୮ | ଟ ୧ ଯାଏ | ସେ ୦ ।୵ |
| ଦେଶି ଲୁଅ ଚିଣ୍ଟ ନ ୧ ଟ ୪୬ | ଟ ୧ ଯାଏ | ସେ ୦ ।୵ |
| ନ ୧ ସୂତ ଚିଟ ନ ୧ ଟ ୪୦ | ଟ ୧ ଯାଏ | ସେ ୧ |
| ନ ୧ ସୂତ ମଲମଲ | ଟ ୧ ଯାଏ | ସେ ୩ |
| ନ ୨ ସୂତ ମଲମଲ | ଟ ୧ ଯାଏ | ସେ ୨ ।୵ |
| ନ ୧ ସୂତ ଛିଟ | ଟ ୧ ଯାଏ | ସେ ୧ ୪ |
| ନ ୨ ସୂତ ଛିଟ | ଟ ୧ ଯାଏ | ସେ ୨ |
| ଧୋତି | ଟ ୧ ଯାଏ | ସେ ୩ |
| ବରଗଡ଼ ପୋଷାକ ତେଲ | ଟ ୦ ।୵ | ସେ ୨ |
| କାଶ୍ମିର ପୋଷାକ ତେଲ | ଟ ୧ ( | ସେ ) |
| ମିଶ୍ରି କଲମ | ଟ ୦ ।୵ | ସେ ୧ |
| ବେତ ମିଶ୍ରି | ଟ ୦ ୨ | ସେ ୧ |
| କାଉଣୀ ତେଲ ଲୁଗା | ଟ ୧ ଯାଏ | ସେ ୩ ।୵ |
| ସର୍ଷପ ତେଲ | ଟ ୦ ୨ | ସେ ୧ |
| ସୁଗନ୍ଧ ତେଲ ନ ୧ ସୂତ | ଟ ୦ ୵ | ସେ ୧ |
| „ ନ ୨ ସୂତ | ଟ ୦ ।୵ | ସେ ୧ |
| କେରୋସିନ ଡାଲମାର୍କ | ଟ ୧ ୵୧ | ଟ ୧ ୫ |
| „ ଭଣୀମାର୍କ | ଟ ୧ ୵ | ଟ ୧ ୫ |
| ଗୁଡ଼ | ଟ ୦ ୵ | ସେ ୧ |
| ଗୁଡ଼ ମଲସ | ଟ ୧ | ସେ ୪ ।୵ |
| ଘୃତଦକ | ଟ ୧ ଯାଏ | ସେ ୩ |
| ଚନ୍ଦନ | ଟ ୧ ଯାଏ | ସେ ୩ |

ଚୌଧୁରୀବଜାର ସୁକ କଟକ } ଶ୍ରୀ ଗୋବିନ୍ଦ ପଟେଲ

Digitized by srujanika@gmail.com